ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୪/୨୦୧୯ (୨୦ ପୃଷ୍ଠା) Sambalpur, Friday, October 4 / 2019 ★★

୧୫୩ ଭାଗ ୨୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DADLS - 30

ମୋ ସରକାର
☎ 14545

# ‘ମୋ ସରକାର’ ଲୋକଙ୍କ ସରକାର

## ଲୋକ ହିଁ ପ୍ରକୃତ ମାଲିକ



ଯଦି ତୁମେ ଜଣେ ପୋଲିସ କର୍ମଚାରୀ ତେବେ ତୁମେ ଲାଞ୍ଚ ଠାରୁ ଦୂରେଇ ରୁହ । ଗରିବ ଲୋକମାନଙ୍କୁ ଖରାପ ବ୍ୟବହାର ନକରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସଂକଳ୍ପବଦ୍ଧ ହୁଅ । ତୁମେ ବୁଝିବା ଦରକାର ଯେ ତୁମେ ଲୋକମାନଙ୍କ ସେବକ ସେମାନଙ୍କର ମାଲିକ ନୁହଁ । ସେମାନଙ୍କର ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ତୁମର ନୈତିକ କର୍ତ୍ତବ୍ୟ ।

- ମହାତ୍ମା ଗାନ୍ଧୀ, ୧୯୧୬ ମସିହା

### ମୋ ସରକାର

ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା । ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ, ଲୋକଙ୍କ ସେବା ଓ ସଶକ୍ତିକରଣ ପାଇଁ ସୃଷ୍ଟି କରାଯାଇଛି ।
ପୋଲିସ ଥାନା / ଡାକ୍ତରଖାନା/କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଅଛି । ଲୋକମାନେ ହିଁ ଏହାର ପ୍ରକୃତ ମାଲିକ ।
ଏହି ସବୁ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।
ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ହିଁ ବେତନ ପାଉଛନ୍ତି ।

-ନବୀନ ପଟ୍ଟନାୟକ



ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଥାନା ଏବଂ ୨୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ‘ମୋ ସରକାର’ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଥାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଭିନ୍ନ ସରକାରୀ ସେବା ପାଇଁ ଯିବା ସମୟରେ ଆପଣଙ୍କ ମୋବାଇଲ ନମ୍ବର ସେଠାରେ ରେଜିଷ୍ଟ୍ରେସନ କରନ୍ତୁ । ଏହାଦ୍ୱାରା ଆପଣଙ୍କ ପାଖକୁ ୨୪ ଘଣ୍ଟା ମଧ୍ୟରେ ‘ମୋ ସରକାର’ ପୋର୍ଟାଲରୁ ସୂଚନା ଯିବ । ଯଦି ଆପଣ ମୋବାଇଲ ନମ୍ବର ରେଜିଷ୍ଟ୍ରେସନ କରି ନଥାନ୍ତି କିମ୍ବା ଏସ୍.ଏମ୍.ଏସ୍ ସୂଚନା ପାଇ ନଥାନ୍ତି, ତେବେ ଆପଣ **୧୪୫୪୫** ନମ୍ବରକୁ ମିସ୍‌ଡ୍‌କଲ କରନ୍ତୁ । ଆପଣଙ୍କ ନମ୍ବର ଆପେ ଆପେ ରେଜିଷ୍ଟ୍ରେସନ ହୋଇଯିବ । ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ ।
ମାର୍ଚ୍ଚ ୫, ୨୦୨୦ ସୁଦ୍ଧା ‘ମୋ ସରକାର’ ସମସ୍ତ ସରକାରୀ ବିଭାଗରେ କାର୍ଯ୍ୟକାରୀ ହେବ ।

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0048/1920



ମୋତେ ଜଣେ ଭାରତୀୟ ଷ୍ଟାର୍‌ଭାବେ ପ୍ରିୟଙ୍କା ଚୋପ୍ରା କାନ୍ସରେ ସମସ୍ତଙ୍କ ସହ ମିଶାଇଥିଲେ।

-ହିନା ଖାନ୍,
ଅଭିନେତ୍ରୀ

# ଲାଇକ୍ ଲୁଚାଇପାରିବେ ଫେସ୍‌ବୁକ୍ ୟୁଜର୍ସ

## ଆସିବ ନୂଆ ଫିଚର

**ନୂଆଦିଲ୍ଲୀ:** ସୋସିଆଲ ମିଡିଆ ଯୋଗାଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିବା ବେଳେ ଏହା ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ସୋସିଆଲ ସାଇଟ୍‌ସ ବହୁଳ ଭାବେ ବ୍ୟବହୃତ ହେଉଛି। ତେବେ ଫେସ୍‌ବୁକ୍‌ରେ ଫଟୋ ଅପ୍‌ଲୋଡ୍ କରିବା ପରେ ଅଧିକ ଲାଇକ ନ ମିଳିବା ଯୋଗୁ କେତେଜଣ ୟୁଜର ଡିପ୍ରେସନରେ ରହୁଛନ୍ତି। ଏପରି କି ସେମାନେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ସହ ପରବର୍ତ୍ତୀ ସମୟରେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଉଛନ୍ତି। କିନ୍ତୁ ଏବେ ୟୁଜର୍ସଙ୍କ ପ୍ରିଭେସିକୁ ମଜଭୁତ କରିବା ସକାଶେ ଫେସ୍‌ବୁକ୍ ଏକ ନୂଆ ଫିଚର ଆଣିବାକୁ ଯାଉଛି, ଯାହାଦ୍ୱାରା ୟୁଜର୍ସ ନିଜ ଫଟୋରେ ମିଳୁଥିବା ଲାଇକ୍‌କୁ ହାଇଡ କରି ରଖିପାରିବେ। ଲାଇକ୍ ବ୍ୟତୀତ କମେଣ୍ଟକୁ ମଧ୍ୟ ହାଇଡ୍ କରିହେବ। ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ଏହି ଫିଚର ଟେଷ୍ଟିଂ କରାଯାଇଛି। କିନ୍ତୁ ଏହା କେବେ ଆରମ୍ଭ ହେବ ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସୋସିଆଲ ମିଡିଆ ଯୋଗୁ ଲୋକଙ୍କ ମାନସିକତା ଅତ୍ୟଧିକ ପ୍ରଭାବିତ ହେଉଥିବା ଦେଖାଯିବା ପରେ ଫେସ୍‌ବୁକ୍ ଏହି ବୈଶିଷ୍ଟ୍ୟ ଆଣିବାକୁ ଚିନ୍ତା କରୁଛି। ପ୍ରଥମେ ଅଷ୍ଟ୍ରେଲିଆରେ ଏହି ଫିଚର ଲାଗୁ କରାଯିବା ପରେ ୟୁଜର୍ସଙ୍କ ଫିଡ୍‌ବ୍ୟାକ୍ ନିଆଯାଇ ଏହାକୁ ଅଧିକ ଭଲ କରିବାକୁ ଚେଷ୍ଟା କରାଯିବ।




# ଫିଲ୍ମ 'ଲକ୍ଷ୍ମୀ ବମ୍ବ'ର ପ୍ରଥମ ଲୁକ୍

## ଅକ୍ଷୟଙ୍କ ନାରୀ ଅବତାର



**ନୂଆଦିଲ୍ଲୀ:** ସାରା ଦେଶରେ ନବରାତ୍ରି ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବାବେଳେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ମଧ୍ୟ ଏଥିରେ ନିଜକୁ ସାମିଲ କରିଛନ୍ତି। ଏହି ଅବସରରେ ନିଜ ଫ୍ୟାନ୍ସଙ୍କ ପାଇଁ କିଛି ସ୍ପେଶାଲ ଲୁକ୍ ଶେୟାର କରିଛନ୍ତି ଅକ୍ଷୟ। ପିଙ୍କ୍ ଶାଢ଼ି, ଗଳାରେ ତେଉଁରିଆ, ମଥାରେ ବଡ଼ ନାଲି ଟିକିଲି, ହାତରେ ଚୁଡ଼ି ପିନ୍ଧି ଅକ୍ଷୟ କୁମାର ନଜରକୁ ଆସିଛନ୍ତି। ନିଜର ଅପ୍‌କମିଂ ଫିଲ୍ମ 'ଲକ୍ଷ୍ମୀ ବମ୍ବ'ର ପ୍ରଥମ ଲୁକ୍ ଶେୟାର କରି ଫ୍ୟାନ୍ସଙ୍କୁ ଚକିତ କରିଦେଇଛନ୍ତି ଅକ୍ଷୟ। ଗୁରୁବାର ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ଅକ୍ଷୟ ନିଜର ଏହି ଲୁକ୍‌କୁ ଶେୟାର କରିଥିଲେ। ନବରାତ୍ରିର ଶୁଭେଚ୍ଛା ଜଣାଇବା ସହ ଉକ୍ତ ଚରିତ୍ରରେ ଅଭିନୟ କରିବାକୁ ସେ ଉତ୍ସାହିତ ଥିବାବେଳେ ନର୍ଭସ ମଧ୍ୟ ଅଛନ୍ତି ବୋଲି ଲେଖିଥିଲେ। ଏହି ଲୁକ୍‌ରେ ଅକ୍ଷୟ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ନାରୀ ବେଶରେ କ୍ରୋଧିତ ଥିବା ଭଳି ଛିଡ଼ା ହୋଇଛନ୍ତି। ଫିଲ୍ମ ଲକ୍ଷ୍ମୀ ବମ୍ବ'ରେ ଅକ୍ଷୟ ଜଣେ କିନ୍ନର ଭୂତ ଚରିତ୍ରରେ ନଜରକୁ ଆସିବେ। ଫିଲ୍ମଟି ସୁପରହିଟ୍ ସାଉଥ୍ ହରର୍ କମେଡି 'କଞ୍ଚନା'ର ହିନ୍ଦୀ ରିମେକ୍।

# ସକାଳେ ପିଅନ୍ତୁ ଅଧାକପ ନାଲି ଚା'



**ଟୋକିଓ:** ନାଲି ଚା' ପିଇବା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଜାପାନର ଯୁବପିଢ଼ି ଓ ବୟସ୍କ ଲୋକ ନିୟମିତ ଭାବେ ନାଲି ଚା' ପିଉଥିବାରୁ ସେମାନଙ୍କ ଶାରୀରିକ ସାମର୍ଥ୍ୟ ଭଲ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି। ପ୍ରତିଦିନ ସକାଳେ ଅଧାକପ ନାଲି ଚା' ପିଇଲେ ଶରୀରର ଚର୍ବି କମ୍ ହେବା ସହ ଓଜନ ନିୟନ୍ତ୍ରିତ ହୋଇଥାଏ। ଏହାସହ ନାଲି ଚା' ପିଇବା ଦ୍ୱାରା ଶରୀରରେ କୋଲେଷ୍ଟରଲ ନିୟନ୍ତ୍ରିତ ରହିବା ସହ ରକ୍ତସଞ୍ଚାଳନ ଭଲ ଭାବରେ ହୁଏ। ହୃଦ୍‌ରୋଗୀ ନିୟମିତ ନାଲି ଚା' ପିଇବା ଆବଶ୍ୟକ ବୋଲି ଏହି ଗବେଷଣା ରିପୋର୍ଟରେ ଉଲ୍ଲେଖ ରହିଛି। ନାଲି ଚା' ପିଇଲେ କ୍ୟାନସର ପ୍ରତିରୋଧ ଶକ୍ତି ବୃଦ୍ଧି ପାଏ। ଏହା ମାନସିକ ଚାପ କମ୍ କରେ। ନାଲି ଚା' ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ହେବା ସହ ପେଟରୋଗ ଦୂର ହୁଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।

# ସ୍ତନ୍ୟପାନ କରାଉଥିବା ମା'ଙ୍କୁ ଡାଇବେଟିସ୍ ଆଶଙ୍କା କମ୍

ନୂଆଦିଲ୍ଲୀ: ନବଜାତକଙ୍କୁ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ଡାଇବେଟିସ ଆଶଙ୍କା କମ୍ ରହିଥାଏ। ଶିଶୁଙ୍କୁ ୬ମାସ କିମ୍ବା ଏହାଠାରୁ ଅଧିକ ସମୟ ସ୍ତନ୍ୟପାନ କରାଇଲେ ଟାଇପ୍-୨ ଡାଇବେଟିସ୍ ଦେଖାଯାଇ ନ ଥାଏ। ଏଭଳି ମହିଳାଙ୍କଠାରେ ଡାଇବେଟିସ୍ ଆଶଙ୍କା ୪୭ ପ୍ରତିଶତ କମିଯାଇଥାଏ ବୋଲି ଡାକ୍ତରମାନେ ସୂଚିତ କରିଛନ୍ତି। ପୂର୍ବରୁ ଜଣାପଡିଥିଲା ଯେ, ସ୍ତନ୍ୟପାନ କରାଇବା ଦ୍ୱାରା ସ୍ତନ ଓ ଗର୍ଭାଶୟ ଗ୍ରୀବା କର୍କଟ ହୋଇ ନ ଥାଏ। ସ୍ତନ୍ୟପାନ ଉଭୟ ମା' ଓ ଶିଶୁ ପାଇଁ ସୁରକ୍ଷା କବଚ ସଦୃଶ୍ୟ କାର୍ଯ୍ୟ କରିଥାଏ। ଗର୍ଭଧାରଣ ସମୟରେ ମା'ଠାରେ ସାମୟିକ ଭାବେ ଡାଇବେଟିସ୍ ରୋଗ ଦେଖାଯାଇଥାଏ। ପରବର୍ତ୍ତୀ ସମୟରେ ଏହା ଦୂର ହୋଇଯାଇଥାଏ। ରକ୍ତରେ ଶର୍କରା ମାତ୍ରାରେ ତାରତମ୍ୟ ଯୋଗୁ ଏହା ହୋଇଥାଏ। ଅଧିକ ଦିନ ଧରି ଶିଶୁକୁ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ଜୈବିକ କ୍ରିୟାରେ କେତେକ ପରିବର୍ତ୍ତନ ହୋଇଥାଏ।

# ଭୁଲ୍ ସ୍ଥାନରେ ରହିଛି ଅଙ୍ଗପ୍ରତ୍ୟଙ୍ଗ

## ଡାକ୍ତର ବି ଚିନ୍ତାରେ



ଲକ୍ଷ୍ନୌ: କୁହାଯାଏ, ଭଗବାନ ମଣିଷଙ୍କୁ ଏପରି ଗଢ଼ିଥା'ନ୍ତି କି ଯେଉଁ ଅଙ୍ଗ ଯେଉଁଠି ରହିବା କଥା ରଖିଥା'ନ୍ତି। ଯେମିତିକି ମୁହଁ, ଆଖି, ନାକ, କାନ, ପେଟ ଯଥାସ୍ଥାନରେ ରହିଥାଏ। କିନ୍ତୁ କେବେ ଶୁଣିଛନ୍ତି ବା ଦେଖିଛନ୍ତି କି କୌଣସି ବ୍ୟକ୍ତିଙ୍କର ଯେଉଁ ଅଙ୍ଗ ଯେଉଁଠି ରହିବା କଥା ସେଠି ନ ରହି ଭୁଲ୍ ସ୍ଥାନରେ ରହିଛି ବୋଲି। ଯଦି ନା, ତେବେ ଆଜି ଏମିତି ଜଣେ ବ୍ୟକ୍ତିଙ୍କ ବିଷୟରେ କହିବୁ ଯାହାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଭୁଲ୍ ସ୍ଥାନରେ ରହିଛି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତରପ୍ରଦେଶର କୁଶୀନଗରରେ ରହୁଥିବା ଜମାଲୁଦ୍ଦିନ୍। ସେ ସାଧାରଣ ମଣିଷ ପରି। କିନ୍ତୁ ତାଙ୍କର କିଛି ଅଙ୍ଗପ୍ରତ୍ୟଙ୍ଗ ଭୁଲ୍ ସ୍ଥାନରେ ରହିଛି। ତାଙ୍କର ହାର୍ଟ(ହୃଦୟ) ଡାହାଣ ପଟରେ ଥିବାବେଳେ ଲିଭର(ଯକୃତ) ଏବଂ ଗଲ୍‌ବ୍ଲାଡର(ପୀତକୋଷ) ବାମପଟରେ ରହିଛି। ଏହି କଥା ସମସ୍ତଙ୍କୁ ଚକିତ କରିଦେବ। ଦିନେ ଜମାଲୁଦ୍ଦିନ୍‌ଙ୍କ ପେଟରେ ଖୁବ୍ ଯନ୍ତ୍ରଣା ହେବାରୁ ସେ ଗୋରଖପୁରର ଜଣେ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଯେତେବେଳେ ଅଲ୍‌ଟ୍ରାସାଉଣ୍ଡ୍ ରିପୋର୍ଟ ଆସିଲା, ଏହା ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ଚିକିତ୍ସା କରିଥିବା ଡାକ୍ତର ଶଶିକାନ୍ତ ଦୀକ୍ଷିତ୍ ଜଣେ ବେରିଆଟ୍ରିକ୍ ଲାପ୍ରୋସ୍କୋପି ସର୍ଜନ। ସେ କୁହନ୍ତି, ଜମାଲୁଦ୍ଦିନ୍‌ଙ୍କ ଗଲ୍‌ବ୍ଲାଡରରୁ ପଥର ବାହାରିଲା ସତ କିନ୍ତୁ ଏହା ବାମପଟରେ ଥିବାରୁ ଅସ୍ତ୍ରୋପଚାର କରି ଏହାକୁ ବାହାର କରିବା ତାଙ୍କ ପାଇଁ ବହୁ କଷ୍ଟସାଧ୍ୟ ଥିଲା।

# ପଶୁ କଲ୍ୟାଣରେ ପ୍ରାକୃତିକ ସନ୍ତୁଳନ ସମ୍ଭବ

ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ସୀମା ହ୍ରାସ ବନ୍ୟପ୍ରାଣୀଙ୍କ ଜୀବନକୁ ଦୁର୍ବିଷହ କରିବାରେ ଲାଗିଛି। ପରିବେଶର ଚାପ ସେମାନଙ୍କ ଜୀବନ ଯନ୍ତ୍ରଣାକୁ ବଢାଇଦେଇଛି। ଜଙ୍ଗଲ ଛାଡ଼ି ସେମାନେ ଏବେ ଜନପଦ ମୁହାଁ। ପଶୁ ଓ ମଣିଷ ମଧ୍ୟରେ ଆରମ୍ଭ ହୋଇଯାଇଛି ଲଢ଼େଇ। ପରିବେଶ ଯେଉଁ ପ୍ରକାରେ ଦାଉ ସାଧୁଛି ତାହା ବି ସେମାନଙ୍କୁ ବାଟବଣା କରିଦେଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜୈବ ବିବିଧତାକୁ ପ୍ରଭାବିତ କରିଛି। ସେଥିପାଇଁ ଖାଦ୍ୟ ସଙ୍କଟରେ ପଡିଯାଇଛନ୍ତି ପଶୁ। କେବଳ ଏତିକି ନୁହେଁ ପୋଷା ପଶୁମାନେ ବି ଏବେ ସଙ୍କଟରେ। ଏହି ପରିପ୍ରେକ୍ଷୀରେ ପଶୁମାନଙ୍କ ପାଇଁ ଲୋଡା ପଡ଼ିଛି ସୁରକ୍ଷାର ବଳୟ। ସେମାନଙ୍କର ଯନ୍ତ୍ରଣା ସମ୍ପର୍କରେ ଅବଗତ ହେବା ଓ ତା'ବିରୋଧରେ ଜନ ସଚେତନତା ଆଣିବା ଉଦ୍ଦେଶ୍ୟରେ ବିଶ୍ୱ ପଶୁ କଲ୍ୟାଣ ଦିବସ ପାଳନ କରାଯାଉଛି। ବିଶ୍ୱର ପ୍ରାୟ ସବୁ ଦେଶର କୋଣ ଅନୁକୋଣରେ ପ୍ରତିବର୍ଷ ଅକ୍ଟୋବର ୪ରେ ଏହି ଦିବସ ପାଳନ କରାଯାଉଛି। ଏହା ପ୍ରଥମେ ୧୯୩୧ରେ ପାଳନ କରାଯାଇଥିଲା ଓ ସେବେଠାରୁ ଏଯାବତ୍ ପାଳନ କରାଯାଇଆସୁଅଛି। ପ୍ରାଣୀଙ୍କ ସୁରକ୍ଷାସନ୍ଥ ଭାବେ ଜଣାଶୁଣା ଅସିସି(ଇଟାଲୀ)ର ସେଣ୍ଟ ଫ୍ରାନ୍‌ସିସ୍‌ଙ୍କ ଜନ୍ମଦିନରେ ଏହି ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ପଶୁମାନଙ୍କ ପାଇଁ ରେସ୍‌କ୍ୟୁ ସେଣ୍ଟର୍ ଖୋଲାଯାଏ। ପାଣ୍ଠି ବୃଦ୍ଧି କରିବା ଲାଗି ଅନେକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଏ। ଶିକ୍ଷାନୁଷ୍ଠାନ ତଥା ପଶୁଙ୍କ କଲ୍ୟାଣକାରୀ ବ୍ୟବସ୍ଥା ସହ ଯୋଡି ହୋଇଥିବା ଅନୁଷ୍ଠାନଗୁଡିକ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥାନ୍ତି। ସ୍ୱେଚ୍ଛାସେବୀ ସଂସ୍ଥାଗୁଡିକ ମଧ୍ୟ ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି।

ଇଟାଲୀର ଫ୍ଲୋରେନ୍ସରେ ୧୯୩୧ରେ ଆୟୋଜିତ ଏକ ସମ୍ମିଳନୀରେ 'ଲୁପ୍ତପ୍ରାୟ ପ୍ରଜାତିର ସାମ୍ନା କରିବାକୁ ପଡିବ' ସ୍ଲୋଗାନ୍ ମାଧ୍ୟମରେ ବିଲୁପ୍ତି ପଥରେ ଥିବା ପ୍ରାଣୀଙ୍କ ଜୀବନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଧୀରେ ଧୀରେ ଏହି ସ୍ଲୋଗାନ୍ ପ୍ରାଣୀଙ୍କ ସୁରକ୍ଷା ଲାଗି ଏକ ସୁଯୋଗ ଆଣି ଦେଇଥିଲା। ପରେ କେବଳ ବିଲୁପ୍ତପ୍ରାୟ ପ୍ରାଣୀ ନୁହନ୍ତି, ସମସ୍ତ ପ୍ରାଣୀଙ୍କ କ୍ଷେତ୍ରରେ ଏହି ଚିନ୍ତାଧାରାକୁ ଲାଗୁ କରାଯାଇଥିଲା। ଜାତି, ବର୍ଣ୍ଣ,ସମ୍ପ୍ରଦାୟ, ଜାତୀୟତା ତଥା ରାଜନୈତିକ ଭିତ୍ତିରେଏହି ଦିବସରର ସୀମା ନିର୍ଦ୍ଧାରଣା କରାଯାଇ ପାରେନା। ଏହା ସମସ୍ତଙ୍କ ପାଇଁ। ସମସ୍ତେ ନିରୀହ ପଶୁ ଓ ସେମାନଙ୍କ ଯନ୍ତ୍ରଣା ସମ୍ପର୍କରେ ଅବଗତ ହେବା ବିଧେୟ। ପଶୁମାନଙ୍କ କଲ୍ୟାଣ ପାଇଁ ପ୍ରଥମେ ବ୍ରିଟେନରେ ୧୮୩୫ରେ 'ପଶୁ କ୍ରୁରତା ଅଧିନିୟମ' ପ୍ରଣୟନ କରାଯାଇଥିଲା। ଏହାପରେ ବିଶ୍ୱ ସ୍ତରରେ ବିଭିନ୍ନ ଦେଶରେ ନିୟମମାନ ପ୍ରଣୟନ କରାଯାଇଛି। ୧୯୬୦ରେ ଭାରତରେ ଏ ସଂକ୍ରାନ୍ତରେ ଆଇନ ମଧ୍ୟ ଅଣାଯାଇଛି। ମନେ ରଖିବାକୁ ପଡିବ ଯେ,ସୃଷ୍ଟିର ବିଚିତ୍ର ଜୀବଙ୍କ ବିନା ବିଶ୍ୱ ନିଷ୍ପ୍ରାଣ। ସେମାନଙ୍କ ବିନା ବଞ୍ଚିବା ପାଇଁ ଶାନ୍ତ ପରିବେଶର ଅଭାବ ପରିଲକ୍ଷିତ ହେବ। ସାମଞ୍ଜସ୍ୟପୂର୍ଣ୍ଣ ପର୍ଯ୍ୟାବରଣ ଏବଂ ପ୍ରାକୃତିକ ସନ୍ତୁଳନ ପାଇଁ ପଶୁଙ୍କ ଆବଶ୍ୟକତା ରହିଛି।

ବିଶ୍ୱ ପଶୁ କଲ୍ୟାଣ ଦିବସ





# CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ବଶୀକରଣ କବଚ
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ।
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଣ୍ଟା ପର୍ଯ୍ୟନ୍ତ।

# ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମଧୁସୁଦନ ସାହୁ
କଣାସ, ପୁରୀ
ଆବିର୍ଭାବ: ୧୫।୦୯।୧୯୩୮
ତିରୋଧାନ: ୨୭।୦୯।୨୦୧୭
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୬୬୬୦୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରସ ବେହେରା
ଆବିର୍ଭାବ: ୨୩।୦୪।୧୯୩୫
ତିରୋଧାନ: ୨୪।୦୯।୨୦୧୯
ସୁନ୍ଦର, ଅସ୍ତରଙ୍ଗ, ପୁରୀ, ଓଡ଼ିଶା।
ତୋ'ର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର: ବାସୁଦେବ ବେହେରା,(ଲିଟୁ)
ବନ୍ଧୁ ଓ ପରିବାର ବର୍ଗ।
ଧ-୧୪୬୨୨

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୬।୧୯୭୫
ତିରୋଧାନ: ୧୩।୧୦।୧୯୯୧
ଆଜି ୨୮ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପିତା: ଶ୍ରୀ ନାରାୟଣ ଚନ୍ଦ୍ର ପଣ୍ଡା, ମାତା: ଶ୍ରୀମତୀ ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଓ ବନ୍ଧୁବର୍ଗ।
ଧ-୧୪୫୯୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ଭଗବାନ ପ୍ରଧାନ
ଆବିର୍ଭାବ - ୧୫.୦୮.୧୯୨୮
ତିରୋଧାନ - ୨୪.୦୯.୨୦୧୯
କବିସୂର୍ଯ୍ୟନଗର, ଗୁଣ୍ଡପଡା
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-: ଶୋକସନ୍ତପ୍ତ :-
ପୁତ୍ର- ସୁବାସ, ସୁରଥ, ବିବେକା
ପୁତ୍ରବଧୂ- ଶୈଳବାଳା, ନଳିନୀ,ଶାନ୍ତିପ୍ରିୟା
ଝିଅ- ଶୋଭାବତୀ, ବାସନ୍ତି, ଝୁନୁ
ଜ୍ୱାଇଁ- କବିରାଜ, ବାଉରିବନ୍ଧୁ
ନାତି ଓ ନାତୁଣୀ ଏବଂ ସମସ୍ତ ବନ୍ଧୁ ବାନ୍ଧବ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୫୯୯୪୦

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୪/୨୦୧୯ | Sambalpur, Friday, October 4 / 2019 | ପୃଷ୍ଠା-୧




## ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ

ବିଶାଖାପାଟଣାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି ଭାରତର ମୟଙ୍କ ଅଗ୍ରୱାଲ।

୧୭

୦୭

## ପାକିସ୍ତାନ ଯିବେନି ମନମୋହନ

କର୍ତ୍ତାରପୁର କରିଡ଼ର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଯୋଗଦେବେ, କିନ୍ତୁ ପାକିସ୍ତାନ ଯିବେନି ବୋଲି ଜଣାପଡିଛି।



**ଆଜିର ସମ୍ପାଦକୀୟ**

ଆହୁରି ସଂସ୍କାର ଲୋଡ଼ା

**ଆଜିର ମନ୍ତବ୍ୟ**

ପେଡ୍ ନ୍ୟୁଜ୍‌ଠାରୁ ଫେକ୍ ନ୍ୟୁଜ୍ ଅଧିକ ବିପଜ୍ଜନକ।
-ପ୍ରକାଶ ଜାଭଡେକର, ସୂଚନା ଓ ପ୍ରସାରଣ ମନ୍ତ୍ରୀ

**ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ**

........୬........

# ଶଙ୍କରାଚାର୍ଯ୍ୟ, ସେବାୟତଙ୍କ ପରାମର୍ଶ ନିଅ

**ନୂଆଦିଲ୍ଲୀ,୩।୧୦**

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଅଭିଯାନ

- ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
- ପୁରାତନ ମଠ ମନ୍ଦିର ଭଙ୍ଗାଯିବା ଠିକ୍ ନୁହେଁ



ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଚ୍ଛେଦ ପୂର୍ବରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ବରିଷ୍ଠ ସେବାୟତମାନଙ୍କ ସହ ପରାମର୍ଶ କରିବାକୁ ସର୍ବୋଚ୍ଚ ଅଦାଲତ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ପୁରାତନ ମଠ ମନ୍ଦିର ଭଙ୍ଗାଯିବା ଠିକ୍ ନୁହେଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ର, ବିନୀତ ସରନ ଓ ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଅନୁଭବ କରିଛନ୍ତି। ତେଣୁ ଉଚ୍ଛେଦ ଅଭିଯାନ ପୂର୍ବରୁ କେଉଁ ଅଟ୍ଟାଳିକା ଭଙ୍ଗାଯିବ ଓ କାହାକୁ ସଂରକ୍ଷିତ ରଖାଯିବ ସେ ନେଇ ବରିଷ୍ଠ ସେବାୟତଙ୍କ ସହ ସରକାର ବୈଠକ କରିବାକୁ ଖଣ୍ଡପୀଠ କହିଛନ୍ତି।

ପୁରାତନ ମଠ ଓ ମନ୍ଦିରଗୁଡ଼ିକୁ ଧ୍ୱଂସ କରିଦିଆଯାଉଛି। ଏହି କ୍ଷୁଦ୍ର ମନ୍ଦିରଗୁଡିକ ମୁଖ୍ୟ ମନ୍ଦିର ପାଇଁ ବହୁତ ସହାୟକ ଥିଲେ। ଐତିହାସିକ ଓ ଧର୍ମୀୟ ଗୁରୁତ୍ୱ ବହନ କରୁଥିବା ମଠ ମନ୍ଦିରଗୁଡ଼ିକୁ ଏଭଳି ଭାଙ୍ଗିଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଯଦି ଆପଣମାନେ ଏହି ସ୍ମାରକସ୍ଥଳୀଗୁଡ଼ିକର ସଂସ୍କୃତି ଓ ଗୁରୁତ୍ୱ ବୁଝିପାରୁନାହାନ୍ତି ତେବେ ଉଚ୍ଛେଦ ଅଭିଯାନ ପୂର୍ବରୁ ଧର୍ମୀୟ ପୂଜକମାନଙ୍କ ସହ ପରାମର୍ଶ କରନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଜୀବନ ଜୀବିକାର ପ୍ରଶ୍ନ। ଶହ ଶହ ବର୍ଷ ଧରି ସ୍ଥାନୀୟ ଲୋକେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ରୋଜଗାର କରିଆସୁଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ଶଙ୍କରାଚାର୍ଯ୍ୟ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ବୋଲି ଅଦାଲତ କହିଛନ୍ତି।

ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଭଙ୍ଗା ଅଭିଯାନ ସମ୍ପର୍କରେ ଆମିକସ୍ କ୍ୟୁରି ରଞ୍ଜିତ୍ କୁମାର ଅଦାଲତରେ ରିପୋର୍ଟ ଦାଖଲ କରିଥିଲେ। ସରକାରଙ୍କ ଉଚ୍ଛେଦ ଅଭିଯାନରେ ଆମିକସ୍ କ୍ୟୁରି ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନ ଥିବା ରିପୋର୍ଟରେ ଜଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୨ରେ ହେବ। ଶଙ୍କରାଚାର୍ଯ୍ୟ ଓ ବରିଷ୍ଠ ସେବାୟତମାନଙ୍କ ସହ ପରାମର୍ଶ କରି ଉପଯୁକ୍ତ ଉଚ୍ଛେଦ ଯୋଜନା ସହ ଆସିବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ କହିଛନ୍ତି। ନଚେତ୍ ଅଦାଲତ ଉଚ୍ଛେଦ ଅଭିଯାନର ଅନୁଧ୍ୟାନ ଲାଗି ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସହ ପରାମର୍ଶ କରିବେ ବୋଲି ଆବେଦନକାରୀଙ୍କ ଓକିଲ ସୂଚନା ଦେଇଛନ୍ତି। ପୁରୀରେ ଥିବା ଗୁରୁଦ୍ୱାର ଉଚ୍ଛେଦ ବନ୍ଦ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣ୍ଡପୀଠ ଏଥିପାଇଁ କୌଣସି ଲିଖିତ ନିର୍ଦ୍ଦେଶନାମା ଦେଇନାହାନ୍ତି। ତେବେ ଉକ୍ତ ଧାର୍ମିକ ପୀଠକୁ ଭଙ୍ଗାଯିବ ନାହିଁ ବୋଲି ଅଦାଲତ ଆବେଦନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦିଲ୍ଲୀରେ ୪ ସଶସ୍ତ୍ର ଆତଙ୍କବାଦୀ

## ଉତ୍ତର ଭାରତ ବିମାନବନ୍ଦରରେ ହାଇଆଲର୍ଟ




**ନୂଆଦିଲ୍ଲୀ,୩।୧୦**

ରାଜଧାନୀ ଦିଲ୍ଲୀ ଉପରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ନଜର। ଜୈଶ୍‌ର ୪ ସଶସ୍ତ୍ର ଆତଙ୍କବାଦୀ ଦିଲ୍ଲୀରେ ବୁଲୁଛନ୍ତି। ସେମାନେ ପୂଜାଋତୁରେ ଆତ୍ମଘାତୀ ଆକ୍ରମଣ କରିପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। ଏନେଇ ଗୋଇନ୍ଦା ରିପୋର୍ଟ ମିଳିବା ପରେ ଉତ୍ତର ଭାରତର ବିମାନବନ୍ଦରଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ଏହସହ ସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌କୁ ସୋମବାର ରାତିରେ ଜୈଶ୍ ଦିଲ୍ଲୀରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ବୈଠକରେ ଏନେଇ ଆଲୋଚନା ହୋଇଛି। ୪ ସଶସ୍ତ୍ର ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷା ବଳ ପକ୍ଷରୁ ଜୋର୍‌ଦାର ତଲାସି ଚାଲିଛି। ତଥ୍ୟ ଆଧାରରେ ସବୁ ପ୍ରକାର ଆତଙ୍କବାଦ ନିରୋଧୀ ପଦକ୍ଷେପ ନିଆଯାଉଛି। ଚିନ୍ତା କରିବା ଆବଶ୍ୟକ ନାହିଁ ବୋଲି କେନ୍ଦ୍ରୀୟ ଦିଲ୍ଲୀ ପୋଲିସ ଡେପୁଟି କମିଶନର ଏମ୍‌ଏସ୍ ରାନ୍ଧୱା କହିଛନ୍ତି। ପ୍ରକାଶ ଯେ, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ପରେ ଆତଙ୍କବାଦୀମାନେ ସରକାରଙ୍କ ବିରୋଧରେ ପ୍ରତିଶୋଧପରାୟଣ ହୋଇ ବଡ଼ ଧରଣର ଆକ୍ରମଣ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ରହିଥିବା ପୂର୍ବରୁ ମଧ୍ୟ ଗୋଇନ୍ଦା ସୂଚନା ମିଳିଥିଲା।






**ବିଜେପୁର ଉପନିର୍ବାଚନ**

# ଆରମ୍ଭ ହେଲା ପ୍ରଚାର ଅଭିଯାନ

**ବରଗଡ଼ ଅଫିସ / ବିଜେପୁର / ଗାଇସିଲେଟ୍, ୩।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ୨୧ତାରିଖରେ ହେବ । ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳ ଗୁଡ଼ିକ ନିର୍ବାଚନୀ ପ୍ରଚାରରେ ସେଭଳି ତତ୍ପରତା ପ୍ରକାଶ କରୁଛନ୍ତି । ଗୁରୁବାର ୩ ପ୍ରମୁଖ ଦଳ ଉପନିର୍ବାଚନ ପାଇଁ ଦଳର ଷ୍ଟାର ପ୍ରଚାରକଙ୍କ ନାମ ଘୋଷଣା କରିଥିବାବେଳେ କଂଗ୍ରେସ ଓ ବିଜେଡି ପ୍ରଚାର ଅଭିଯାନକୁ ଓହ୍ଲାଇଛନ୍ତି। କଂଗ୍ରେସ ବିଜେପୁରରେ ନିର୍ବାଚନୀ ପ୍ରଚାର କରିଥିବାବେଳେ ବିଜେଡି ଗାଇସିଲେଟ୍‌ରୁ ଦଳୀୟ ପ୍ରଚାର ଆରମ୍ଭ କରିଛି ।ବିଜେପୁର ବ୍ଲକ ପଡ଼ା ଗ୍ରାମର କ୍ରିକେଟ୍ ପଡ଼ିଆରୁ କଂଗ୍ରେସ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛି। ସେଠାରେ ହୋଇଥିବା ଏକ ବିଶାଳ କର୍ମୀ ସମ୍ମିଳନୀରେ କଂଗ୍ରେସ ☞ପୃଷ୍ଠା-୨

## ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ବରଗଡ଼ ଅଫିସ/ପଦ୍ମପୁର,୩।୧୦- ବିଜେପୁର ଉପନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ଥିଲା ଏବଂ କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର ନ କରିବାରୁ ଉପନିର୍ବାଚନ ପାଇଁ ୫ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଥିବା ରିଟର୍ନିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଘୋଷଣା କରିଛନ୍ତି । ସେମାନେ ହେଲେ କଂଗ୍ରେସର ଦିଲୀପ କୁମାର ପଣ୍ଡା, ବିଜେଡିର ରୀତା ସାହୁ, ଭାଜପାର ସନତ କୁମାର ଗଡ଼ତିଆ, ଭାରତ ହିନ୍ଦୁ ମହାସଭାର ଅଶୋକ କୁମାର ମିତ୍ତଲ ଏବଂ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ପୁରୋହିତ । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାରକୁ ଓହ୍ଲାଇଛନ୍ତି ।


Vencobb Fresh Chicken — Taste the difference!

03.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 61 | 107 | 117 |
| BHM | 58 | 103 | 113 |

*Conditions Apply

Issued in the Interest of Consumers



**କିଛି ତଥ୍ୟ** ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶ ମଧ୍ୟରୁ ଆମେରିକାକୁ ୫୨.୪ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି ହୋଇଛି।
– ବାଣିଜ୍ୟ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭବାନୀ
ପରିବାରବର୍ଗ


ମୟଂକ
ପରିବାରବର୍ଗ


ସୋନମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଦେବୀରଶ୍ମି ଦାସ


ତୁଷାରକାନ୍ତି ଦାସ

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଆମଦାନୀ ନେତାଙ୍କୁ ଅଣଦେଖା

## କୋଣଠେସା ହେଲେଣି ଦାମ, ଅଶୋକ


ଦାମୋଦର ରାଉତ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିଜେଡିରୁ ବହିଷ୍କୃତ ହେବା ପରେ ବରିଷ୍ଠ ନେତା ତଥା ବିଜୁବାବୁଙ୍କ ଅନୁଗାମୀ ଦାମୋଦର ରାଉତ ଭାଜପାରେ ଯୋଗ ଦେଇଥିଲେ। ତାହା ପୁଣି ତରବରିଆ ଭାବେ ନ ଥିଲା। ପ୍ରଥମେ ଦାମ ବୁଲିବୁଲି କରି ବିଜେଡି ବିରୋଧରେ ପ୍ରଚାର ଚଳାଇଲେ। ଏହାପରେ ତାଙ୍କ ସହ ଆଉ କେତେକ ବିଜେଡିରୁ ବହିଷ୍କୃତ ହୋଇଥିବା ନେତା ଏକାଠି ହୋଇ ଏକ ନୂତନ ଆଞ୍ଚଳିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଜୋର ଧରିଲା। ମାତ୍ର ଶେଷରେ ଦାମ ନୂଆଦିଲ୍ଲୀରେ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଲେ। ଏହାପରେ ହେଲିକପ୍ଟର ଯୋଗେ ୨୦୧୯ ନିର୍ବାଚନରେ ଭାଜପା ପାଇଁ ପ୍ରଚାର ମଧ୍ୟ କଲେ। ମାତ୍ର ନିର୍ବାଚନ ଶେଷ ହେବା ପରେ ଦାମଙ୍କୁ ଆଉ ଭାଜପା କୌଣସି କାର୍ଯ୍ୟକ୍ରମରେ ସାମିଲ କରୁନାହିଁ। ଏନେଇ ସେ ପୂରା ଉତ୍‌କ୍ଷିପ୍ତ ଅଛନ୍ତି। ଏହାପରେ ପାଟକୁରା ନିର୍ବାଚନ ଏବଂ ବର୍ତ୍ତମାନ ବିଜେପୁର ଉପନିର୍ବାଚନ ଷ୍ଟାର କ୍ୟାମ୍ପେନର ତାଲିକାରେ ନାମ ନ ରହିବା ନେଇ ଦାମ ବିସ୍ଫୋରଣ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପୂର୍ବରୁ ଭାଜପା ନେତାମାନେ ଡାକିକି ଦଳରେ ମିଶାଇଥିଲେ। ଏବେ ଆଉ ଡାକୁନାହାନ୍ତି କିମ୍ବା ପଚାରୁ ମଧ୍ୟ ନାହାନ୍ତି। ଏଭଳି ଅବସ୍ଥାରେ ଆଉ ନିର୍ବାଚନ ଲଢିହେବ ନାହିଁ ବୋଲି ସେ ଗୁରୁବାର ଗଣମାଧ୍ୟମରେ କହିଛନ୍ତି। ବିଜେପୁର ଉପ ନିର୍ବାଚନ କଥା ଗଣମାଧ୍ୟମରୁ ଜାଣିବାକୁ ପାଇଲି। ଯେଉଁ ଦଳ ପଚାରୁନାହିଁ ସେଠାକୁ କ'ଣ ଗୋଡେଇକି ଯିବି। ନିର୍ବାଚନ ପରେ ଦଳର କୌଣସି ରାଜ୍ୟ ଓ କେନ୍ଦ୍ରୀୟ ନେତା ତାଙ୍କ ସହ କଥା ହୋଇନାହାନ୍ତି। ଦୁଇଥର ଦଳର ବୈଠକକୁ ଡକରା ନ ପାଇ ଯାଇଥିଲି ହେଲେ କେହି କଥା ହେଲେ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ବିଜେପୁର ଉପନିର୍ବାଚନରେ ବିଜେଡିରୁ ବହିଷ୍କୃତ ହୋଇଥିବା ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ପ୍ରାର୍ଥୀ କରିଥିଲା। ସେତେବେଳେ ଭାଜପାରେ ରହି ଦୀର୍ଘଦିନ କାମ କରିଥିବା ନେତା ବିଧାୟକ ଟିକେଟ ପାଇଁ ଆଶା କରିଥିଲେ ଏବଂ ଦଳ ବାହାରୁ ପ୍ରାର୍ଥୀ ହେବା ଘଟଣା ସହି ନ ପାରି ବିଜେଡିରେ ଯୋଗଦେଇଥିଲେ। ମାତ୍ର ସେତେବେଳେ ପ୍ରାର୍ଥୀ ହୋଇଥିବା ଅଶୋକ କିନ୍ତୁ ବର୍ତ୍ତମାନ ଆଉ ଭାଜପା କାର୍ଯ୍ୟକ୍ରମରେ ଦେଖାଯାଉନାହାନ୍ତି। ୨୦୧୯ ନିର୍ବାଚନରେ ତାଙ୍କ ଅନୁପସ୍ଥିତି ବାରି ହୋଇପଡିଥିବା ବେଳେ ବର୍ତ୍ତମାନ ଉପନିର୍ବାଚନ ପାଇଁ ପ୍ରକାଶିତ ହୋଇଥିବା ଷ୍ଟାର ପ୍ରଚାରକ ତାଲିକାରେ ତାଙ୍କ ନାମ ନ ରହିବା ଘଟଣା ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଲୋଚନା ହେଉଛି ଯେ, ଭାଜପାରେ କେତେକ ନେତାଙ୍କୁ କୋଣଠେସା କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

## ଆରମ୍ଭ ହେଲା...

ଶକ୍ତି ପ୍ରଦର୍ଶନ କରିଥିବାବେଳେ ନେତୃବୃନ୍ଦ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ସପକ୍ଷରେ ମତଦାନ ପାଇଁ ବିଜେପୁରବାସୀଙ୍କୁ ନିବେଦନ କରିଥିଲେ । ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଯଜ୍ଞେଶ୍ୱର ବାବୁ, ସତ୍ୟଭୂଷଣ ସାହୁ, ପ୍ରଦୀପ ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ । ଦଳୀୟ ନେତୃବୃନ୍ଦ ବିଜେପୁର ନିର୍ବାଚନମଣ୍ଡଳୀ ପ୍ରତି ଉଭୟ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଏବଂ ରାଜ୍ୟର ବିଜେଡି ସରକାରଙ୍କ ଅଣଦେଖା, ପ୍ରତାରଣା ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ। କର୍ମୀ ସମ୍ମିଳନୀରେ ବିଜେପୁର, ଗାଇସିଲେଟ, ବରପାଲି ଅଞ୍ଚଳର ବହୁସଂଖ୍ୟକ ଦଳୀୟ କର୍ମୀ, ସମର୍ଥକ ଯୋଗ ଦେଇଥିଲେ। ସେହିପରି ବିଜେଡି ଗାଇସିଲେଟ୍ ବ୍ଲକରୁ ଦଳୀୟ ପ୍ରଚାର ଆରମ୍ଭ କରିଛି। ଗୁରୁବାର କଠଉମାଳ ସାପ୍ତାହିକ ବଜାରରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ହାଉସିଂ ବୋର୍ଡ଼ ଅଧ୍ୟକ୍ଷ ସୁବାସ ସିଂ, ପୂର୍ବତନ ସରପଞ୍ଚ ପୀତାମ୍ବର ସେଠ, ରବି ଠାକୁର, ଜଗଦୀଶ ଯୋଶୀ, ଦଳୀୟ ପ୍ରାର୍ଥିନୀ ରୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସାହୁଙ୍କ ସପକ୍ଷରେ ଭୋଟ ଦେବାକୁ ସେମାନେ ନିବେଦନ କରିଥିଲେ ।



ଗାଇସିଲେଟ ବ୍ଲକ କଠଉମାଲରେ ବିଜେଡ଼ିର ନିର୍ବାଚନୀ ସଭା ।



ବିଜେପୁର ବ୍ଲକ ପଡ଼ା ଗ୍ରାମରେ କଂଗ୍ରେସର ନିର୍ବାଚନୀ ସଭା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ଷଷ୍ଠାଧିପତି ନକ୍ଷତ୍ରସ୍ଥ ହେତୁ ଭୁଲ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିବ କିନ୍ତୁ ଅପରାହ୍ନରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ, ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦ ବଢ଼ିପାରେ।

**ବୃଷ** ମଙ୍ଗଳ ଚତୁର୍ଥାଧିପତି ନକ୍ଷତ୍ରସ୍ଥ ଯୋଗୁ ଯେ କୌଣସି କ୍ଷେତ୍ର ହେଉନା କାହିଁକି,ଆପଣ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ ନଚେତ୍ ସମସ୍ୟା ବୃଦ୍ଧି ପାଇବ । ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି ।

**ମିଥୁନ** କର୍ମାଧିପତି ରାଶ୍ୟାଧିପତି ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ନାହିଁନାହିଁକରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ। ତଥାପି ମୃଗଶିରା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ ।

**କର୍କଟ** ଦ୍ୱାଦଶସ୍ଥ ରାହୁ ପ୍ରଭାବରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ** ଶୁକ୍ରଙ୍କ ସୁପ୍ରଭାବରେ ନିଜସ୍ୱ ବିଚାରଧାରା ଓ କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ, ଫଳରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** ପାପଦୃଷ୍ଟ ବୁଧ ହେତୁ ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକମାନଙ୍କ ବିରୁଦ୍ଧାଚରଣ ହେତୁ କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା** ଦ୍ୱାଦଶରେ ମଙ୍ଗଳଙ୍କ ଯୋଗୁ ଆଜି ଅର୍ଥ ସଂକଟ ଦେଖାଦେବା କାରଣରୁ ଚାହୁଁଥିବା ଜିନିଷ ପାଇବେ ନାହିଁ କିମ୍ବା କାମଗୁଡ଼ିକ ସକାଶେ ମଧ୍ୟ ଅନିଶ୍ଚିତତା ଦେଖାଦେବ। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ଠକିଯିବାଟାହିଁ ସାର୍ ହେବ।

**ବିଛା** ଭାଗ୍ୟାଧିପ ରାଶିରେ ରହିଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଜି ଆପଣଙ୍କର ଆଶା ନିଶ୍ଚିତ ପୂରଣ ହେବ । ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ପାପଗ୍ରହ ପ୍ରଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ନିଶ୍ଚିତ ଉପକୃତ ହେବେ। ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବା ସହ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ।

**ମକର** ଆଜି ଶୁକ୍ରଙ୍କ ସ୍ଥାନ ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ସହ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ** ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ, ଫଳରେ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଆଜି ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ** ବୁଧ ଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର, ପୀଠେ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସ, ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨ ।୫୯ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬ ।୩୦ମି. ମଧ୍ୟେ ଘ୭।୧୬ମି. ଗତେ, ଘ୯ ।୩୬ମି. ମଧ୍ୟେ ଘ୧୧ ।୫୬ମି. ଗତେ, ଘ୩।୦୩ମି. ମଧ୍ୟେ ଘ୩।୪୯ମି. ଗତେ, ଘ୫ ।୨୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮ ।୩୮ମି. ମଧ୍ୟେ, ଘ୧୧ ।୩୪ମି. ଗତେ ଘ୧ ।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, କିଣିବା / ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040, 8144658008. D-14630

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115

**to-let**

Two partisoned room 600sqft. Jagannath Vihar Baramunda 4000/-, excluding electricity. Only for small family. 9437400407. D-66195

**packers & movers**

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Monalisa Massage Club: All types body massage with hiprofile smart lady rooms service available- 9708545108. D-14592

Kajal ayurvedic massage club fully relaxed by smart lady, home service available. 9937637219. D-66971

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Refresh your mind and soul with best therapy at Orchid Salon/ Spa. 9937287222. D-66972

Summer special mesmerizing offer expert therapeutic refreshing massage appointment. 9668374480. D-68112

Keralian herbal full body massage, smart trained lady therapist: 9437453813. D-68014

**education**

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-68116

**astrology**

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତୃଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633


**ଜନ୍ମଦିନ ଶୁଭେଚ୍ଛା**


**ମୟଂକ ପଣ୍ଡା**
ଇ. ବି. 309, ବଡ଼ଗଡ଼ ବ୍ରିଟ୍ କଲୋନୀ
ଭୁବନେଶ୍ୱର- 751018
ତୋ'ର ତୃତୀୟ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
**ଶୁଭେଚ୍ଛା ସହ:**
ମାମା, ବାବା, ବୁଢ଼ାବାପା, ବୁଢ଼ିମା, ଅଜା, ଆଈ, ଦଦା, ଦେଠେଇ, ମଉସା, ମାଉସୀ, ମାମୁ ଓ ନାନୀ।
ଧ-୧୪୬୩୨

**ତୃତୀୟ ଜନ୍ମ ବାର୍ଷିକୋତ୍ସବ**


(ସୋନମ୍)
**ପ୍ରିୟାଂଶୀ ପ୍ରତ୍ୟୁଷା ବିହାରୀ**
ଗ୍ରାମ: ସାମନ୍ତରାପୁର, ପୋ: ପଦନପୁର,
ଭାୟା: ଡମପଡ଼ା, ଥାନା: ବାଙ୍କୀ, ଜି: କଟକ
ଜନ୍ମ ତାରିଖ: ୦୪।୧୦।୨୦୧୬ (ଆଶ୍ୱୀନ ଶୁକ୍ଳପକ୍ଷ ଚତୁର୍ଥୀ ତିଥି)
ତୋର ତୃତୀୟ ଜନ୍ମ ବାର୍ଷିକୋତ୍ସବରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାର କରୁଣା ତୋର ଦୀର୍ଘାୟୁ କାମନା କରି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ସହିତ ତୋର ଚଲାପଥ କୁସୁମିତ କରନ୍ତୁ। ପ୍ରାରମ୍ଭିକ ବିଦ୍ୟାଧ୍ୟୟନ ପାଇଁ ପ୍ରଭୁଙ୍କ ପାଖରେ କରୁଣା ଭିକ୍ଷା କରନ୍ତି ତୋର:- ଜେଜେମା', ଜେଜେବାପା, ମାଆ, ବାପା, ବଡ଼ମାଆ, ବଡ଼ବାପା, ଦାଦା, ଖୁଡ଼ୀ, ପିଇସା, ପିଉସୀ, ସାଇପ୍ରିତମ୍, ପୁନମ୍, ସୋହମ୍, ରୋହନ୍, ପାୟଲ୍
ଧ-୧୪୬୩୪

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ



ନବରାତ୍ର ପୂଜା ଅବସରରେ ଦେବଗଡ଼ର ମା'ପ୍ରଧାନପାଟେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

### କୁଟୀରଶିଳ୍ପ ଉପରେ ଗୁରୁତ୍ୱ

ବାରକୋଟ,୩।୧୦(ଡି.ଏନ.ଏ.): ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ପଞ୍ଚାୟତ ଅଧୀନ ବାଘମୁଣ୍ଡାଠାରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇଁ, ସମ୍ମାନିତ ଅତିଥି ଭାବେ କିଶୋର କୁମାର ମହାଲିଙ୍କ, ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ, ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, ଭୁବନେଶ୍ୱରର ସାମାଜିକ କର୍ମୀ ଅଭୟ କୁମାର ମିଶ୍ର ଯୋଗଦେଇ ଗାନ୍ଧୀଙ୍କ ନୀତି ଆଦର୍ଶ ଓ ଆତ୍ମନିର୍ଭରଶୀଳ ପାଇଁ କୁଟୀରଶିଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପାଦକ ବଂଶୀଧର ସାହୁ ଗାନ୍ଧିଜୀଙ୍କ ଜୀବନୀ ଓ କାର୍ଯ୍ୟକଳାପ ଉପରେ ସଂଗୀତ ଗାନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

■ 'ମୋ ସରକାର': ଜାରି ହେଲା ଗାଇଡ୍‌ଲାଇନ

# ଘରୋଇ ଢାଞ୍ଚାରେ ଚାଲିବ ସରକାରୀ କାର୍ଯ୍ୟାଳୟ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଅକ୍ଟୋବର ୨ ତାରିଖରୁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୫-ଟି ଅଧୀନରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ସରକାରୀ କର୍ମଚାରୀମାନଙ୍କର ବ୍ୟବହାର ଓ ବୃତ୍ତିଗତ ଦକ୍ଷତାରେ ପରିବର୍ତ୍ତନ ଆଣିବା ହେଉଛି ମୂଳ ଲକ୍ଷ୍ୟ। ଘରୋଇ ସଂସ୍ଥା ଢାଞ୍ଚାରେ ଚାଲିବ ସରକାରୀ କାର୍ଯ୍ୟାଳୟ। ଜନସାଧାରଣଙ୍କ ରେଟିଂ ଉପରେ ନିର୍ଭର କରିବ କର୍ମଚାରୀମାନଙ୍କର ଚାକିରି ଭବିଷ୍ୟତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ବୁଧବାର ଶୁଭାରମ୍ଭ କରିବା ପରେ ଗୁରୁବାର ଏ ନେଇ ଗାଇଡଲାଇନ ଜାରି କରାଯାଇଛି।

ଲୋକମାନଙ୍କୁ ସରକାରୀ ଅଫିସଗୁଡ଼ିକରେ କିପରି ବ୍ୟବହାର କରାଯାଉଛି, ସେମାନଙ୍କ ସମସ୍ୟାକୁ ବୃତ୍ତିଗତ ତଥା ସେବା ମନୋଭାବ ନେଇ ସମାଧାନ କରାଯାଉଛି କି ନାହିଁ, ସଂସ୍ଥାଗୁଡ଼ିକୁ ଅଧିକ ଦକ୍ଷ କରିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଯେକୌଣସି ବ୍ୟକ୍ତି ମତାମତ ଦେଇପାରିବେ। ଅକ୍ଟୋବର ୨ ତାରିଖରୁ ରାଜ୍ୟର ସମସ୍ତ ଥାନା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଯେଉଁମାନେ ସରକାରୀ କାର୍ଯ୍ୟାଳୟକୁ ସେବା ପାଇଁ ଯିବେ ସେତେବେଳେ ସେମାନଙ୍କ ଟେଲିଫୋନ ନମ୍ବର ପଞ୍ଜୀକରଣ କରାଯିବ। ୨୪ ଘଣ୍ଟା ମଧ୍ୟରେ ଏସଏମ୍‌ଏସ ପଠାଯିବ। ଯଦି ଏସଏମ୍‌ଏସ ନ ଯିବ ତେବେ ୧୪୫୪୫ ନମ୍ବରକୁ ମିସ୍‌ଡ୍ କଲ୍ କରି ମୋ ସରକାର ପୋର୍ଟାଲରେ ଟେଲିଫୋନ ନମ୍ବରକୁ ପଞ୍ଜୀକୃତ କରିପାରିବେ। ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା କେତେକ ନମ୍ବରକୁ ମତାମତ ପାଇଁ ଯୋଗାଯୋଗ କରାଯିବ। ଅନୁକୂଳ ମତ ଆସିଲେ ସମ୍ପୃକ୍ତ ସଂସ୍ଥାକୁ ପୁରସ୍କୃତ କରାଯିବ। କର୍ମଚାରୀମାନଙ୍କୁ ଆଗୁଆ ପଦୋନ୍ନତି ମିଳିବ। ପ୍ରତିକୂଳ ମତ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ଗ୍ରାମସଭାରେ ଗଣ୍ଡଗୋଳ

# ୱାର୍ଡ ସଭ୍ୟ ଗିରଫ

କୁଚିଣ୍ଡା,୩।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅଧୀନ ବକ୍ସମା ପଞ୍ଚାୟତ ଗ୍ରାମସଭାରେ ଗଣ୍ଡଗୋଳ କରିଥିବା ଅଭିଯୋଗରେ କୁଚିଣ୍ଡା ପୋଲିସ ପଞ୍ଚାୟତର ୧୧ନମ୍ବର ୱାର୍ଡ(ଭେଲୁଆଁପାଲ)ର ୱାର୍ଡ ମେମ୍ବର ଭବାନୀଶଙ୍କର ଠାକୁରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ବକ୍ସମା ପଞ୍ଚାୟତ ଗ୍ରାମ ସଭାରେ ୱାର୍ଡ ମେମ୍ବର ଭବାନୀଶଙ୍କର ଉପସ୍ଥିତ ରହି ସରପଞ୍ଚ ଓ ଜିଆର୍‌ଏସଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗ୍ରାମବାସୀ ଭବାନୀଶଙ୍କରଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେ ଲୋକଙ୍କୁ ମାରପିଟ କରିଥିଲେ। ଏପରି କି ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତୈଳଚିତ୍ର ଥିବା ଚୌକିକୁ ଗୋଇଠା ପକାଇଥିଲେ। ଫଳରେ ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ର ତଳେ ପଡିଯାଇଥିଲା। ଏନେଇ ପିଇଓ ଦୀପକ ପଟେଲ ପୋଲିସକୁ ଖବର ଦେଇଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୱାର୍ଡ ମେମ୍ବର ଭବାନୀଶଙ୍କରଙ୍କୁ ଥାନାକୁ ନେଇଥିଲା। ଏନେଇ ସରପଞ୍ଚ ରତନୁ କିଷାନ କୁଚିଣ୍ଡା ଥାନରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୨୨୬/୧୯) ରୁଜୁକରି ଭବାନୀଶଙ୍କରଙ୍କୁ ଗିରଫ କରିଥିଲା।

# ସମସ୍ତଙ୍କ ଉଦ୍ୟମରେ ଗାଁର ବିକାଶ ସମ୍ଭବ

ଦେବଗଡ଼,୩।୧୦(ଡି.ଏନ୍.ଏ.)

ଦେବଗଡ଼ ଜିଲା କୀର୍ତ୍ତନପାଲି ଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଶରତ କୁମାର ସାହୁ, ଲୁଲଙ୍ଗ ସରପଞ୍ଚ ସଞ୍ଜୁବାଳା ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରକୃତି ବନ୍ଧୁ କୁମୁଦ ଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଧାୟକ ଉଦ୍‌ବୋଧନ ଦେଇ କହିଥିଲେ, ଯେଉଁ ଗ୍ରାମର ଜନସାଧାରଣ ଏକତା ମଧ୍ୟରେ ବାନ୍ଧି ହୋଇ ସ୍ୱଚ୍ଛ ଗ୍ରାମ, ଜାତୀୟ ପତାକାକୁ ସମ୍ମାନ, ଔଷଧୀୟ ଉଦ୍ୟାନ ସହ ଅନେକ ଆଦର୍ଶ କାମ କରୁଛନ୍ତି ସେହି ଗାଁର ଉନ୍ନତିକୁ କେହି ରୋକି ପାରିବେ ନାହିଁ। ଏହାହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ। ସମସ୍ତଙ୍କ ଉଦ୍ୟମରେ ଗାଁର ବିକାଶ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଶିଶୁମାନଙ୍କ ଫ୍ୟାନ୍ସିଡ୍ରେସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଯୁବରାଜ ବେହେରା ପ୍ରଥମସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗାଁ ସଭାପତି କୈଳାସ ଚନ୍ଦ୍ର ସାହୁ, ବାବାଜୀ ବେହେରା, ସଞ୍ଜୁକ୍ତା ବେହେରା, ଡମ୍ବରୁ ଧର କୁମୁରା, ଶ୍ରୀମତୀ ବେହେରା, ସୁରତି ସାହୁ, ଗୀତାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ରେଢାଖୋଲ ପଞ୍ଚାୟତ ସମିତିର ସାଧାରଣ ବୈଠକ

ରେଢାଖୋଲ୩।୧୦(ଡି.ଏନ.ଏ)

ରେଢାଖୋଲ ପଞ୍ଚାୟତ ସମିତିର ସାଧାରଣ ବୈଠକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା କବିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିକ୍ଷିତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବିକ୍ରମ କେଶରୀ ଦେଓ, ସମିତି ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ କୃଷି, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସାଧାରଣ ବଣ୍ଟନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଉଦ୍ୟାନ କୃଷି, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଜିପିଇଓ ପଞ୍ଚାନନ ବେହେରା ବିବରଣୀ ପାଠ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।



ପଞ୍ଚାୟତ ସମିତିର ସାଧାରଣ ବୈଠକରେ ଜନପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ମା' ତାରିଣୀ କ୍ଲବ ଚାମ୍ପିୟନ

ଦେବଗଡ଼,୩।୧୦(ଡି.ଏନ୍.ଏ.)

ବାରକୋଟ ବ୍ଲକର ଝରବାହାଲଠାରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ୍‌ରେ ବମ୍ପରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଜିତେନ୍ଦ୍ରୀୟ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମା' ତାରିଣୀ କ୍ଲବ ଓ ଗୁରୁସଙ୍ଗ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଗୁରୁସଙ୍ଗ ଫୁଟବଲ କ୍ଲବକୁ ହରାଇ ମା' ତାରିଣୀ କ୍ଲବ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିରଞ୍ଚି ନାରାୟଣ ମିଶ୍ର, ଡେପୁଟି ସୁବେଦାର ଆଇଆର୍‌ବି ବମ୍ପରଡ଼ା ଭାଷ୍ୟକାର ରମାକାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ଫକୀର ମୋହନ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି କୁମୁଦବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଧାନପାଟ ଜଳପ୍ରପାତ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

### ପ୍ରଧାନପାଟରେ ସଫେଇ କାର୍ଯ୍ୟକ୍ରମ

ଦେବଗଡ଼,୩।୧୦(ଡି.ଏନ.ଏ.)

୧୫୦ତମ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଦେବଗଡ଼ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଯୋଗଦେଇ ଏଣେତେଣେ ପଡିଥିବା ଅଳିଆ ଆବର୍ଜନ ସଫା କରିଥିଲେ। ଏପରି କି ଡଷ୍ଟବିନରେ ଅଳିଆ ଆବର୍ଜନା ପକାଇବାକୁ ଉପସ୍ଥିତ ଜନସାଧାରଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କର୍ମ ନିଯୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ, ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଦେବଗଡ଼ ଅଧିକାରୀ ଦେବାଶିଷ ପ୍ରସାଦ ନାୟକ, ଶିକ୍ଷକ ଜିତେନ ମହାପାତ୍ର, ସଞ୍ଜୟ ମଣ୍ଡଳ,ସତ୍ୟମ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

■ଏକଦିବସୀୟ ଫୁଟବଲ ମ୍ୟାଚ

# ସୁନାମୁଣ୍ଡା ଦଳ ବିଜୟୀ

ଦେବଗଡ଼,୩।୧୦(ଡି.ଏନ.ଏ)

ଦେବଗଡ଼ ପୌରାଞ୍ଚଳ ଅଧୀନ ୱାର୍ଡ ନମ୍ବର ୧୦ ଗୋହିରାସାହି ଶାସ୍ତ୍ରୀ କ୍ଲବ ଆନୁକୂଲ୍ୟରେ ୧୫୦ତମ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଏକ ଦିବସୀୟ ଶାସ୍ତ୍ରୀ ଫୁଟବଲ କପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଖେଳ ପତ୍ରାପାଲି ଓ ବଲଣ୍ଡା ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ ସୁନାମୁଣ୍ଡା ଓ ପତ୍ରାପାଲି ମଧ୍ୟରେ ହୋଇଥିଲା। ଏଥିରେ ସୁନାମୁଣ୍ଡା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ସେମ୍ ହେମ୍ବରମ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇଂ. ଦେବଶିଷ ପ୍ରସାଦ ନାଏକ, ମିନତୀ ନାଏକ, ଡ଼ୋଳାକାନ୍ତ ନାଏକ, ସ୍ୱୟଂ ପ୍ରକାଶ ନାଏକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ପ୍ରଦୀପ କୁମାର ବେହେରା ପରିଚାଳନା କରିଥିଲେ । ପରେ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୦ରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କ୍ଲବର ରୋଶନ ହେନେଜ୍, ରାଜେଶ ବାର୍ଲା, ଦୁଃଖବନ୍ଧୁ ମୁଣ୍ଡା, ସୁରେଶ ମୁଣ୍ଡା, ଦେବେନ୍ଦ୍ର ବାର୍ଲା, ରୁପନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଗାୟତ୍ରୀ ଶକ୍ତିପୀଠରେ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୩।୧୦(ବ୍ୟୁରୋ)

ସଣ୍ଡେ ଗ୍ରୁପ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା କମଳୀବଜାର ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ମାନଧାତା ବାବା କଲେଜ ଅଧକ୍ଷ ସତ୍ୟନାରାୟଣ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ସଭାପତି ରତ୍ନ କୁମାର ପାତ୍ର, ଉପସଭାପତି ଧର୍ମେନ୍ଦ୍ର ସ୍ୱାଇଁ, ସମ୍ପାଦକ ଶକ୍ତି ପ୍ରସାଦ ପାଣିଗ୍ରାହୀ, ଯୁଗ୍ମସମ୍ପାଦକ ସଞ୍ଜୀବ କୁମାର ମହାରଣା, କୋଷାଧକ୍ଷ ସୁବ୍ରତ ସାହୁ, ଯୁଗ୍ମ କୋଷାଧକ୍ଷ ଦେବବ୍ରତ କମ୍ପ, ପ୍ରକଳ୍ପ ସଂଯୋଜକ ସିଦ୍ଧାର୍ଥ ଦଫେଦାର, ଯୁଗ୍ମ ସଂଯୋଜକ ସମୀର କୁମାର ମହାରଣା, ସୁଧିର କୁମାର ଘୋଷ, ଉପଦେଷ୍ଟା ସତ୍ୟନାରାୟଣ ଠାକୁର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।



ସମ୍ବଲପୁର ଗାୟତ୍ରୀ ଶକ୍ତିପୀଠରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା।

# ଦେବଗଡ଼ରେ ଜିଲାସ୍ତରୀୟ ନିଯୁକ୍ତିମେଳା

ଦେବଗଡ,୩।୧୦(ଡି.ଏନ୍.ଏ)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲା ନିଯୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଓରମାସ)ର ସହକାରୀ ନିର୍ଦ୍ଦେଶକ ସୁବଳ ଜେନାମଣି ପ୍ରମୁଖ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମେଳାରେ ଯୋଗଦେଇଥିବା ପ୍ରାୟ ୪୦୦ ନିଯୁକ୍ତି ଆଶାୟୀଙ୍କ ମଧ୍ୟରୁ ଅନେକ ଆଶାୟୀଙ୍କୁ ତାଲିମ ପାଇଁ ପ୍ରସ୍ତାବପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଆଶାୟୀମାନଙ୍କୁ ଡିଡିୟୁଜିକେୱାଇ ଅଧୀନ ପିଆଇଏମାନଙ୍କ ଦ୍ୱାରା ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ମେଳାରେ ସମ୍ବଲପୁର ଜିଲା ରେଢାଖୋଲର ପାନ ଆଇଆଇଟି ଗୁରୁକୁଳ, ସମ୍ବଲପୁରର ଏଆଇଏସଇସିଟି ଭୁବନେଶ୍ୱରର ଏସ୍‌ଓଏସ୍‌ହେଲ୍‌ଥ ସର୍ଭିସ, ଭୁବନେଶ୍ୱରର ଏମ୍‌ଏସ୍ ବିଶ୍ୱଜିତ ମିଶ୍ର ଏଜେନ୍ସି, ଭୁବନେଶ୍ୱରର ଆଇଏଣ୍ଡଏଫ୍‌ଏସ୍ ସ୍କିଲ, ଭୁବନେଶ୍ୱରର ଜିକେ ଏସୋସିଏଟସ୍, ଭୁବନେଶ୍ୱରର ଡିଭାଇନ ନର୍ସିଂ କେୟାର, ଭୁବନେଶ୍ୱରର ସିପେଟ ଓ ଡାଲମିଆ ଭାରତ ଫାଉଣ୍ଡେଶନ ସମେତ ମୋଟ ୧୪ଟି ନିଯୁକ୍ତିଦାତା ଅନୁଷ୍ଠାନ ଯୋଗ ଦେଇଥିଲେ।



ନିଯୁକ୍ତିମେଳାରେ ଉପସ୍ଥିତ ଅତିଥି।

■ ଭୁବନେଶ୍ୱରରେ ଏନ୍‌ଆଇଏ ଡିଜି ଯୋଗେଶ ଚନ୍ଦ୍ର ମୋଦି

# ଫଣ୍ଡିଂ ବନ୍ଦ ହେଲେ ଆତଙ୍କବାଦ, ମାଓବାଦ ଆପେ କମିଯିବ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଦେଶର ବିଭିନ୍ନ ସହରରେ ଆତଙ୍କବାଦ କାର୍ଯ୍ୟକଳାପ ଦେଖାଦେଉଛି। ଆତଙ୍କବାଦୀମାନେ ବଡ଼ ବଡ଼ ସହର ଓ ଦେଶର ପ୍ରମୁଖ ସ୍ଥାନକୁ ଟାର୍ଗେଟ କରିଥିବା ଗୋଇନ୍ଦା ରିପୋର୍ଟ ମିଳୁଛି। ସେହିଭଳି ଓଡ଼ିଶା ଭଳି ରାଜ୍ୟଗୁଡିକରେ ମଧ ମାଓବାଦୀ ଆକ୍ରମଣ ହେଉଛି। ତେବେ ଆତଙ୍କବାଦୀ ଓ ମାଓବାଦୀଙ୍କ ପାଖକୁ ବେଆଇନ ଭାବେ ଯାଉଥିବା ଟଙ୍କା (ଫଣ୍ଡିଂ)କୁ ରୋକାଗଲେ ଆପେ ଏହି ଶକ୍ତିଗୁଡ଼ିକ ଦୁର୍ବଳ ହୋଇପଡ଼ିବ ବୋଲି ନ୍ୟାଶନାଲ ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି (ଏନ୍‌ଆଇଏ) ଡିଜି ଯୋଗେଶ ଚନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ସ୍ଥାନୀୟ ପୋଲିସ ଭବନଠାରେ ଆତଙ୍କବାଦ ମାମଲାର ତଦନ୍ତ ଓ ଦମନ ସମ୍ପର୍କିତ କର୍ମଶାଳାକୁ ଡିଜି ମୋଦି ଉଦ୍‌ଘାଟନ କରି କହିଲେ, ବର୍ତ୍ତମାନ ସୁଦ୍ଧା ଏନଆଇଏ ୯୦ ପ୍ରତିଶତ ମାମଲାର ତଦନ୍ତକରି ଦୋଷୀଙ୍କୁ ଦଣ୍ଡବିଧାନ କରାଯାଇଛି। ଅନେକ ସମୟରେ ଅଭିଯୁକ୍ତ ଧରାପଡ଼ନ୍ତି ନାହିଁ, କାଗଜପତ୍ର ପ୍ରମାଣ ମଧ ମିଳେନି। ତେଣୁ ଫରେନସିକ୍ ଓ ଟେକ୍ନୋଲୋଜିକୁ ଆଧାର କରି ଏଭଳି ମାମଲାର ତଦନ୍ତ କରାଯିବା ଆବଶ୍ୟକ ବୋଲି କହିଥିଲେ। ତେବେ ଓଡ଼ିଶାର ପୁଲିସ ଅଧିକାରୀମାନେ ଅଧିକ ସଂଖ୍ୟାରେ ଏନ୍‌ଆଇଏକୁ ଡେପୁଟେଶନରେ ଗଲେ ନକ୍ସଲ ତଦନ୍ତ କ୍ଷେତ୍ରରେ ତାହା ବେଶ ସହାୟକ ହେବ ବୋଲି ସେ କହିଥିଲେ।

ପୋଲିସ ଡିଜି ବିଜୟ କୁମାର ଶର୍ମା କହିଲେ, ଏଭଳି ମାମଲାରେ ତଦନ୍ତବେଳେ ପ୍ରମାଣ ଯୋଗାଡ଼ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଆମେ ସଫଳତାର ସହ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗିରଫ କରିଥିଲୁ। ସେହିପରି ଆଉ ଏକ ଆତଙ୍କବାଦୀ ମାମଲାର ତଦନ୍ତ ଶେଷ ହୋଇ କୋର୍ଟରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଲିସ ସଂପୃକ୍ତ ଆତଙ୍କବାଦୀକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ପ୍ରମାଣ ରଖିଛି ବୋଲି ସେ କହିଥିଲେ।

ଏହି କର୍ମଶାଳାରେ ରାଜ୍ୟର ୧୦୦ରୁ ଅଧିକ ପୋଲିସ ଅଧିକାରୀ ଯୋଗ ଦେଇଛନ୍ତି। ଆତଙ୍କବାଦ ସମ୍ପର୍କିତ ମାମଲାରେ ତଦନ୍ତ କୌଶଳ ଶିକ୍ଷାଲାଭ କରିଛନ୍ତି, ଯାହା ନକ୍ସଲ ମାମଲାର ତଦନ୍ତ କ୍ଷେତ୍ରରେ ସହାୟକ ହେବ। ପୂର୍ବରୁ ଦିଲ୍ଲୀରେ ଏପରି ସ୍ୱତନ୍ତ୍ର କର୍ମଶାଳା ଓ ଟ୍ରେନିଂ କରାଯାଉଥିଲା। ଏବେ ଆତଙ୍କବାଦୀମାନେ ଭାରତକୁ ପ୍ରବେଶ ପାଇଁ ଓଡ଼ିଶା ଉପକୂଳକୁ ବ୍ୟବହାର କରିପାରନ୍ତି ବୋଲି ଗୋଇନ୍ଦା ରିପୋର୍ଟ ମିଳିଥିବାରୁ ଏପରି କର୍ମଶାଳା ବହୁ ଗୁରୁତ୍ୱ ବହନ କରୁଛି। ଏହି ଦିନିକିଆ କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଏନ୍‌ଆଇଏ ଡିଆଇଜି ପ୍ରବୀଣ କୁମାର ଭାରତରେ ଚାଲିଥିବା ଆତଙ୍କବାଦ ସଂଗଠନର କାର୍ଯ୍ୟକଳାପ, ଏନ୍‌ଆଇଏ ଆକ୍ଟ-୨୦୧୯ ସଂଶୋଧନ ଉପରେ କହିଥିଲେ। ଏନ୍‌ଆଇଏ ଏସ୍‌ପି ଏସ୍. ରାହୁଲ, ଅଫିସର ଅର୍ଜୁନ ଆମ୍ଭଲାପଲ୍ଲୀ ପ୍ରମୁଖ ଆତଙ୍କବାଦୀ ମାମଲା ତଦନ୍ତ ବେଳେ ଥିବା ଆଇନ୍‌ଗତ ଦିଗ ଓ ଅନ୍ତର୍ଜାତୀୟ ସ୍ତରରେ ଘଟିଥିବା ଆତଙ୍କବାଦୀ କାର୍ଯ୍ୟକଳାପର ବିଭିନ୍ନ ତଦନ୍ତ ପ୍ରକ୍ରିୟା ଉପରେ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପୋଲିସର ଇନ୍ସପେକ୍ଟର ଓ ଡିଏସ୍‌ପି ର୍ୟାଙ୍କର ଅଧିକାରୀଙ୍କୁ ଏନେଇ ତାଲିମ ଦିଆଯାଇଥିଲା।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

***Secretary***
***Women's College, Birmaharajpur***

LAND / PLOTS FOR SALE

**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)**
**For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**

ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in

# ଆହୁରି ସଂସ୍କାର ଲୋଡ଼ା

ସମ୍ପ୍ରତି ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାକୁ କିପରି ମୁକାବିଲା କରାଯିବ, ସେ ନେଇ ସରକାର କିଛି ବାଟ ପାଉ ନ ଥିବା ମନେହେଉଛି । ଏହା ବିଭିନ୍ନ ବର୍ଗର ଲୋକଙ୍କ ଭାବନାକୁ ସୁହାଇଲା ଭଳି ଯାହା କିଛି ବିକ୍ଷିପ୍ତ ପଦକ୍ଷେପ ନେଇଛନ୍ତି, ତାହା ଏଯାଏ ବିଶେଷ କିଛି କାମ ଦେଇନାହିଁ । ସରକାର ଜାଣନ୍ତି ଯେ, ଉଗ୍ର ଜାତୀୟତା ଓ ଦେଶର ସୁରକ୍ଷାକୁ ନେଇ ଲୋକଙ୍କ ମାନସିକ ଉଦ୍‌ବେଗକୁ ବଢ଼େଇ ତୋଳିଲେ ତାହାଦ୍ୱାରା ଲୋକମାନେ କିଛି କାଳ ହୁଏତ ଅର୍ଥନୈତିକ ସମସ୍ୟାକୁ ଛାଡ଼ି ସେହି ବିଷୟକ ଚିନ୍ତାରେ ନିମଗ୍ନ ରହିବେ, କିନ୍ତୁ ଏହାର ବି ସୀମା ଅଛି । ଅଟୋମୋବାଇଲ ସମେତ ବିଭିନ୍ନ ଶିଳ୍ପ କ୍ଷେତ୍ର ଏବେ ଭୀଷଣ ମାନ୍ଦାବସ୍ଥା ଦେଇ ଗତି କରୁଛି । ଉତ୍ତର ଭାରତର ବୃହତ୍ ରାଜ୍ୟଗୁଡ଼ିକ ଏବେ ବନ୍ୟା ବିପ୍ୟାତରେ ଜର୍ଜରିତ । ସେହିସବୁ ରାଜ୍ୟର ଲକ୍ଷ ଲକ୍ଷ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ଓଡ଼ିଶାରେ ୧୦ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଥିଲେ ମଧ୍ୟ ଏହାଦ୍ୱାରା ଫସଲ ଭଲ ହେବ ବୋଲି କୌଣସି ନିଶ୍ଚୟତା ନାହିଁ । କୋର୍ ସେକ୍ଟର ବା ଦେଶର ୮ଟି ପ୍ରମୁଖ ଅର୍ଥନୈତିକ ଭିତ୍ତିଭୂମି କ୍ଷେତ୍ରର ଅଭିବୃଦ୍ଧି ପ୍ରଥମ ଥର ପାଇଁ ବିୟୁକ୍ତାତ୍ମକ ଦିଗରେ ମୁହାଁଇଛି କାରଣ ଗତ ୪ ବର୍ଷ ଭିତରେ ଏଗୁଡ଼ିକ ମଧ୍ୟରୁ ୫ଟି କ୍ଷେତ୍ରର ସୂଚକାଙ୍କ ହ୍ରାସ ପାଇଛି । ଏହିସବୁ କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ଅଗଷ୍ଟମାସରେ –୦.୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଗତବର୍ଷ ଉକ୍ତ ମାସରେ ୪.୭ ପ୍ରତିଶତ ଥିଲା । କୋଇଲା କ୍ଷେତ୍ରର ଅଭିବୃଦ୍ଧି ସବୁଠାରୁ ଅଧିକ ହ୍ରାସ ପାଇଛି, ଯାହା ଅତୀତରେ ବର୍ଷ ପରେ ବର୍ଷ ସମାନ ସମୟକୁ ହାରାହାରି ୮.୭ ପ୍ରତିଶତ ଥିଲା । ଇସ୍ପାତ, ସାର ଓ ରିଫାଇନେରି ଉତ୍ପାଦଗୁଡ଼ିକ ମଧ୍ୟ ଅନୁକୂଳ ଅଭିବୃଦ୍ଧି ହାସଲ କରିଥିଲା ।

ଜିଡିପି ଅଭିବୃଦ୍ଧି ୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଗତ ଛଅ ବର୍ଷରେ ସବୁଠାରୁ କମ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ କିଛି ସପ୍ତାହ ଭିତରେ ବିଭିନ୍ନ ଉତ୍ସାହପ୍ରଦ ଘୋଷଣା କରିଆସୁଛନ୍ତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ଫେବୃୟାରୀରୁ ସୁଧହାର ହ୍ରାସ କରିଚାଲିଛନ୍ତି । କିନ୍ତୁ ଏସବୁ ପଦକ୍ଷେପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ବିଫଳ ହୋଇଛି । ସୀତାରାମନ୍ କର୍ପୋରେଟ୍ ଟିକସ ୨୨ ପ୍ରତିଶତକୁ ହ୍ରାସ କରିବା ସହ ପ୍ରାୟ ୬୫,୦୦୦ କୋଟି ଟଙ୍କାର ଟିକସ ହ୍ରାସଜନିତ ଲାଭ, ସେସ୍ ଓ ସର୍‌ଚାର୍ଜ କମ୍ପାନୀଗୁଡ଼ିକ ହାତରେ ଛାଡ଼ିଦେଇଛନ୍ତି । ସେପ୍ଟେମ୍ବର ମାସରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଆଦାୟ ମାତ୍ର ୯୧,୯୧୬ କୋଟି ଟଙ୍କା ଆଦାୟ ହୋଇଛି ଯାହା ଗତ ୧୯ ମାସ ଭିତରେ ସବୁଠାରୁ କମ୍ ।

## ଆଜିର ଅର୍ଥନୀତି

ଦେଶର ଅର୍ଥନୈତିକ ମାନ୍ଦାବସ୍ଥାକୁ ଏହା ଆହୁରି ବ୍ୟାପକ କରିଛି । ଜିଏସ୍‌ଟି ଆଦାୟରେ କ୍ରମାଗତ ଦ୍ୱିତୀୟ ମାସରେ ଏହା ଅତି କମ୍ ରହିଛି । ଗତ ଅଗଷ୍ଟ ମାସରେ ଜିଏସ୍‌ଟି ୯୮,୨୦୨ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ତା'ର ମାସକ ପୂର୍ବରୁ ୯୪,୪୪୨ କୋଟି ଟଙ୍କା ଆଦାୟ ହୋଇଥିଲା । ସରକାର ଏପର୍ଯ୍ୟନ୍ତ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ସଂଶୋଧନ କରି ନ ଥିବା ବେଳେ କିପରି ସେହି ଲକ୍ଷ୍ୟ ହାସଲ କରିବେ, ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା ।

ଏପରି ଅର୍ଥନୈତିକ ପୃଷ୍ଠଭୂମିରେ ରିଜର୍ଭ ବ୍ୟାଙ୍କର ଆର୍ଥିକ ନୀତି କମିଟି (ଏମ୍‌ପିସି) ମଙ୍ଗଳବାର ତା'ର ଦ୍ୱିମାସିକ ଆର୍ଥିକ ସମୀକ୍ଷା ଆରମ୍ଭ କରିଥିବା ବେଳେ ଏହା ଖାଉଟିଙ୍କ ଚାହିଦା ବୃଦ୍ଧି କରିବା ପାଇଁ ରେପୋ ରେଟ୍ ଆହୁରି ହ୍ରାସ କରିବା ସମ୍ଭାବନା ରହିଛି । ଏହା ପରବର୍ତ୍ତୀ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଆଶା କରାଯାଏ । ସବୁ ଦୃଷ୍ଟିରୁ ବିଚାରକଲେ ଆର୍‌ବିଆଇ ଆଉ ୨୫ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିପାରେ । ଉକ୍ତ ସ୍ୱଳ୍ପ ସୁଧ ହାର ଅର୍ଥନୀତିକୁ ଅଧିକ ଚଳଚଞ୍ଚଳ କରିବା ଆଶା କରାଯାଏ । ଏଥି ସହ ସରକାର ମଧ୍ୟ ଦୀପାବଳି ପୂର୍ବରୁ ବ୍ୟକ୍ତିଗତ ଆୟକର ହ୍ରାସ କରି ଖାଉଟିଙ୍କ ଉତ୍ସାହ ବୃଦ୍ଧି କରିବା ଆବଶ୍ୟକ । ସରକାର ୫ ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଆୟକାରୀଙ୍କ ଆୟକର ୨୦ ପ୍ରତିଶତ ସ୍ଲାବ୍ ବଦଳରେ ୧୦ ପ୍ରତିଶତ କରିପାରନ୍ତି । ସରକାର ମଧ୍ୟ ବିଭିନ୍ନ ପ୍ରକାର ସେସ୍ ଓ ସର୍‌ଚାର୍ଜ ଉଠାଇ ଦେଇପାରନ୍ତି । ତା' ସହ ସରକାର ୨.୫ ଲକ୍ଷ ସ୍ଥାନରେ ଛାଡ଼ ସୀମା ୫ ଲକ୍ଷକୁ ବୃଦ୍ଧି କରିପାରନ୍ତି ।

ଅଟୋମୋବାଇଲ କମ୍ପାନୀଗୁଡ଼ିକ ବିକ୍ରି ବଢ଼ାଇବା ପାଇଁ ବୃହତ୍ ରିହାତି ପ୍ରଦାନ ଆରମ୍ଭ କରିଛନ୍ତି । ଏହିସବୁ ପଦକ୍ଷେପ ଫଳପ୍ରସୂ ହେବା ଆରମ୍ଭ କରିଛି । ଗାଡ଼ି ପଞ୍ଜୀକରଣ ସେପ୍ଟେମ୍ବର ମାସରେ ବୃଦ୍ଧି ପାଇଛି । କାର୍ ଓ ଟ୍ରାକ୍ଟର କମ୍ପାନୀଗୁଡ଼ିକ ଗତବର୍ଷ ତୁଳନାରେ ସଂକୋଚନ ହାର ହ୍ରାସ କରିଛନ୍ତି । ଗତବର୍ଷ ବିକ୍ରି ହାର ପୂର୍ବାବସ୍ଥାକୁ ଫେରିଥିଲା । ତେବେ ସାମଗ୍ରିକ ଅର୍ଥନୀତିରେ ଉନ୍ନତି ଆଣିବାକୁ ହେଲେ ଏହାର ଆହୁରି ବୃଦ୍ଧିର ଆବଶ୍ୟକତା ରହିଛି । ଗତ ମାସରେ କର୍ପୋରେଟ୍ ଟିକସ ହ୍ରାସ କରାଯିବା ପରି ଅଭିବୃଦ୍ଧିକୁ ସ୍ଥାୟୀଭାବେ ଠିକଣା ବାଟକୁ ଆଣିବା ପାଇଁ ହେଲେ ଆହୁରି ସଂରଚନାତ୍ମକ ସଂସ୍କାର ପ୍ରୟୋଜନ ।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଅକ୍ଟୋବର ୧୯୯୪**

- ଭିଏତ୍‌ନାମର ଦକ୍ଷିଣାଞ୍ଚଳରେ ପ୍ରବଳ ବନ୍ୟା ଯୋଗୁ ୯୪ ଜଣ ପ୍ରାଣ ହରାଇଛନ୍ତି ।
- ଓଡ଼ିଶାରେ ବିଦ୍ୟୁତ୍ ବ୍ୟବସ୍ଥାର ସଂସ୍କାର ଓ ପୁନର୍ଗଠନ ପାଇଁ ବିଶ୍ୱବ୍ୟାଙ୍କ ୯୦୦ କୋଟି ଟଙ୍କା ଦେବା ନେଇ ସମ୍ମତି ।
- ଗାନ୍ଧିଜୀଙ୍କ ଚିନ୍ତାଧାରା ଓ ଆଦର୍ଶରେ କାର୍ଯ୍ୟ କରୁଥିବା ଏବଂ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଘୋଷଣା କରିଛନ୍ତି ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | | 2 | | | | | | | 7 | D | | |
| 3 | 4 | | | 1 | 8 | | | | | E | | 6 | | 5 |
| 1 | | A | | | | | 4 | | | | | | 2 | E |
| | | | | | | | 0 | | A | | B | 4 | | 9 |
| C | D | 2 | | | | 6 | 5 | 7 | | | | | | 1 |
| | 5 | 8 | | B | | | 6 | | 1 | | | | | |
| | | | | C | | 0 | | | 5 | | A | 3 | | |
| | | | | | 4 | A | | | 6 | | | | | |
| | | E | | 0 | 2 | 3 | 9 | | | D | | 5 | | |
| 0 | 1 | C | D | 8 | | | | | | | | | | 2 |
| | | 5 | 4 | | | 8 | 7 | | | | | | | |
| D | | | 1 | 3 | | | | | 0 | | | | C | 6 |
| | 3 | 0 | | | 5 | C | | | | | | | | |
| | | | | | 7 | | | | | 6 | | | | |
| B | | | | 6 | | | E | 1 | | | 8 | A | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 1 | 0 | 7 | E | 9 | 5 | C | B | 6 | 8 | D | 4 | A |
| 8 | 5 | A | C | 9 | 1 | E | D | 7 | 3 | 2 | 4 | 6 | 0 | B |
| 4 | 0 | D | B | 6 | 3 | 2 | 1 | 8 | C | 9 | A | E | 7 | 5 |
| B | E | 9 | 2 | 4 | 5 | A | 6 | 0 | D | 1 | 7 | 8 | C | 3 |
| 6 | 7 | C | A | D | 8 | 3 | 4 | B | E | 0 | 5 | 9 | 2 | 1 |
| A | 8 | 0 | E | 3 | 9 | 4 | 2 | D | 1 | C | 6 | B | 5 | 7 |
| 5 | D | 2 | 7 | C | 0 | 6 | 9 | 1 | A | 4 | B | 3 | E | 8 |
| 7 | C | B | 6 | 5 | 4 | 0 | 8 | E | 2 | 3 | 9 | 1 | A | D |
| 1 | 9 | 3 | D | B | 2 | 7 | A | 5 | 0 | 8 | E | C | 6 | 4 |
| E | 4 | 6 | 1 | 8 | A | C | B | 3 | 5 | 7 | D | 2 | 9 | 0 |
| 9 | A | 7 | 5 | 1 | D | 8 | C | 2 | 4 | E | 3 | 0 | B | 6 |
| 0 | B | 4 | 9 | 2 | 6 | 1 | 3 | A | 8 | 5 | C | 7 | D | E |
| D | 3 | 8 | 4 | E | C | B | 0 | 6 | 7 | A | 2 | 5 | 1 | 9 |
| 2 | 6 | 5 | 8 | 0 | 7 | D | E | 4 | 9 | B | 1 | A | 3 | C |
| C | 1 | E | 3 | A | B | 5 | 7 | 9 | 6 | D | 0 | 4 | 8 | 2 |

ଗତକାଲିର ଉତ୍ତର

# ଫେରୁଛି ପୁରୁଣା ଦିନ



ଉପେନ୍ଦ୍ର ବିଶ୍ୱାଳ

ସକାଳ ସ୍ନାନ ସାରି ସାଧୁ ଜଣକ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟାଞ୍ଜଳି ଦେଉଥାନ୍ତି ନଦୀର ଅଣ୍ଟାଏ ପାଣିରେ । ଛଞ୍ଚାଣର ପଞ୍ଝାରୁ ଆକାଶରୁ ଅକସ୍ମାତ୍ ଖସିଆସି ଆଞ୍ଜୁଳାରେ ପଡ଼ିଲା ମୂଷିକଟି । ଈଶ୍ୱରଙ୍କ ଇଚ୍ଛା ଭାବି ଅତୀବ ଆଗ୍ରହରେ ତାକୁ ଆଶ୍ରମକୁ ନେଇ ଆସିଲେ ସାଧୁ । ନିଜ ଶକ୍ତି ବଳରେ ମୂଷାଟିକୁ ପରିଣତ କରିଦେଲେ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀରେ ଏବଂ କନ୍ୟାସମ ପାଳିଲେ ନିଜ ଆଶ୍ରମରେ । ଉପଯୁକ୍ତ ବରପାତ୍ର ସହିତ ବିବାହ ଦେବାକୁ ମନସ୍ଥ କଲେ ଓ ସବୁଠୁ ଶକ୍ତିଶାଳୀ, ଶ୍ରେଷ୍ଠ ପୁରୁଷର ସନ୍ଧାନରେ ଲାଗି ପଡ଼ିଲେ । ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ହିଁ ଶ୍ରେଷ୍ଠ ଓ ସମୁଚିତ ପାତ୍ର ବୋଲି ଭାବି ଆବାହନ କଲେ ଭାସ୍କରଙ୍କୁ ଏବଂ ନିଜର ଇଚ୍ଛା ବ୍ୟକ୍ତ କଲେ । ମାତ୍ର ନମ୍ରତାର ସହିତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସେ କହିଲେ, ''ମୋଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି ମେଘ । ଘନ କଳାମେଘକୁ ଭେଦି ମୋ ତେଜକୁ ଧରାରେ ପହଞ୍ଚାଇବାରେ ମୁଁ ଅସମର୍ଥ ହୁଏ । ମୋ ବିଚାରରେ ମେଘ ହେଉଛନ୍ତି ମୋଠାରୁ ଅଧିକ ଶକ୍ତିଶାଳୀ ।'' ସ୍ମରଣ ମାତ୍ରେ ହିଁ ସାଧୁଙ୍କ ସମୀପେ ଉପସ୍ଥିତ ହେଲେ ମେଘଦେବତା । ସାଧୁଙ୍କଠାରୁ ସବୁ ଶୁଣି ସେ ମଧ୍ୟ ନିଜର ଅସହାୟତା ପ୍ରକାଶ କଲେ । ତାଙ୍କଠୁ ବି ଅଧିକ ବଳବାନ୍ ହେଉଛନ୍ତି ପବନଦେବ । କାରଣ ପବନର ପ୍ରଚଣ୍ଡ ପ୍ରବାହରେ ବାଦଲ ବି ଖିନ୍‌ଭିନ୍ ହୁଏ, ଛତ୍ରଭଙ୍ଗ ଦିଏ । ପବନ ତାକୁ ଘୋଷାରି ନିଏ ଏମୁଣ୍ଡରୁ ସେମୁଣ୍ଡ । ଏଣୁ ପବନଦେବ ହେଉଛନ୍ତି ଏ ସୁନ୍ଦରୀ କନ୍ୟା ପାଇଁ ଉପଯୁକ୍ତ ପାତ୍ର ।

ତା'ପରେ ସାଧୁଙ୍କ ସନ୍ଦେଶ ପାଇ ପହଞ୍ଚିଲେ ପବନଦେବ । ନିଜର ଅଭିଳାଷ ବ୍ୟକ୍ତ କରିବାରୁ ସେ ମଧ୍ୟ ନିରାଶ କଲେ ଋଷିବରଙ୍କୁ । ତାଙ୍କ ବିଚାରରେ ଅଧିକ ସମର୍ଥ ଓ ଶକ୍ତିଶାଳୀ ଅଟନ୍ତି ଅଚଳ ପର୍ବତରାଜ । କାରଣ ପର୍ବତକୁ ପଛକୁ ଠେଲି ପବନ ଆଗକୁ ପ୍ରବାହିତ ହୋଇପାରେନା ବରଂ ପାହାଡ଼ଠାରୁ ବାଧା ପାଇ ପଛେଇ ଆସିବାକୁ ବାଧ୍ୟ ହୁଏ । ଏଣୁ ସୁନ୍ଦରୀ ଋଷିକନ୍ୟାଙ୍କ ପାଇଁ ପର୍ବତରାଜ ହେଉଛନ୍ତି ସମୁଚିତ ପାତ୍ର । ଏହାପରେ ସାଧୁଙ୍କ ପ୍ରସ୍ତାବକୁ ମଧ୍ୟ ସହଜରେ ଗ୍ରହଣ କରିପାରି ନ ଥିଲେ ପର୍ବତରାଜ । କହିଥିଲେ ''ମୋଠାରୁ ବଳଶାଳୀ ଅଛନ୍ତି ଆଉ ଜଣେ, ଯିଏ ମୋର କ୍ଷତି କରିଥାନ୍ତି । ମୋ ଦେହକୁ ଖୋଳି ତାଡ଼ି କ୍ଷତାକ୍ତ କରିଥାନ୍ତି । ମୁଁ ତାଙ୍କୁ ତଡ଼ି ପାରେନା କି ତାଙ୍କର କିଛି ବି କରିପାରେନା । ମୂଷିକ ନିକଟରେ ମୁଁ ଏକ ପ୍ରକାର ଅସହାୟ ଅନୁଭବ କରେ ।'' ଋଷିଙ୍କଠାରୁ ସବୁ ଶୁଣି ସାରିବା ପରେ ନିଜର ସମ୍ମତି ପ୍ରକାଶ କଲେ ମୂଷିକରାଜ । ମାତ୍ର ଜନ୍ତୁଟିଏ ହୋଇ ଯୁବତୀକୁ ସେ ବା କିପରି ବିବାହ କରିପାରିବେ ବୋଲି କହିବାରୁ, ଋଷି ବାଧ୍ୟ ହେଲେ କନ୍ୟାଟିକୁ ପୁଣି ମୂଷିକରେ ପରିଣତ କରିବାକୁ ।

ଅନ୍ୟ ଏକ କାହାଣୀ ଅନୁଯାୟୀ ଆଶ୍ରମରେ ତପସ୍ୟାରତ ସାଧୁଙ୍କ କୋଳରେ ମୂଷାଟିଏ ଖସିପଡ଼ିଛି କାଉର ଥଣ୍ଟରୁ । ଋଷି ପର୍ଯ୍ୟାୟକ୍ରମେ ତାକୁ ବିଲେଇ, କୁକୁର, ଶେଷରେ ବ୍ୟାଘ୍ରର ରୂପ ଦେଇଛନ୍ତି । ମାତ୍ର ବାଘଟି ଯେବେ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଛି, ଋଷି ତାକୁ ତା'ର ପୂର୍ବାବସ୍ଥା ମୂଷିକରେ ପରିଣତ କରି ଦେଇଛନ୍ତି । ଆମର ଅବସ୍ଥା ଆଜି ତଦ୍ରୂପ, ପୁନର୍ମୂଷିକ ହେଲାପରି ।

ଅଙ୍ଗୁଳିର ଟିପ ଦିନେ ବଳିଷ୍ଠ ଭୂମିକା ନିର୍ବାହ କରୁଥିଲା ଆମ ଅତୀତ ଜୀବନରେ । ଟିପଚିହ୍ନ ଥିଲା ପରସ୍ପର ପ୍ରତି ବିଶ୍ୱାସର ପ୍ରତୀକ । ସମୟର ସ୍ରୋତରେ ଉନ୍ନତ ସୋପାନକୁ ଉଠିବାର ସ୍ୱପ୍ନରେ ଆମେ ବିଭୋର ହେଲୁ । ହେଲୁ ସାର୍ଟିଫିକେଟଧାରୀ ଉଚ୍ଚଶିକ୍ଷିତ ଓ ସଭ୍ୟ । ଏଣୁ ଟିପ ହେଲା ଅଲୋଡ଼ା । ଟିପପ୍ରେମୀ, ଟିପକାରୀମାନେ ଆମ ନଜରରେ ପରିଗଣିତ ହେଲେ ଅଶିକ୍ଷିତ, ମୂର୍ଖ । ଶିକ୍ଷିତ ଓ ସଭ୍ୟ ଦୁନିଆରେ ଟିପବାଲା ବିଦ୍ରୂପର ହେଲେ ଶିକାର । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଆଜିର ଦିନରେ ମଣିଷ ଟିପର ସାହାରା ନେବାକୁ ବାଧ ହେଉଛି । ଅତୀବ ଆଗ୍ରହର ସହିତ ଆପଣାଇ ଚାଲିଛି ଅଙ୍ଗୁଳି ଛାପ ବ୍ୟବସ୍ଥାକୁ । ଅନ୍ୟମାନଙ୍କଠାରୁ ଠକାମିର ଶିକାର ଯେମିତି ନ ହେବୁ, ସେଥିପାଇଁ ଟିପଠୁ ଦୂରେଇ ରହିବାକୁ ଯତ୍ନବାନ ହେଲୁ । ମାତ୍ର ସେଇ ଟିପ ଘଟଣାଚକ୍ରରେ ଆମ ପରି ସଭ୍ୟ, ଶିକ୍ଷିତମାନଙ୍କ ପିଠିରେ ଶଠ, ପ୍ରବଞ୍ଚକର ମୋହର ମାରି ଆମକୁ ନିର୍ଦ୍ଦେଶ ଦେବାକୁ ବାଧ୍ୟ କରୁଛି । ଆମ ଉପସ୍ଥାନର ଓ କର୍ତ୍ତବ୍ୟର ପ୍ରମାଣପତ୍ର ଆଜି ଅଙ୍ଗୁଳି ଛାପ, କଲେଜଠାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ । ଅଙ୍ଗୁଳି ଛାପ ବିନା ଜମି–ବାଡ଼ି, କ୍ରୟ–ବିକ୍ରୟ ଅସମ୍ଭବ । ଏ ଟିପ ଆଜି ଆମ ଦୈନନ୍ଦିନ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ମୋବାଇଲରେ ଟିପ ନ ଗଡ଼େଇଲେ ଆମ ଜୀବନ ଖୁବ୍ ଦୁର୍ବିଷହ । ଟିପର ବିନା ସାହାଯ୍ୟରେ କମ୍ପ୍ୟୁଟର ଓ ଲାପ୍‌ଟପ୍ ବି ନିଷ୍ପ୍ରାଣ ଓ ନିସ୍ତେଜ । ଚନ୍ଦ୍ରୟାନ–୨ ନିୟନ୍ତ୍ରଣର ଭାର ଥିଲା ଟିପ ଉପରେ । 'ଗୁଗୁଲ' ଯିଏ ଆଜି ଆମ ଗୁରୁମାନଙ୍କର ଗୁରୁ ସାଜିଛି ସିଏ ମଧ୍ୟ ଟିପ ବିନା ନିଷ୍କ୍ରିୟ । ବିଶ୍ୱବ୍ରହ୍ମାଣ୍ଡର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ସମସ୍ତେ ଆଜି ଏହିପରି ଟିପର ସାହାରା ନେଇ ଆଗକୁ ବଢୁଛନ୍ତି । କହିବାକୁ ଗଲେ ଏହି ଟିପ ହିଁ ଆଜି ଆମ ଜୀବନ–ଜୀବିକାର ନିୟନ୍ତ୍ରକ ।

ମାଟିହାଣ୍ଡି ପଖାଳ, କାଞ୍ଜିପାଣି ଦିନେ ଥିଲା ଗରିବୀର ପରିଚୟପତ୍ର । ତଥାକଥିତ ଉନ୍ନତରୁ ଉନ୍ନତତର ଜୀବନଶୈଳୀ ଆପଣାଇବାକୁ ଯାଇ ପଖାଳକୁ ଆମେ ପାସୋରି ଦେଲୁ, ମାଟିହାଣ୍ଡିକୁ ମଶାଣିମୁହାଁ କଲୁ । ମାଟିହାଣ୍ଡି କିନ୍ତୁ ଆଜି ପାଲଟିଲାଣି ମଙ୍ଗଳ ଓ ମର୍ଯ୍ୟାଦାର ମୋହର । ପଥପ୍ରାନ୍ତରୁ ପଞ୍ଚତାରକା ହୋଟେଲ ପର୍ଯ୍ୟନ୍ତ ମାଟିହାଣ୍ଡି ମଟନ୍‌ର ବିଜ୍ଞାପନ । ମାଟିହାଣ୍ଡିରେ ତିଆରି ଅନ୍ନବ୍ୟଞ୍ଜନ ପାଲଟିଲାଣି ସମ୍ଭ୍ରାନ୍ତଙ୍କର ସବୁଠୁ ପସନ୍ଦର ସାମଗ୍ରୀ । ବାଘ ଭୟରେ ଋଷି ମୂଷିକକୁ ଆପଣାଇଲା ପରି ବହୁମାତ୍ରାରେ ବ୍ୟାପୁଥିବା ବ୍ୟାଧିରେ ବ୍ୟତିବ୍ୟସ୍ତ ହୋଇ ଲୋକେ ଆଜି ଲୋଡ଼ିଲେଣି ମାଟିହାଣ୍ଡିକୁ । କାରଣ ମାଟିହାଣ୍ଡିରେ ତିଆରି ଜିନିଷର ପୋଷକତତ୍ତ୍ୱ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ରହେ ବୋଲି ଆଜିର ବିଜ୍ଞାନ ମଧ୍ୟ ଘୋଷଣା କରିସାରିଛି, ଯାହାକି ଷ୍ଟିଲ୍ ବା ଆଲୁମିନିୟମରେ ନଷ୍ଟ ହୋଇ ଯାଇଥାଏ । ପ୍ରେସର୍ କୁକରରେ ତ ଶତକଡ଼ା ୯୦ଭାଗରୁ ଅଧିକ ପୋଷକତତ୍ତ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ । ମଣିଷର ଦେହକୁ ଏକ ଘଟ ବା ମାଟିପାତ୍ର ମନେ କରାଯାଏ । ସେଥିପାଇଁ ତ କୁହାଯାଏ ଯାହା ଅଛି ଏ ବ୍ରହ୍ମାଣ୍ଡେ, ତା' ଅଛି ନିଜ ଭାଣ୍ଡେ ।

ଜଗତ ଯେମିତି ପଞ୍ଚଭୂତରେ ଗଠିତ, ଠିକ୍ ସେମିତି ଆମ ଦେହ ବି କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମରେ ତିଆରି । ମାଟି ଯେପରି ପାଞ୍ଚଟି ରାସାୟନିକ ଉପାଦାନ କ୍ୟାଲସିୟମ, ଫସ୍‌ଫରସ୍, ଜିଙ୍କ, ଆଇରନ, ସଲଫରର ସମାହାର ସେମିତି ଆମ ଶରୀର ମଧ୍ୟ, ଯାହାକି ଦାହ ପରେ ଆମ ଦେହାବଶେଷର ପରୀକ୍ଷାରୁ ଜଣାପଡ଼େ । ଦୀର୍ଘ ଓ ନିରାମୟ ଜୀବନ ପାଇଁ ଏ ପାଞ୍ଚୋଟି ଉପାଦାନ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ । ଏଣୁ ଆମ ଶରୀରଟି ମାଟି ସହିତ ନିବିଡ଼ ଭାବେ ସମ୍ବନ୍ଧିତ । ବିଜ୍ଞାନସିଦ୍ଧ ଯୋଗୁ ଅଦ୍ୟାବଧି ଆମ ମନ୍ଦିରମାନଙ୍କରେ ମାଟିହାଣ୍ଡିର ଉପଯୋଗ ହୋଇ ଚାଲିଛି । ରାଜଧାନୀର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଘରେ ମାଟିର ହାଣ୍ଡି, ଡାଳ ଓ ସୁରେଇର ଉପଯୋଗ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଆଜି ବି ଗ୍ରାମାଞ୍ଚଳରେ ଗରିବ ଆଦିବାସୀ ପରିବାରରେ ମାଟିହାଣ୍ଡିର ବହୁଳ ବ୍ୟବହାର ଦୃଶ୍ୟମାନ ହୁଏ, ଯେଉଁଥିପାଇଁ କି ସହରୀ ଓ ସୌଖୀନଜନଙ୍କ ବ୍ୟାଧି ରୂପେ ପରିଗଣିତ ବହୁମୂତ୍ର ଭଳି ରୋଗ ଏମାନଙ୍କୁ ଛୁଇଁ ପାରେନା । ତୋରାଣି ତିଆରି କାଞ୍ଜି ଆଜି ଆମେରିକା, ୟୁରୋପୀୟମାନଙ୍କ ପାଇଁ ପଥି ସମ ପସନ୍ଦ ପାଲଟି ଗଲାଣି । କାଞ୍ଜି ସେମାନଙ୍କ ଗବେଷଣାର ବିଷୟ ସାଜିଛି । ପଖାଳ ଆଜି ଗରିବୀର ପରିଚୟ ହୋଇ ରହିନାହିଁ । ପଖାଳ ଆଦର ପାଉଛି ବଡ଼ ବଡ଼ ଧନିକ ପରିବାରରେ । ସେମାନଙ୍କ ବାହାଘର ଭୋଜିର ସୁଖକର ଖାଦ୍ୟର ସାଧନ ସାଜୁଛି । ଗ୍ରୀଷ୍ମ ଦିନରେ ଭାରତର ବଡ଼ ବଡ଼ ହୋଟେଲରେ ପଖାଳର ଚାହିଦା କାହିଁରେ କେତେ ।

ଆନନ୍ଦର ବିଷୟ ଯେ ଢିଙ୍କିର ଯୁଗକୁ ବି ଆମେ ଫେରି ଆସିଲୁଣି । ମାଟି ହାଣ୍ଡିର ମହତ୍ତ୍ୱକୁ ଉପଲବ୍ଧି କରି ସାରିଲା ପରେ ରୋଗବ୍ୟାଧିରେ ସନ୍ତାପିତ ମଣିଷ ଢିଙ୍କିର ଆବଶ୍ୟକତାକୁ ବି ମର୍ମେ ମର୍ମେ ଅନୁଭବ କଲାଣି । ସ୍ୱୟଂଚାଳିତ ଢିଙ୍କି ଉଦ୍ଭାବନ କରି ତାହାର ଉପଯୋଗ ମଧ୍ୟ ଆରମ୍ଭ କଲାଣି । ସେମିତି ଶୂନଗାଡ଼ି (ସାଇକେଲ)କୁ ସମାଧି ଦେଇ ମୋଟରଗାଡ଼ିକୁ ଗୁରୁତ୍ୱ ଦେଇଥିବା ମଣିଷ ଆଜି ପୁଣି ପରିସ୍ଥିତି ଚାପରେ ସେଇ ସାଇକେଲକୁ ସାଥୀ କଲାଣି । ୟୁରୋପ ଜଗତରେ ତ ସାଇକେଲର ଆଦର ଖୁବ୍ ବେଶି । ଏହିପରି ବିଭିନ୍ନ ଦିଗକୁ ଦୃଷ୍ଟିପାତ କଲେ ଆମେ ବେଶ୍ ଅନୁଭବ କରିପାରିବା ଯେ ଆମେ ପୁଣି ଆମର ସେଇ ପୁରୁଣା ଦିନକୁ ଧୀରେ ଧୀରେ ଫେରି ଆସୁଛୁ ପୁନର୍ମୂଷିକ ହେଲାପରି । ଚାକଚକ୍ୟ ଭରା ଆଧୁନିକ ଜୀବନଶୈଳୀ ବାଘ ସମ ଆମ ପାଇଁ ବିପଦର କାରଣ ସାଜିଥିବାରୁ ଧୀରେ ଧୀରେ ବଢ଼ି ବଢ଼ି ଚାଲିଛି ଅତୀତର ଆଦର । ଆସନ୍ତୁ ସାଉଁଟି ଚାଲିବା ଆମର ସେହି ମହାର୍ଘ ଅତୀତକୁ ।

ଗୋଡ଼ିଶୂଳ, ନୀଳଗିରି, ବାଲେଶ୍ୱର,
ମୋ – ୯୪୩୭୪୩୭୦୭୩

# ବନାଗ୍ନି ଓ ଓଡ଼ିଶା



ଅକ୍ଷୟ କୁମାର ସାହୁ

ନିକଟରେ ଆମେରିକାର ନ୍ୟୁୟର୍କ ସହରରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ କାର୍ଯ୍ୟକ୍ରମ ଶୀର୍ଷ ବୈଠକ ବା ୟୁନାଇଟେଡ୍ ନେଶନ୍ସ କ୍ଲାଇମେଟ୍ ଆକ୍ସନ ସମିଟ୍‌ରେ ବିଶ୍ୱରେ ତାପମାତ୍ରା ବୃଦ୍ଧି ଓ ତଜ୍ଜନିତ ପରିବେଶ ଅସନ୍ତୁଳନ ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଶ୍ୱକୁ କିପରି ଏହି ମାନବକୃତ ଦୁର୍ବିପାକରୁ ସୁରକ୍ଷା ଦେଇହେବ, ସେ ନେଇ ଭାରତର ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶ୍ୱସ୍ତରୀୟ ନେତା ନିଜର ବକ୍ତବ୍ୟ ରଖିଥିଲେ ।

ବୈଠକରେ ବିଶ୍ୱତାପନ ବୃଦ୍ଧିର ଅନେକ କାରଣ ଉପରେ ଆଲୋଚନା କରାଯାଇଥିଲା । ଗାଡ଼ିମୋଟର ଓ କଳକାରଖାନାରୁ ନିର୍ଗତ ବିଷାକ୍ତ ସବୁଜ ଗୃହ ଗ୍ୟାସ୍ କିପରି ପରିବେଶକୁ କ୍ଷତି ପହଞ୍ଚାଉଛି, ସେ ନେଇ ବିଶ୍ୱନେତୃବୃନ୍ଦ ଆଲୋକପାତ କରିଥିଲେ । ଆଲୋଚନା ସମୟରେ ଅନେକ ବକ୍ତା ସବୁଜଗୃହ ଗ୍ୟାସ୍ ବ୍ୟତୀତ ଜଙ୍ଗଲ ନିଆଁ ବିଶ୍ୱତାପନର ଅନ୍ୟତମ କାରଣ ଭାବେ ଅବତାରଣା କରିଥିଲେ ।

ଅନେକ ନେତା ନିଜ ବକ୍ତବ୍ୟ ରଖିବା ବେଳେ ଦକ୍ଷିଣ ଆମେରିକା ମହାଦେଶରେ ଅବସ୍ଥିତ ବ୍ରାଜିଲ୍‌ରେ ଥିବା ଆମାଜନ ଜଙ୍ଗଲରେ ଗତ କିଛିଦିନ ହେଲା ଯେଉଁ ସର୍ବଗ୍ରାସୀ ନିଆଁ ଜଳୁଛି, ସେ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ପ୍ରାୟ ୮୮ ହଜାର ଛୋଟବଡ଼ ନିଆଁ ଲାଗି ଏହି ଜଙ୍ଗଲ ଜଳିପୋଡି ପାଉଁଶ ହେବାରେ ଲାଗିଛି । ସେହି ବ୍ରାଜିଲ୍‌ରେ ଚେରାଡୋ ବୋଲି ଆଉ ଏକ ବନମଣ୍ଡଳ ରହିଛି । ସେଠି ମଧ୍ୟ ସେପ୍ଟେମ୍ବରରେ ଛୋଟବଡ଼ ୮ ହଜାର ବନାଗ୍ନି ଘଟଣା ଘଟିଥିବା ବ୍ରାଜିଲ୍‌ର ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ରିସର୍ଚ୍ଚ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଆମାଜନ ଜଙ୍ଗଲ ଜୈବବିବିଧତାରେ ବେଶ୍ ଭରପୂର । ଏଠାରେ ବିଶ୍ୱର ସମୁଦାୟ ବର୍ଷାଜନିତ ମଧୁର ଜଳର ଏକପଞ୍ଚମାଂଶ ମିଳିଥାଏ । ବିଶ୍ୱ ଯଦି ଏକ ଶରୀର ହୁଏ, ଆମାଜନ ଜଙ୍ଗଲକୁ ତାହାର ଅମ୍ଳଜାନ ଯୋଗାଉଥିବା 'ଫୁସ୍‌ଫୁସ୍' କୁହାଯାଏ । ଆମାଜନ ନିଆଁର ପ୍ରଭାବ ନେଇ ବିଶ୍ୱସ୍ତରରେ ବେଶ୍ ଉଦ୍‌ବେଗ ପ୍ରକାଶ ପାଇଛି । କାରଣ ବିଶ୍ୱର ମୋଟ ଜଙ୍ଗଲ ପରିମାଣର ୨୦ ପ୍ରତିଶତ ଆମାଜନ ଅବବାହିକାରେ ହିଁ ରହିଛି । ଏହାଛଡ଼ା ବିଶ୍ୱର ସମଗ୍ର ଭୂଭାଗର ୪ ଭାଗ ଏହି ଅଞ୍ଚଳରେ ରହିଛି ।

ଜୀବଜନ୍ତୁଙ୍କ ବଞ୍ଚିବା ଶୈଳୀ ଉପରେ ଜଙ୍ଗଲର ଗଭୀର ପ୍ରଭାବ ରହିଛି । ଜଙ୍ଗଲ କ୍ଷୟ ହେଲେ ଅମ୍ଳଜାନ ପରିମାଣ ହ୍ରାସ ଘଟିବ । ଋତୁଚକ୍ରରେ ଅସନ୍ତୁଳନ ଦେଖାଯିବ । ବର୍ଷା, ଖରା ଓ ଶୀତ ପରିମାଣରେ ଭୟଙ୍କର ପାର୍ଥକ୍ୟ ଅନୁଭୂତ ହେବ । ଏହାଦ୍ୱାରା ଫସଲ ଅମଳରେ ତାରତମ୍ୟ ଦେଖାଯିବ ଏବଂ ବିଶ୍ୱର ଖାଦ୍ୟ ସୁରକ୍ଷା ବିପଦଗ୍ରସ୍ତ ହେବ । କେବଳ ସେତିକି ନୁହେଁ, ମଣିଷ ଓ ଜୀବଜନ୍ତୁ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେବେ । ପ୍ରାଣୀଜଗତର ପ୍ରଜନନ ପ୍ରକ୍ରିୟା ମଧ୍ୟ ନକାରାତ୍ମକ ଭାବରେ ପ୍ରଭାବିତ ହେବ ।

ଗବେଷକମାନଙ୍କ ମତରେ ଆମାଜନର ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ମଣିଷକୃତ । ସେଠାକାର ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ପରୋକ୍ଷ ସାହାଯ୍ୟରେ ଜଙ୍ଗଲ ନିକଟରେ ଥିବା ସ୍ଥାନୀୟ ଲୋକମାନେ ନିଆଁ ଲଗାଉଛନ୍ତି । ନିଆଁ ଲଗାଇବାର କାରଣ ହେଲା ଅଧିକରୁ ଅଧିକ ଚାଷଜମି ଓ ଗୋଚାରଣ ଭୂମି ସୃଷ୍ଟି କରିବା ।

ରାଷ୍ଟ୍ରପତି ବୋଲସୋନାରୋଙ୍କ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସମେତ ଗ୍ରୁପ୍–୭ର ଅନ୍ୟାନ୍ୟ ସଦସ୍ୟ ରାଷ୍ଟ୍ର ଯଥା ଜର୍ମାନୀ, କାନାଡ଼ା, ଜାପାନ, ଇଂଲଣ୍ଡ ଓ ଇଟାଲି ଚାପ ପକାଇବାରୁ ସେ ତାଙ୍କର ଅନିଚ୍ଛା ସତ୍ତ୍ୱେ ଅଗଷ୍ଟ ୨୪ରୁ ୪୪ହଜାରରୁ ଊର୍ଦ୍ଧ୍ୱ ସାମରିକ କର୍ମଚାରୀଙ୍କୁ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ କରିଛନ୍ତି ।

ଆଜି ସିନା ବ୍ରାଜିଲରେ ଆମାଜନ ଜଙ୍ଗଲ ଜଳୁଛି, କିନ୍ତୁ ଆମ ଭାରତରେ ପ୍ରାୟତଃ ପ୍ରତିବର୍ଷ ଶୀତ ଓ ଗ୍ରୀଷ୍ମ ଋତୁରେ ଅନେକ ଜଙ୍ଗଲ ଆମାଜନ ଭଳି ଦୁର୍ଭାଗ୍ୟର ସାମ୍ନା କରି ଜଳିପୋଡ଼ି ପାଉଁଶ ହୋଇଯାଆନ୍ତି । ପାହାଡ଼ ଉପରେ ଥିବା ଜଙ୍ଗଲ ଓ ସମତଳ ଜଙ୍ଗଲରେ ମଣିଷକୃତ ନିଆଁ ବିକଟାଳ ଆଁ କରି ଗିଳିପକାଏ ଅନେକ ବୃକ୍ଷଲତା ଓ ବିରଳ ଜୀବଜନ୍ତୁଙ୍କୁ । ସାଧାରଣ ସଚେତନ ନାଗରିକର ମନ ଦୋହଲିଯାଏ, ଟହଲିଯାଏ ବିବେକ । ଆମ ଓଡ଼ିଶାରେ ମଧ୍ୟ ପ୍ରତ୍ୟେକ ଶୀତ ଓ ଗ୍ରୀଷ୍ମଋତୁରେ ହଜାର ହଜାର ଏକର ଜଙ୍ଗଲ ଜଳିଯାଉଛି । ପ୍ରଶ୍ନ ଉଠୁଛି, ଏହି ମାନବକୃତ ଦୁର୍ବିପାକର କ'ଣ ସ୍ଥାୟୀ ପ୍ରତିକାର ନାହିଁ? ସରକାର ବା ଜଙ୍ଗଲ ବିଭାଗ କ'ଣ ଯଥୋଚିତ ପଦକ୍ଷେପ ନେଉଛନ୍ତି ?

୨୦୧୮ ନଭେମ୍ବର ପହିଲାରୁ ୨୦୧୯ ମାର୍ଚ୍ଚ ୩୧ସୁଦ୍ଧା ଓଡ଼ିଶାରେ ୫,୩୩୨ଟି ଜଙ୍ଗଲ ନିଆଁ ଘଟଣା ରେକର୍ଡ କରାଯାଇଥିଲା । ତା'ର ପରବର୍ତ୍ତୀ ସଂଖ୍ୟା ଯଦି ହିସାବକୁ ନିଆଯିବ, ତା'ହେଲେ ଏହି ସଂଖ୍ୟା ଢେର ଅଧିକ ହେବ । ଗତ ମାର୍ଚ୍ଚରେ ସର୍ବାଧିକ ୪,୯୯୫ଟି ଜଙ୍ଗଲ ନିଆଁ ଘଟଣା ସାମ୍ନାକୁ ଆସିଥିଲା ।

ଓଡ଼ିଶାରେ ଜଙ୍ଗଲ କ୍ଷୟର ପ୍ରଭାବ ବିଶେଷ ଅନୁଭୂତ ହେଉଛି । ଅତୀତରେ ଯେଉଁସବୁ ପାହାଡ଼ ସବୁଜିମାଭରା ଥିଲା, ସେଗୁଡ଼ିକ ଏବେ ଲଣ୍ଡା ପଥରଗଦାରେ ପରିଣତ ହୋଇଛି । ଅନେକ ସମତଳଭୂମି ଜଙ୍ଗଲ ମରୁଭୂମି ପାଲଟିଯାଇଛନ୍ତି । ଜଙ୍ଗଲ କ୍ଷୟ ଅନେକ ନଦୀ ଓ ଝରଣାର ମୃତ୍ୟୁର କାରଣ ପାଲଟିଛି । କେବଳ ସେତିକି ନୁହେଁ, ଅନେକ ବିରଳ ପ୍ରଜାତିର ଜନ୍ତୁ, ସରୀସୃପ, ଗଛ ଉପରେ ଓ ମାଟି କୋରଡ଼ରେ ରହୁଥିବା ପକ୍ଷୀ, କୀଟ ଓ ପତଙ୍ଗ ଆଜି ବିଲୁପ୍ତପ୍ରାୟ । ଜଙ୍ଗଲରୁ ମିଳୁଥିବା ଫୁଲଫଳ, ଔଷଧୀୟ ଚେରମୂଳି ଇତ୍ୟାଦି କମି କମି ଆସୁଛି ।

ଆମ ରାଜ୍ୟର ଜଙ୍ଗଲ ସମ୍ପଦକୁ ଆମାଜନ ଭଳି ଦୁର୍ଭାଗ୍ୟରୁ ବଞ୍ଚାଇବାକୁ ପଡ଼ିବ । ସରକାର ଓ ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହିତ ଜଙ୍ଗଲ ନିଆଁକୁ କିପରି ରୋକିହେବ ସେ ନେଇ ଉଦ୍ୟମ କରିବା ଓ ସଚେତନତାର ବାର୍ତ୍ତା ପ୍ରଚାର କରିବା ଦରକାର ।

ଫ୍ଲାଟ୍ ନଂ. ୪୦୨, ବ୍ଲକ୍ – ଏ, ଆପୋଲୋ
ଆସିୟାନା ଆପାର୍ଟମେଣ୍ଟ, ପଳାଶୁଣି,
ଭୁବନେଶ୍ୱର, ମୋ– ୯୪୩୯୧୭୬୮୩୬

## ଏଇ ଭାରତରେ

ଦେଶର ଅନେକ ଅଞ୍ଚଳ ବର୍ଷାରେ ତ୍ରାହି ତ୍ରାହି ଡାକୁଛି, ହେଲେ ବିଦର୍ଭରେ ବର୍ଷା ପାଇଁ ଲୋକମାନେ ଆପଣାଉଛନ୍ତି ଅଜବ ପରମ୍ପରା । ମହାରାଷ୍ଟ୍ରର ଏହି ଅଞ୍ଚଳରେ ଥିବା ଚନ୍ଦ୍ରପୁର ଓ ଗାଡଚିରୋଲି ଜିଲାରେ ରହୁଥିବା କୁନ୍‌ବିସ୍ ବା କ୍ଷୁଦ୍ରଚାଷୀ ବର୍ଗର ଲୋକମାନେ ବର୍ଷା ଲାଗି ଅନ୍ଧବିଶ୍ୱାସର ସାହାରା ନେଉଛନ୍ତି । ବର୍ଷସାରା ଏମିତିକି ବର୍ଷାଦିନେ ବି ଏହି ଦୁଇ ଜିଲା ଶୁଖିଲା ରହେ । ଏଣୁ ବର୍ଷା ପାଇଁ ଜ୍ୟେଷ୍ଠମାସ (ଜୁନ–ଜୁଲାଇ)ରେ ଜନ୍ମିତ ଜଣେ ବ୍ୟକ୍ତିଙ୍କୁ ସାରୁପତ୍ରରେ ବର୍ଷା ଜଳ ସଂଗ୍ରହ କରିବାକୁ କୁହାଯାଏ । ସେହି ବ୍ୟକ୍ତି ଏହା କରିବା ପରେ ତାହାକୁ ଏକ ସୂତାରେ ବାନ୍ଧି ଛପରଘରେ ଝୁଲାଇ ଦିଅନ୍ତି । ବହୁ ସମୟରେ ଗ୍ରାମବାସୀ ପ୍ୟାଣ୍ଟଶାର୍ଟ ପିନ୍ଧି ନ ଥିବା ଜଣେ ପିଲାକୁ ମଧ୍ୟ ସାରୁପତ୍ରରେ ବର୍ଷାପାଣି ସଂଗ୍ରହ କରିବା ପାଇଁ କହିଥାନ୍ତି । ପିଲାଟି ବର୍ଷାପାଣି ସଂଗ୍ରହ କରିବା ପରେ ତାକୁ ଭଲଭାବରେ ବାନ୍ଧି ମଧ୍ୟ ଛପର ଘରେ ଝୁଲାଇ ଦିଆଯାଏ । ଆଉ ମଧ୍ୟ ସେହି ପିଲାଙ୍କୁ ଏକ ପାତ୍ରରେ ଜଳନ୍ତା କୋଇଲା ନେଇ ଆକାଶକୁ ଫିଙ୍ଗିବାକୁ କୁହାଯାଏ । ପିଲାମାନେ ଏପରି କରିବା ଦ୍ୱାରା ବର୍ଷା ହୁଏ ବୋଲି କୁନ୍‌ବିସ୍‌ମାନଙ୍କର ବିଶ୍ୱାସ ରହିଛି । କେବଳ ଏତିକି ନୁହେଁ ସେମାନେ ବର୍ଷା ପାଇଁ ଆଉ ଏକ ପର୍ବ ପାଳନ କରନ୍ତି । ଏହି ଦିନ ସେମାନେ ଏକ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ କରି ଖାଆନ୍ତି । 'ମେଘ ମିଠା' କୁହାଯାଉଥିବା ଏହି ମିଠାକୁ ଖାଇଲେ ଭଲ ବର୍ଷା ହେବ ବୋଲି ସେମାନେ ବିଶ୍ୱାସ କରନ୍ତି ।

## ଚିରନ୍ତନୀ

ଭୁଲିବାକୁ ମୋତେ କରିଥିଲୁ ଅଭିଳାଷ
ଲୋଡ଼ିଥିଲୁ କେତେ ଅଖଣ୍ଡ ଅବକାଶ,
ଛାଡ଼ି ଏ ଧରଣୀ ଆକାଶ ବିହାର ଲାଗି
ସ୍ୱପନ ମଦିରା ପାନେ ହେଲୁ ଅନୁରାଗୀ ।
ଘେନି ଆଜି ସେହି ନିଦାରୁଣ ପରିଚୟ,
ସମ୍ମୁଖେ ମୁହିଁ ଉଭା ତୋର ଚିର ଭୟ !
ମୁହିଁ ସେ ଜୀବନ, ମୁହିଁ ତୋର ମହା–ଶୋକ
ଘେନି ପରିଚୟ ହେ ଭୀରୁ ହେ ପଳାତକ ।
ପାଶେ ଆସି ତା'ର ବଢ଼ାଇଲି ଧୀରେ କର
ଆଶ୍ଳେଷ ମମ ଯାଚିଲି ନିବିଡ଼ତର ।

(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧନ୍ୟ 'କାଳିଆ'

ମହାଶୟ,

ସାଧାରଣ ନିର୍ବାଚନ–୨୦୧୯ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଦେଲେ ଯେ, ରାଜ୍ୟର ସମସ୍ତ ଚାଷୀ କାଳିଆ ଯୋଜନାରେ ଉପକୃତ ହେବେ । କେଉଁ ଚାଷୀ ଏହି ଯୋଜନାରେ ଉପକୃତ ହେବେ ତା'ର କୌଣସି ମାନଦଣ୍ଡ ରଖାଗଲା ନାହିଁ । ଫଳରେ ଯେତେ ଚାଷୀ ଆବେଦନ କଲେ ଊଣା ଅଧିକେ ପ୍ରାୟ ସମସ୍ତେ ପାଇଲେ । ଏବେ ସରକାର ଅଯୋଗ୍ୟ ହିତାଧିକାରୀ ବାଛୁଛନ୍ତି । କିଏ ଯୋଗ୍ୟ, କିଏ ଅଯୋଗ୍ୟ ଏବେ ଯଦି ଜଣାପଡ଼ିଲା, ସେତେବେଳେ ଜଣାପଡ଼ିଲା ନାହିଁ କାହିଁକି ? ବର୍ତ୍ତମାନ ଯେଉଁ ଆଧାରରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ବାହାର କରାଗଲା ସେତେବେଳେ ମଧ୍ୟ ବାହାର କରାଯାଇପାରିଥାନ୍ତା । କିନ୍ତୁ ସେତେବେଳେ ନିର୍ବାଚନ ଥିବାରୁ ତାହା କରା ନ ଯାଇ ନିଜ ସ୍ୱାର୍ଥ ସାଧନ ପାଇଁ ତରବରରେ ସମସ୍ତ ଚାଷୀଙ୍କୁ ପୁଳାଏ ପୁଳାଏ ଦେଇ ଦିଆଗଲା । ସ୍ୱାର୍ଥ ସାଧନ ହୋଇଗଲା ପରେ ଏବେ ସରକାର କହୁଛନ୍ତି, ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ଅଣାଯିବ । ଧନ୍ୟ 'କାଳିଆ' ! ତୁ ଥିଲେ ବୁଝିବୁ ।

ସତ୍ୟବାଦୀ ନାଏକ, ସଦାଇପାଲି, ପଲ୍ଲିଶ୍ରୀ ବିହାର, ଚନ୍ଦନଭାଟି, ବଲାଙ୍ଗୀର

### ତାଳଚେରରେ ପ୍ରାଣୀ ଉଦ୍ୟାନ ପ୍ରତିଷ୍ଠା ହେଉ

ତାଳଚେର ରାଜା ଗଡଜାତ ଶାସନ ବେଳେ ଏକ ରାଣୀ ପାର୍କ ସହର ଉପକଣ୍ଠରେ ନିର୍ମାଣ କରିଥିଲେ, ଯେଉଁଥିରେ ବହୁ ଜୀବଜନ୍ତୁଙ୍କୁ ରଖାଯାଇଥିଲା । ସିଲିଂ ବହିର୍ଭୂତ ଜମି କାରଣରୁ ଏହାକୁ ରାଜ୍ୟ ସରକାର ହାତକୁ ନେଇଥିଲେ । କିନ୍ତୁ ପ୍ରାୟ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମି ଏବେ ପଡିଆ ପଡିଛି । ଅଞ୍ଚଳବାସୀ ଦାବି କରୁଛନ୍ତି ମହାନଦୀ କୋଇଲା ଖଣି ସମୂହ ଏଠାରେ ଏକ ପ୍ରାଣୀ ଉଦ୍ୟାନ ପ୍ରତିଷ୍ଠା କରନ୍ତୁ । ନନ୍ଦନକାନନ ପରେ ଏହା ଦ୍ୱିତୀୟ ପ୍ରାଣୀ ଉଦ୍ୟାନ ହେଉ । ଏ ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ଅନୁରୋଧ ।

ରବିନାରାୟଣ ପାଣି, କଳିଙ୍ଗବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଏ ଜନ୍ମରେ ସୁକର୍ମ କଲେ ଆଗାମୀ
ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ



ନବରାତ୍ର ପୂଜା ଅବସରରେ ଦେବଗଡ଼ର ମା'ପ୍ରଧାନପାଟେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

### କୁଟୀରଶିଳ୍ପ ଉପରେ ଗୁରୁତ୍ୱ

ବାରକୋଟ,୩।୧୦(ଡି.ଏନ.ଏ.): ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ପଞ୍ଚାୟତ ଅଧୀନ ବାଘମୁଣ୍ଡାଠାରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇଁ, ସମ୍ମାନିତ ଅତିଥି ଭାବେ କିଶୋର କୁମାର ମହାଲିଙ୍ଗ, ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ, ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, ଭୁବନେଶ୍ୱରର ସାମାଜିକ କର୍ମୀ ଅଭୟ କୁମାର ମିଶ୍ର ଯୋଗଦେଇ ଗାନ୍ଧୀଙ୍କ ନୀତି ଆଦର୍ଶ ଓ ଆତ୍ମନିର୍ଭରଶୀଳ ପାଇଁ କୁଟୀରଶିଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପାଦକ ବଂଶୀଧର ସାହୁ ଗାନ୍ଧିଜୀଙ୍କ ଜୀବନୀ ଓ କାର୍ଯ୍ୟକଳାପ ଉପରେ ସଂଗୀତ ଗାନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

■ 'ମୋ ସରକାର': ଜାରି ହେଲା ଗାଇଡ୍‌ଲାଇନ

# ଘରୋଇ ଢାଞ୍ଚାରେ ଚାଲିବ ସରକାରୀ କାର୍ଯ୍ୟାଳୟ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଅକ୍ଟୋବର ୨ ତାରିଖରୁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୫-ଟି ଅଧୀନରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ସରକାରୀ କର୍ମଚାରୀମାନଙ୍କର ବ୍ୟବହାର ଓ ବୃତ୍ତିଗତ ଦକ୍ଷତାରେ ପରିବର୍ତ୍ତନ ଆଣିବା ହେଉଛି ମୂଳ ଲକ୍ଷ୍ୟ। ଘରୋଇ ସଂସ୍ଥା ଢାଞ୍ଚାରେ ଚାଲିବ ସରକାରୀ କାର୍ଯ୍ୟାଳୟ। ଜନସାଧାରଣଙ୍କ ରେଟିଂ ଉପରେ ନିର୍ଭର କରିବ କର୍ମଚାରୀମାନଙ୍କର ଚାକିରି ଭବିଷ୍ୟତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ବୁଧବାର ଶୁଭାରମ୍ଭ କରିବା ପରେ ଗୁରୁବାର ଏ ନେଇ ଗାଇଡଲାଇନ ଜାରି କରାଯାଇଛି।

ଲୋକମାନଙ୍କୁ ସରକାରୀ ଅଫିସଗୁଡିକରେ କିପରି ବ୍ୟବହାର କରାଯାଉଛି, ସେମାନଙ୍କ ସମସ୍ୟାକୁ ବୃତ୍ତିଗତ ତଥା ସେବା ମନୋଭାବ ନେଇ ସମାଧାନ କରାଯାଉଛି କି ନାହିଁ, ସଂସ୍ଥାଗୁଡିକୁ ଅଧିକ ଦକ୍ଷ କରିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଯେ କୌଣସି ବ୍ୟକ୍ତି ମତାମତ ଦେଇପାରିବେ। ଅକ୍ଟୋବର ୨ ତାରିଖରୁ ରାଜ୍ୟର ସମସ୍ତ ଥାନା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଯେଉଁମାନେ ସରକାରୀ କାର୍ଯ୍ୟାଳୟକୁ ସେବା ପାଇଁ ଯିବେ ସେତେବେଳେ ସେମାନଙ୍କ ଟେଲିଫୋନ ନମ୍ବର ପଞ୍ଜୀକରଣ କରାଯିବ। ୨୪ ଘଣ୍ଟା ମଧ୍ୟରେ ଏସଏମ୍ଏସ ପଠାଯିବ। ଯଦି ଏସଏମ୍ଏସ ନ ଯିବ ତେବେ ୧୪୫୪୫ ନମ୍ବରକୁ ମିସ୍ଡ୍ କଲ୍ କରି ମୋ ସରକାର ପୋର୍ଟାଲରେ ଟେଲିଫୋନ ନମ୍ବରକୁ ପଞ୍ଜୀକୃତ କରିପାରିବେ। ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା କେତେକ ନମ୍ବରକୁ ମତାମତ ପାଇଁ ଯୋଗାଯୋଗ କରାଯିବ। ଅନୁକୂଳ ମତ ଆସିଲେ ସମ୍ପୃକ୍ତ ସଂସ୍ଥାକୁ ପୁରସ୍କୃତ କରାଯିବ। କର୍ମଚାରୀମାନଙ୍କୁ ଆଗୁଆ ପଦୋନ୍ନତି ମିଳିବ। ପ୍ରତିକୂଳ ମତ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ ଗ୍ରାମସଭାରେ ଗଣ୍ଡଗୋଳ

# ୱାର୍ଡ ସଭ୍ୟ ଗିରଫ

କୁଚିଣ୍ଡା,୩।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅଧୀନ ବକ୍ସମା ପଞ୍ଚାୟତ ଗ୍ରାମସଭାରେ ଗଣ୍ଡଗୋଳ କରିଥିବା ଅଭିଯୋଗରେ କୁଚିଣ୍ଡା ପୋଲିସ ପଞ୍ଚାୟତର ୧୧ନମ୍ବର ୱାର୍ଡ(ଭେଲୁଆଁପାଲ)ର ୱାର୍ଡ ମେମ୍ବର ଭବାନୀଶଙ୍କର ଠାକୁରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ବକ୍ସମା ପଞ୍ଚାୟତ ଗ୍ରାମ ସଭାରେ ୱାର୍ଡ ମେମ୍ବର ଭବାନୀଶଙ୍କର ଉପସ୍ଥିତ ରହି ସରପଞ୍ଚ ଓ ଜିଆର୍ଏସଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗ୍ରାମବାସୀ ଭବାନୀଶଙ୍କରଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେ ଲୋକଙ୍କୁ ମାରପିଟ କରିଥିଲେ। ଏପରି କି ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତୈଳଚିତ୍ର ଥିବା ଚୌକିକୁ ଗୋଇଠା ପକାଇଥିଲେ। ଫଳରେ ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ର ତଳେ ପଡିଯାଇଥିଲା। ଏନେଇ ପିଇଓ ଦୀପକ ପଟେଲ ପୋଲିସକୁ ଖବର ଦେଇଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୱାର୍ଡ ମେମ୍ବର ଭବାନୀଶଙ୍କରଙ୍କୁ ଥାନାକୁ ନେଇଥିଲା। ଏନେଇ ସରପଞ୍ଚ ରତନୁ କିଷାନ କୁଚିଣ୍ଡା ଥାନରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୨୨୬/୧୯) ରୁଜୁକରି ଭବାନୀଶଙ୍କରଙ୍କୁ ଗିରଫ କରିଥିଲା।

# ସମସ୍ତଙ୍କ ଉଦ୍ୟମରେ ଗାଁର ବିକାଶ ସମ୍ଭବ

ଦେବଗଡ଼,୩।୧୦(ଡି.ଏନ୍.ଏ.)

ଦେବଗଡ଼ ଜିଲା କୀର୍ତ୍ତନପାଲି ଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଶରତ କୁମାର ସାହୁ, ଲୁଲଙ୍ଗ ସରପଞ୍ଚ ସଞ୍ଜୁବାଳା ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରକୃତି ବନ୍ଧୁ କୁମୁଦ ଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଧାୟକ ଉଦ୍‌ବୋଧନ ଦେଇ କହିଥିଲେ, ଯେଉଁ ଗ୍ରାମର ଜନସାଧାରଣ ଏକତା ମଧ୍ୟରେ ବାନ୍ଧି ହୋଇ ସ୍ୱଚ୍ଛ ଗ୍ରାମ, ଜାତୀୟ ପତାକାକୁ ସମ୍ମାନ, ଔଷଧୀୟ ଉଦ୍ୟାନ ସହ ଅନେକ ଆଦର୍ଶ କାମ କରୁଛନ୍ତି ସେହି ଗାଁର ଉନ୍ନତିକୁ କେହି ରୋକି ପାରିବେ ନାହିଁ। ଏହାହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ। ସମସ୍ତଙ୍କ ଉଦ୍ୟମରେ ଗାଁର ବିକାଶ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଶିଶୁମାନଙ୍କ ଫ୍ୟାନ୍ସିଡ୍ରେସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଯୁବରାଜ ବେହେରା ପ୍ରଥମସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗାଁ ସଭାପତି କୈଳାସ ଚନ୍ଦ୍ର ସାହୁ, ବାବାଜୀ ବେହେରା, ସଞ୍ଜୁକ୍ତା ବେହେରା, ଡମ୍ବରୁ ଧର କୁମୁରା, ଶ୍ରୀମତୀ ବେହେରା, ସୁରତି ସାହୁ, ଗୀତାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ରେଢାଖୋଲ ପଞ୍ଚାୟତ ସମିତିର ସାଧାରଣ ବୈଠକ

ରେଢାଖୋଲ୩।୧୦(ଡି.ଏନ.ଏ)

ରେଢାଖୋଲ ପଞ୍ଚାୟତ ସମିତିର ସାଧାରଣ ବୈଠକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା କବିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିକ୍ଷିତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବିକ୍ରମ କେଶରୀ ଦେଓ, ସମିତି ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ କୃଷି, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସାଧାରଣ ବଣ୍ଟନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଉଦ୍ୟାନ କୃଷି, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଜିପିଇଓ ପଞ୍ଚାନନ ବେହେରା ବିବରଣୀ ପାଠ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।



ପଞ୍ଚାୟତ ସମିତିର ସାଧାରଣ ବୈଠକରେ ଜନପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ମା' ତାରିଣୀ କ୍ଲବ ଚାମ୍ପିୟନ

ଦେବଗଡ଼,୩।୧୦(ଡି.ଏନ୍.ଏ.)

ବାରକୋଟ ବ୍ଲକର ଝରବାହାଳଠାରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ୍‌ରେ ବମ୍ପରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଜିତେନ୍ଦ୍ରୀୟ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମା' ତାରିଣୀ କ୍ଲବ ଓ ଗୁରୁସଙ୍ଗ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଗୁରୁସଙ୍ଗ ଫୁଟବଲ କ୍ଲବକୁ ହରାଇ ମା' ତାରିଣୀ କ୍ଲବ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିରଞ୍ଚି ନାରାୟଣ ମିଶ୍ର, ଡେପୁଟି ସୁବେଦାର ଆଇଆର୍‌ବି ବମ୍ପରଡ଼ା ଭାଷ୍ୟକାର ରମାକାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ଫକୀର ମୋହନ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି କୁମୁଦବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ପ୍ରଧାନପାଟ ଜଳପ୍ରପାତ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

## ପ୍ରଧାନପାଟରେ ସଫେଇ କାର୍ଯ୍ୟକ୍ରମ

ଦେବଗଡ଼,୩।୧୦(ଡି.ଏନ.ଏ.)

୧୫୦ତମ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଦେବଗଡ଼ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ଜଳପ୍ରପାତରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଯୋଗଦେଇ ଏଣେତେଣେ ପଡିଥିବା ଅଳିଆ ଆବର୍ଜନ ସଫା କରିଥିଲେ। ଏପରି କି ଡଷ୍ଟବିନରେ ଅଳିଆ ଆବର୍ଜନା ପକାଇବାକୁ ଉପସ୍ଥିତ ଜନସାଧାରଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କର୍ମ ନିଯୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ, ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଦେବଗଡ଼ ଅଧିକାରୀ ଦେବାଶିଷ ପ୍ରସାଦ ନାୟକ, ଶିକ୍ଷକ ଜିତେନ ମହାପାତ୍ର, ସଞ୍ଜୟ ମଣ୍ଡଳ,ସତ୍ୟମ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

■ ଏକଦିବସୀୟ ଫୁଟବଲ ମ୍ୟାଚ

# ସୁନାମୁଣ୍ଡା ଦଳ ବିଜୟୀ

ଦେବଗଡ଼,୩।୧୦(ଡି.ଏନ.ଏ)

ଦେବଗଡ଼ ପୌରାଞ୍ଚଳ ଅଧୀନ ୱାର୍ଡ଼ ନମ୍ବର ୧୦ ଗୋହିରାସାହି ଶାସ୍ତ୍ରୀ କ୍ଲବ ଆନୁକୂଲ୍ୟରେ ୧୫୦ତମ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଏକ ଦିବସୀୟ ଶାସ୍ତ୍ରୀ ଫୁଟବଲ କପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଖେଳ ପତ୍ରପାଲି ଓ ବଲଣ୍ଡା ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ ସୁନାମୁଣ୍ଡା ଓ ପତ୍ରାପାଲି ମଧ୍ୟରେ ହୋଇଥିଲା। ଏଥିରେ ସୁନାମୁଣ୍ଡା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ସେମ୍ ହେମ୍ବରମ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇଂ. ଦେବଶିଷ ପ୍ରସାଦ ନାଏକ, ମିନତୀ ନାଏକ, ଡ଼ୋଳାକାନ୍ତ ନାଏକ, ସ୍ୱୟଂ ପ୍ରକାଶ ନାଏକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ପ୍ରଦୀପ କୁମାର ବେହେରା ପରିଚାଳନା କରିଥିଲେ । ପରେ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ଼ ନମ୍ବର ୧୦ରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କ୍ଲବର ରୋଶନ ହେନେଜ୍, ରାଜେଶ ବାର୍ଲା, ଦୁଃଖବନ୍ଧୁ ମୁଣ୍ଡା, ସୁରେଶ ମୁଣ୍ଡା, ଦେବେନ୍ଦ୍ର ବାର୍ଲା, ରୁପନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଗାୟତ୍ରୀ ଶକ୍ତିପୀଠରେ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୩।୧୦(ବ୍ୟୁରୋ)

ସଣ୍ଡେ ଗ୍ରୁପ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା କମଳୀବଜାର ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ମାନଧାତା ବାବା କଲେଜ ଅଧକ୍ଷ ସତ୍ୟନାରାୟଣ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ସଭାପତି ରତ୍ନ କୁମାର ପାତ୍ର, ଉପସଭାପତି ଧର୍ମେନ୍ଦ୍ର ସ୍ୱାଇଁ, ସମ୍ପାଦକ ଶକ୍ତି ପ୍ରସାଦ ପାଣିଗ୍ରାହୀ, ଯୁଗ୍ମସମ୍ପାଦକ ସଞ୍ଜୀବ କୁମାର ମହାରଣା, କୋଷାଧକ୍ଷ ସୁବ୍ରତ ସାହୁ, ଯୁଗ୍ମ କୋଷାଧକ୍ଷ ଦେବବ୍ରତ କର୍ମ, ପ୍ରକଳ୍ପ ସଂଯୋଜକ ସିଦ୍ଧାର୍ଥ ଦଫେଦାର, ଯୁଗ୍ମ ସଂଯୋଜକ ସମୀର କୁମାର ମହାରଣା, ସୁଧିର କୁମାର ଘୋଷ, ଉପଦେଷ୍ଟା ସତ୍ୟନାରାୟଣ ଠାକୁର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।



ସମ୍ବଲପୁର ଗାୟତ୍ରୀ ଶକ୍ତିପୀଠରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା।

# ଦେବଗଡ଼ରେ ଜିଲାସ୍ତରୀୟ ନିଯୁକ୍ତିମେଳା

ଦେବଗଡ,୩।୧୦(ଡି.ଏନ୍.ଏ)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଓଡ଼ଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲା ନିଯୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଓରମାସ)ର ସହକାରୀ ନିର୍ଦ୍ଦେଶକ ସୁବଳ ଜେନାମଣି ପ୍ରମୁଖ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମେଳାରେ ଯୋଗଦେଇଥିବା ପ୍ରାୟ ୪୦୦ ନିଯୁକ୍ତି ଆଶାୟୀଙ୍କ ମଧ୍ୟରୁ ଅନେକ ଆଶାୟୀଙ୍କୁ ତାଲିମ ପାଇଁ ପ୍ରସ୍ତାବପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଆଶାୟୀମାନଙ୍କୁ ଡିଡିୟୁଜିକେୱାଇ ଅଧୀନ ପିଆଇଏମାନଙ୍କ ଦ୍ୱାରା ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ମେଳାରେ ସମ୍ବଲପୁର ଜିଲା ରେଢାଖୋଲର ପାନ ଆଇଆଇଟି ଗୁରୁକୁଳ, ସମ୍ବଲପୁରର ଏଆଇଏସଇସିଟି ଭୁବନେଶ୍ୱରର ଏସ୍‌ଓଏସ୍‌ହେଲ୍‌ଥ ସର୍ଭିସ, ଭୁବନେଶ୍ୱରର ଏମ୍ଏସ୍ ବିଶ୍ୱଜିତ ମିଶ୍ର ଏଜେନ୍ସି, ଭୁବନେଶ୍ୱରର ଆଇଏଣ୍ଡଏଫ୍ଏସ୍ ସ୍କିଲ, ଭୁବନେଶ୍ୱରର ଜିକେ ଏସୋସିଏଟସ୍, ଭୁବନେଶ୍ୱରର ଡିଭାଇନ ନର୍ସିଂ କେୟାର, ଭୁବନେଶ୍ୱରର ସିପେଟ ଓ ଡାଲମିଆ ଭାରତ ଫାଉଣ୍ଡେସନ ସମେତ ମୋଟ ୧୪ଟି ନିଯୁକ୍ତିଦାତା ଅନୁଷ୍ଠାନ ଯୋଗ ଦେଇଥିଲେ।



ନିଯୁକ୍ତିମେଳାରେ ଉପସ୍ଥିତ ଅତିଥି ।

■ ଭୁବନେଶ୍ୱରରେ ଏନ୍‌ଆଇଏ ଡିଜି ଯୋଗେଶ ଚନ୍ଦ୍ର ମୋଦି

# ଫଣ୍ଡିଂ ବନ୍ଦ ହେଲେ ଆତଙ୍କବାଦ, ମାଓବାଦ ଆପେ କମିଯିବ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଦେଶର ବିଭିନ୍ନ ସହରରେ ଆତଙ୍କବାଦ କାର୍ଯ୍ୟକଳାପ ଦେଖାଦେଉଛି। ଆତଙ୍କବାଦୀମାନେ ବଡ଼ ବଡ଼ ସହର ଓ ଦେଶର ପ୍ରମୁଖ ସ୍ଥାନକୁ ଟାର୍ଗେଟ କରିଥିବା ଗୋଇନ୍ଦା ରିପୋର୍ଟ ମିଳୁଛି। ସେହିଭଳି ଓଡ଼ିଶା ଭଳି ରାଜ୍ୟଗୁଡିକରେ ମଧ ମାଓବାଦୀ ଆକ୍ରମଣ ହେଉଛି। ତେବେ ଆତଙ୍କବାଦୀ ଓ ମାଓବାଦୀଙ୍କ ପାଖକୁ ବେଆଇନ ଭାବେ ଯାଉଥିବା ଟଙ୍କା (ଫଣ୍ଡିଂ)କୁ ରୋକାଗଲେ ଆପେ ଏହି ଶକ୍ତିଗୁଡ଼ିକ ଦୁର୍ବଳ ହୋଇପଡ଼ିବ ବୋଲି ନ୍ୟାଶନାଲ ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି (ଏନ୍‌ଆଇଏ) ଡିଜି ଯୋଗେଶ ଚନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ସ୍ଥାନୀୟ ପୋଲିସ ଭବନଠାରେ ଆତଙ୍କବାଦ ମାମଲାର ତଦନ୍ତ ଓ ଦମନ ସମ୍ପର୍କିତ କର୍ମଶାଳାକୁ ଡିଜି ମୋଦି ଉଦ୍‌ଘାଟନ କରି କହିଲେ, ବର୍ତ୍ତମାନ ସୁଦ୍ଧା ଏନଆଇଏ ୯୦ ପ୍ରତିଶତ ମାମଲାର ତଦନ୍ତକରି ଦୋଷୀଙ୍କୁ ଦଣ୍ଡବିଧାନ କରାଯାଇଛି। ଅନେକ ସମୟରେ ଅଭିଯୁକ୍ତ ଧରାପଡ଼ନ୍ତି ନାହିଁ, କାଗଜପତ୍ର ପ୍ରମାଣ ମଧ ମିଳେନି। ତେଣୁ ଫରେନସିକ୍ ଓ ଟେକ୍ନୋଲୋଜିକୁ ଆଧାର କରି ଏଭଳି ମାମଲାର ତଦନ୍ତ କରାଯିବା ଆବଶ୍ୟକ ବୋଲି କହିଥିଲେ। ତେବେ ଓଡ଼ିଶାର ପୁଲିସ ଅଧିକାରୀମାନେ ଅଧିକ ସଂଖ୍ୟାରେ ଏନ୍‌ଆଇଏକୁ ଡେପୁଟେଶନରେ ଗଲେ ନକ୍ସଲ ତଦନ୍ତ କ୍ଷେତ୍ରରେ ତାହା ବେଶ ସହାୟକ ହେବ ବୋଲି ସେ କହିଥିଲେ।

ପୋଲିସ ଡିଜି ବିଜୟ କୁମାର ଶର୍ମା କହିଲେ, ଏଭଳି ମାମଲାରେ ତଦନ୍ତବେଳେ ପ୍ରମାଣ ଯୋଗାଡ଼ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଆମେ ସଫଳତାର ସହ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗିରଫ କରିଥିଲୁ। ସେହିପରି ଆଉ ଏକ ଆତଙ୍କବାଦୀ ମାମଲାର ତଦନ୍ତ ଶେଷ ହୋଇ କୋର୍ଟରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଲିସ ସଂପୃକ୍ତ ଆତଙ୍କବାଦୀକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ପ୍ରମାଣ ରଖିଛି ବୋଲି ସେ କହିଥିଲେ।

ଏହି କର୍ମଶାଳାରେ ରାଜ୍ୟର ୧୦୦ରୁ ଅଧିକ ପୋଲିସ ଅଧିକାରୀ ଯୋଗ ଦେଇଛନ୍ତି। ଆତଙ୍କବାଦ ସମ୍ପର୍କିତ ମାମଲାରେ ତଦନ୍ତ କୌଶଳ ଶିକ୍ଷାଲାଭ କରିଛନ୍ତି, ଯାହା ନକ୍ସଲ ମାମଲାର ତଦନ୍ତ କ୍ଷେତ୍ରରେ ସହାୟକ ହେବ। ପୂର୍ବରୁ ଦିଲ୍ଲୀରେ ଏପରି ସ୍ୱତନ୍ତ୍ର କର୍ମଶାଳା ଓ ଟ୍ରେନିଂ କରାଯାଉଥିଲା। ଏବେ ଆତଙ୍କବାଦୀମାନେ ଭାରତକୁ ପ୍ରବେଶ ପାଇଁ ଓଡ଼ିଶା ଉପକୂଳକୁ ବ୍ୟବହାର କରିପାରନ୍ତି ବୋଲି ଗୋଇନ୍ଦା ରିପୋର୍ଟ ମିଳିଥିବାରୁ ଏପରି କର୍ମଶାଳା ବହୁ ଗୁରୁତ୍ୱ ବହନ କରୁଛି। ଏହି ଦିନିକିଆ କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଏନ୍‌ଆଇଏ ଡିଆଇଜି ପ୍ରବୀଣ କୁମାର ଭାରତରେ ଚାଲିଥିବା ଆତଙ୍କବାଦ ସଂଗଠନର କାର୍ଯ୍ୟକଳାପ, ଏନ୍‌ଆଇଏ ଆକ୍ଟ-୨୦୧୯ ସଂଶୋଧନ ଉପରେ କହିଥିଲେ। ଏନ୍‌ଆଇଏ ଏସ୍‌ପି ଏସ୍. ରାହୁଲ, ଅଫିସର ଅର୍ଜୁନ ଆମ୍ବଲାପଟ୍ଟା ପ୍ରମୁଖ ଆତଙ୍କବାଦୀ ମାମଲା ତଦନ୍ତ ବେଳେ ଥିବା ଆଇନ୍‌ଗତ ଦିଗ ଓ ଅନ୍ତର୍ଜାତୀୟ ସ୍ତରରେ ଘଟିଥିବା ଆତଙ୍କବାଦୀ କାର୍ଯ୍ୟକଳାପର ବିଭିନ୍ନ ତଦନ୍ତ ପ୍ରକ୍ରିୟା ଉପରେ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପୋଲିସର ଇନ୍ସପେକ୍ଟର ଓ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କୁ ଏନେଇ ତାଲିମ ଦିଆଯାଇଥିଲା।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

***Secretary***
***Women's College, Birmaharajpur***

LAND / PLOTS FOR SALE

**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)**
**For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**

ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in

## ଜିଲ୍ଲା ଚିଠି କେନ୍ଦ୍ରାପଡ଼ା



# ଫର୍ମ-କେ ର କେଁ

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ଜଙ୍ଗଲ ଜମିରେ ବହୁ ଅଧିବାସୀ ଘର କରି ରହୁଛନ୍ତି । ଜଙ୍ଗଲ ଜମି ଦଖଲ କରିଥିବାରୁ ସେମାନଙ୍କଠାରୁ ଫର୍ମ-କେ ରେ ରାଜସ୍ୱ ଆଦାୟ ହେଉଛି । ଏହି ଫର୍ମ-କେ ପାଉତି ସେମାନଙ୍କ ବାସସ୍ଥାନ ଚିହ୍ନଟ କରୁଥିଲେ ମଧ୍ୟ ଏଥିପାଇଁ ପ୍ରମାଣପତ୍ର ପାଇବାରେ କେଁ ରହିଛି । ଏହାର ସମାଧାନ ପାଇଁ ଫର୍ମ-କେ ହିତାଧିକାରୀ ଆଇନର ସହାୟତା ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ରାଜନେତାମାନେ ଭୋଟ ବ୍ୟାଙ୍କ ନିମନ୍ତେ ଜମି ସ୍ୱତ୍ୱ ପଟ୍ଟା ପ୍ରଦାନର ଭେଳିକି ଦେଖାଇ ଚାଲିଛନ୍ତି । ଅପରପକ୍ଷରେ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ପ୍ରଶାସନକୁ ୨୦୧୭ରୁ ନିର୍ଦ୍ଦେଶ ମିଳିଥିଲେ ମଧ୍ୟ ତଦନ୍ତ ଅଧାରେ ଅଟକିଛି । ୨୦୧୭ ସେପ୍ଟେମ୍ବର ୨୨ରେ ମହାକାଳପଡା ତହସିଲ ଅନ୍ତର୍ଗତ ୧୭ଟି ଗ୍ରାମରେ ରହିଥିବା ବଙ୍ଗୀୟ ଶରଣାର୍ଥୀଙ୍କ ବାସଗୃହ ସମସ୍ୟା ପାଇଁ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଏଥିରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ, ମହାକାଳପଡା ବିଧାୟକ, ରାଜସ୍ୱ ବିଭାଗ ପ୍ରମୁଖ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଯୁଗ୍ମ ସଚିବ, କେନ୍ଦ୍ରାପଡା ଜିଲାପାଳ ପ୍ରମୁଖ ଯୋଗଦେଇ ବଙ୍ଗୀୟ ଶରଣାର୍ଥୀଙ୍କ ଜମି ଅଧିକାରକୁ ନେଇ ଆଲୋଚନା କରିଥିଲେ । ସେହି ବୈଠକରେ ସୂଚନା ମିଳିଥିଲା ଯେ, ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଏହି ତହସିଲ ଅନ୍ତର୍ଗତ ୧୭ଟି ଗ୍ରାମରେ ମୋଟ ୪୯୦୭ ପରିବାର ରହିଛନ୍ତି । ସେମାନେ ୬୦୫୭.୫୯ ଏକର ଜମି ଦଖଲ କରିଥିବା ବେଳେ ମାତ୍ର ୨୯.୦୫ ଏକର ଜମିକୁ ଜିଲା ପ୍ରଶାସନ ଲିଜ୍ ଆକାରରେ ଦେଇପାରିବ । ଅବଶିଷ୍ଟ ଜଙ୍ଗଲ ଜମି ହୋଇଥିବାରୁ ଏହାର କିସମ ପରିବର୍ତ୍ତନ ପାଇଁ ଜିଲା ପ୍ରଶାସନ ତଦନ୍ତ କରି କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ଲୋଡିବ । ତେବେ ଅଦ୍ୟାବଧି ମାତ୍ର ୩୦୦ ପରିବାରର ଫର୍ମ-କେ ପାଉତିର ତଦନ୍ତ ହୋଇଥିବା ବେଳେ ଅନ୍ୟ ହିତାଧିକାରୀ ଜମିର ସ୍ୱତ୍ୱ ନେଇ ଅନ୍ଧାରରେ ଅଛନ୍ତି । ଫର୍ମ-କେ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର ମିଳୁନାହିଁ । ଫଳରେ ସରକାରଙ୍କ ବାସଗୃହ ଯୋଜନା ସମେତ ବିଭିନ୍ନ ଉନ୍ନୟନ ଯୋଜନାରେ ସେମାନେ ସାମିଲ ହେବା କଷ୍ଟକର ହୋଇଛି । ଅପରପକ୍ଷରେ ୧୯୮୦ରୁ ଅଦ୍ୟାବଧି ଜିଲାର ଜଙ୍ଗଲ ଜମି ସହିତ ଅନ୍ୟାନ୍ୟ କିସମର ଜମି ଜବରଦଖଲ ଆଶାତୀତ ଭାବେ ବୃଦ୍ଧି ପାଇଛି । ରାଜନଗର ବ୍ଲକ ଅଞ୍ଚଳରେ ପ୍ରାୟ ୨୦ ହଜାର ଏକର ଜମି ଜବରଦଖଲରେ ଥିବା ବେଳେ ମହାକାଳପଡା ବ୍ଲକ ଅଞ୍ଚଳରେ ୩୪ ହଜାର ଏକରରୁ ଊର୍ଦ୍ଧ୍ୱ ହେଲାଣି । ଯାହା ଜିଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି ।

– ଜଗନ୍ନାଥ ଧଳ

■ ଦଶହରାରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

# ଓଡିଶାରେ ହାଇଆଲର୍ଟ, ବଢ଼ିଲା ସୁରକ୍ଷା

■ ଦିଲ୍ଲୀରେ ଆତଙ୍କବାଦୀ ପଶିବା ପରେ ସତର୍କ କଲା ଗୋଇନ୍ଦା ବିଭାଗ
■ ସମୁଦ୍ରତଟ ଅଞ୍ଚଳ, ରେଲୱେ ଓ ବିମାନ ବନ୍ଦରରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଭାରତକୁ ପାକିସ୍ତାନ ପଟୁ ପଶି ଆସିଛନ୍ତି ଆତଙ୍କବାଦୀ। ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ଦିଲ୍ଲୀ ସମେତ ଦେଶର ବଡ଼ ବଡ଼ ସହରକୁ ଟାର୍ଗେଟ କରିଛି। ନବରାତ୍ରୀ ଓ ଦଶହରାରେ ବିସ୍ଫୋରଣ ପାଇଁ ଯୋଜନା କରୁଥିବା ଗୋଇନ୍ଦା ବିଭାଗ ସତର୍କ କରିବା ପରେ ଦିଲ୍ଲୀରେ ଏବେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ କେନ୍ଦ୍ର ଗୋଇନ୍ଦା ବିଭାଗ ରାଜ୍ୟ ପୋଲିସକୁ ସତର୍କ କରାଇଛି। ପୂର୍ବରୁ ଆତଙ୍କବାଦୀଙ୍କ ଟାର୍ଗେଟରେ ଓଡ଼ିଶା ରହିଛି। ଏଠାରୁ ମଧ ବହୁ ଆତଙ୍କବାଦୀ ଧରାହୋଇଛନ୍ତି। ଏବେ ଗୋଇନ୍ଦା ରିପୋର୍ଟ ମିଳିବା ପରେ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି। କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହର ଓ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦଶହରାରେ ପୂଜାମଣ୍ଡପ ନିକଟରେ ପ୍ରବଳ ଗହଳି ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଆତଙ୍କବାଦ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ତଟ ଦେଇ ଆତଙ୍କବାଦୀମାନେ ପଶି ଆସିବାର ସମ୍ଭାବନା ଥିବାରୁ ଉପକୂଳରେ ସୁରକ୍ଷା ଓ ପାଟ୍ରୋଲିଂକୁ ଜୋରଦାର କରିବାକୁ କୁହାଯାଇଛି। କେବଳ ଦିଲ୍ଲୀ ନା ଅନ୍ୟ ରାଜ୍ୟରେ ଆକ୍ରମଣ ଯୋଜନା ରହିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ସମୁଦ୍ରପଥ ଦେଇ ଆତଙ୍କବାଦୀମାନେ ପଶି ଆସିବା ସମ୍ଭାବନା ଥିବାରୁ ଓଡ଼ିଶା ପୋଲିସର ଚିନ୍ତା ବଢ଼ିଛି। ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ ପାଇଁ ରାଜ୍ୟ ପୋଲିସ ପକ୍ଷରୁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି।

ଦଶହରାରେ ଯେପରି କିଛି ଘଟଣା ନ ଘଟିବ ସେଥିଲାଗି ପୋଲିସ ପକ୍ଷରୁ ଯାଞ୍ଚକୁ କଡ଼ାକଡି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ରେଲୱେ ଷ୍ଟେଶନ, ବିମାନବନ୍ଦର ଓ ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ମେରାଇନ୍ ଥାନା ଅଧିକାରୀଙ୍କୁ ପାଟ୍ରୋଲିଂ କଡାକଡି କରାଯିବା ସହ ସ୍ଥାନୀୟ ଲୋକଙ୍କ ସହ ଯୋଗାଯୋଗ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆତଙ୍କବାଦୀମାନେ ବିସ୍ଫୋରଣ ପାଇଁ ସାଇକେଲ, ବାଇକ ଓ କାର ବ୍ୟବହାର କରିପାରନ୍ତି। ପାର୍କିଂ ସ୍ଥଳରେ କିମ୍ବା ରାସ୍ତାରେ ଯାଉଥିବା କୌଣସି ଗାଡିକୁ ସନ୍ଦେହଜନକ ଅବସ୍ଥାରେ ରହିଥିବା ସୂଚନା ମିଳିଲେ ତୁରନ୍ତ ଯାଞ୍ଚ ସହ ତାହା ଉପରେ ନଜର ରଖାଯିବ। ସେହିଭଳି ଅଜଣା ବା କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଲେ ପୋଲିସ ତୁରନ୍ତ ତାଙ୍କ ସମ୍ପର୍କରେ ତଥ୍ୟ ନେବାକୁ ପରାମର୍ଶ ଦିଆଯାଇଛି।

ଏନେଇ ପୋଲିସ ଡିଜି ବି.କେ. ଶର୍ମାଙ୍କ ମତାମତ ମିଳିପାରିନି। ତେବେ କୋଷ୍ଟାଲ ସୁରକ୍ଷା ଏବଂ ରେଲୱେ ଏଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ କହିଛନ୍ତି, ଏନେଇ ସମୁଦ୍ର ତଟ ଓ ଉପକୂଳ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି ପାଇଁ କୁହାଯାଇଛି। ଏହାସହ ଟ୍ରେନରେ ଯାଉଥିବା ଯାତ୍ରୀଙ୍କୁ ତନ୍ନତନ୍ନ କରି ଯାଞ୍ଚ କରିବା ସହ ସନ୍ଦେହଜନକ ବସ୍ତୁ ବା ବ୍ୟକ୍ତିଙ୍କ ଉପରେ ପୋଲିସ ନଜର ରଖିଥିବା ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯଦ୍ୟପି ଭାରିଯାଠାରେ କର୍ତ୍ତା ସ୍ନେହ ଥାଇ**
**କିସ କରିବେ କୁଟୁମ୍ବଯାକ ଖଳ ହୋଇ**
**ଦିଅର ନଣନ୍ଦ ଶାଶୁ ଶ୍ୱଶୁର ଗଞ୍ଜିଲେ**
**ଏ ତାପ ନ କାଟେ କେଭେ କାନ୍ତ ଦୟା ଥିଲେ ।**

ସ୍ୱାମୀର ସ୍ନେହ ଓ ପ୍ରେମଭାବ ଅତୁଟ ଥିଲେ ସ୍ତ୍ରୀ ନିଜକୁ ସୁରକ୍ଷିତ ମଣିବା ସହ ସୌଭାଗ୍ୟବତୀ ମନେ କରିଥାଏ । ଯେତେ ଦୁଃଖଯାତନା ପଡ଼ିଲେ ସୁଦ୍ଧା ସେଥିରେ ସେ ଭାଙ୍ଗି ପଡ଼ି ନ ଥାଏ । ସ୍ୱାମୀ ଦୟାପରାୟଣ ହୋଇଥିଲେ କୁଟୁମ୍ବଯାକ ଲୋକ ଶତ୍ରୁତା ଆଚରଣ କଲେ ସୁଦ୍ଧା କାହାର ଗଞ୍ଜଣା ସ୍ତ୍ରୀକୁ ସେତେ ବାଧୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଯେତେ ଭାଇ ସେତେ ଘର,**
**ଯେତେ କନିଆ ସେତେ ବର ।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ । ଯାହାର ଯେତେ ସନ୍ତାନ ତା'ପାଇଁ ସେତେ ଘର ଲୋଡ଼ା । ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ । ସେହିପରି ଝିଅଟିଏକୁ ବାପା ମା' କାଖେଇ କୋଳେଇ ବଡ଼ କରନ୍ତି । ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ । ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଛନ୍ଦା ବା ଖଞ୍ଜାଯିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପ୍ରାର୍ଥନା ବେଳେ ଚେତାଶୂନ୍ୟ ହେଲେ ୫ ଛାତ୍ରୀ



ଡାକ୍ତରଖାନାରେ ଚିକିତ୍ସାଧୀନ ଛାତ୍ରୀ।

ଖୁଣ୍ଟା,୩।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ କରକଚିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପ୍ରାର୍ଥନା କରୁଥିବା ବେଳେ ୫ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ଛାତ୍ରୀମାନେ ବିପଦମୁକ୍ତ ଥିବାରୁ ଅପରାହ୍ନରେ ସେମାନଙ୍କୁ ଛାଡି ଦିଆଯାଇଥିବା ଚିକିତ୍ସା କରୁଥିବା ଡାକ୍ତର ପରମଜିତ ମହାନ୍ତ କହିଛନ୍ତି। ପୂର୍ବାହ୍ନ ୧୦ଟା ବେଳେ ପ୍ରାର୍ଥନା କରୁଥିବା ବେଳେ ଜଣେ ଛାତ୍ରୀ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ପରେ ଅନ୍ୟ ୪ ଜଣ ଛାତ୍ରୀ ଚେତା ହରାଇ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଅଷ୍ଟମ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ଜଣେ ସପ୍ତମ ଶ୍ରେଣୀର ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି। ଅସୁସ୍ଥ ହୋଇପଡ଼ିଥିବା ଜଣେ ଛାତ୍ରୀଙ୍କୁ ଦେଖିବା ପାଇଁ ଆସିଥିବା ତାଙ୍କ ମାଆ ମଧ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଅତ୍ୟଧିକ ଗୁଳୁଗୁଳି କାରଣରୁ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

■ କେନ୍ଦ୍ରକୁ ଗଲେ ସୁରେନ୍ଦ୍ର ମୀନା
■ ୫ ଜଣଙ୍କୁ ମିଳିଲା ନୂଆ ନିଯୁକ୍ତି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହି ଅନୁଯାୟୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେନ୍ଦ୍ର କୁମାରଙ୍କୁ ଜଳସମ୍ପଦ ବିଭାଗର ସଚିବ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଅବକାରୀ ବିଭାଗ ସଚିବ ତଥା ବାଣିଜ୍ୟକର କମିଶନର ଥିବା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ସୁଶୀଲ କୁମାର ଲୋହାନିଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୧୭ ବ୍ୟାଚର ୫ ଜଣ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ନିଗମରେ ନୂଆକରି ନିଯୁକ୍ତି ଦିଆଯାଇଛି। ୨୦୧୭ ବ୍ୟାଚ୍ ଆଇଏଏସ୍ ଅଫିସର ସୋମେଶ କୁମାର ଉପାଧ୍ୟାୟଙ୍କୁ ଓମ୍‌ଫେଡ ସିଜିଏମ୍ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପି. ଅନଭେଶା ରେଡ୍ଡୀଙ୍କୁ ଓଡିଶା ଖଣି ନିଗମ(ଓଏମ୍‌ସି)ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର(ଇଡି), ପାଟିଲ ଆଶିଷ ଈଶ୍ୱରଙ୍କୁ ଗ୍ରୀଡ୍‌କୋ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର(ଇଡି), ଦିବାକର ଟି.ଏସ.ଙ୍କୁ ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ)ର ଓଏସଡି ଏବଂ ହେମାକାନ୍ତ ସେଙ୍କୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ରାଜସ୍ୱ ପର୍ଷଦ ସଚିବ ଥିବା ସୁରେନ୍ଦ୍ର କୁମାର ମୀନା ଆସନ୍ତା ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯାଉଛନ୍ତି। ସେ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ତାଙ୍କ ସ୍ଥାନରେ ବୋର୍ଡ ଅଫ ରେଭିନ୍ୟୁର ସଚିବ ଭାବେ ଲ୍ୟାଣ୍ଡ ରେକର୍ଡ ଆଣ୍ଡ ସେଟଲମେଣ୍ଟ କମିଶନର ଥିବା ଏନ.ବି. ଏସ ରାଜପୁତଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ଭିଜିଲାନ୍ସ ଜାଲରେ ଶିମିଳିପୁର ସରପଞ୍ଚ

ବାଙ୍କୀ,୩।୧୦(ସ୍ୱ.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ଅଧୀନ ଶିମିଳିପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ଗୁରୁବାର ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ବ୍ଲକ ଅଧୀନ କରବର ଗ୍ରାମର ନିତ୍ୟାନନ୍ଦ ସେଠଙ୍କଠାରୁ ସରପଞ୍ଚ ସାହୁ ୭ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ପହଞ୍ଚି ତାଙ୍କୁ ଗିରଫ କରିଥିଲେ। ଏଥିସହିତ ଲାଞ୍ଚ ଟଙ୍କା ଜବତ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ତରାଇଙ୍କୁ ମଧ ଭିଜିଲାନ୍ସ ଟିମ୍ ଉଠାଇ ନେଇ ଯାଇଛନ୍ତି। ତେବେ ସରପଞ୍ଚ କ'ଣ ପାଇଁ ଲାଞ୍ଚ ନେଉଥିଲେ ତାହା ଜଣା ପଡ଼ିନାହିଁ। ଏ ସମ୍ପର୍କରେ ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କାଙ୍କୁ ପଚାରିବାରେ ସେ କହିଥିଲେ, ମୁଁ କେବଳ ଏପରି ଖବର ଶୁଣିବାକୁ ପାଇଛି। ହେଲେ ପ୍ରକୃତରେ କ'ଣ ଘଟିଛି ତାହା ଜାଣିନାହିଁ। ଅନ୍ୟପକ୍ଷରେ ଭିଜିଲାନ୍ସର ଏପରି ଗିରଫକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି।

# ଅଧିକାରୀ ବଦଳିଗଲେଣି, ମାମଲା ଗଡୁଛି

**ପୁରୀ ହିଂସାକୁ ବର୍ଷେ ପୂରିଲା**

ପୁରୀ ଅଫିସ, ୩।୧୦

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଠିକ୍ ବର୍ଷକ ତଳେ ଶ୍ରୀକ୍ଷେତ୍ରରେ ଘଟିଥିଲା ଲଙ୍କାକାଣ୍ଡ। ପୁରୀ ବନ୍ଦ ନେଇଥିଲା ହିଂସାର ରୂପ। ବଡ଼ଦାଣ୍ଡରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଢେଲା ପଥର ମାଡ଼ରେ ଅନେକ ରକ୍ତାକ୍ତ ହୋଇଥିଲେ। ୨୦୧୮ ଅକ୍ଟୋବର ୩ର ଏହି ଘଟଣାକୁ ଗୁରୁବାର ବର୍ଷେ ପୂରିଛି। ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୨୦୧୮ ଅକ୍ଟୋବର ୧ରୁ ପରୀକ୍ଷାମୂଳକ ଧାଡ଼ି ଦର୍ଶନ ଆରମ୍ଭ ହୋଇଥିଲା। ଜଗନ୍ନାଥ ସେନା ଏହାକୁ ବିରୋଧ କରିବା ସହ ଅକ୍ଟୋବର ୩ରେ ପୁରୀ ବନ୍ଦ ଡାକରା ଦେଇଥିଲା। ସେହିଦିନ ଭୋର୍‌ରୁ ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ପୋଲିସ ତାଙ୍କ ମୋଚିସାହିସ୍ଥିତ ବାସଭବନରୁ ଉଠାଇ ନେଇଥିଲା। ଏହାପରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଉତ୍ତେଜନାର ରୂପ ନେଇ ହିଂସା ଆଡ଼କୁ ମୁହାଁଇଥିଲା। ଇତିମଧ୍ୟରେ ପୋଡ଼ାଜଳା, ଭଙ୍ଗାରୁଜା କାର୍ଯ୍ୟାଳୟ ସଜଡ଼ା ଯାଇ ପୂର୍ବସ୍ଥିତିକୁ ଫେରିଛି। ଶ୍ରୀମନ୍ଦିର ସଂସ୍କାର ସେମିତି ମାମଲା ଭିତରେ ଛନ୍ଦି ହୋଇପଡ଼ିଛି। ଅନ୍ୟପକ୍ଷରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କ ସମୟରେ ଏଭଳି ନିନ୍ଦନୀୟ ଘଟଣା ଘଟିଥିଲା ସେମାନେ ଏବେ ପୁରୀରେ ନାହାନ୍ତି। ତତ୍କାଳୀନ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଟାଉନ ଥାନା ଏବଂ ସିଂହଦ୍ୱାର ଥାନା ଆଇଆଇସି ଏଠାରୁ ବଦଳି ହୋଇ ଅନ୍ୟତ୍ର ଚାଲିଯାଇଛନ୍ତି। ହେଲେ ଏବେ ବି ପୁରୀ ହିଂସା ମାମଲା ସେମିତି ଗଡୁଛି। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏସ୍‌ପି କିମ୍ବା ଆଇଆଇସି ବଦଳିଗଲେ କୌଣସି ମାମଲା ବନ୍ଦ ହୋଇଯାଏ ନାହିଁ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପୁନଶ୍ଚ ସିସିଟିଭି ଯାଞ୍ଚ କରାଯାଇ ବାକି ଅଭିଯୁକ୍ତମାନଙ୍କୁ ଧରାଯିବ। ମାମଲାକୁ ଶୀଘ୍ର ଫଇସଲା କରାଯାଇ ଦୋଷୀଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରାଯିବ।

# ବିଭିନ୍ନ ବ୍ୟାଙ୍କର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ




ସମ୍ବଲପୁରରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର କର୍ମଚାରୀମାନେ।

ସମ୍ବଲପୁର,୩।୧୦(ବ୍ୟୁରୋ)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପକ୍ଷରୁ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ତିଥିରେ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ସମବେତ ହୋଇ ସମ୍ବଲପୁର ଅଇଁଠାପାଲି ଛକଠାରୁ ଜିଲାସ୍କୁଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି ଅବସରରେ ପଥଚାରୀଙ୍କୁ ସ୍ୱଚ୍ଛତା ଉପରେ ସଚେତନତା କରାଯାଇଥିଲା। ଏପରି କି ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା । ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମଣ୍ଡଳ ମୁଖ୍ୟ ଦୀପକ କୁମାର, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ ପୀତବାସ ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ତିନୋଟି ବ୍ୟାଙ୍କର ୧ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

FINANCE FINANCE

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ
ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

ASTROLOGY ASTROLOGY

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନୁଚ୍ଛେଦ ୩୭୦ ଏକ ଭୁଲ୍ ଥିଲା। ଏହି ଅଡୁଆକୁ ଛିଣ୍ଡାଇବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଯଥାର୍ଥ।

-ହରିଶ୍ ସାଲ୍‌ଭେ, ବରିଷ୍ଠ ଆଇନଜୀବୀ

## ସଂକ୍ଷେପରେ

### ୧୭ ଯାଏ ବଢ଼ିଲା ଚିଦାମ୍ବରମଙ୍କ ହାଜତ ମିଆଦ



**ନୂଆଦିଲ୍ଲୀ,୩।୧୦(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ଅକ୍ଟୋବର ୧୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତାଙ୍କ ହାଜତ ମିଆଦ ବଢ଼ାଇବା ଲାଗି ସିବିଆଇ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହରଙ୍କୁ ଅନୁରୋଧ କରିଥିଲା। ତିହାର ଜେଲ୍‌ରେ ଥିବା ୭୪ ବର୍ଷୀୟ ଚିଦାମ୍ବରମ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଘରରନ୍ଧା ଖାଦ୍ୟ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଏଥିପାଇଁ ତାଙ୍କୁ ଅନୁମତି ମିଳିଛି। ଆଇଏନ୍‌ଏକ୍ସ ମିଡିଆରେ ବିଦେଶୀ ପୁଞ୍ଜିନିବେଶ ଲାଗି ଅନୁମତି ଦେବାରେ ଅନିୟମିତତା ନେଇ ଅଗଷ୍ଟ ୨୧ରେ ସିବିଆଇ ଚିଦାମ୍ବରମଙ୍କୁ ଗିରଫ କରିଥିଲା।

### ଫ୍ରାନ୍ସରେ ରାଫାଲ ଉଡ଼ାଇବେ ରାଜନାଥ

**ନୂଆଦିଲ୍ଲୀ,୩।୧୦(ଆଇଏଏନ୍‌ଏସ୍):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୮ ତାରିଖରେ ଫ୍ରାନ୍ସ ଯାଇ ପ୍ରଥମ ରାଫାଲ ଯୁଦ୍ଧବିମାନକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିବେ। ଏହି ଅବସରରେ ସେ ରାଫାଲ ବିମାନ ଉଡ଼ାଇବେ ବୋଲି ଗୁରୁବାର ପ୍ରତିରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ଲାଗି ଫ୍ରାନ୍ସର ଡାସଲ୍ଟ ଆଭିଏଶନ ସହ ଚୁକ୍ତିନାମା ହୋଇଥିଲା। ୮ ତାରିଖ ଦଶହରାରେ ପ୍ରଥମ ରାଫାଲକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିବା ଲାଗି ନିଷ୍ପତ୍ତି ହୋଇଛି। ସେହିଦିନ ବାୟୁସେନା ଦିବସ ମଧ୍ୟ ପାଳିତ ହେଉଛି। ସେପ୍ଟେମ୍ବର ୩୦ରେ ରାଜନାଥ ବେଙ୍ଗାଲୁରୁରେ ତେଜସ ଯୁଦ୍ଧବିମାନ ଉଡ଼ାଇଥିଲେ।

### ଶାସ୍ତ୍ରିଜୀଙ୍କ ନାତୁଣୀଙ୍କ ପରଲୋକ

ନୂଆଦିଲ୍ଲୀ, ୩।୧୦(ପି.ଟି.) : ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ନାତୁଣୀ ନୀରଜ ସିହ୍ନା(୬୮)ଙ୍କ ହୃଦ୍‌ଘାତରେ ଗୁରୁବାର ପରଲୋକ ହୋଇଯାଇଛି। ଶାସ୍ତ୍ରିଜୀଙ୍କ ବଡ଼ ଝିଅ କୁସୁମ୍‌ଙ୍କ ସେ ଝିଅ ଥିଲେ। ନୀରଜଙ୍କ ସ୍ୱାମୀ ପ୍ରତ୍ୟୁଷ ସିହ୍ନା(ପୂର୍ବତନ ମୁଖ୍ୟ ଭିଜିଲାନ୍ସ କମିଶନର) ଓ ତାଙ୍କର ୨ ପୁଅ ଅଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଲୋଧିରୋଡ୍‌ସ୍ଥିତ ଶ୍ମଶାନରେ ନୀରଜଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଶାସ୍ତ୍ରିଜୀଙ୍କ ପୁଅ ତଥା କଂଗ୍ରେସ ନେତା ଅନିଲ ପ୍ରକାଶ କରିଛନ୍ତି।

### ଏନ୍‌ସିପିରେ ଯୋଗଦେଲେ ଶିବସେନା ବିଧାୟକ

**ମୁମ୍ବାଇ, ୩।୧୦(ପି.ଟି.) :** ଶାସକ ଶିବସେନାର ବିଧାୟକ ଅମିତ୍ ଘୋଦା ଗୁରୁବାର ଏନ୍‌ସିପିରେ ଯୋଗ ଦେଇଛନ୍ତି। ସେ ପାଲ୍‌ଘର ଆସନରୁ ଶିବସେନା ଟିକେଟ୍‌ରେ ବିଧାୟକ ହୋଇଥିଲେ। ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ଏନ୍‌ସିପି ନେତା ଅଜିତ୍ ପାୱାର, ନୱାବ ମଲିକଙ୍କ ଉପସ୍ଥିତିରେ ଅମିତ୍ ସାମିଲ ହୋଇଛନ୍ତି। ପ୍ରକାଶଥାଉ କି, ଗତ ବୁଧବାର ଭାଜପାର ପୂର୍ବତନ ବିଧାୟକ ମାଣିକ୍‌ରାଓ କୋକାଟେ ଏନ୍‌ସିପିରେ ସାମିଲ ହୋଇଥିଲେ। ସେ ନାସିକ ଜିଲା ସିନ୍ନର ଆସନରୁ ଏନ୍‌ସିପି ପ୍ରାର୍ଥୀ ହୋଇଛନ୍ତି। ଏଥିସହ କଂଗ୍ରେସ ବିଧାୟକ ଭାରତ ଭାଲ୍‌କେ ଏନ୍‌ସିପିରେ ଯୋଗଦେବା ପରେ ତାଙ୍କୁ ସୋଲାପୁରର ପାଣ୍ଡାପୁର ଆସନରୁ ପ୍ରାର୍ଥୀ କରାଯାଇଛି। ୨୧ରେ ଭୋଟ ଥିବାବେଳେ ବହୁ ରାଜନେତାଙ୍କ ଦଳବଦଳ ଚିନ୍ତା ବଢ଼ାଇଦେଇଛି।

### [ଇତିହାସର ଆଇନାରେ] ଅକ୍ଟୋବର ୪ର ପ୍ରମୁଖ ଘଟଣା

୧୯୬୩ ଅକ୍ଟୋବର ୪ରେ ସାମୁଦ୍ରିକ ଝଡ଼ ଫ୍ଲୋରା କ୍ୟୁବା ଓ ହାଇତିରେ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ପ୍ରାୟ ୭ ହଜାର ଲୋକ ମୃତ୍ୟୁବରଣ କରିଥିଲେ।

୧୯୯୨ ଅକ୍ଟୋବର ୪ରେ ଇସ୍ରାଏଲର ଏକ କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଆପାର୍ଟମେଣ୍ଟରେ ଖସିପଡ଼ିବାରୁ ବିମାନରେ ଥିବା ୩ କର୍ମଚାରୀଙ୍କ ସହ ମୋଟ ୪୩ ଜଣଙ୍କ ପ୍ରାଣହାନି ଘଟିଥିଲା।

# ବିଚାରପତିଙ୍କ ରାୟ ବି ଭୁଲ୍ ହୋଇପାରେ

**ନୂଆଦିଲ୍ଲୀ,୩।୧୦(ପି.ଟି.)**



ଆଦୌ ଭୁଲ୍ ରାୟ ଦେଇ ନ ଥିବା କୌଣସି ବିଚାରପତି ଦାବି କରିପାରିବେ ନାହିଁ। ରାୟ ପ୍ରଦାନରେ ସେମାନଙ୍କର ବି ଭୁଲ୍ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦୁର୍ବ୍ୟବହାର, କୌଣସି ପ୍ରକାର ଆନୁଗତ୍ୟ, ବାହ୍ୟ ପ୍ରଭାବର ସ୍ପଷ୍ଟ ଅଭିଯୋଗ ନ ଥିଲେ କେବଳ ଭୁଲ ରାୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ନୁହେଁ।

ଗତ ସପ୍ତାହରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ଦେଇଥିବା ରାୟ ଉପରେ ଏହା କହିଛନ୍ତି। ନିରପେକ୍ଷତା ଓ ନିର୍ଭୀକତା କେବଳ ଉଚ୍ଚତର କୋର୍ଟରୁ ନୁହେଁ, ଜିଲାସ୍ତରୀୟ ଅଦାଲତରୁ ମଧ୍ୟ ଆଶା କରାଯାଏ, କାରଣ ଅଧିକାଂଶ ମାମଲା ଏହି କୋର୍ଟଗୁଡ଼ିକରେ ବିଚାର ହୋଇଥାଏ। ତେଣୁ ତଳସ୍ତରର କୋର୍ଟଗୁଡ଼ିକ ସଙ୍କୋଚ, ନିର୍ଭୀକ, ବାହ୍ୟ ଚାପ ଓ ପ୍ରଭାବରୁ ମୁକ୍ତ ରହି ତଥ୍ୟପ୍ରମାଣ ଆଧାରରେ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ବିହାରର ଜଣେ ନ୍ୟାୟିକ ଅଧିକାରୀଙ୍କ ପିଟିଶନ୍‌ର ଶୁଣାଣି ବେଳେ ଖଣ୍ଡପୀଠ ଏହା କହିଛନ୍ତି। ଏକ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ଜାମିନକୁ ହାଇକୋର୍ଟ ଖାରଜ କରିଦେଇଥିବାବେଳେ ଉକ୍ତ ଅଧିକାରୀ ସେମାନଙ୍କୁ ଜାମିନ ପ୍ରଦାନ କରିଥିଲେ। ସେହିପରି ଅନ୍ୟ ଏକ ମାମଲାରେ ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ହୋଇଥିବା ନିଷ୍ପତ୍ତିକୁ ସେ ସର୍ବୋଚ୍ଚ ଅଦାଳତରେ ଚ୍ୟାଲେଞ୍ଜ କରିଥିଲେ।

## କୋହଳ ହେବନି ଏସ୍‌ସି,ଏସ୍‌ଟି ଆଇନ

**ନୂଆଦିଲ୍ଲୀ,୩।୧୦(ପି.ଟି.)**

ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ଆଇନ, ୧୯୮୯ରେ ଥିବା ବ୍ୟବସ୍ଥାକୁ କୋହଳ କରାଯିବନି ବୋଲି ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଯେଉଁ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିବ, ସେ କ୍ଷେତ୍ରରେ ଆଗୁଆ ଜାମିନ ପ୍ରଦାନ କରାଯାଇପାରିବ ବୋଲି ସାମ୍ବିଧାନିକ ପୀଠ ପୂର୍ବରୁ ନିଷ୍ପତ୍ତି ଶୁଣାଇ ସାରିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଏସ୍‌ସି/ଏସ୍‌ଟି ଆଇନରେ ଗିରଫଦାରି ବ୍ୟବସ୍ଥାକୁ କୋହଳ କରିବା ପାଇଁ ୨୦୧୮ ମାର୍ଚ୍ଚ ୨୦ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଉକ୍ତ ରାୟକୁ ଅକାମୀ କରିବା ଲାଗି ସରକାର ଗତବର୍ଷ ଉକ୍ତ ଆଇନରେ ସଂଶୋଧନ ଆଣିଥିଲେ, ଯାହାର ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହା ଉପରେ କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ଗତବର୍ଷ ଦୁଇଜଣିଆ ଖଣ୍ଡପୀଠ ଯେଉଁ ଦୁଇଟି ରାୟ ଦେଇଥିଲେ ଅକ୍ଟୋବର ୧ରେ ସର୍ବୋଚ୍ଚ ଅଦାଲତ ତାହାର ସମୀକ୍ଷା କରି ଆଇନର ପୂର୍ବ ସ୍ଥିତିକୁ କାଏମ ରଖିଥିବା ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ବିନୀତ ଶରଣ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆଇନରେ ଥିବା ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହେବନାହିଁ। ଆଗୁଆ ଜାମିନ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପୋଲିସର ପ୍ରାଥମିକ ତଦନ୍ତକୁ ନେଇ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ସ୍ପଷ୍ଟ କରିଦେଇଛନ୍ତି। ଏସ୍‌ସି/ଏସ୍‌ଟି ଆଇନରେ ଆଗୁଆ ଜାମିନ ପ୍ରଦାନ କିମ୍ବା ପ୍ରାଥମିକ ତଦନ୍ତରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ରହିପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ୩୭୦ ଉଚ୍ଛେଦ ପରଠୁ ଯୋଗାଯୋଗ ମାଧ୍ୟମ ବନ୍ଦ

# ରାସ୍ତାରେ ଖବରଦାତା

**ଶ୍ରୀନଗର,୩।୧୦(ପି.ଟି.)**




ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବାକୁ ୨ ମାସ ପୂରିଲାଣି। ତଥାପି ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ହୋଇନାହିଁ। ମୋବାଇଲ ଓ ଇଣ୍ଟରନେଟ ଉପରେ କଟକଣା ଜାରି ରହିଥିବାରୁ ଗଣମାଧ୍ୟମ ବହୁଳ ଭାବେ ପ୍ରଭାବିତ ହୋଇଛି। ଏଥିପାଇଁ ଜମ୍ମୁ-କଶ୍ମୀରର ରାଜରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ଖବରଦାତା। ଯୋଗାଯୋଗ ମାଧ୍ୟମ ଉପରୁ କଟକଣା ହଟାଇବା ଦାବିରେ ସେମାନେ ବିକ୍ଷୋଭ କରିବା ସହ ଧାରଣାରେ ବସିଛନ୍ତି।

ଉପତ୍ୟକାରେ ଯୋଗାଯୋଗ ମାଧ୍ୟମ ଉପରେ କଟକଣା ଜାରି ହେବା ୨ ପୂରି ୩ ମାସରେ ପହଞ୍ଚିଛି। ଏହା ଖବରଦାତାମାନଙ୍କ କାର୍ଯ୍ୟକୁ ବହୁଳ ଭାବେ ପ୍ରଭାବିତ କରିଛି। ଏପରି କି ସ୍ଥାନୀୟ ଖବରକାଗଜଗୁଡ଼ିକ ମଧ୍ୟ ଠିକ୍ ଭାବେ ପ୍ରକାଶ ପାଇପାରୁ ନାହିଁ। ୱେବ୍ ପୋର୍ଟାଲରେ ସେଗୁଡ଼ିକର ଇଣ୍ଟରନେଟ୍ ସଂସ୍କରଣ ପୂରା ବନ୍ଦ ହୋଇଯାଇଛି। ଏଥିପାଇଁ ସମସ୍ତ ଗଣମାଧ୍ୟମ ସଙ୍ଗଠନ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଖବରଦାତାମାନେ ମୁକ୍ତ ଭାବେ ବୃତ୍ତିଗତ ଦାୟିତ୍ୱ ନିର୍ବାହ କରିପାରିବା ପାଇଁ କଟକଣା ହଟାଇବାକୁ ସରକାରଙ୍କ ନିକଟରେ ଦାବି କରିଥିବା କଶ୍ମୀର ପ୍ରେସ୍ କ୍ଲବ୍ ଅଧ୍ୟକ୍ଷ ଶୁଜା ଉଲ୍ ହକ୍ କହିଛନ୍ତି। ଖବରଦାତାମାନେ ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଛନ୍ତି। ସେମାନେ ଶ୍ରୀନଗରର ପୋଲୋ ଭ୍ୟୁଠାରୁ ବାହାରି ରେସିଡେନ୍ସି ରୋଡ୍‌ସ୍ଥିତ ପ୍ରେସ୍ କଲୋନିକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ଶ୍ରୀନଗରର ଏକ ଘରୋଇ ହୋଟେଲରେ ଖବରଦାତାଙ୍କ ପାଇଁ ମିଡିଆ ଫେସିଲିଟେଶନ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ସେଠାରେ ମାତ୍ର ୧୦ଟି କମ୍ପ୍ୟୁଟର ଥିବାରୁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଖବରଦାତାମାନେ କହିଛନ୍ତି। ମୋବାଇଲ ଓ ଇଣ୍ଟରନେଟ୍ ସେବା ଉପରେ କଟକଣା ଗଣମାଧ୍ୟମର କଣ୍ଠରୋଧ ସହ ସମାନ ବୋଲି ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ଓ ସ୍ଥାନୀୟ ପ୍ରଶାସନ ସ୍ଥିତି ସ୍ୱାଭାବିକ ହୋଇଥିବା ଦାବି କରୁଥିବାବେଳେ ଏହି କଟକଣା କେବେ ହଟିବ ସେନେଇ କିଛି କୁହାଯାଉନାହିଁ।

### ମୋବାଇଲ, ଇଣ୍ଟରନେଟ ଉପରୁ କଟକଣା ହଟାଇବାକୁ ଦାବି

### ପର୍ଯ୍ୟାୟକ୍ରମେ ମୁକୁଳିବେ କଶ୍ମୀରୀ ନେତା

**ଶ୍ରୀନଗର,୩।୧୦(ପି.ଟି.):** ୫୦ରୁ ଊର୍ଦ୍ଧ୍ୱ ଦିନ ଧରି ଗୃହବନ୍ଦୀ ଥିବା ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ୪୦୦ ନେତା ପର୍ଯ୍ୟାୟକ୍ରମେ ମୁକ୍ତ ହେବେ। ଜଣ ଜଣ କରି ସମସ୍ତଙ୍କୁ ଛାଡ଼ି ଦିଆଯିବ ବୋଲି ଗୁରୁବାର ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ପରାମର୍ଶଦାତା ଫାରୁକ୍ ଖାନ ସୂଚନା ଦେଇଛନ୍ତି। ଅଗଷ୍ଟ ୫ରେ ୩୭୦ ଉଚ୍ଛେଦ ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଛି। ଅସ୍ୱାଭାବିକ ସ୍ଥିତି ଏଡାଇବା ପାଇଁ ତାଙ୍କ ସହ ଆହୁରି ପ୍ରାୟ ୪୦୦ ନେତାଙ୍କୁ ଅଟକ ରଖାଯାଇଛି।

## ନାରାୟଣ ରାଣେଙ୍କ ପୁଅ ଭାଜପାରେ

**ମୁମ୍ବାଇ, ୩।୧୦(ପି.ଟି.)**

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ନୀତେଶ୍ ରାଣେ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ପୂର୍ବରୁ ସେ କଂଗ୍ରେସ ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ମହାରାଷ୍ଟ୍ରର କନ୍‌କଭ୍‌ଲି ଆସନରୁ ଏଥର ସେ ଭାଜପା ଟିକେଟରେ ନିର୍ବାଚନ ଲଢ଼ିବେ। ଏହି ଆସନରୁ ୨୦୧୪ରେ ସେ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ। କଂଗ୍ରେସରୁ ୨୦୧୭ରେ ଅଲଗା ହୋଇ ନାରାୟଣ ରାଣେ ମହାରାଷ୍ଟ୍ର ସ୍ୱାଭିମାନ ପାର୍ଟି ଗଠନ କରିଥିଲେ। ଏବେ ଏହି ଦଳ ଭାଜପାରେ ବିଲୀନ ହୋଇଥିବା ସେ କହିଛନ୍ତି।



ପ୍ରକାଶଥାଉ କି, ୨୦୦୫ରେ ନାରାୟଣ ରାଣେ ଶିବସେନା ଛାଡ଼ିବା ପରେ କଂଗ୍ରେସରେ ଯୋଗଦେଇଥିଲେ।

## ୪ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ଜମ୍ମୁ,୩।୧୦(ପି.ଟି.)**

ଜମ୍ମୁ-କଶ୍ମୀରର କିସ୍ତୱାର୍ ଜିଲାରେ ଗୁରୁବାର ତଲାସି ବେଳେ ହିଜ୍‌ବୁଲ ମୁଜାହିଦ୍ଦିନର ୪ ଆତଙ୍କବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଫାରୁକ୍ ଭଟ, ମଞ୍ଜୁର ଗନି, ମାସୁଦ ଓ ନୁର ମହମ୍ମଦ ମଲିକ। ପୋଲିସ ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କିସ୍ତୱାର୍‌ରେ ଅଦ୍ୟାବଧି ମୋଟ ୧୬ ଆତଙ୍କବାଦୀଙ୍କୁ ଗିରଫ କରିଥିବାବେଳେ ୪୫ ଜଣଙ୍କୁ ପଚରାଉଚରା କରୁଛି।

## ପୋଲିସ ମୁଖ୍ୟାଳୟରେ ଛୁରାମାଡ଼




**ପ୍ୟାରିସ୍,୩।୧୦(ଏଏଫ୍‌ପି)**

### ୪ ଅଧିକାରୀ ମୃତ, ହତ୍ୟାକାରୀ ନିହତ

ପ୍ୟାରିସ୍‌ର ପୋଲିସ ମୁଖ୍ୟାଳୟରେ ଗୁରୁବାର ଜଣେ ବ୍ୟକ୍ତି ଛୁରାମାଡ଼ କରିଛନ୍ତି। ତାଙ୍କ ଆକ୍ରମଣରେ ୪ ପୋଲିସ ଅଧିକାରୀ ନିହତ ହୋଇଛନ୍ତି। ପୋଲିସର ଗୁଳିମାଡ଼ରେ ଆକ୍ରମଣକାରୀ ଟଳିପଡ଼ିଛନ୍ତି।

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର କେନ୍ଦ୍ରସ୍ଥଳରେ ରହିଛି ପୋଲିସ ମୁଖ୍ୟାଳୟ। ବିଲ୍ଡିଂ ପରିସରରେ ସ୍ଥାନୀୟ ସମୟ ୧ଟାରେ ଜଣେ ବ୍ୟକ୍ତି ପୋଲିସ ଉପରେ ଛୁରାମାଡ଼ କରିବାରେ ଲାଗିଥିଲେ। ଡାକବାଜି ଯନ୍ତ୍ରରେ ଘୋଷଣା କରାଗଲା, ଏହା ଏକ ଆକ୍ରମଣ ବୋଲି। ପୋଲିସ ଅଧିକାରୀମାନେ ସଜାଗ ହୋଇ ଚାରିଆଡ଼େ ଘେରିଗଲେ। କିଛି ସମୟ ପରେ ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହେଲେ। ତେବେ ସେତେବେଳ ଯାଏ ଛୁରାମାଡ଼ରେ ୪ ପୋଲିସ ଅଧିକାରୀଙ୍କ ଜୀବନ ଯାଇସାରିଥିଲା। ୪୫ ବର୍ଷୀୟ ଆକ୍ରମଣକାରୀ ପୋଲିସ ମୁଖ୍ୟାଳୟରେ ୨୦ ବର୍ଷ ଧରି କାର୍ଯ୍ୟ କରିଥିଲେ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁ, ପ୍ରଧାନମନ୍ତ୍ରୀ ଏଡୁଆର୍ଡ ଫିଲିପ୍ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଖ୍ରୀଷ୍ଟୋଫେ କାଷ୍ଟାନେର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଫ୍ରାନ୍ସରେ ପୋଲିସ ଅଧିକାରୀମାନଙ୍କ ଉପରେ କ୍ରମାଗତ ଆକ୍ରମଣକୁ ନେଇ ପୋଲିସ ପକ୍ଷରୁ ଦେଶବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାର ଦିନକ ପରେ ଏହି ଟାର୍ଗେଟ କରାଯାଇଛି।

## କର୍ତାରପୁର କରିଡର: ପାକିସ୍ତାନ ଯିବେନି ମନମୋହନ

**ନୂଆଦିଲ୍ଲୀ,୩।୧୦(ପି.ଟି.)**

କର୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଯୋଗଦେବେ। ତେବେ ସେ ପାକିସ୍ତାନ ଯିବେନି ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସ୍ପଷ୍ଟ କରିଛନ୍ତି। ପ୍ରଥମ ସର୍ବଦଳୀୟ ପ୍ରତିନିଧିଙ୍କ ସହ କର୍ତାରପୁର ସାହିବ ଗୁରୁଦ୍ୱାରାରେ ଯୋଗଦେବା ପାଇଁ ମନମୋହନ ରାଜି ହୋଇଥିବା ସେ ସୂଚନା ଦେଇଛନ୍ତି। ତାଙ୍କର କିମ୍ବା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କର ପାକିସ୍ତାନ ଯିବାର କୌଣସି ଯୋଜନା ନାହିଁ। ପାକିସ୍ତାନ ଯିବା ଓ କରିଡର ଦେଇ



### ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ

ଗୁରୁଦ୍ୱାର ଯିବା ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ପାକିସ୍ତାନର ଆମନ୍ତ୍ରଣ ରକ୍ଷା କରି ମନମୋହନ ସେଠାକୁ ଯିବେ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଅମରିନ୍ଦର ଉପରୋକ୍ତ ସ୍ପଷ୍ଟୀକରଣ ଦେଇଛନ୍ତି। ଦେବଗୁରୁ ନାନକ ଦେବଙ୍କ ୫୫୦ତମ ପ୍ରକାଶ ପର୍ବ ସହ ଐତିହାସିକ କର୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ଅମରିନ୍ଦର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ନିମନ୍ତ୍ରଣ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ତାଙ୍କ ଆମନ୍ତ୍ରଣକୁ ଗ୍ରହଣ କରିଛନ୍ତି। ନଭେମ୍ବର ୧୨ରେ ସୁଲତାନପୁର ଲୋଧିଠାରେ ମୁଖ୍ୟ କାର୍ଯ୍ୟକ୍ରମ ଏବଂ ଡେରା ବାବା ନାନକଙ୍କ ପୀଠରେ କର୍ତାରପୁର କରିଡର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଅମରିନ୍ଦର ସେମାନଙ୍କୁ ଅନୁରୋଧ କରିଛନ୍ତି।

### ନଦୀକୁ ବସ୍ ଖସି ୭ ମୃତ

**ରାଇସେନ୍(ଏମ୍‌ପି), ୩।୧୦(ପି.ଟି.) :** ମଧ୍ୟପ୍ରଦେଶର ରାଇସେନ୍ ଜିଲାରେ ଗୁରୁବାର ଏକ ଘରୋଇ ବସ୍ ନଦୀକୁ ଖସିପଡ଼ିବାରୁ ୭ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଏଥିସହ ୩୦ ଯାତ୍ରୀ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇ ବନ୍ୟାଜଳବର୍ତ୍ତି ନଦୀରେ ବସ୍ ଖସିପଡ଼ିଥିଲା। ମୁଖ୍ୟମନ୍ତ୍ରୀ କମଲନାଥ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଇନ୍ଦୋରରୁ ଛତରପୁର ଅଭିମୁଖେ ଯାଉଥିବା ଏହି ବସ୍‌ଟି ରିଛନ ନଦୀରେ ରାତିଅଧରେ ଖସିପଡ଼ିଥିଲା।

## ୧୨୦ ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟାହେବ ନିଜାମଙ୍କ ସମ୍ପତ୍ତି

**ହାଇଦ୍ରାବାଦ,୩।୧୦**

ଦେଶୀୟ ରାଜ୍ୟ ହାଇଦ୍ରାବାଦର ଶେଷ ନିଜାମ ମିର୍ ଓସ୍‌ମାନ ଅଲି ଖାନଙ୍କର ନାଟ୍‌ୱେଷ୍ଟ ବ୍ୟାଙ୍କରେ ୧୯୪୮ରୁ ଜମା ଥିବା ୩୫ ନିୟୁତ ପାଉଣ୍ଡ (୩୦୬ କୋଟି ଟଙ୍କା) ତାଙ୍କର ୧୨୦ରୁ ଊର୍ଦ୍ଧ୍ୱ ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟାଯିବ। ନିଜାମଙ୍କ ପରିବାର ସୂତ୍ରରୁ ଏହା ଜଣାପଡିଛି। ବୁଧବାର ପ୍ରକାଶ ପାଇଥିବା ଇଂଲଣ୍ଡ ଓ ୱେଲ୍ସର ବ୍ୟବସାୟ ଓ ସମ୍ପତ୍ତି କୋର୍ଟଙ୍କ ରାୟ ଭାରତ ଓ ନିଜାମଙ୍କ ଉତ୍ତରାଧିକାରୀମାନଙ୍କ ସପକ୍ଷରେ ଯାଇଥିଲା। ଏହି ସମ୍ପତ୍ତି ଉପରେ ପାକିସ୍ତାନ ସରକାରଙ୍କ ଦାବିକୁ କୋର୍ଟ ଖାରଜ କରିଦେଇଥିଲେ। ସୂତ୍ର ଅନୁଯାୟୀ ସମ୍ପତ୍ତି ଭାରତ ସରକାର, ନିଜାମଙ୍କ ଇଷ୍ଟେଟ୍‌ର ପ୍ରତିନିଧିତ୍ୱ କରୁଥିବା ମୁକାରାମ୍ ଜାହ, ମୁଫଖାମ୍ ଜାହ, ନିଜାମଙ୍କ ନାତି ଓ ଇଷ୍ଟେଟ୍‌ର ଅଂଶବିଶେଷ ଥିବା ଅନ୍ୟ ୧୨୦ ଜଣଙ୍କ ମଧ୍ୟରେ ବାଣ୍ଟିଦିଆଯିବ। ମାମଲାରେ ପକ୍ଷ ଥିବା ନିଜାମଙ୍କ ଅନ୍ୟତମ ନାତି ନଜାଫ ଅଲି ଖାନ୍‌ଙ୍କୁ ମଧ୍ୟ ସମ୍ପତ୍ତିରୁ ଭାଗ ମିଳିବ। ସେ ନିଜାମଙ୍କ ପରିବାର କଲ୍ୟାଣ ସଂଘର ମୁଖ୍ୟ ଅଛନ୍ତି।

## କେନ୍ଦ୍ର କ୍ୟାବିନେଟ୍ ସମ୍ପ୍ରସାରଣ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୩।୧୦(ଆଇଏଏନ୍‌ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟର ପ୍ରଥମ ସମ୍ପ୍ରସାରଣ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଆଗାମୀ ୧୫ ଦିନ ମଧ୍ୟରେ ଏହି ସମ୍ପ୍ରସାରଣ ହେବ ବୋଲି ଏକ ସୂତ୍ରରୁ ଜଣାପଡିଥିବାବେଳେ ସୁରେଶ ପ୍ରଭୁଙ୍କୁ ପୁଣି ଥରେ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ସମ୍ଭାବନା ରହିଛି। ତାଙ୍କୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦାୟିତ୍ୱ ମିଳିପାରେ। ଏବେ ଏହି ମନ୍ତ୍ରଣାଳୟ ପୀୟୂଷ ଗୋୟଲଙ୍କ ନିୟନ୍ତ୍ରଣରେ ରହିଛି। ମୋଦିଙ୍କ ପୂର୍ବ କ୍ୟାବିନେଟରେ ପ୍ରଭୁ ପ୍ରଥମେ ରେଳ ଓ ପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ଜି-୨୦ ସମ୍ମିଳନୀ ବେଳେ ସେ ଭାରତର ଶେର୍ପା ଭାବେ ଯୋଗ ଦେଇଥିଲେ।



### ଫେରିପାରନ୍ତି ସୁରେଶ ପ୍ରଭୁ

ଦେଶର ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେବା ସହ ଜିଡିପି ଧାର୍ଯ୍ୟଲକ୍ଷ୍ୟଠାରୁ ହ୍ରାସ ପାଇଥିବାରୁ ପ୍ରଭୁଙ୍କ ଭଳି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜନେତାଙ୍କୁ ପୁଣି ଥରେ କ୍ୟାବିନେଟକୁ ଫେରାଇ ଆଣିବା ଲାଗି ମୋଦି ଚିନ୍ତା କରୁଥିବା ଜଣାପଡିଛି। ଏବେ କେନ୍ଦ୍ର କ୍ୟାବିନେଟରେ ୫୮ ମନ୍ତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ଅଧିକାଂଶ ମନ୍ତ୍ରୀଙ୍କୁ ଏକାଧିକ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। ନରେନ୍ଦ୍ର ସିଂ ତୋମାରଙ୍କୁ କୃଷି, କୃଷକ କଲ୍ୟାଣ ସମେତ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ବିଭାଗ ମିଳିଛି। ସେହିପରି ରବିଶଙ୍କର ପ୍ରସାଦଙ୍କୁ ଆଇନ ଓ ନ୍ୟାୟ ସମେତ ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଦାୟିତ୍ୱ ପ୍ରଦାନ କରାଯାଇଛି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେଲେ ଏହି ମନ୍ତ୍ରୀମାନଙ୍କ ଅତିରିକ୍ତ ବୋଝ କୋହଳ ହୋଇପାରିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ବିସିସିଆଇ ନିର୍ବାଚନ: ସଞ୍ଜୀବ୍ ଓସିଏ ପ୍ରତିନିଧି

କଟକ ଅଫିସ,୩।୧୦: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରତିନିଧି ଭାବେ ସାମିଲ ହେବେ ସମ୍ପାଦକ ସଞ୍ଜୟ ବେହେରା। ଗୁରୁବାର ଓସିଏ କାର୍ଯ୍ୟାଳୟରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ପ୍ରଥମ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ସଭାପତି ପଙ୍କଜ ଲୋଚନ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ୭୩ ସଦସ୍ୟଙ୍କ ମଧ୍ୟରୁ ୫୭ଜଣ ଯୋଗ ଦେଇଥିଲେ। ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ଶୁଭାଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

### ଜାତୀୟ ଶିବିରରେ ଜବାମଣି, ଆରତି, ସୋନୀ

କଟକ ଅଫିସ,୩।୧୦: ଚଳିତମାସ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଜାତୀୟ ମହିଳା ଫୁଟବଲ ଦଳର ଶିବିର ଅନୁଷ୍ଠିତ ହେବ। ଏଏଫସି ମହିଳା ଏସିଆନ-୨୦୨୨ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ନିମନ୍ତେ ଏହି ଶିବିରରୁ ବଛାଯିବ ଭାରତୀୟ ସିନିୟର ମହିଳା ଫୁଟବଲ ଦଳ। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ) ପକ୍ଷରୁ ୩ ଜଣ ଓଡ଼ିଆ ଖେଳାଳିଙ୍କୁ ଏହି ଶିବିର ନିମନ୍ତେ ଚୟନ କରାଯାଇଛି। ଏମାନେ ହେଲେ ମୟୂରଭଞ୍ଜର ଜବାମଣୀ ଟୁଡୁ, ଓଡ଼ିଶା ପୋଲିସର ଆରତୀ ଅନିମା ଖାଡ଼ିଆ, କଟକ ସାଇ କେନ୍ଦ୍ରର ସୋନୀ ବେହେରା। ଶିବିରରୁ ବଛାଯିବା ଦଳ ଭିଏତନାମ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଖେଳିବ।

> କ୍ୟାରିୟରର ପ୍ରଥମ ଶତକକୁ ଦ୍ୱିଶତକରେ ରୂପାନ୍ତରିତ କରିପାରିଥିବାରୁ ମୁଁ ବହୁତ ଖୁସୀ, ଯାହାକୁ ବର୍ଣ୍ଣନା କରିହେବ ନାହିଁ ।
> **-ମୟଙ୍କ ଅଗ୍ରୱାଲ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ**



> ଦକ୍ଷିଣ ଆଫ୍ରିକାର ସିନିୟର କ୍ରିକେଟର୍‌ମାନେ ଅବସର ନେବାପରେ ଦଳର ମେଣ୍ଟରର ଭୂମିକା ତୁଲାଇବା ଆବଶ୍ୟକ।
> **- ଭର୍ନନ ଫିଲାଣ୍ଡର, ଦକ୍ଷିଣ ଆଫ୍ରିକାର ବରିଷ୍ଠ ବୋଲର**



# ଭାରତର ଶତପ୍ରତିଶତ ରେକର୍ଡ

ବେଲଜିୟମ ଟୁର୍

**ଆଣ୍ଟୱେର୍ପ(ବେଲଜିୟମ), ୩।୧୦**

ବେଲଜିୟମ ଟୁର୍‌ରେ ଭାରତୀୟ ହକି ଦଳ ଶତ ପ୍ରତିଶତ ବିଜୟ ରେକର୍ଡ ହାସଲ କରିଛି। ଦଳ ଖେଳିଥିବା ୫ଟି ଯାକ ମ୍ୟାଚରେ ବିଜୟ ହାସଲ କରିଛି। ଟୁର୍‌ର ପ୍ରଥମ ମ୍ୟାଚରେ ଭାରତ ବିଶ୍ୱ ଚାମ୍ପିୟନ ବେଲଜିୟମକୁ ୨-୦ ଗୋଲରେ ହରାଇବାପରେ ପରବର୍ତ୍ତୀ ୨ଟି ମ୍ୟାଚରେ ସ୍ପେନକୁ ଯଥାକ୍ରମେ ୬-୧ ଓ ୫-୧ ଗୋଲରେ ପରାସ୍ତ କରିଥିଲା। ୪ର୍ଥ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିବାବେଳେ ଗୁରୁବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ୫-୧ ଗୋଲରେ ବେଲଜିୟମକୁ ପରାସ୍ତ କରିଛି। ଭାରତ ପକ୍ଷରୁ ସିମରନଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ବିବେକ ସାଗର ପ୍ରସାଦ, ହରମନପ୍ରୀତ ସିଂ ଏବଂ ରମଣଦୀପ ସିଂ ଗୋଲ ସ୍କୋର କରିଥିଲେ।

ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ତଥା ୨ ନମ୍ବର ଦଳ ବେଲଜିୟମ ବିପକ୍ଷରେ ୫ ନମ୍ବର ର୍‍ୟାଙ୍କ୍‌ପ୍ରାପ୍ତ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। ୭ମ ମିନିଟରେ ସିମରନଜିତ ସିଂ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୯ମ ମିନିଟରେ ବେଲଜିୟମ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କିପର କ୍ରିଷ୍ଣନ ବି. ପାଠକ ତାହାକୁ ସେଭ୍ କରି ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଜୋରଦାର ଆକ୍ରମଣ କରିଥିଲା ବେଲଜିୟମ। ୧୬ତମ ମିନିଟରେ ଦଳକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ପାଠକ ତାହାକୁ ବେକାର କରି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ୧-୦ରେ ଅପରିବର୍ତ୍ତିତ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ପରିବର୍ତ୍ତିତ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ଏହାର ଫଳ ମିଳିଥିଲା। ୩୫ତମ ମିନିଟରେ ଲଳିତ ଉପାଧ୍ୟାୟ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାର ୧ ମିନିଟ ପରେ ବିବେକ ସାଗର ପ୍ରସାଦ ଆଉ ଏକ ଗୋଲ ଦେବାରୁ ବେଲଜିୟମ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ୩୮ତମ ମିନିଟରେ ବେଲଜିୟମ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାକୁ ଉଦ୍ୟମ କରିଥିବାବେଳେ ବଦଳ ଗୋଲକିପର ପି.ଆର. ଶ୍ରୀଜେଶ ଡାଇଭ୍ ମାରି ତାହାକୁ ସେଭ୍ କରିଦେଇଥିଲେ। ମାତ୍ର ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ୩୯ତମ ମିନିଟରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ ଆଉ ୨ଟି ଗୋଲ ଦେଇ ପ୍ରତିପକ୍ଷ ଦଳର ଆଶାରେ ପାଣି ଭରି ଦେଇଥିଲା। ୪୨ତମ ମିନିଟରେ ପେନାଲ୍ଟି କର୍ନରକୁ ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ହରମନପ୍ରୀତ ସିଂ ଗୋଲରେ ପରିଣତ କରିଥିବାବେଳେ ୪୩ତମ ମିନିଟରେ ଅଭିଜ୍ଞ ରମଣଦୀପ ସିଂ ଗୋଲ ସ୍କୋର କରିଥିଲେ।



ଗୋଲ ସ୍କୋର ପରେ ସିମରନଜିତ୍ ସିଂ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ରାଜ୍ୟ ସିନିୟର ଫିଡେ ରେଟିଂ ଚେସ୍
## ପାଞ୍ଚ ରାଉଣ୍ଡ ସୁଦ୍ଧା ୬ ଅଗ୍ରଣୀ

**ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)**

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବିନୟ ପାରାଡାଇଜ୍‌ରେ ଚାଲିଥିବା ୬୦ତମ ଓଡ଼ିଶା ରାଜ୍ୟ ଫିଡେ ରେଟିଂ (ଓପନ) ଚେସ୍‌ର ୫ମ ରାଉଣ୍ଡ ଖେଳ ଶେଷ ହୋଇଛି। ଗୁରୁବାର ୫ମ ରାଉଣ୍ଡ ଖେଳ ଶେଷସୁଦ୍ଧା ୬ ଖେଳାଳି ୪.୫ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଅଗ୍ରଣୀହାସଲ କରିଛନ୍ତି। ସେମାନେ ହେଲେ ମହିଳା ଫିଡେ ମାଷ୍ଟର ରତମ୍ବରା ବିଧାର, ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ, ରାଜେଶ ନାୟକ, ରାକେଶ କୁମାର ନାୟକ, ନିଲ୍‌ସୁ ପଟ୍ଟନାୟକ ଓ ଅଂଶୁମାନ ସାମଲ। ୪ ପଏଣ୍ଟ ଲେଖାଏ ପାଇଥିବା ପ୍ରତିଯୋଗୀମାନେ ହେଲେ ସ୍ୱପ୍ନିଳ ପ୍ରିୟଦର୍ଶୀ, ଓମ୍ ଆଦିତ୍ୟ ଖାଡଙ୍ଗା, ବିଶ୍ୱହରି ସାହୁ, ଆଶୁତୋଷ ମହାନ୍ତି, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ, ରବୀନ୍ଦ୍ର କୁମାର ଓଝା ଓ ଶ୍ରୀନାଥ ଭୋଇ।

# ଏକାଡେମୀରେ ଖେଳିବା ପାଇଁ ପୁଅଙ୍କ ଭଳି ଚୁଟି କାଟିଥିଲେ ଶେଫାଳି

**ନୂଆଦିଲ୍ଲୀ, ୩।୧୦**

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷ ୪ର୍ଥ ଟି୨୦ ମ୍ୟାଚ୍‌ରେ ଭାରତକୁ ଜିତାଇବାରେ ୧୫ ବର୍ଷୀୟା ଓପନର୍ ଶେଫାଳି ବର୍ମାଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଏହି ମ୍ୟାଚ୍‌ରେ ଶେଫାଳି ୩୩ ବଲରୁ ୪୬ ରନର ଦ୍ରୁତ ଇନିଂସ ଖେଳିଥିଲେ। ଡାହାଣହାତୀ ବ୍ୟାଟ୍ସଓମ୍ୟାନ ଶେଫାଳିଙ୍କ ଏହି ଇନିଂସ ଯୋଗୁ ଭାରତ ୫୧ ରନରେ ମ୍ୟାଚ୍‌କୁ ଜିତିନେଇଥିଲା। ରୋହତକ ଜନ୍ମିତ ଶେଫାଳିଙ୍କ ଲାଗି ଏହା ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ରହିଥିବାବେଳେ ତାଙ୍କ ବିଷୟରେ ଏକ ରୋଚକ ଖବର ଏବେ ସାମ୍ନାକୁ ଆସିଛି। କ୍ୟାରିୟର ଆରମ୍ଭରେ କ୍ରିକେଟ୍ ଏକାଡେମୀରେ ଖେଳିବା ପାଇଁ ଶେଫାଳିଙ୍କୁ ପୁଅଙ୍କ ଭଳି ଚୁଟି କାଟିବାକୁ ପଡ଼ିଥିଲା ବୋଲି ବାପା ସଞ୍ଜୀବ ବର୍ମା ଏକ ସାକ୍ଷାତକାର ଅବସରରେ କହିଛନ୍ତି। ରୋହତକରେ ବାଳିକାଙ୍କ ଲାଗି ଗୋଟିଏ ହେଲେ କ୍ରିକେଟ୍ ଏକାଡେମୀ ନ ଥିଲା। ତେଣୁ ଶେଫାଳିଙ୍କୁ ବାଳକ ଏକାଡେମୀରେ ଖେଳାଇବା ପାଇଁ ତାଙ୍କ ବାପା ନିଷ୍ପତ୍ତି ନେଇଥିଲେ। ଏଥିଲାଗି ତାଙ୍କୁ ପୁଅଙ୍କ ଭଳି ଚୁଟି କାଟି 'ବାଳକ' ଭାବେ ଏକାଡେମୀରେ ଖେଳିବାକୁ ପଡ଼ିଥିଲା। ଶେଫାଳିଙ୍କୁ କାଳେ କିଏ ଚିହ୍ନି ଦେବ ଏହା ମଧ୍ୟ ସଞ୍ଜୀବଙ୍କ ମନରେ ଭୟ ରହିଥିଲା। କିନ୍ତୁ ସୌଭାଗ୍ୟବଶତଃ କେହି ମଧ୍ୟ ଏହା ଜାଣିପାରି ନ ଥିଲେ। ଶେଫାଳିଙ୍କ ଏହି ହେୟାର ଷ୍ଟାଇଲ ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପଦାର୍ପଣ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଟି୨୦ କ୍ରିକେଟ୍‌ରୁ ବରିଷ୍ଠ ଖେଳାଳି ମିଥାଲି ରାଜଙ୍କ ଅବସର ପରେ ଶେଫାଳିଙ୍କୁ ଭାରତୀୟ ଦଳରୁ ଡାକରା ମିଳିଥିଲା।



ଜାତୀୟ କ୍ଲାସିକ୍ ଶକ୍ତି ଉତ୍ତୋଳନରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ଦ୍ୱିତୀୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)**

ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ(ଏସଏସଏସଏଫ)ର ଦ୍ୱିତୀୟ କାର୍ଯ୍ୟକ୍ରମ ଗୁରୁବାର କ୍ୟାପିଟାଲ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ରୁ ୧୨ ବର୍ଷ ମଧ୍ୟରେ ୫୦ ପିଲାଙ୍କର ୧୫ ପ୍ରକାର ଶାରୀରିକ ପରୀକ୍ଷା କରାଯାଇଥିଲା। ପିଲାଙ୍କ ବୟସ ଅନୁଶୀଳନ, ଫିଟ୍‌ନେସ ସ୍ତର ଏବଂ କ୍ରୀଡ଼ା ଦକ୍ଷତା ମପାଯିବା ଏହାର ଅନ୍ତର୍ଭୁକ୍ତ ଥିଲା। ''ଏସଏସଏସଏଫର ଏହା ଏକ ବିରଳ ପଦକ୍ଷେପ। ଏହା ପିଲାମାନଙ୍କର ଫିଟ୍‌ନେସ୍ ଏବଂ କ୍ରୀଡ଼ା ଦକ୍ଷତା ଅନୁମାନ କରିବା କ୍ଷେତ୍ରରେ ବିଶେଷ ସହାୟକ ହେବ'' ବୋଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ପ୍ରକାଶ କରିଛନ୍ତି। ଫାଉଣ୍ଡେଶନର ମୁଖ୍ୟ ଡ. ମୁକ୍ତିପ୍ରସାଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅମିତ କୁମାର ସାହୁ, ପ୍ରସାଦ ସାହୁ, ତାରାପ୍ରସାଦ ପରିଡ଼ା, ଦୀପ୍ତି ସୁନ୍ଦର ଦାଶ, ଅନିଲ ଜେନା, ଲକ୍ଷ୍ମୀଧର ମହାନ୍ତି, ସମୀର କୁମାର ସାହୁ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ସାହୁ ଏହି ପ୍ରକଳ୍ପର ମାଷ୍ଟର ଟ୍ରେନର ଦାୟିତ୍ୱ ତୁଲାଉଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ଅଗଷ୍ଟ ୨୯ରେ ଏପିଜେ ସ୍କୁଲରେ ଏସଏସଏସଏଫ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।



ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କାର୍ଯ୍ୟକ୍ରମ ଅବସରରେ ଛାତ୍ରମାନଙ୍କ ସହ କର୍ମକର୍ତ୍ତାମାନେ।

# ଏନ୍‌ବିଏର ଶୁଭାରମ୍ଭ କରିବେ ନୀତା

**ମୁମ୍ବାଇ, ୩।୧୦**

ଆମେରିକାର ହାଇପ୍ରୋଫାଇଲ ନ୍ୟାଶନାଲ ବାସ୍କେଟ ବଲ ଲିଗ୍ (ଏନ୍‌ବିଏ)ର ପ୍ରଥମ ମ୍ୟାଚ୍ ଭାରତରେ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାର ଓ ଶନିବାର ଆୟୋଜିତ ହେବାକୁ ଥିବା ଏହି ମୁକାବିଲାଗୁଡିକର ମ୍ୟାଚ୍ ବଲ୍‌କୁ ଏନ୍‌ବିଏ ଅଧିକାରୀଙ୍କୁ ପ୍ରଦାନ କରିବେ ରିଲାଏନ୍ସ ଫାଉଣ୍ଡେଶନକ ଚେୟାରମ୍ୟାନ ନୀତା ଅମ୍ବାନୀ। ଏହି ବଲ ପ୍ରଦାନ କରିବା ପରେ ଭାରତ ମାଟିରେ ପ୍ରଥମ ଥର ପାଇଁ ଏନ୍‌ବିଏ ମ୍ୟାଚ୍‌ର ଶୁଭାରମ୍ଭ ହେବ। ରିଲାଏନ୍ସ ଫାଉଣ୍ଡେଶନ ଓ ଏନ୍‌ବିଏ୍ ସେମାନଙ୍କ ସହଭାଗିତାର ୬ ବର୍ଷ ପୂର୍ତ୍ତି ମଧ୍ୟ ଏହି ଅବସରରେ ପାଳନ ହେବ।

ରିଲାଏନ୍ସ ଫାଉଣ୍ଡେଶନ ଦେଶରେ ଜୁନିୟର ଏନ୍‌ବିଏ ପ୍ରୋଗ୍ରାମ ଚଳାଉଛି। ଏଥିରେ ୨୦ଟି ରାଜ୍ୟର ୩୪ଟି ସହରର ଏକ କୋଟି ୧୦ ଲକ୍ଷ ଛୋଟପିଲା ଏଥିସହ ଜଡିତ ରହିଛନ୍ତି। ମ୍ୟାଚ୍ ଦେଖିବାକୁ ଏହି ପିଲାମାନେ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହିବେ। ଏନ୍‌ବିଏର ଦୁଇ ଫ୍ରାଞ୍ଚାଇଜ ସେକ୍ରେମେଣ୍ଟ କିଙ୍ଗ୍ସ ଓ ଇଣ୍ଡିଆନା ପେସର୍ସ ୪ ତାରିଖରେ ପ୍ରଥମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ସେହିପରି ଏହି ଦୁଇ ଦଳ ୫ ତାରିଖରେ ଦ୍ୱିତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଏନ୍‌ବିଏକୁ ଭାରତକୁ ଆଣି ରିଲାଏନ୍ସ ଫାଉଣ୍ଡେଶନ ବେଶ୍ ଗର୍ବିତ ବୋଲି ନୀତା ଏହି ଅବସରରେ କହିଛନ୍ତି। ସେ ମଧ୍ୟ ଏନ୍‌ବିଏକୁ ଧନ୍ୟବାଦ ଜଣାଇଛନ୍ତି।



ଜୁନିୟର ଏନ୍‌ବିଏ ପ୍ରୋଗ୍ରାମ ଅବସରରେ ବାସ୍କେଟବଲ ଖେଳାଳିଙ୍କ ସହ ନୀତା ଅମ୍ବାନୀ।

# 'ଟେନିସ୍ ଛାଡ଼ିବାକୁ କୁହାଯାଉଥିଲା'

**ନୂଆଦିଲ୍ଲୀ,୩।୧୦(ପିଟି)**

ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଗୁରୁବାର ନିଜ ଜୀବନର ଏକ ଅଭୁଲା କଥା କହିଛନ୍ତି। ତାଙ୍କୁ ଟେନିସ ଛାଡ଼ିବାକୁ କୁହାଯାଇଥିଲା। କାରଣ ଟେନିସ ଏକ ଆଉଟ୍‌ଡୋର କ୍ରୀଡ଼ା ହୋଇଥିବାରୁ ତାଙ୍କ ଗୋରାପଣ ଚାଲିଯିବାର ସମ୍ଭାବନା ଥିଲା। ଫଳରେ ତାଙ୍କୁ କେହି ବାହା ହେବେ ନାହିଁ ବୋଲି କୁହାଯାଉଥିଲା। ବିଶ୍ୱ ଅର୍ଥନୈତିକ ଫୋରମରେ ମହିଳା ଓ ନେତୃତ୍ୱ ବିଷୟରେ ୩ ଲେଖାଏ ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ସାନିଆ ନିଜ କ୍ୟାରିୟର ଆରମ୍ଭ କଲାବେଳେ କେଉଁ ଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ, ତାହା ମଧ୍ୟ ପ୍ରକାଶ କରିଛନ୍ତି। ସାନିଆ ଏପର୍ଯ୍ୟନ୍ତ ଭାରତର ସଫଳତମ ମହିଳା ଖେଳାଳି ହୋଇ ରହିଛନ୍ତି। ସେ ୨୦୦୭ ମଧ୍ୟ ଭାଗରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୭ତମ ସ୍ଥାନ ହାସଲ କରିଥିଲେ। ମୁଁ ଟେନିସ ଖେଳିବା ଆରମ୍ଭ କରିବାବେଳେ ପରିବାରବର୍ଗ, ପଡୋଶୀ, ଦୂର ସମ୍ପର୍କୀୟମାନେ ଏହି କ୍ରୀଡ଼ା ଦ୍ୱାରା ମୁଁ କଳା ହୋଇଯିବି ବୋଲି କହୁଥିଲେ। ଆଉ କୌଣସି ଖେଳ ଖେଳିଲେ ମୋତେ କେହି ବାହା ହେବେ ନାହିଁ। ମୁଁ ମାତ୍ର ୮ ବର୍ଷର ଥିଲି। ସମସ୍ତେ ଭାବୁଥିଲେ ମୁଁ କଳା ହୋଇଯିବି, ମୋତେ କେହି ବାହା ହେବେ ନାହିଁ। ସେମାନଙ୍କ ଏଭଳି ଚିନ୍ତା ଧାରା ମୋତେ ଦୁଃଖ ଦେଇଥିଲା। ଝିଅ ନିଶ୍ଚିତ ସୁନ୍ଦରୀ ଓ ଗୋରୀ ହେବା ଦରକାର ଭଳି ପରମ୍ପରା ଚାଲିଛି। ମୁଁ ଜାଣିନାହିଁ ଏହା କାହିଁକି। ଏହି ପରମ୍ପରାରେ ପରିବର୍ତ୍ତନ ଆସିବା ଦରକାର ବୋଲି ୩୨ ବର୍ଷୀୟା ସାନିଆ କହିଛନ୍ତି। ଉଲ୍ଲେଖଥାଉ କି, ଗ୍ରାଣ୍ଡସ୍ଲାମ ଟାଇଟଲ ସହ ୪୧ ଡବ୍ଲ୍ୟୁଟିଏ ଟାଇଟଲ ମଧ୍ୟ ତାଙ୍କ ନିକଟରେ ରହିଛି। ସେ ୨୦୧୫ରେ ମହିଳା ଡବଲ୍ସରେ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଥିଲେ। ପାକିସ୍ତାନ କ୍ରିକେଟର ସୋଏବ ମଲ୍ଲିକଙ୍କୁ ବିବାହ କରିଥିବା ସାନିଆ ମାତୃତ୍ୱ ଲାଭ କରିବା ପରେ ଏବେ କୋର୍ଟକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି।




### ଓସିଏ ପଦାଧିକାରୀଙ୍କୁ ଭେଟିଲା ଓସ୍‌ଜା ପ୍ରତିନିଧି ଦଳ
# ଏକାଡେମୀ ସହ ଭିତ୍ତିଭୂମିର ଉନ୍ନତି ଉପରେ ସଞ୍ଜୟଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)**

''ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ ସହ ଏକାଡେମୀ ସ୍ଥାପନ କରିବା ଏବଂ କ୍ରିକେଟ ଭିତ୍ତିଭୂମିର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ କ୍ରିକେଟର ବିକାଶ ପାଇଁ ନୂଆ ଟିମ୍ ନିଷ୍ଠାର ସହ କାର୍ଯ୍ୟ କରିବ। ଏଥିପାଇଁ ସମସ୍ତଙ୍କ ଗଠନମୂଳକ ସହଯୋଗ ଆବଶ୍ୟକ''। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ(ଓସ୍‌ଜା)ର ଏକ ପ୍ରତିନିଧି ଦଳ ଗୁରୁବାର କଟକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଏହା ପ୍ରକାଶ କରିଛନ୍ତି ନୂଆ ସମ୍ପାଦକ ସଞ୍ଜୟ ବେହେରା। ରାଜ୍ୟରେ କ୍ରିକେଟର କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେଥିପାଇଁ ଆବଶ୍ୟକ ପରାମର୍ଶ ଦେବାକୁ ସେ କ୍ରୀଡ଼ା ଖବରଦାତାଙ୍କୁ ଅନୁରୋଧ କରିଥିଲେ। କ୍ରୀଡ଼ା ଖବରଦାତାଙ୍କର ସମସ୍ତ ଅସୁବିଧା ଦୂରପାଇଁ ଓସିଏ ଯଥାସାଧ୍ୟ ଚେଷ୍ଟା କରିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ଉଭୟ କଟକ ଓ ଭୁବନେଶ୍ୱରକୁ ନେଇ ମିଡିଆ କପ୍ କ୍ରିକେଟ ଆୟୋଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ଓସିଏର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସହ ସାକ୍ଷାତ ଅବସରରେ ଓସ୍‌ଜାର ପ୍ରତିନିଧିମାନେ।

ଏହି ଅବସରରେ ସମ୍ପାଦକ ସଞ୍ଜୟଙ୍କ ବ୍ୟତୀତ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନ୍‌ସିଲ ସଦସ୍ୟ ଶୁଭାଶିଷ ସେନାପତି, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ(କାର୍ଯ୍ୟକାରୀ) ଅଭିଜିତ ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଓସ୍‌ଜା ପ୍ରତିନିଧି ଦଳରେ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ. ରବି, ଉପସଭାପତି ଦେବୀପ୍ରସନ୍ନ ମହାନ୍ତି, ସମ୍ପାଦକ ସମ୍ବିତ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସୂର୍ଯ୍ୟପ୍ରସାଦ ରଥ, ତନ୍ମୟ ଦାସ, ଦୀପ୍ତି ରଞ୍ଜନ ସାମଲ, ବେଣୁଧର ଦାସ, ସୌଭାଗ୍ୟ କୁମାର ରଥ, ସୁଜିତ ଦାସ, ସନ୍ତୋଷ ମହାନ୍ତି, କୁମାରଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିସ୍ଫୋରଣରେ ଉଡ଼ିଲା ତୃତୀୟ ମହଲା ଛାତ

- ଜଣେ ଅଟକ, ଜଣେ ଫେରାର
- ପୋଲିସ ତଦନ୍ତ ଜାରି



ରେମୁଣା, ୩।୧୦(ଡି.ଏନ.ଏ.)

ବାଲେଶ୍ୱର ଶିକ୍ସାଞ୍ଚଳ ଥାନା ଅଚ୍ୟୁତପୁର ଗାଁର କାଳିଚରଣ ମହାପାତ୍ରଙ୍କ କୋଠାର ତୃତୀୟ ମହଲାରେ ବୁଧବାର ରାତି ପ୍ରାୟ ୧୨ଟା ବେଳେ ପ୍ରଚଣ୍ଡ ବିସ୍ଫୋରଣ ହୋଇ ଛାତ ଉଡିଯାଇଛି। ଏହି ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ଛାତ ଖଣ୍ଡବିଖଣ୍ଡିତ ହୋଇ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲା। ତେବେ ଏଥିରେ କେହି ମୃତାହତ ହୋଇଛନ୍ତି କି ନାହିଁ ସେ ନେଇ କୌଣସି ଖବର ମିଳିନାହିଁ। ଗୁରୁବାର ପୂର୍ବାହ୍ନରେ ପୋଲିସ ପହଞ୍ଚି ଘର ମାଲିକ କାଳିଚରଣଙ୍କ ପୁଅଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। କାଳିଚରଣ ତଳେ ରହୁଥିବାବେଳେ ମଝି ମହଲାରେ ବିହାର ଅଞ୍ଚଳର ଜଣେ ଯୁବକ ଓ ତୃତୀୟ ମହଲାରେ ଶ୍ରୀଧର ମହାନ୍ତି ନାମକ ଜଣେ ଯୁବକ ରହୁଥିଲେ। ସେ ମାର୍ବଲ କାମ କରୁଥିବା ଜଣାପଡିଛି। ବିସ୍ଫୋରଣ ପରେ ସେ ଫେରାର ଥିବାରୁ ପୋଲିସ ତାଙ୍କୁ ଖୋଜୁଛି। ଅପରାହ୍ନରେ ଫରେନସିକ ଟିମ୍ ଉକ୍ତ ସ୍ଥାନକୁ ଯାଞ୍ଚ କରିଛି। ସମଗ୍ର ଅଞ୍ଚଳ ବାରୁଦ ଗନ୍ଧରେ ଭର୍ତ୍ତି ହୋଇଯାଇଛି। ତେବେ ବିସ୍ଫୋରଣର କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ତଦନ୍ତରେ ବ୍ୟାଘାତ ଦୃଷ୍ଟିରୁ ପୋଲିସ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି। ଏନେଇ ଶିକ୍ସାଞ୍ଚଳ ଥାନାରେ ଏକ ମାମଲା (ନଂ. ୧୩୫/୧୯) ରୁଜୁ ହୋଇଛି।

# କୋଦାଳରେ ଛେଚି ବାପାଙ୍କୁ ହତ୍ୟା

## ଅଭିଯୁକ୍ତ ପୁଅଙ୍କୁ କାବୁ କରି ପୋଲିସ ଜିମା ଦେଲେ ଗ୍ରାମବାସୀ

କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

ବାପାଙ୍କୁ କୋଦାଳ ପଛରେ ପିଟି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଜଣେ ଯୁବକ । ଗୁରୁବାର ଏହି ଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସିଂହବିଲା ଗ୍ରାମ କିଙ୍କିଡିଆ ସାହିରେ ଘଟିଛି। ମୃତକ ହେଲେ ଗୋପାଳ ସାହୁ(୭୮)। ଗ୍ରାମବାସୀ ଅଭିଯୁକ୍ତ ପୁଅ ମଦନ ସାହୁଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରୁଛି। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଘର ବାରଣ୍ଡାରେ ବସିଥିଲେ ଗୋପାଳ । ଏହି ସମୟରେ ସେଠାରେ ପହଞ୍ଚି ଥିଲେ ମଦନ । ସେ ନିଶାସକ୍ତ ଥିଲେ। କୌଣସି କାରଣକୁ ନେଇ ସେ ହଠାତ୍ ଉତ୍ତ୍ୟକ୍ତ ହେବା ସହ ଏକ କୋଦାଳ ଆଣି ବାପା ଗୋପାଳଙ୍କୁ ଆକ୍ରମଣ କରିଥିଲେ। ପୁଅର ଏପରି କାଣ୍ଡ ଦେଖି ମା' ସାହିପଡିଶାଙ୍କୁ ଡାକିବା ପାଇଁ ଧାଇଁ ଯାଇଥିଲେ। ଗାଁ ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ଗୋପାଳଙ୍କ ମୃତ୍ୟୁ ଘଟିସାରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହକୁ ମଦନ ଘୋଷାଡ଼ି ଘୋଷାଡ଼ି ନେଇ ଘରକୁ ଲାଗିଥିବା ବଗିଚାରେ ପକାଇ ଦେଇଥିଲେ। ଏପରି ଘଟଣା ଦେଖି ସ୍ଥାନୀୟ ଲୋକେ ମଦନଙ୍କୁ ଧରି ପାଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଥାନାକୁ ଖବର ଦେଇଥିଲେ । ପୋଲିସ ଗୋପାଳଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁହାଳ ପାଖରେ ଲୁଚାଯାଇଥିବା କୋଦାଳକୁ ପୋଲିସ ଜବତ କରିବା ସହିତ ମଦନଙ୍କୁ ଧରି ଥାନାକୁ ନେଇଛି।

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815ro@iobnet.co.in & 0815law@iob.in, 0815samd@iob.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ) ଅନୁଯାୟୀ ବ୍ୟାଙ୍କଙ୍କୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନଲିଖିତ ସାରଣୀରେ ଦର୍ଶଯାଇଥିବା ଋଣଗ୍ରହୀତାମାନେ ସେମାନଙ୍କର ସ୍ୱତ୍ତ୍ୱାଧିକାରୀ /ଅଂଶୀଦାର/ନିର୍ଦ୍ଦେଶକଙ୍କ ପ୍ରତିନିଧିତ୍ୱରେ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ବନ୍ଧକ ରଖି ଆମ୍ଭ ନିମ୍ନଲିଖିତ ଶାଖାରୁ ଋଣ ନେଇଥିଲେ । ବ୍ୟାଙ୍କ ଦ୍ୱାରା ଉପରେ ସରଫେଶୀ ଆକ୍ଟର ଧାରା ୧୩(୨) ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ନୋଟିସ ଜାରି କରାଯାଇ ସେମାନଙ୍କୁ ସେମାନଙ୍କର ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ବ୍ୟାଙ୍କକୁ ପୈଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସରଫେଶୀ ନୋଟିସ ଅନୁଯାୟୀ ବ୍ୟାଙ୍କକୁ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ବ୍ୟାଙ୍କ ଉପରୋକ୍ତ ଆକ୍ଟର ଧାରା ୧୩(୪) ଅନୁସାରେ ବନ୍ଧକ ସମ୍ପତ୍ତିକୁ ଦଖଲକୁ ନେଇଥିଲେ । ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସରଫେଶୀ ନୋଟିସ ଅନୁଯାୟୀ ବ୍ୟାଙ୍କକୁ ପଇଠ କରିବାକୁ ଥିବା ସେମାନଙ୍କର ସମସ୍ତ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହେବାରୁ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ସୁରକ୍ଷିତ ଋଣଦାତା ଭାବେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିକୁ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) (କ) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଏବଂ ୯ ଅନୁଯାୟୀ **''ଯାହା ଯେଉଁ ଠାରେ ଯେପରି ଅବସ୍ଥାରେ ଅଛି ଏବଂ ଯାହା ଯେପରି ଅଛି''** ଭିତ୍ତିରେ ବିକ୍ରୟ କରି ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ ପ୍ରସ୍ତାବ ଆହ୍ୱାନ କରାଯାଉଛି ।

| କ୍ରମ ନଂ./ଶାଖାର ନାମ/ଋଣଗ୍ରହୀତା/ ଜାମିନଦାର(ମାନ)/ ଅଂଶୀଦାର(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ / ବର୍ତ୍ତମାନ ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପତ୍ତି ତନଖି ତାରିଖ/ ଟେଣ୍ଡର ଦାଖଲର ଶେଷ ତାରିଖ ଏବଂ ସମୟ | ନିଲାମ ବିକ୍ରୟ ତାରିଖ, ସମୟ / ସ୍ଥାନ |
|---|---|---|---|---|---|---|
| (୧) ଗୋରୁଆଳ ଶାଖା / ଫୋନ୍: ୦୬୭୫୨-୨୧୧୧୪୨, ମୋ: ୯୪୩୭୯୧୬୨୨୪ **ଋଣଗ୍ରହୀତା: (୧) ଶ୍ରୀ ରକ୍ଷାନନ୍ଦ ପାତ୍ର**, ପିତା: ଶ୍ରୀ କଣ୍ଠ ପାତ୍ର, **(୨) ଶ୍ରୀମତୀ ନୀଳିମା ପାତ୍ର**, ସ୍ୱାମୀ: ଶ୍ରୀ ରକ୍ଷାନନ୍ଦ ପାତ୍ର, ଉଭୟଙ୍କ ଠିକଣା: ସା/ପୋ: ଆମ୍ବପଡ଼ା, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ-୭୫୨୦୦୨ । | **ଶ୍ରୀ ରକ୍ଷାନନ୍ଦ ପାତ୍ରଙ୍କ** ନାମରେ ବାସଉପଯୋଗୀ ଖୋଲା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୨୭୬/୧୬୯୦, ଖାତା ନଂ.: ୪୪୩/୮୧, କ୍ଷେତ୍ର: ଏକର ୦.୦୨୧ ଡିସିମିଲ, ମୌଜା: ଆମ୍ବପଡ଼ା, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଚୌହଦୀ: ପୂର୍ବ: ସୁଦର୍ଶନ ପାତ୍ରଙ୍କ ଘର, ପଶ୍ଚିମ: ଦେବାନ ପାତ୍ରଙ୍କ ଘର, ଉତ୍ତର: ରାସ୍ତା, ଦକ୍ଷିଣ: ମାଲିକ ନିଜେ । | ୦୮.୦୩.୨୦୧୬ / ୦୭.୦୬.୨୦୧୬ | ଟ.୩,୪୧,୬୦୩/- / ଟ.୪,୨୨,୬୩୮/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୧,୫୦,୦୦୦/- / ଟ. ୧୫,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ଗୋରୁଆଳ ଶାଖା |
| (୨) ମୂଷାଡ଼ିଆ ଶାଖା / ଫୋନ୍: ୦୬୭୨୨-୨୨୮୦୧୬, ୨୨୮୧୬୩, ମୋ: ୮୦୧୮୦୭୮୧୧୧ **ଋଣଗ୍ରହୀତା: ମେସର୍ସ ସେକ୍ ରିଆଜତ୍ କବାଡ଼ିଆ ଭେଣ୍ଡର, ସ୍ୱତ୍ତ୍ୱାଧିକାରୀ: ସେକ୍ ରିଆଜତ୍**, ପିତା: ସେକ୍ ରାନକୋ, ପ୍ଲଟ୍ ନଂ.: ୧୩୨୨, ଉଦୟବଙ୍ଗ, ପୋ/ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ସ୍ଥାୟୀ ଠିକଣା: ସା: ଇଦଗାମହଲା, ଦିଲାରପୁର, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା-୭୫୪୨୧୧ / **ଜାମିନ୍‌ଦାର: ଫରୀଦା ଖାନ୍**, ସ୍ୱାମୀ: ସେକ୍ ରିଆଜତ୍, ପ୍ଲଟ୍ ନଂ.: ୧୩୨୨, ଉଦୟବଙ୍ଗ, ପୋ/ଥାନା/ ଜିଲ୍ଲା: ଜଗତସିଂହପୁର । | **ଫରୀଦା ଖାନ୍‌ଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୨୨/୫୯, ଖାତା ନଂ.: ୫୦/୬୩, କ୍ଷେତ୍ର: ଏକର ୦.୧୦ ଡିସିମିଲ୍, ୦.୦୦୪୦ ହେକ୍ଟର, ମୌଜା: ମଧୁକରପୁର, ଥାନା ନଂ. ୨୪୨, ଜିଲ୍ଲା: କେନ୍ଦ୍ରାପଡ଼ା । | ୧୧.୦୬.୨୦୧୬ / ୨୫.୦୮.୨୦୧୬ | ଟ.୫,୬୩,୧୯୭/- / ଟ.୬,୭୭,୭୫୩/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪,୦୦,୦୦୦/- / ଟ. ୪୦,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ମୂଷାଡ଼ିଆ ଶାଖା |
| (୩) ନାଲକୋ ନଗର ଶାଖା / ଫୋନ୍: ୦୬୭୬୪-୨୨୦୨୬୯/୨୨୩୪୦୯, ମୋ: ୮୪୪୬୮୭୪୯୩୮ **ଋଣଗ୍ରହୀତା: ରେହେନା ବେଗମ୍**, ସ୍ୱାମୀ: ମମତାଜ୍ ଅଲ୍ଲି ଖାନ୍, ଅମଲାପଡ଼ା, ଚତୁର୍ଥଗଳି, ପୋ/ଜିଲ୍ଲା: ଅନୁଗୁଳ-୭୫୯୧୨୨ / **ଜାମିନ୍‌ଦାର: ମମତାଜ୍ ଅଲ୍ଲି ଖାନ୍**, ପିତା: ରମଜାନ ଖାନ୍, ନିଜଗଡ଼, ସୁକିନ୍ଦା, ଜିଲ୍ଲା: ଯାଜପୁର । | **ମମତାଜ୍ ଅଲ୍ଲି ଖାନ୍‌ଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ନିଜଗଡ଼, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଖାତା ନଂ.: ୮୨୬/୪୪୬, ପ୍ଲଟ୍ ନଂ.: ୧୬୭୫/୩୭୧୭ ଏବଂ ୧୬୭୯/୩୭୧୮, କ୍ଷେତ୍ର: ଏକର ୦.୦୧୫ ଡିସିମିଲ, ଚୌହଦୀ: ପୂର୍ବ: ରାସ୍ତା, ପଶ୍ଚିମ: ୰ ଫକିରୁଦ୍ଦିନ୍ ଅଲ୍ଲୀ ଖାନ୍, ଉତ୍ତର: ମୁକ୍ତାର ଅଲ୍ଲୀ ଖାନ୍, ଦକ୍ଷିଣ: ଲାଇକ୍ ଅଲ୍ଲୀ । | ୦୬.୦୮.୨୦୧୬ ଏବଂ ୨୭.୦୯.୨୦୧୬ (ଖବରକାଗଜ ପ୍ରକାଶନ ମାଧ୍ୟମରେ) / ୦୭.୧୨.୨୦୧୬ | ଟ.୧୦,୨୧,୮୩୮/- / ଟ.୧୧,୦୪,୧୫୦/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୧,୦୦,୦୦୦/- / ଟ. ୧୦,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ନାଲକୋ ନଗର ଶାଖା |
| (୪) ନାଲକୋ ନଗର ଶାଖା / ଫୋନ୍: ୦୬୭୬୪-୨୨୦୨୬୯/୨୨୩୪୦୯, ମୋ: ୮୪୪୬୮୭୪୯୩୮ **ଋଣଗ୍ରହୀତା: ଶ୍ରୀ ନୀଳମଣି ବିଳାସ**, ସା/ପୋ: ବଳରାମପ୍ରସାଦ (ବୁସାଳସାହି), ନାଲକୋ ନଗର, ଅନୁଗୁଳ-୭୫୯୧୨୮ । | **ଶ୍ରୀ ନୀଳମଣି ବିଳାସଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ବଳରାମପ୍ରସାଦ, ଥାନା: ନାଲକୋ ନଗର, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୧୬୫୩/୩୧୯, ପ୍ଲଟ୍ ନଂ.: ୯୭୫୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲ, ଚୌହଦୀ: ପୂର୍ବ: ଅନ୍ୟଲୋକଙ୍କ ଗୃହ, ପଶ୍ଚିମ/ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ଜମି । | ୦୬.୦୮.୨୦୧୬ / ୦୮.୧୨.୨୦୧୬ | ଟ.୩,୨୦,୦୨୨/- / ଟ.୩,୧୪,୪୭୫/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪,୦୦,୦୦୦/- / ଟ. ୪୦,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ନାଲକୋ ନଗର ଶାଖା |
| (୫) ଦଶରଥପୁର ଶାଖା / ଫୋନ୍: ୦୬୭୨୮-୨୫୪୯୯୯, ମୋ: ୭୦୦୮୨୮୨୮୫୧ **ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମିଶ୍ର**, ପିତା: ଶ୍ରୀ ଶ୍ରୀବତ୍ସ ମିଶ୍ର / **ଜାମିନ୍‌ଦାର: ଶ୍ରୀ ଶ୍ରୀବତ୍ସ ମିଶ୍ର**, ଉଭୟଙ୍କ ଠିକଣା: ସା: ମିର୍ଜାପୁର, ପୋ: ନନ୍ଦିପୁର, ଜିଲ୍ଲା: ଯାଜପୁର, ଓଡ଼ିଶା । | **ଶ୍ରୀ ଶ୍ରୀବତ୍ସ ମିଶ୍ରଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ନନ୍ଦିପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଖାତା ନଂ.: ୪୯୦, ପ୍ଲଟ୍ ନଂ.: ୪୫୨, କ୍ଷେତ୍ର: ଏକର ୦.୦୪ ଡିସିମିଲ୍ । | ୨୧.୦୩.୨୦୧୬ / ୦୭.୦୬.୨୦୧୬ | ଟ.୬,୬୩,୭୦୪/- / ଟ.୭,୬୯,୨୦୪/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୫୦,୦୦୦/- / ଟ. ୨୫,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ଦଶରଥପୁର ଶାଖା |
| (୬) ବାଲୁଗାଁ ଶାଖା / ଫୋନ୍: ୦୬୭୫୬-୨୫୧୧୭୪, ମୋ: ୯୯୩୭୩୩୫୨୨୩ **ଋଣଗ୍ରହୀତା: ୧) ଶ୍ରୀ ଦୁର୍ଗା ଚରଣ ବିଶ୍ୱାଳ, ୨) ଶ୍ରୀ ଯୁଧିଷ୍ଠିର ବିଶ୍ୱାଳ**, ଉଭୟଙ୍କ ପିତା: ଶ୍ରୀ ଚୈତନ୍ୟ ବିଶ୍ୱାଳ, **୩) ଶ୍ରୀ ଚୈତନ୍ୟ ବିଶ୍ୱାଳ**, ପିତା: ଶ୍ରୀ ଅଭି ବିଶ୍ୱାଳ, ସମସ୍ତଙ୍କ ଠିକଣା-ସା: ଜୟମଙ୍ଗଳପୁର, ଥାନା: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା / **ଜାମିନ୍‌ଦାର: ଶ୍ରୀ ଦୁଃଖୀଶ୍ୟାମ ସାହୁ**, ପିତା: ଜଳଧର ସାହୁ, ସା/ପୋ: ଲାଞ୍ଜିପଲ୍ଲୀ, ଚାଣକ୍ୟ ନଗର, ବ୍ରହ୍ମପୁର, ନିୟୁ ମାର୍କଣ୍ଡେଶ୍ୱର ଶିବ ମନ୍ଦିର, ଜିଲ୍ଲା: ଗଞ୍ଜାମ-୭୬୦୦୦୮ । | **ଶ୍ରୀ ଚୈତନ୍ୟ ବିଶ୍ୱାଳଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜୟମଙ୍ଗଳପୁର, ଥାନା: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୧୯, ପ୍ଲଟ୍ ନଂ.: ୩୯୭, କ୍ଷେତ୍ର: ଏକର ୦.୦୩୦ ଡିସିମିଲ, ଚୌହଦୀ: ପୂର୍ବ: ଦୋଳ କାଣ୍ଡି, ପଶ୍ଚିମ: ଉଦୟନାଥ ବିଶ୍ୱାଳ, ଉତ୍ତର: ରାସ୍ତା, ଦକ୍ଷିଣ: ନଦୀ । | ୧୦.୦୩.୨୦୧୬ / ୦୬.୦୬.୨୦୧୬ | ଟ.୧୩,୩୧,୩୯୮/- / ଟ.୧୩,୪୨,୦୬୨.୭୬ + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪,୫୦,୦୦୦/- / ଟ. ୪୫,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ବାଲୁଗାଁ ଶାଖା |
| (୭) ନନ୍ଦପୁର ଶାଖା / ଫୋନ୍: ୦୬୭୫୬-୨୫୦୨୨୦, ମୋ: ୯୪୩୯୯୬୬୬୬୫ **ଋଣଗ୍ରହୀତା: ମେସର୍ସ ଓମ୍ ମା ନାରାୟଣୀ ଡିଷ୍ଟ୍ରିବ୍ୟୁଟର ପଏଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜିତ କୁମାର ପ୍ରଧାନ**, ପିତା: ୰ ଦିବ୍ୟସିଂହ ପ୍ରଧାନ / **ଜାମିନ୍‌ଦାର: ଶ୍ରୀମତୀ ସସ୍ମିତା ପ୍ରଧାନ**, ସ୍ୱାମୀ: ଶ୍ରୀ ରଞ୍ଜିତ କୁମାର ପ୍ରଧାନ, ଉଭୟଙ୍କ ଠିକଣା: ଗ୍ରାମ: ବନ୍ଧମୁଣ୍ଡାଇ, ପୋ: ବେଲପଡ଼ା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୩୧ । | **ଶ୍ରୀ ରଞ୍ଜିତ କୁମାର ପ୍ରଧାନଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଓ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ବନ୍ଧମୁଣ୍ଡାଇ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୯୫, ପ୍ଲଟ୍ ନଂ.: ୩୩୦, କ୍ଷେତ୍ର: ଏକର ୦.୦୩୫ ଡିସିମିଲ, ଚୌହଦୀ: ପୂର୍ବ: ରମେଶ କୁମାର ପ୍ରଧାନ, ପଶ୍ଚିମ/ଉତ୍ତର: ନୀଳମଣି, ଦକ୍ଷିଣ: ସରକାରୀ ଦାଣ୍ଡ ଏବଂ ଖାତା ନଂ.: ୯୫, ପ୍ଲଟ୍ ନଂ.: ୩୩୪, କ୍ଷେତ୍ର: ଏକର ୦.୦୨୩ ଡିସିମିଲ, ଚୌହଦୀ: ପୂର୍ବ: ରମେଶ କୁମାର ପ୍ରଧାନ, ପଶ୍ଚିମ: ଅଦ୍ୱୈତ ପ୍ରଧାନ, ଉତ୍ତର: ଆଶାମଣୀ ଦେଇ, ଦକ୍ଷିଣ: ରାସ୍ତା । | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ଟ.୧୦,୫୭,୯୦୯/- / ଟ.୯,୪୭,୬୭୬/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୦୦,୦୦୦/- / ଟ. ୨୦,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ନନ୍ଦପୁର ଶାଖା |
| (୮) ଢେଙ୍କାନାଳ ଶାଖା / ଫୋନ୍: ୦୬୭୬୨-୨୨୬୪୩୬ ମୋ:୯୭୧୭୭୯୮୩୬୨ **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପଞ୍ଚାନନ ମହାରଣା**, ପିତା: ଲମ୍ବୋଧର ମହାରଣା, ସା: ରାମେଶ୍ୱରପୁର, ପୋ: କଙ୍କଡ଼ାପଲ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୩ । | **ଶ୍ରୀ ପଞ୍ଚାନନ ମହାରଣାଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ସାନସାଠିଆ ବାଟିଆ, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଖାତା ନଂ.: ୩୮୭/୧୫୧୭, ପ୍ଲଟ୍ ନଂ.: ୬୪/୧୨୨୪/୨୯୨୬, କ୍ଷେତ୍ର: ଏକର ୦.୦୧୦ ଡିସିମିଲ, ଚୌହଦୀ: ପୂର୍ବ: ରାସ୍ତା, ପଶ୍ଚିମ/ଉତ୍ତର: ଭାସ୍କର ଜେନା, ଦକ୍ଷିଣ: ନିଜେ । | ୧୫.୦୭.୨୦୧୭ / ୧୦.୧୦.୨୦୧୭ | ଟ.୪,୦୪,୯୪୯/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪,୦୦,୦୦୦/- / ଟ. ୪୦,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / ଢେଙ୍କାନାଳ ଶାଖା |
| (୯) କଟକ ଶାଖା / ଫୋନ୍: ୦୬୭୧-୨୩୦୪୩୪୩/୨୩୦୪୪୬୯, ମୋ: ............... **ଋଣଗ୍ରହୀତା: ଶ୍ରୀମତୀ କବିତା ନାୟକ**, ଆଇଓବିର ପୂର୍ବତନ କର୍ମଚାରୀ, ପ୍ଲଟ୍ ନଂ.: ୧୧୬୧ ଏବଂ ୧୧୬୨, କଣ୍ଟୋଳ, ଥାନା: ଆଠଗଡ଼ । | **ଶ୍ରୀମତୀ କବିତା ନାୟକଙ୍କ** ନାମରେ ଥିବା ଜମି ଯାହାର ମୌଜା: କଣ୍ଟୋଳ, ଥାନା/ଏସ୍‌ଆରଓ: ଆଠଗଡ଼, ଜିଲ୍ଲା: କଟକ, ଓଡ଼ିଶା, ଖାତା ନଂ.: ୧୮, ପ୍ଲଟ୍ ନଂ.: ୧୧୬୧, କ୍ଷେତ୍ର: ଏକର ୦.୦୨ ଡିସିମିଲ୍ ଏବଂ ପ୍ଲଟ୍ ନଂ.: ୧୧୬୨, କ୍ଷେତ୍ର: ଏକର ୦.୦୧ ଡିସିମିଲ୍ । | ୨୮.୧୨.୨୦୧୬ / ୦୬.୦୯.୨୦୧୭ | ଟ.୪,୩୯,୩୯୬/- + ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୧,୮୦,୦୦୦/- / ଟ. ୧୮,୦୦୦/- | ୧୫.୧୦.୨୦୧୯ / ୧୯.୧୦.୨୦୧୯ | ୨୧.୧୦.୨୦୧୯ ଅପରାହ୍ନ ୩ ଘଟିକା / କଟକ ଶାଖା |

**ଟେଣ୍ଡର-ନିଲାମର ନିୟମ ଏବଂ ସର୍ତ୍ତାବଳୀ:**

**୧)** ଆଗ୍ରହୀ ପକ୍ଷମାନେ ଧାର୍ଯ୍ୟ ଫର୍ମରେ ଟେଣ୍ଡରଗୁଡ଼ିକୁ ବନ୍ଦ ଲଫାପା ଉପରେ ''ଟେଣ୍ଡର ନିଲାମ ବିକ୍ରୟ ବିଜ୍ଞପ୍ତି'' ଉଲ୍ଲେଖ କରି ସଂପୃକ୍ତ ଶାଖାରେ ଉପର ଦର୍ଶିତ ଟେଣ୍ଡର ଦାଖଲର ଶେଷ ତାରିଖ **୧୯.୧୦.୨୦୧୯** ଅପରାହ୍ନ ୫ ଘଟିକା କିମ୍ବା ପୂର୍ବରୁ ଦାଖଲ କରିବେ । ଉପର ଦର୍ଶିତ ସାରଣୀରେ ଉଲ୍ଲେଖିତ ଟେଣ୍ଡର ଗ୍ରହଣ କରିବାର ଅନ୍ତିମ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ।

୨) ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପୃଥକ ପୃଥକ ଟେଣ୍ଡର ଦାଖଲ କରାଯିବ ।

୩) ଟେଣ୍ଡର ଫର୍ମଗୁଡ଼ିକ ସଂପୃକ୍ତ ଶାଖାର ଅଧିକାରୀଙ୍କ ଠାରୁ ଟେଣ୍ଡର ଗ୍ରହଣର ଶେଷ ତାରିଖ ଯଥା: ତା. **୧୮.୧୦.୨୦୧୯ ରିଖ** ଦିନ କିମ୍ବା ପୂର୍ବରୁ ଯେ କୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ । ଆଗ୍ରହୀ ପକ୍ଷମାନେ ଟେଣ୍ଡର ଫର୍ମ ସଂଗ୍ରହ କରିବା ସମୟରେ ପାନ୍ କାର୍ଡର ଏକ ନକଲ ଦାଖଲ କରିବେ ।

୪) ସମ୍ପତ୍ତିର ସଂରକ୍ଷିତ ମୂଲ୍ୟର ୧୦% ଅମାନତ ଜମା ରାଶି (EMD) ରାଶି ରୂପେ ବ୍ୟାଙ୍କର୍ସ ଚେକ/ଡିମାଣ୍ଡ ଡ୍ରାଫ୍ଟ ଆକାରରେ ସଂପୃକ୍ତ ଶାଖା ସପକ୍ଷରେ ପଇଠ ଦର୍ଶାଇ ଶାଖା ଅଧିକାରୀଙ୍କୁ ପ୍ରଦାନ କରିବେ ଏବଂ ରସିଦ୍ ଗ୍ରହଣ କରିବେ । ନିଲାମ ପ୍ରକ୍ରିୟା ସମାପ୍ତ ପରେ ସମସ୍ତ ବିଫଳ ଟେଣ୍ଡରଧାରୀଙ୍କୁ ଏହି ରାଶି ଫେରସ୍ତ କରାଯିବ । ଟେଣ୍ଡର ଫର୍ମରେ ପରିମିତ ରାଶି ଉଲ୍ଲେଖ କରି ବନ୍ଦ ଲଫାପାରେ ଦାଖଲ କରିବା ଉଚିତ୍ ।

୫) ଟେଣ୍ଡର ଫର୍ମ ଗୁଡ଼ିକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସଂପୃକ୍ତ ଶାଖାରେ ଉପର ଲିଖିତ ନିଲାମ ତାରିଖ ଏବଂ ସମୟରେ ଖୋଲାଯିବ । ଟେଣ୍ଡର ଖୋଲାଯିବା ସମୟରେ ନିଲାମଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଉକ୍ତ ସ୍ଥାନରେ ଉପସ୍ଥିତ ରହିବା ଦରକାର ।

୬) ଉପରୋକ୍ତ ତାରିଖ ଏବଂ ସମୟରେ ଟେଣ୍ଡରଗୁଡ଼ିକ ଖୋଲାଯିବା ପରେ କ୍ଷମତାପ୍ରାପ୍ତ ଅଧିକାରୀ ସମ୍ପତ୍ତିର ସର୍ବାଧିକ ସଂଶୋଧିତ ମୂଲ୍ୟ ପାଇବା ନିମନ୍ତେ ଅଂଶଗ୍ରହଣ କରିଥିବା ନିଲାମଧାରୀମାନଙ୍କ ମଧ୍ୟରେ ଖୋଲା ନିଲାମ ଡାକ ପାଇଁ ଅନୁମତି ଦେଇପାରନ୍ତି ।

୭) ସଫଳ ନିଲାମଧାରୀଙ୍କ ସପକ୍ଷରେ ବିକ୍ରୟ ସ୍ୱିକୃତ ହେଲେ ସେ ନିଲାମ ରାଶିର ୨୫% (ପୂର୍ବରୁ ଦାଖଲ କରିଥିବା (EMD) ରାଶି ସହିତ) ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ୧୫ ଦିନ ମଧ୍ୟରେ ବଳକା ରାଶି ଦାଖଲ କରିବେ । ଏହା ନଗଦ ରାଶି ଆକାରରେ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ''କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ'' ସଂପୃକ୍ତ ଶାଖା ସପକ୍ଷରେ ଦର୍ଶାଇ ପ୍ରଦାନ କରିବେ ।

୮) ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥାତ୍ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ନିଲାମ ରାଶିର ଅବଶିଷ୍ଟ ୭୫% ପ୍ରଦାନ କରିବାରେ ବିଫଳ ହେଲେ, ଦାଖଲ ଅର୍ଥରାଶି (ନିଲାମ ରାଶିର ୨୫% ସହ ଅମାନତ ରାଶି) ବାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତି ପୁନଶ୍ଚ ବିକ୍ରୟ କରାଯିବ ଏବଂ ବିଫଳ କ୍ରେତାଙ୍କ ସମ୍ପତ୍ତିର ପରବର୍ତ୍ତୀ ବିକ୍ରି ସମ୍ବନ୍ଧୀୟ ସମସ୍ତ ଦାବୀ କିମ୍ବା ଆଂଶିକ ଦାବୀ ବାଜ୍ୟାପ୍ତି ହେବ ।

୯) ଉପରୋକ୍ତ ସମ୍ପତ୍ତି କେବଳ ସଂରକ୍ଷିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରୟ କରାଯିବ ।

୧୦) ସମ୍ପତ୍ତି ''ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଭିତ୍ତିରେ ଏବଂ ''ବିନା ଆଇନଗତ ସହାୟତା ଭିତ୍ତିରେ'' Without recourse basis ବିକ୍ରୟ କରାଯିବ । ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ପ୍ରସ୍ତାବିତ ବିକ୍ରୀ ନିମନ୍ତେ ଥିବା ସମ୍ପତ୍ତି ବିଷୟରେ ରାଜସ୍ୱ/ସବ୍-ରେଜେଷ୍ଟ୍ରି କାର୍ଯ୍ୟାଳୟରେ ରେକଡ ପତ୍ର ଯାଞ୍ଚ କରି ସମ୍ପତ୍ତିର ମାଲିକାନା, ପରିମାଣ, ପରିଚୟ, ଆକାର, ସର୍ଭେ ନମ୍ବର, ଡୋର ନମ୍ବର, ଚୌହଦୀ ଏବଂ ଏନ୍‌କମ୍ବ୍ରାନ୍ସ ବିଷୟରେ ସନ୍ତୁଷ୍ଟ ହେବା ଉଚିତ ।

୧୧) ସଫଳ ନିଲାମଧାରୀ ପ୍ରଯୁଜ୍ୟ ଆଇନଗତ ଖର୍ଚ୍ଚ, ରେଜିଷ୍ଟ୍ରେସନ୍ ଫି, ଷ୍ଟାମ୍ପ ଡ୍ୟୁଟି, ଟ୍ୟାକ୍ସ, ବୈଧାନିକ ଦେୟ ଇତ୍ୟାଦି ବହନ କରିବେ ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ନିଲାମ ହେବାକୁ ଥିବା ସମ୍ପତ୍ତିର କୌଣସି ଦେୟ/ଲିଅନ, ଏନ୍‌କମ୍ବ୍ରାନ୍ସ ସମ୍ପତ୍ତିକର କିମ୍ବା ସରକାରୀ କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ ।

୧୩) ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦଖଲ ଦାବି ଏହି ନୋଟିସ୍ ପରେ କିମ୍ବା ପୂର୍ବରୁ ଉଠିଲେ / ଥିଲେ ତାହା କ୍ରେତାଙ୍କ ଦ୍ୱାରା ସମାହିତ କରାଯିବ ।

୧୪) ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ସମ୍ପତ୍ତି କର, ବିଦ୍ୟୁତ୍ ଦେୟ, ମାଲିକାନା ପରିବର୍ତ୍ତନ ଦେୟ, ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଦେୟ ଇତ୍ୟାଦି କ୍ରେତାଙ୍କ ଦ୍ୱାରା ବହନ କରାଯିବ ।

୧୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ନିମ୍ନୋକ୍ତ ସମ୍ପତ୍ତିର ସର୍ବସାଧାରଣ ନିଲାମ ପାଇଁ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ବାତିଲ/ବିକ୍ରୟକୁ ସ୍ଥଗିତ / ରଦ୍ଦ/ ବିଳମ୍ବିତ କରିବାର କ୍ଷମତା ସଂରକ୍ଷିତ ରଖିଛନ୍ତି ।

୧୬) କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ କରାଯିବ ଏବଂ କେବଳ ସଫଳ ନିଲାମଧାରୀଙ୍କ ନାମରେ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯିବ ।

୧୭) ଆଗ୍ରହୀ ପକ୍ଷମାନେ ଉପର ଦର୍ଶିତ ତାରିଖରେ ସଂପୃକ୍ତ ଶାଖା ଅଧିକାରୀଙ୍କ ସହ ପୂର୍ବରୁ ଯୋଗାଯୋଗ କରି ଉପରୋକ୍ତ ସମ୍ପତ୍ତିର କାଗଜ ପତ୍ର ଯାଞ୍ଚ କରିପାରନ୍ତି ।

୧୮) ଉପରୋକ୍ତ ସମ୍ପତ୍ତି ସର୍ବସାଧାରଣ ନିଲାମ/ ତନଖି ନିମନ୍ତେ କିମ୍ବା ତତ୍ ସମ୍ବନ୍ଧୀୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ଆରମ୍ଭ ସଂପୃକ୍ତ ଶାକା /ମୁଖ୍ୟ ପ୍ରବନ୍ଧକ-୭୦୭୭୬୪୩୩୦୦, ୯୯୬୨୧୨୬୧୭୩, ସହାୟକ ମହାପ୍ରବନ୍ଧକ-୮୭୫୮୬୨୩୦୪୦ ।

୧୯) ନିଲାମରେ ଅଂଶଗ୍ରହଣ ପୂର୍ବରୁ ଏହା ନିଲାମଧାରୀଙ୍କ ଦାୟିତ୍ୱ ଯେ ସେମାନେ ସମ୍ପତ୍ତି ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ।

୨୦) ବିକ୍ରୟ ଉପରେ ବର୍ଣ୍ଣିତ ସରଫେଶୀ ଆକ୍ଟ- ୨୦୦୨ର ଧାର୍ଯ୍ୟ ନିୟମାବଳୀ ଅନୁସାରେ ସମ୍ପନ୍ନ ହେବ ।

୨୧) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ଅଟେ ।

**ବି.ଦ୍ର.: ଉକ୍ତ ବିଜ୍ଞାପନରେ ଇଂରାଜୀର ଆକ୍ଷରିକ ଅନୁବାଦରେ ତ୍ରୁଟି ଥିଲେ ଦୟାକରି ଏହି ନିଲାମଟି ଅବିକଳ ଇଂରାଜୀରେ ତା. ୦୪.୧୦.୨୦୧୯ ରିଖରେ ନିଉ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ବିଜ୍ଞାପନକୁ ଗ୍ରହଣ କରାଯିବ ।**

ତାରିଖ: ୦୩.୧୦.୨୦୧୯
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

### ବିଜ୍ଞାପନ

ପତ୍ର ସଂଖ୍ୟା: ୧୬ — ତା: ୩୦।୦୯।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍‌ଆଇଜି-୧୨ (MIG-12), ପଠାଣି ସାମନ୍ତ କମ୍ପୋଜିଟ୍ ହାଉସିଂ ସ୍କିମ୍, ମୁକ୍ତାପୁର, ନୟାଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ନନ୍ଦକିଶୋର ପଣ୍ଡା, ପିତା- ଯୁଧିଷ୍ଠିର ପଣ୍ଡା, ସା- ପଦ୍ମାଳୟା, ଷ୍ଟେସନ ଛକ, ପୋ- ଖାରବେଳ ନଗର, ୟୁନିଟ୍- ୩, ଥାନା- ଖାରବେଳ ନଗର, ଜି- ଖୋର୍ଦ୍ଧା, ଭୁବନେଶ୍ୱର, ପିନ୍- ୭୫୧୦୦୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନନ୍ଦକିଶୋର ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ରଞ୍ଜନ କୁମାର ପଣ୍ଡା, ପିତା- ରବୀନ୍ଦ୍ର କୁମାର ପଣ୍ଡା, ସା-୧୪୪/୧୪୪, ବଡ଼ସାହି, ପୋ-ବାଉଁଶିଆପଡ଼ା, ଥାନା- ଇଟାମାଟି, ଜି- ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ODISHA CONSTRUCTION CORPORATION LIMITED

(A Govt. of Odisha Undertaking)
Unit - VIII, Bhubaneswar
e-mail: theoccltd@odishaconstruction.com
GSTIN: 21AAACO2571K2ZM

CAD - 442

### e-Procurement Notice No. 02/OCCL/2019-20 (Online)

Type of Work : Dam & Spillway Work
Total No. of Works : 01 (One) No.
Period of Completion : 18 Calendar Months

| Procurement Officer | Bid Identification No. | Amount put to tender (Approx.) (In Rs.) | Bid Security (In Rs.) | Availability of Tender (Online) | Submission of Tender (Online) |
|---|---|---|---|---|---|
| Managing Director, OCC Ltd., Bhubaneswar | OCCL-GMP/ 01/2019-20 | 104,22,00,000.00 | 1,04,22,000.00 | 09.10.2019, 10.00 A.M. to 02.11.2019, 5.00 P.M. | 09.10.2019, 10.00 A.M. to 02.11.2019, 5.00 P.M. |

Date of Opening of the Technical Bid: 05.11.2019, 11.30 A.M.
Further details can be seen from the Govt. website **(www.tendersodisha.gov.in)**.

34120/11/0005/1920 — Sd./- Managing Director

## BOARD OF REVENUE, ODISHA, CUTTACK

**(Confidential Branch)**

No.: 54-F: All Revenue Divisional Commissioners / Inspector General of Registration, Odisha / Director, Land Records and Surveys & Consolidation and all Collectors is hereby informed that recommendations have been invited vide Board's Letter No. 1427/CS, Dt.01.10.2019 for Recruitment to Odisha Revenue Service (Group-B) by way of Promotion for the year 2019. The letter has been despatched to above authorities, a copy of same with enclosures is also available in the website of Board of Revenue **http://boardodisha.nic.in**. The authorities can access the website and download the letter as well as the enclosures. The recommendation should reach at Secretary, Board of Revenue, Odisha, Cuttack on or before 15th November 2019 by 5.00 P.M.

**Sd./- Secretary**
**Board of Revenue,**
**Odisha, Cuttack**

24002/11/0004/1920

## OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), ANGUL

**No.9453 — TENDER CALL NOTICE — Dt.01.10.2019**

Sealed tenders in prescribed forms are invited from the intending Registered firms/ Authorized licensing Transporting Contractors/ Agents for under taking the work of transportation of MDM food stuff quarterly from FSD, FCI/OSCSC, Angul/Selected Depot to all school points of Angul district under Mid-Day-Meal Programme for the year 2019-20 (Nov 19 to Oct 20). The tender paper / terms and condition can be obtained from the office of the District Project Management Unit (MDM), Angul , O/o the District Education Officer, Angul and also available at District website **(www.angul.nic.in)** from 01.10.19 to 23.10.19 on any working day during office hour on payment of 10,000/- (Rupees Ten thousand) only in shape of Demand Draft (non refundable) in favour of District Nodal Officer(MDM)-cum-District Education Officer, Angul payable at Angul. In case of submission of downloaded tender paper, it must accompany the demand draft amounting Rs.10,000/- as mentioned above, failing which the tender application will be rejected. The tender shall be received by the District Education Officer, Angul during the office hour from 01.10.2019 to 23.10.2019 through Registered Post/ Speed Post only and will be opened on 24.10.19 at 4.00 P.M. in the office Chamber of Collector/ DEO Angul in presence of the members of the tender committee and the tenderers or their authorized representatives. There shall be two stages of bidding - Technical and Financial. The interested bidders must submit the Technical bid in a envelope superscribed as "Technical Bid for Tender of Transportation of Mid Day Meal Food stuff in Angul District for 2019-20". The Financial Bid must be submitted in a separate envelope superscribed as "Financial Bid for Tender of Transportation of Mid Day Meal Food stuff in Angul District for 2019-20". Both these envelops must then be placed in a third envelopes superscribed as "Tender of Transportation of Mid Day Meal Food stuff in Angul District for 2019-20". The tenders received beyond the scheduled date and time shall be rejected. The undersigned reserves the right to reject/cancel/ withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.

**By the order of Collector & District Magistrate, Angul**
**Sd./- District Education Officer-cum-**
**District Nodal Ffficer (MDM), Angul**

# ରାଜଧାନୀରୁ କୋଟିପତି ଶିକ୍ଷୟିତ୍ରୀ ଗିରଫ

## ମିଳିଲା ୧ କୋଟି ୪୫ ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସିଟି ସ୍କୁଲ୍‌ର ସହକାରୀ ଶିକ୍ଷୟିତ୍ରୀ ତିଲୋତ୍ତମା ମହାନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗୋପବନ୍ଧୁ ଛକସ୍ଥିତ ତାଙ୍କ ବାସଭବନ ସହ ୪ ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢାଉ କରିଥିଲା। ମୋଟ ୧ କୋଟି ୮୭ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଥିବାବେଳେ ୧ କୋଟି ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତିକୁ ଜବତ କରିଛି ଭିଜିଲାନ୍ସ। ଏହି ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱର ସମେତ ୩ ସ୍ଥାନରେ ରହିଛି ୯ ଫ୍ଲାଟ ଓ ୨ କୋଠା। ସେହିଭଳି ତିଲୋତ୍ତମାଙ୍କ ନାଁରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଆକାଉଣ୍ଟରେ ରହିଛି ୩୧ ଲକ୍ଷ ଟଙ୍କାର ସ୍ଥାୟୀ ଜମା। ଏଥିସହ ତାଙ୍କ ସମ୍ପତ୍ତି ଓ ଆୟର ଉତ୍ସ ସମ୍ପର୍କରେ ଅଧିକ ଖୋଳତାଡ଼ ଚାଲିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୮୯ରୁ ଚାକିରି ଜୀବନ ଆରମ୍ଭ କରିଥିବା ତିଲୋତ୍ତମା ୨୦୦୯ରୁ ସିଟି ସ୍କୁଲରେ କାର୍ଯ୍ୟକରି ଆସୁଛନ୍ତି। ଏହାମଧ୍ୟରେ ତାଙ୍କର ଉତ୍ତରା ଶାସନରେ ୪୦ ଲକ୍ଷ ଟଙ୍କାର ଘର, ୧ କୋଟି ଟଙ୍କାର ୯ ଫ୍ଲାଟ, ୯ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ସହ ୩୬ ଲକ୍ଷ ଟଙ୍କାର ସ୍ଥାୟୀ ଜମା ରହିଛି। ସେହିପରି ୨୫ ଲକ୍ଷ ଟଙ୍କା ମୂଲ୍ୟର ୧୮ ଏଲ୍‌ଆଇସି ବଣ୍ଡ ମଧ୍ୟ ତାଙ୍କ ନାମରେ ରହିଛି। ଭିଜିଲାନ୍ସର ୩ ଟିମ୍ ତାଙ୍କ ସରକାରୀ କ୍ୱାର୍ଟର୍ସ ସମେତ ଉତ୍ତରା ଶାସନ ଓ ନୟାଗଡ଼ ରଣପୁରସ୍ଥିତ ଘରେ ଚଢ଼ାଉ କରିଥିଲା।

ତେବେ ତିଲୋତ୍ତମାଙ୍କ ସ୍ୱାମୀ ତପନ ମହାନ୍ତିଙ୍କ କହିବା ଅନୁଯାୟୀ, କୌଣସି ସମ୍ପତ୍ତି ବେଆଇନ ନୁହେଁ। ଏହା ଆମର କଷ୍ଟ ଅର୍ଜିତ ପୈତୃକ ସମ୍ପତ୍ତି। ଜାଣିଶୁଣି ମୋ ସ୍ତ୍ରୀଙ୍କୁ ଫସାଇ ଦିଆଯାଇଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି, ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଫାଇଲ ପ୍ରୋସେସିଂ ପାଇଁ ଲାଞ୍ଚ

# ବିଏମ୍‌ସି ସିନିୟର ଆସିଷ୍ଟାଣ୍ଟ ଗିରଫ

ବ୍ରହ୍ମପୁର ଅଫିସ,୩।୧୦

ବ୍ରହ୍ମପୁର ମହାନଗର ନିଗମ ସିନିୟର ଆସିଷ୍ଟାଣ୍ଟ ଗୁରୁବାର ସନ୍ଧ୍ୟାରେ ଜଣେ ଆବେଦନକାରୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ଏ.ଲକ୍ଷ୍ମୀ ପ୍ରସାଦ ରାଓ। ତାଙ୍କ ଘର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁଲାରସିଂ। ମାମଲା ନଂ.୨୭/୧୯ରେ ତାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏ.ଲକ୍ଷ୍ମୀ ପ୍ରସାଦ ରାଓ ପୂର୍ବରୁ ବିଏମ୍‌ସିରେ ସିନିୟର ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସେ କିଛି ମାସ ପୂର୍ବେ ଅବସର ନେଇଥିଲେ। ପରେ ଏପ୍ରିଲ ୩ରେ ସେ ଚୁକ୍ତି ଭିତ୍ତିରେ ପୁଣିଥରେ ବିଏମ୍‌ସିରେ ନିଯୁକ୍ତି ପାଇଥିଲେ।



ସୁନା ରୁପା ପ୍ରକୃତ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସମ୍ପଦ।

- ମହାତ୍ମା ଗାନ୍ଧୀ

**ସଂକ୍ଷେପରେ**

## ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୩।୧୦(ବ୍ୟୁରୋ): ଉଡାନ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଚିତ୍ରକର- ୨୦୧୯ ଭୀମଭୋଇ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି । ଉଡାନ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଓ ରମେଶ ସାହାଙ୍କ ତତ୍ତ୍ୱାବଧାନରେ ୫ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ସୋନାକ୍ଷୀ ଆସ, ରୁବି ବାଧୱାନି, ଈପସିତା ପଣ୍ଡା, କଲ୍ୟାଣ ହୋତା, ସୁନିତା ଯୋଶୀ, ରଶ୍ମିତା ମିଶ୍ର, ଲକ୍ଷ୍ମୀ ଚଇନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦ ଅକ୍ଟୋବର ତପସ୍ୱିନୀ ପ୍ରେକ୍ଷାଳୟଠାରେ ହେବାକୁଥିବା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନଭେମ୍ବର ୨୦ରୁ ପଲ୍ଲିଶ୍ରୀ ମେଳା



ସମ୍ବଲପୁର ଜିଲାପାଳଙ୍କ ଅଫିସ ଡିପିସି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକରେ ଏଡିଏମ୍‌ଙ୍କ ସହ ଅନ୍ୟ ଅଧିକାରୀ ।

- ଚଳିତ ବର୍ଷ ୨୦ ଖାଦ୍ୟ ଷ୍ଟଲ ରହିବ
- ୨ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ଲକ୍ଷ୍ୟ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଜିଲାପାଳଙ୍କ ଅଫିସ ଡିପିସି ବିଭାଗ ସମ୍ମିଳନୀ କକ୍ଷରେ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପିଡି ସୁକାନ୍ତ ତ୍ରିପାଠୀ, ଡିଏଫ୍‌ଓ ଡ.ସଞ୍ଜିତ କୁମାର, ଓର୍‌ମାସ ସଂଯୋଜକ ଶ୍ରୀମନ୍ତ କୁମାର ହେତାଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନଭେମ୍ବର ୨୦ତାରିଖରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ପିଏଚ୍‌ଡି ପଡ଼ିଆରେ ପଲ୍ଲିଶ୍ରୀ ମେଳା ଚାଲିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ମେଳାରେ ଜିଲାର ହୋଟେଲ ବ୍ୟବସାୟୀମାନଙ୍କ ୨୦ଟି ଫୁଡ ଷ୍ଟଲ ରହିବ। ସେହିପରି ମେଳାରେ ବିଭିନ୍ନ ୧୮୦ଟି ଷ୍ଟଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବୈଠକରେ କୁହାଯାଇଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବ୍ୟବସାୟ କରିବାକୁ ବୈଠରେ ଆଶା ବ୍ୟକ୍ତ କରାଯାଇଥିଲା। ଏପରି କି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ମେଳାକୁ ଆସୁଥିବା ଦର୍ଶକମାନେ କିଣାବିକା କରିବା ସହ ମନୋରଞ୍ଜନ କରି ପାରିବେ ।

### ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପଡ଼ିଆବାହାଲ ବିଜୟୀ



ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ଫୁଟବଲ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ମ୍ୟାଚରେ ପଡିଆବାହାଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଟକ ସିଟି କ୍ଲବ ଏବଂ ପଡିଆବାହାଲ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧-୧ ଗୋଲରେ ମ୍ୟାଚ ଅମିମାଂଶିତ ରହିବାରୁ ଟ୍ରାଏବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ପଡିଆବାହାଲ ୪-୩ ଗୋଲରେ ବିଜୟୀ ହୋଇଥିଲା। ରେଫରି ମଥୁରା ଓରାମ, ମନୋଜ ଭୋଇ, ରାଜାରାମ ଓରାମ ଓ ବଳରାମ ମଟାରି ମ୍ୟାଚ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ତଥା ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲା କ୍ରୀଡ଼ା ସଂଘ କାଉନସିଲ ସଭ୍ୟ ଶୟନ ଜିନ୍ଦା, ଉପସଭାପତି ରାଜୀବ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଦ୍ୱିତୀୟ ମ୍ୟାଚ ଅଇଁଠାପାଲି ରେଡ ଷ୍ଟାର ଅନୁପସ୍ଥିତ ରହିବାରୁ ଚାରଭାଟି ଦଳ ୱାକଓଭର୍ ମାଧ୍ୟମରେ ବିଜୟୀ ହୋଇ ୩ ପଏଣ୍ଟ ପାଇଛି।

# ଛାତ୍ରାବାସ ଦାୟିତ୍ୱରୁ ମୁକ୍ତ କରାଯାଉ



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷକମାନେ।

**ସମ୍ବଲପୁର,୩।୧୦(ବ୍ୟୁରୋ)**

**ଶିକ୍ଷକ ସଂଘ ପକ୍ଷରୁ ଦାବି**

ସମ୍ବଲପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଜିଲାପ୍ରଶାସନ ଜରିଆରେ ଅନୁସୂଚିତ ଜନଜାତି କମିଶନରଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ କ୍ରମେ ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ହାତିବାରୀ ଆଶ୍ରମ ସ୍କୁଲର ଜଣେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସ୍କୁଲ ଶିକ୍ଷକଙ୍କୁ ଦାୟୀ କରାଯାଇଥିଲା। ଏପରି କି ଉତ୍ତ୍ୟକ୍ତ ଜନସାଧାରଣ ସ୍କୁଲ ଶିକ୍ଷକଙ୍କୁ ମାଡ଼ମାରିଥିଲେ। ଏହି ଘଟଣାକୁ ସମ୍ବଲପୁର ଜିଲା ଅନୁସୂଚତି ଜନଜାତି ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସ୍କୁଲରେ ଛାତ୍ରୀଛାତ୍ର ନିବାସ ଦାୟିତ୍ୱ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନ ଦେଇ ଅନ୍ୟ ଲୋକଙ୍କୁ ଦେବାକୁ ଦାବି କରାଯାଇଛି। ଏପରି କି ସ୍କୁଲଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହୋଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସମ୍ପାଦକ ଜନରଞ୍ଜନ ବଡପଣ୍ଡା, ସଭାପତି ସରୋଜ କୁମାର ଜଗତ, ମୁକୁନ୍ଦ ପ୍ରସାଦ ମିଶ୍ର, ଜଗଦୀଶ ପାଣିଗ୍ରାହୀ, ଅଶୋକ କୁମାର ଶତପଥୀ, ମୀନକେତନ ଭୋଇ, ସୁଧୀର କୁମାର ପଟେଲ, ପଙ୍କଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପଦଯାତ୍ରା

## ୪୦ ଅନୁଷ୍ଠାନକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରା ଧନୁପାଲି ପେଟ୍ରୋଲ ପମ୍ପରୁ ଆରମ୍ଭହୋଇ ଭତରା ଗାନ୍ଧୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସମ୍ବଲପୁର ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ରାସ୍ତାରେ ପଡିଥିବା ପ୍ଲାଷ୍ଟିକ ସହ ଅଳିଆ ଆବର୍ଜନା ସଂଗ୍ରହ କରି ଡଷ୍ଟବିନ୍‌ରେ ପକାଯାଇଥିଲା । ସେହିପରି ଗାନ୍ଧୀ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା । ପରେ ଆଦିତ୍ୟ କଲ୍ୟାଣ ମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ସଂଯୋଜକ ମାରିଆନୁସ ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଶାଶ୍ୱତ କୁମାର ମିଶ୍ର ମୁଖ୍ୟବକ୍ତା, ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ, ଡ. ପ୍ରଭାସ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ୪୦ଟି ଯୁବ ଅନୁଷ୍ଠାନକୁ ଅତିଥିମାନେ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରିଥିଲେ। ପ୍ରକୃତି ବନ୍ଧୁ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରୁଛନ୍ତି ।

# ଘରୋଇ ଶିକ୍ଷା ଅନୁଷ୍ଠାନରେ ପାଳନ ହେଉନି ସରକାରୀ ନିୟମ



ସମ୍ବଲପୁର ପ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରଞ୍ଜନ ଦାସ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ।

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଘରୋଇ ଶିକ୍ଷା ଅନଷ୍ଠାନ ପାଇଁ ସରକାରଙ୍କ କଡା ନିୟମ ରହିଛି। ହେଲେ ଅଧିକାଂଶ ଅନୁଷ୍ଠାନ ନିୟମ ପାଳନ କରୁନାହାନ୍ତି । ଏହାର ତଦାରଖ କରିବା ଦାୟିତ୍ୱ ବିଶ୍ୱ ବିଦ୍ୟାଳୟର ରହିଛି। ହେଲେ ଅନୁଷ୍ଠାନଗୁଡିକୁ ପ୍ରଶ୍ରୟ ଦିଆଯାଉଥିବା ପ୍ରେସ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦୀପକ ରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ସ୍କୁଲ, କଲେଜ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିବା ସହ ନିୟମ ଅନୁସାରେ ଶିକ୍ଷକ ନିଯୁକ୍ତି, ଅନୁଷ୍ଠାନ ପରିଚାଳନା ପାଇଁ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ନେଇ ଗଭର୍ନିଂ ବଡି ଗଠନ କରିବା, କଲେଜରେ ସିଟ ସଂଖ୍ୟା ଓ ଶ୍ରେଣୀ ଅନୁସାରେ ଛାତ୍ରୀଛାତ୍ରମାନଙ୍କ ପାଇଁ ସମସ୍ତ ସୁବିଧା ଯୋଗଇ ଦେବା, ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଚିତ ଦରମା ଦେବା, ଏପରି କି ସ୍କୁଲ ନାମରେ ଜମି ରହିବା ନିହାତି ଆବଶ୍ୟକ ବୋଲି ଦାସ କହିଥିଲେ।

# ବାଳିକା କରାଟେ ଚାମ୍ପିୟନଶିପ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ମାରୱାଡି ମହିଳା ସମିତି ଓ ଏଚ୍ ଏକାଡେମୀ ପକ୍ଷରୁ ବାଳିକା କରାଟେ ଚାମ୍ପିୟନଶିପ୍ ନେତାଜୀ ସୁବାସ ଚନ୍ଦ୍ର ବୋଷ କଲେଜ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ମାରୱାଡି ମହିଳା ସଭାନେତ୍ରୀ ସୁଷମା ଅଗ୍ରୱାଲ, ସମ୍ପାଦିକା ସରିତା ଅଗ୍ରୱାଲ, ହୋପ୍ ସ୍କୋପ୍ ଏକାଡେମୀ ସଭାପତି ବିଶ୍ୱରଞ୍ଜନ ବେହେରା, ମନୀଷା ଗଉଡ, ସମ୍ପାଦକ ମନୋରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସୁଶ୍ରୀ ସ୍ୱାଗତିକା ସ୍ୱାଇଁ, ମିତ୍ରବିନ୍ଦା ଦାଶ, ମନୋରଞ୍ଜନ ପ୍ରଧାନ, ଏ. ଘୋଷ, ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ବେରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବାଳିକା କରାଟେ ଚାମ୍ପିୟନଶିପ୍‌ରେ ପୁରସ୍କୃତ ପ୍ରତିଯୋଗୀମାନେ।

# ସମଲେଇ ମନ୍ଦିରରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ଗୁରୁବାର ସମଲେଇ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁର ଜିଲା ବ୍ୟାଡମିଣ୍ଟନ ଖେଳାଳି ଭାରତଗୌରବ ଦାଶ, ଅଜୟ ଅଗ୍ରୱାଲ, ପ୍ରଣବ ପଟ୍ଟନାୟକ, ପ୍ରଣବ ଶତୃଶଲ୍ୟ, ମହମ୍ମଦ ସାଧିକ, ରାଜୁ ଡିଙ୍ଗରା, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମିଳିତ ଭାବେ ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଅତାବିରା ନିବାସୀ ପ୍ରମୋଦଙ୍କୁ କେନ୍ଦ୍ର ସରକାର ଅର୍ଜୁନ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ନିକଟରେ ଚାଇନାର ୟୁହାଙ୍ଗ୍ ହାଙ୍ଗ୍‌ଝୋଉଠାରେ ଆୟୋଜିତ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ସିଙ୍ଗଲ ଓ ଡବଲ୍ସରେ ପ୍ରମୋଦ ଚାମ୍ପିୟାନ ହୋଇଛନ୍ତି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବ।

## ଜିଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

# ଡେବ୍ରିଗଡ଼ ଅଭୟାରଣ୍ୟ ୱେବସାଇଡ ଉଦ୍‌ଘାଟିତ

**ସମ୍ବଲପୁର,୩।୧୦(ବ୍ୟୁରୋ)**

ଜିଲା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ଆର୍‌ସିସିଏଫ୍ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଟି.ସନତ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଦିଗରେ ଉପସ୍ଥିତ କର୍ମଚାରୀ ଏବଂ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗର ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା କୁଚିଣ୍ଡାର ପ୍ରଦୀପ ଛତ୍ରିଆ, ସମ୍ବଲପୁର ବନଖଣ୍ଡର ଦାମୋଦର ମେହେର, ରେଢାଖୋଲ ବନଖଣ୍ଡର ଶିବରାମ ସାହୁଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭାଗ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜୀତ କୁମାର, ରେଢାଖୋଲ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, କେନ୍ଦୁଲିଫ ଡିଏଫ୍‌ଓ ସମ୍ବଲପୁର ପି.ଆର୍ଥନାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ, ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅକ୍ଟୋବର ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପରି କି ଜିଲା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଡେବ୍ରିଗଡ଼ ଅଭୟାରଣ୍ୟର ୱେବସାଇଡ୍ ଉଦ୍‌ଘାଟିତ ହୋଇଥିଲା।



ସମ୍ବଲପୁର ଜିଲା ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅଧିକାରୀମାନେ ।

# ଜିଲାସ୍ତରୀୟ ଆନ୍ତଃକଲେଜ ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୩।୧୦(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟ ପରିସରରେ ୩ଦିନ ଧରି ଆୟୋଜିତ ଜିଲାସ୍ତରୀୟ ଆନ୍ତଃକଲେଜ ୟୁଥ ରେଡ଼କ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ଉପସଚିବ ଡ଼. ଉମା କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଜିଲା ରେଡ଼କ୍ରସ ସମିତି ସମ୍ପାଦକ ଜୟ ଜର୍ଜ ଯୋଗଦେଇ ରେଡ଼କ୍ରସର ବୈଶିଷ୍ଟ୍ୟତା ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସେବା ମନୋଭାବ ରଖିବା ସହ ଅନ୍ୟକୁ ସହାୟତା ଯୋଗାଇ ଦେବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରେଡ଼କ୍ରସର ପର୍ଯ୍ୟବେକ୍ଷକ ବିପିନ କୁମାର ଚୌଧୁରୀ, ସଂଯୋଜକ ଖଗେଶ୍ୱର ଦାଶ ଶିବିରର ଆଭିମୁଖ୍ୟ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ନାତକ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଦିପେନ କୁମାର ପଟ୍ଟାନାୟକ ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରେଡ଼କ୍ରସ ଉପଦେଷ୍ଟା ଦେବେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିବିରରେ ଯୋଗଦେଇଥିବା ପ୍ରତିନିଧିମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଂଗୀତ, କୁଇଜ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏପରି କି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରି ରାମଧୁନ ପରିବେଷଣ କରିବା ସହ ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ ମୁକ୍ତ ଭାରତ ଗଢିବା ନେଇ ବାର୍ତ୍ତା ପ୍ରଦାନ କରିଥିଲେ ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଏନ୍ଆଇଏ ଡିଜି

ପୁରୀ ଅଫିସ, ୩।୧୦

ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍ଆଇଏ) ଡାଇରେକ୍ଟର ଜେନେରାଲ (ଡିଜି) ଯୋଗେଶ ଚନ୍ଦର ମୋଦି ଗୁରୁବାର ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ମୋଦି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସରସ୍ଥ ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରି ଫେରିଥିଲେ। ସିଂହଦ୍ୱାର ନିକଟରେ ଗଣମାଧ୍ୟମକୁ ସୂଚନା ଦେଇ ଏନ୍ଆଇଏ ଡିଜି କହିଥିଲେ, ଭୁବନେଶ୍ୱରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲି। ମହାପ୍ରଭୁଙ୍କ କୃପାରୁ ତାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଲି।



ଏନ୍ଆଇଏ ଡିଜି ଯୋଗେଶ ଚନ୍ଦର ମୋଦି ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ଭଲ ଭାବେ ଦର୍ଶନ କରିଥିବାରୁ ଖୁସି ଲାଗୁଛି। ତେବେ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ପ୍ରଶ୍ନକୁ ସେ ଏଡ଼ାଇ ଯାଇ କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ ବୋଲି କହିଥିଲେ।

## କୋଣାର୍କ ମହୋତ୍ସବ-୨୦୧୯

# ଅଂଶଗ୍ରହଣ କରିବ ଇଣ୍ଡୋନେସିଆ ଦଳ

**ଭୁବନେଶ୍ୱର,୩।୧୦(ବ୍ୟୁରୋ):** ଚଳିତ ବର୍ଷ କୋଣାର୍କ ମହୋତ୍ସବ ପାଇଁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ମହୋତ୍ସବ ସହ ଜଡିତ ଥିବା ସମସ୍ତ ବୈଠକରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଥିଲା। ଗୁଣାତ୍ମକ କାର୍ଯ୍ୟକ୍ରମ ସହ ବିଶ୍ୱସ୍ତରୀୟ ସାଂସ୍କୃତିକ ବିଚିତ୍ରା ଯେପରି ପ୍ରଦର୍ଶିତ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଇଣ୍ଡୋନେସିଆର ଏକ ସାଂସ୍କୃତିକ ଦଳ ମହୋତ୍ସବରେ ଅଂଶଗ୍ରହଣ କରିବ ବୋଲି ଜଣାପଡିଛି। ଭାରତବର୍ଷର ଶାସ୍ତ୍ରୀୟ ନୃତ୍ୟଗୀତ ସହ ଓଡ଼ିଶୀକୁ ପ୍ରମୁଖ ଭାବେ ଏଥିରେ ସ୍ଥାନ ଦିଆଯାଇଥାଏ। ସବୁବର୍ଷ ପରି ଡିସେମ୍ବର ୧ରୁ ୫ ଯାଏ ଏହି ମହୋତ୍ସବ ଆୟୋଜିତ ହେବ। ଏହି ମହୋତ୍ସବରେ କୁଚୁପୁଡି, ଭାରତନାଟ୍ୟମ, କଥକ, ମୋହିନୀଆଟମ୍ ଏବଂ ମଣିପୁରୀ ପ୍ରଭୃତି ସ୍ଥାନ ପାଇବ। ପର୍ଯ୍ୟଟନ ସଚିବ ବିଶାଲଦେବ ମହୋତ୍ସବ ସମ୍ପର୍କିତ ତଥ୍ୟ ବୈଠକରେ ବିଶଦ୍‌ଭାବେ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ଅନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ରହିଥିଲେ।

**ଶ୍ରୀଯୁକ୍ତ ସିଭିଲ୍ ଜଜ୍ କୋର୍ଟ, (ବରିଷ୍ଠ ବିଚାରପତି, ଖଲ୍ଲିକୋଟ, ଗଞ୍ଜାମ)**
ସି.ଏସ.ନଂ.-୧୧/୧୮
**କୃଷ୍ଣ ଚନ୍ଦ୍ର ସାହୁ** .............ବାଦି
**ବନାମ**
**ଭି.ସୁଜ୍ଞାନି କୁମାରୀ ଦେଓ ଓଗେର** ........ପ୍ରତିବାଦୀ
**ନୋଟିସ୍**
(୧).V. ସୁଜ୍ଞାନି କୁମାରୀ ଦେଓ ବୟସ ପ୍ରାୟ ୭୯ବର୍ଷ, ସ୍ୱାମୀ୮ପୂର୍ଣ୍ଣ ଚନ୍ଦ୍ର ମର୍ଦ୍ଦରାଜ ଦେଓ, ଗ୍ରାମ-ନିର୍ମଳଝର, ପୋ/ଥାନା-ଖଲ୍ଲିକୋଟ, ଜିଲ୍ଲା-ଗଞ୍ଜାମ। (୨). ଯୁଧିଷ୍ଠିର ନାୟକ ବୟସ ପ୍ରାୟ ୪୫ବର୍ଷ, ପିତା-ଲଛମନ ନାୟକ, ଗ୍ରାମ/ପୋଷ୍ଟ-ବି.ନୂଆଁଗା, ଥାନା-କୋଦଳା, ଜିଲ୍ଲା-ଗଞ୍ଜାମ।
ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ, ବୟସ ପ୍ରାୟ ୪୫ବର୍ଷ, ପିତା-ମନୋହର ସାହୁ, ଗ୍ରାମ/ପୋଷ୍ଟ ପୁସ୍ତପୁର, ଥାନା-କୋଦଳା, ଜିଲ୍ଲା-ଗଞ୍ଜାମ ଆପଣମାନଙ୍କ ବିରୁଦ୍ଧରେ ନିମ୍ନୋକ୍ତ ତଫସିଲ ଜାଗା ସମ୍ବନ୍ଧେ ଉକ୍ତ ଅଦାଲତରେ ଉପରୋକ୍ତ ମୋକଦ୍ଦମା ଦାଖଲ କରିଛନ୍ତି। ଏଣୁ ଆପଣ କିମ୍ବା ଆପଣଙ୍କ କ୍ଷମତା ପ୍ରାପ୍ତ ବ୍ୟକ୍ତି ବା କୌଣସି ଓକିଲଙ୍କ ମାର୍ଫତରେ ତା.୨୪।୧୦।୧୯ରିଖ ଦିବା ୧୦ଘଣ୍ଟା ୩୦ମିନିଟ୍ ସମୟରେ ଅଦାଲତରେ ହାଜର ହୋଇ କୈଫିୟତ ଦାଖଲ କରିପାରିବେ, ନଚେତ ଉକ୍ତ କେସ୍‌ର ଫଇସଲା ଆପଣଙ୍କ ଅନୁପସ୍ଥିତିରେ କରାଯିବ। ତା ୧୧।୦୯।୧୯ରିଖରେ ଅଦାଲତଙ୍କ ସହି ମୋହର ଓ ଦସ୍ତଖତ ଦିଆଗଲା। **ତଫସିଲ୍-** ଖଲ୍ଲିକୋଟ ତହସିଲ ଅନ୍ତର୍ଗତ, ଖଲ୍ଲିକୋଟ ମୌଜାର ଘରବାରି ଖାତା ନଂ.୬୧, ପ୍ଲଟନଂ.୪୪ (ସାବିକ ସର୍ଭେ ନଂ.୩୮୫)ଏରିଆ ୦.୦୨୦.୫ DC (ଏରିଆ ୦.୦୪୧ D.C ମଧ୍ୟରୁ) ଫୁଟ ମାପ ପ୍ରକାରେ ଦକ୍ଷିଣ ଉତ୍ତର ଓସାର ୧୫ଫୁଟ ଓ ପୂର୍ବ ପଶ୍ଚିମ ଓସାର ୫୯.୪୫ ଫୁଟ। ଏଥିକୁ ହଦ ପୂର୍ବ-ରୋଡ, ପଶ୍ଚିମ-ନାଳ, ଦକ୍ଷିଣ-ଶଶିଭୂଷଣ ପଟ୍ଟନାୟକ ଘରବାରି ମେଲାଡିହ ଓ ଉତ୍ତରକୁ ପୀତବାସ ସାହୁଙ୍କ ଘରବାରି ମେଲା ଡିହ।
**ସ୍ୱା./-ସିଭିଲ ଜଜ୍, ବରିଷ୍ଠ, ବିଚାରପତି, ଖଲ୍ଲିକୋଟ, ଗଞ୍ଜାମ**

**नालको NALCO**
**National Aluminium Company Limited**
(A Government of India Enterprise)
Nalco Bhawan, Nayapalli,
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**
Digitally signed online bids for Two Part, Open Tender cum Reverse Auction through Central Public Procurement e-procure Portal are invited on for the following Works.

**1.RFP NO. TNCC-029/2019**
Road Transportation of Aluminium Metal Products from Nalco's Stockyard at Kolkata to Nalco's Stockyard at Jaipur.

For details please visit www.e-procure.gov.in or www.nalcoindia.com. Any Updates / Amendments / Extension/ Corrigendum will only be hosted in above websites.
**AGM (Elect.), T&C**

**ALL INDIA CO-ORDINATED RESEARCH PROJECT ON SUNFLOWER**
**Directorate of Research (2nd floor)**
**OUAT, Bhubaneswar-751003**
**Advt. No.01/SNF/OUAT/2019-20 Date: 02.10.2019**
**WALK-IN-INTERVIEW**
A walk-in-interview for contractual engagement of Project Assistant will be held on dt.19.10.2019 at Committee room of the Directorate of Research, OUAT, Bhubaneswar.
For details please log on to **www.ouat.ac.in**
**Sd./-**
**Officer-in-charge**

# ଚଳିତବର୍ଷ ୧ ଲକ୍ଷ ହେକ୍ଟର ଜମିକୁ ହେବ ଜଳସେଚନ: ମନ୍ତ୍ରୀ

## ଉଠା ଜଳସେଚନ ନିଗମର ୪୭ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୩।୧୦(ବ୍ୟୁରୋ):** ରାଜ୍ୟରେ ଉଠାଜଳସେଚନ ପ୍ରକଳ୍ପ ଜରିଆରେ ୫୨ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ନିଗମ ତରଫରୁ ୧ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଓଡିଶା ଉଠାଜଳସେଚନ ନିଗମର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ଆଧାରରେ ପ୍ରକଳ୍ପଗୁଡିକର ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସାରିବା ଦରକାର। ନିଗମର ଅଧ୍ୟକ୍ଷ ଅମରେଶ ପତ୍ରି କହିଲେ ଯେ ରାଜ୍ୟର ସାଢେ ୪ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ଚାଷୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେମାନଙ୍କର ସୁବିଧା ଅନୁସାରେ ଜଳ ସେଚନ ସୁବିଧା ଯୋଗାଇ ଦେଲେ କୃଷି ଉତ୍ପାଦନ ଆହୁରି ବୃଦ୍ଧି ପାଇବ। ଏ ଦିଗରେ ସମସ୍ତ ଯନ୍ତ୍ରୀ ଓ ପାଣିପଞ୍ଚାୟତ ସଦସ୍ୟଙ୍କ ମଧ୍ୟରେ ସହଯୋଗ ଏକାନ୍ତ ଆବଶ୍ୟକ। ଏହି ଅବସରରେ ୧୩ଟି ସଫଳ ପଞ୍ଚାୟତ ଏବଂ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଉଠାଜଳସେଚନ ନିଗମର ଯନ୍ତ୍ରୀ, କର୍ମଚାରୀ ଓ ପାଣି ପଞ୍ଚାୟତ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ କୃଷକ ସଚେତନଭିତ୍ତିକ ନାଟକ 'ସମୟ ହାତରେ ଜୀବନର ଖେଳ' ପରିବେଷଣ କରାଯାଇଥିଲା।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**
**e-Procurement Notice**
**Bid Identification No. S.E.J.C. (R&B)-03/2019-20**
**No.: 2380** **Date: 03.10.2019**
No.: 203-B

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 02 (Two) Nos. |
| 3. | Estimated Cost | : | Rs.121.46 to 122.51 Lakhs |
| 4. | Period of Completion | : | 09 (Nine) Months |
| 5. | Date & time of availability of bid document in the portal | : | From 10.00 hours of 11.10.2019 to 17.00 hours of 24.10.2019 |
| 6. | Last date/time for receipt of bids in the portal | : | 17.00 hours of 24.10.2019 |
| 7. | Opening date of Bid | : | 11.00 hours of 25.10.2019 |
| 8. | Name and address of the Officer Inviting Bid | : | Superintending Engineer, Jeypore (R&B) Circle, Jeypore |

Further details can be seen from the e-procurement portal **https://tendersodisha.gov.in**.
**Sd./- Superintending Engineer**
**Jeypore (R&B) Circle, Jeypore**
34108/11/0003/1920

**OFFICE OF THE ANGUL MUNICIPALITY, ANGUL**
No.229-C :- **GOVERNMENT OF ODISHA**
**e-Procurement Notice, Angul Municipality office, Angul**
**Bid Identification No.- EO/AGLM-05 OF 2019-20**
**e-mail ID- angulmunicipality@gmail.com**
**No.8380** **Date:03.10.2019**

| | | |
|---|---|---|
| 1 | Number of Works | 1 (One) number Building work |
| 2 | Approximate estimated cost | Rs. 41.125 Lakhs |
| 3 | Period of completion | 3 (three) calendar months |
| 4 | Date & Time of availability of bid document in the portal | Dt. 04.10.2019 at 10.00 A.M. |
| 5 | Last date / Time for receipt of bid in the portal | Dt. 18.10.2019 up to 5.00 P.M. |
| 6 | Date of opening (Technical Bid & Financial) | Dt. 22.10.2019 at 11.00 A.M. |
| 7 | Name and address of the Officer Inviting Bid | Executive Officer, Angul Municipality, Angul |
| 8 | The bidders have to participate in ONLINE bidding only. | |

Further details can be seen from the e-procurement portal **https://tendersodisha.gov.in**
**Sd./-B. C. Panda**
**Executive Officer,**
**Angul Municipality**
13085/11/0006/1920

**COLLECTORATE, KORAPUT (SOCIAL WELFARE SECTION)**
**No.1750/X-7/2019.** **Dated: 30.09.2019**
**TENDER CALL NOTICE**
Sealed Tenders are invited from the intending Firms / Company / Individuals / Corporations for undertaking Transportation of Rice / Wheat under Supplementary Nutrition Programme (WBNP) and Scheme for Adolescent Girls (SAG) Programme of Koraput District during the financial year 2019-20. The bidders need to submit the tender papers (Technical Bid & Financial Bid) in separate envelopes sealed with other required documents with super scribing on the top of the envelop as "Transportation of Rice / Wheat under Supplementary Nutrition Programme" in the office of the District Social Welfare Officer, Koraput till 4:00 P.M of 18.10.2019. The tender papers received beyond the time and date mentioned above shall not be taken in to consideration. The tender papers will be opened in the Office Conference hall of the Collector, Koraput on Dt.19.10.2019 at 4.00 P.M in presence of the Tender Committee constituted for this purpose and the bidders or their authorized representative.
The tender paper will be available at District Social Welfare Officer, Koraput during the office hour from dated 03.10.2019 on payment of Rs.10,000/- ( Rupees Ten thousand ) only in shape of Bank Draft in favour of District Social Welfare Officer, Koraput payable at Koraput. The cost of Tender paper is non-refundable.
The details of Terms and conditions of the Tender is available in the website **http://www.koraput.nic.in**
The undersigned reserves the rights to reject / cancel / withdraw any or all the tender paper without assigning any reason thereof.
**Sd./-**
**COLLECTOR, KORAPUT**

# ଉର୍ଜା ବ୍ୟବହାରରେ ବିଶ୍ୱରେ ଭାରତ ତୃତୀୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୩।୧୦ (ବ୍ୟୁରୋ):** ନୂଆଦିଲ୍ଲୀରେ ଗୁରୁବାର ବିଶ୍ୱ ଅର୍ଥନୀତି ଫୋରମ୍ ପକ୍ଷରୁ ଆୟୋଜିତ ଭାରତ ଅର୍ଥନୀତି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ପୁନଃ ଶକ୍ତି ସଞ୍ଚାର ଦିଗରେ ଭାରତ' ଉପରେ ନିଜର ଭାବନାକୁ ପ୍ରକାଶ କରିଛନ୍ତି। ଦେଶରେ ଶସ୍ତା, ସୁରକ୍ଷିତ ଓ ସ୍ଥାୟୀ ଉର୍ଜା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ଜୋର ଦେଉଥିବା ବେଳେ ବିଗତ ୫ବର୍ଷରେ ଭାରତ ଅନେକ ନୀତିଗତ ସଂସ୍କାର କାରଣରୁ ଉର୍ଜା ଦାରିଦ୍ର୍ୟକୁ ଶେଷ କରିବାରେ ସଫଳତା ହାସଲ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଉର୍ଜା ବ୍ୟବହାର କରିବା ଦିଗରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ଜନସାଧାରଣଙ୍କ ପାଖରେ ଉର୍ଜା ଉପଲବ୍ଧ, ଉର୍ଜା ଦକ୍ଷତା, ଉର୍ଜା ସ୍ଥିରତା ଏବଂ ଉର୍ଜା ସୁରକ୍ଷା ଭଳି ୪ଟି ସ୍ତମ୍ଭକୁ ଆବୃତ୍ତ କରିଛନ୍ତି। ଉର୍ଜା ନ୍ୟାୟ ପ୍ରଦାନ କରିବା ମଧ୍ୟ ମୋଦି ସରକାରଙ୍କ ଉର୍ଜା ଯୋଜନାର ଗୋଟିଏ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ବିଶେଷଭାବେ ସୌଦିଆରବର ତୈଳ କମ୍ପାନୀ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ବଜାରରେ ସୃଷ୍ଟି ହୋଇଥିବା ତୈଳ ଦର ଓ ମହଜୁଦ ତୈଳର ରପ୍ତାନି କ୍ଷେତ୍ରରେ ଅନିୟମିତତା ହେତୁ ଭାରତ ସମେତ ସମସ୍ତ ତୈଳ ଆମଦାନୀକାରୀ ଦେଶଗୁଡିକ ସ୍ଥାୟୀ ଓ ଶସ୍ତା ଉର୍ଜାର ସ୍ରୋତକୁ ପ୍ରାଥମିକତା ଦେବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି।

**OFFICE OF THE DISTRICT JUDGE, SAMBALPUR**
**ADVERTISEMENT NO. 01/Rect./2019**
**Dated, Sambalpur the 3rd day of October, 2019**
Applications in the prescribed format, as available in the websites of the District Courts, Sambalpur and the NIC, Sambalpur are invited from the intending candidates for filling up the following vacant posts in the judgeship of Sambalpur.

| Sl. No. | Name of the Post | Scale of Pay | Category | | | | Total No. of posts | Physically handicapped / Ex-Serviceman/ Sports person |
|---|---|---|---|---|---|---|---|---|
| | | | SC | ST | SEBC | UR | | |
| 1 | Stenographer Grade-III | Rs. 25,500 - Rs. 81,100/- under Level-7 of the pay matrix given in the 1st schedule of the O.R.S.P. Rules, 2017 | 02 | 02* | 00 | 01 | 05 | [The vacancy reserved for women / person with Disability (PWD)/ Ex-Serviceman/ Sports person is inclusive of vacancy of respective category to which they belong] |
| 2 | Junior Clerk-cum-Copyist | Rs. 19,900- Rs. 63,200/- under Level-4 of the pay matrix given in the 1st schedule of the O.R.S.P., Rules, 2017 | 00 | 02 | 00 | 02 | 04 | |
| 3 | Salaried Amin | Rs. 21,700 - Rs. 69,100/- under Level-5 of the pay matrix given in the 1st schedule of the O.R.S.P. Rules, 2017. | 00 | 00 | 00 | 01 | 01 | |

**(*) 01 Reserved for ST(W)**
Reservation in respect of PWD / Ex-Servicemen / Sports Persons / Women shall be made in accordance with the provisions made under the relevant reservation rules.
The last date of receipt of applications is fixed to 01.11.2019. Applications complete in all respect shall be sent by the candidates by Registered Post / Speed Post addressed to the District Judge, Civil Courts, Sambalpur, PIN-768001 so as to reach in the said address on or before 5.00 PM of 01.11.2019 positively and the applicants may also drop their application forms in the Drop Box kept inside the Civil Courts premises, Sambalpur. The application forms received thereafter shall be summarily rejected.
Details of this advertisement, application form, eligibility criteria, scheme of examination along with detail syllabus etc. are available in the website of the District Court, Sambalpur i.e. www.districts.ecourts.gov.in/sambalpur and in the website of the NIC, Sambalpur i.e. www.sambalpur.nic.in.
*Sd./- DISTRICT JUDGE, SAMBALPUR*

**OTPC**
**ODISHA THERMAL POWER CORPORATION LTD.**
3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-info@otpcl.com/otpcbbsr@gmail.com CIN:U40102OR2007SGC009145
**Invitation for Bid No.427** **Date 03.10.2019**
1. The Divisional Engineer (Civil), Dhenkanal invites item rates bid for the work detailed in the table for the registered contractors with State Govt. for execution of works to be eventually drawn up in the F2 contract form. The intending bidders are not required to produce any document during purchase of bid documents.

| Name of the work | Approx. value of work | Class of contractor | EMD Deposit | Cost of tender | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Cutting and cleaning of thorny jungles, bushes, shrubs and saplings in main plant area for demarcation of property line at Annapurnapur Khamar, Dhenkanal | ₹ 4,98,600/- | C & D | ₹ 4,986/- | ₹2,360/- including GST @18% | 30 (Thirty days) |

2. The document consist of drawing, designing and specification. The schedule of quantity and the act of terms & conditions of contract and other necessary document can be seen in the office of the Divisional Engineer, OTPC, Dhenkanal during office hours of working days except on Sunday & Holidays. The site can be seen by contacting Site Engineer stationed at Dhenkanal.
3. Bids must be accompanied with E.M.D to the tune of the amount specified for the work in the table above. EMD shall be paid in shape of DD payable at Bhubaneswar in favour of "Odisha Thermal Power Corporation Limited" drawn on any scheduled bank of India & shall have to be submitted along with the Bid.
4. The sale of bid document shall start from **09.10.2019** to **19.10.2019** in the O/o Divisional Engineer, OTPC at Geeta Bhavan , Ratan Bazar, Dhenkanal on all working days from **11.00AM** to **2.00PM** except holidays where the bids have been notified to be sold.
5. Copy of all documents i.e. License, PAN card, GST details along with Machineries available with the contractor to be attached with the tender.
6. The bids will be received up to **4.30 PM** on **22.10.2019** and opened on **23.10.2019** at **11.30AM** in the O/o Divisional Engineer, OTPC at Geeta Bhavan, Ratan Bazar, Dhenkanal in the presence of bidders/his authorized representatives.
7. Other details can be seen in the bidding documents.
8. No bidding document will be received after schedule date and time.
9. The Chief Executive Officer reserves the right to reject any or all the tender without assigning any reason thereof.
**Sd/-**
**Chief Executive Officer**

**BHUBANESWAR MUNICIPAL CORPORATION**
**No. 27404** **NOTICE INVITING TENDER (NIT)** **Date. 01.10.2019**
**NATIONAL COMPETITIVE BIDDING THROUGH e-Procurement**
**Tender/Bid Identification No. BMC-CE-II- 02/2019-20 Dt.01.10.2019**
On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids through e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I : General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard P, Contract Form of BMC.The bid should be submitted on-line through the website **www.tendersorissa.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl. No. | Name of the work | Amount put to Tender (In Rupees) | E.M.D (In Rupees) Online | Cost of Tender Documents Online | Period of Completion in days | Class of Contractor Eligible to Participate |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Rejuvenation and sustainable conservation of Bindusagar. | 23371292 | 233800 | 11200.00 | 120 | B & A |
| 2 | Rejuvenation and sustainable conservation of Periphery Ponds of Bindusagar. | 6713548 | 67200 | 11200.00 | 60 | B & A |

2. Mode of Submission of tender : Tender should be submitted online in **www.tendersodisha.gov.in.**
3. The bidders desirous to participate in bidding must possess compatible Digital Signature Certificate of Class-II and Class-III and should follow the changes/ modifications/ addendum to DTCN, if any.
4. **Critical Dates:-**

| SN | Description | | Critical Dates |
|---|---|---|---|
| I | Period of availability of tenders on-line | : | 11.30 AM of 04.10.2019 to 5.00 PM 24.10.2019 |
| ii | Last date & time of seeking clarification as per Schedule - J | : | 18.10.2019 up to 5.00 PM |
| iii | Last date & time of bidding on-line | : | 24.10.2019 up to 5.00 PM |
| iv | Date & time of opening of Technical Bid | : | 25.10.2019 at 11.30 AM |
| v | Date & time of opening of the Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**
I) Average Annual Financial turnover during the last 3 year, ending 31st March 2018 should be at least 30% of the estimated cost.
ii) Experience of having successfully completed similar works during last 7 years ending 28.02.2019 should be either of the following : -
a. Three similar completed works costing not less than the amount equal to 40% of the estimated cost.
or
b. Two similar completed works costing not less than the amount equal to 50% of the estimated cost.
or
c. One similar completed works costing not less than the amount equal to 80% of the estimated cost.
**Note :- 1.** " Similar work" such as Renovation/Reclamation/Construction of Water bodies.
**2.** The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.
6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in.**
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.
**By Order of Commissioner, BMC**
**City Engineer**
**Bhubaneswar Municipal Corporation**
**Progress Through Partnership for a Better Bhubaneswar**



ନିର୍ମଳ କୁମାର ମିଶ୍ର



# ଓସିଏର ନବକଳେବର

**ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ବହୁ ପ୍ରତୀକ୍ଷିତ ତଥା ଚର୍ଚ୍ଚିତ ନିର୍ବାଚନ ଶେଷ ହୋଇଛି। ସବୁ ପଦ ପଦବୀରେ ଏଥର ନୂଆ ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଛି। ଓସିଏର ନବକଳେବର ହୋଇଛି। କ୍ରିକେଟ ପ୍ରଶାସକଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ୍ ଓ ପରୀକ୍ଷା ରହିଥିଲେ ମଧ୍ୟ ଓସିଏର ଏହି ନୂଆ ଟିମ୍ ଏସବୁକୁ ସଫଳତାର ସହ ମୁକାବିଲା କରି ଓଡ଼ିଶା କ୍ରିକେଟକୁ ନୂଆ ରୂପ ଦେବ ବୋଲି ଆଶା କରାଯାଉଛି।**

ବହୁ ପ୍ରତୀକ୍ଷିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିର୍ବାଚନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ନିର୍ବାଚନରେ ଭାଗ ନେଇଥିବା ଦୁଇ ପ୍ରମୁଖ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପଦପଦବୀକୁ ନେଇ ଚାଲିଥିବା ଅଙ୍କ କଷାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ତା ଉପରେ କ୍ରିକେଟ ସମୀକ୍ଷକ, କର୍ମକର୍ତ୍ତା ଏବଂ ଖେଳାଳିମାନଙ୍କ ନଜର ରହିଥିଲା। ଆଗକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ବାଚନ ରହିଥିବାରୁ ରାଜ୍ୟ ଆସୋସିଏଶନ୍ ଗୁଡିକ ସେମାନଙ୍କର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୂର୍ବରୁ ଯେଉଁ ରାଜ୍ୟ ଆସୋସିଏଶନ୍ ଗୁଡିକ ଲୋଧା କମିଟିର ସର୍ତ୍ତକୁ ମାନିନେଇ ଉପଯୁକ୍ତ ଗାଇଡ୍‌ଲାଇନ୍ ମାଧ୍ୟମରେ ନିର୍ବାଚନ କରିଥିଲେ ସେମାନଙ୍କୁ ବିସିସିଆଇ ସେମାନଙ୍କର ଧାର୍ଯ୍ୟ ଅର୍ଥ ପ୍ରଦାନ କରିଆସୁଥିଲା। ଲୋଧା କମିଟିର ନିୟମାବଳୀରେ ଅନେକ ତ୍ରୁଟି ଥିବା ଦର୍ଶାଇ କେତେଗୁଡିଏ ରାଜ୍ୟ ଏହି ସର୍ତ୍ତାବଳୀକୁ ମାନି ନ ଥିଲେ ଏବଂ ସୁପ୍ରିମକୋର୍ଟରେ ପୁନର୍ବାର ସେମାନଙ୍କ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ, ଯାହାକି ସେମାନଙ୍କୁ ବହୁ ସମସ୍ୟା ମଧ୍ୟକୁ ଠେଲି ଦେଇଥିଲା। ସେମାନଙ୍କ ମଧ୍ୟରେ ଓସିଏ ମଧ୍ୟ ରହିଥିଲା। ୨୦୧୬ ମସିହାଠାରୁ ବିସିସିଆଇଠାରୁ କୌଣସି ଆର୍ଥିକ ସହାୟତା ପାଇ ନ ଥିବା ଓସିଏ ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଥିବା ବେଳେ ଉନ୍ନୟନ କାର୍ଯ୍ୟକ୍ରମ ଷ୍ଟାଡିୟମର ରକ୍ଷଣାବେକ୍ଷଣ, ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇପାରୁ ନ ଥିଲା। ବିସିସିଆଇ ପ୍ରଦାନ କରୁଥିବା ନାମକୁ ମାତ୍ର ଅର୍ଥ ସମୁଦ୍ରକୁ ଶଙ୍ଖେ ସଦୃଶ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୀର୍ଘ ୩ବର୍ଷ ଧରି ଖେଳାଳି ଚୟନ ପ୍ରକ୍ରିୟା ବେଶ୍ ପ୍ରଭାବିତ ହୋଇଥିଲା। ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଠିକ୍ ରୂପେ ଆୟୋଜିତ ନ ହେବା, କ୍ରିକେଟ୍ ଏକାଡେମୀର ସଫଳ ପରିଚାଳନାରେ ସମସ୍ୟା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇ ରହିଥିଲା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆସନ୍ତା ଡିସେମ୍ବର ମାସରେ ୱେଷ୍ଟଇଣ୍ଡିଜ ଟିମ୍‌ର ଭାରତ ଗସ୍ତ ସମୟରେ କଟକରେ ଡିସେମ୍ବର ୨୨ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୩ୟ ଏକଦିବସୀୟ ମ୍ୟାଚର ସଫଳ ପରିଚାଳନା ନେଇ ଯେଉଁ ସମସ୍ୟା ଥିଲା ତାହା ଦୂର ହୋଇଛି। ଓଡ଼ିଶାର ଗର୍ବ ଓ ଗୌରବ ବାରବାଟୀ, ଗତ କିଛିବର୍ଷ ଧରି ଅନୁଦାନ ଅଭାବରୁ ଶ୍ରୀହୀନ ହୋଇ ପଡିଥିବା ବେଳେ ନୂତନ କର୍ମକର୍ତ୍ତାମାନେ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବା ଆବଶ୍ୟକ ହୋଇ ପଡ଼ିଛି।

ପଙ୍କଜଲୋଚନ ମହାନ୍ତି ୧୦ମ ସଭାପତି ରୂପେ ଏବଂ ସଞ୍ଜୟ ବେହେରା ୬ଷ୍ଠ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ପ୍ରତ୍ୟେକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ବେଶ୍ ରୋମାଞ୍ଚକର ପରିସ୍ଥିତି ସୃଷ୍ଟି କରିଥିଲା। ସମସ୍ତ ପଦପଦବୀରେ ଏଥର ନୂତନ କର୍ମକର୍ତ୍ତାଙ୍କ ମୁହଁ ଦେଖିବାକୁ ମିଳିଛି। ନବନିର୍ବାଚିତ କର୍ମକର୍ତ୍ତାମାନେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାର ଆଶା କରାଯାଉଛି। ନୂତନ ଭାବେ ନିର୍ବାଚିତ ହୋଇଥିବା ସମ୍ପାଦକ ସଞ୍ଜୟଙ୍କର ସଙ୍ଗଠନ କ୍ଷେତ୍ରରେ ବେଶ୍ ସୁନାମ ରହିଛି। ଫାଓର ସମ୍ପାଦକ ରୂପେ କାର୍ଯ୍ୟ କରି ସେ ନିଜର କାର୍ଯ୍ୟଦକ୍ଷତାର ବେଶ୍ ପରିଚୟ ଦେଇଛନ୍ତି। ଫୁଟବଲ ଆସୋସିଏଶନ୍ ଅଫ (ଫାଓ) ଓଡ଼ିଶାକୁ ଜାତୀୟ ସ୍ତରରେ ବେଶ୍ ପରିଚିତ କରାଇବା ସହିତ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ପରି ଆୟୋଜନ କରି ଭୂୟସୀ ପ୍ରଶଂସା ପାଇଛନ୍ତି। ସେ ଜଣେ ଦୃଢ, ସଂକଳ୍ପବଦ୍ଧ ଏବଂ ଯୁବ ସଙ୍ଗଠକ ରୂପେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌କୁ ନୂଆ ସୋପାନରେ ପହଞ୍ଚାଇବା ଆଶା କରାଯାଇପାରେ। ଯଦିଓ ଆଗକୁ ବହୁ ଚ୍ୟାଲେଞ୍ଜ ଓ ସମସ୍ୟା ରହିଛି ସେ ତା'ର ସଫଳ ମୁକାବିଲା ନିଶ୍ଚିତ ରୂପେ କରିବେ ବୋଲି ଆଶା କରାଯାଇପାରେ।

ଅଦ୍ୟାବଧି ୨ଟି ଟେଷ୍ଟ, ୧୮ଟି ଏକଦିବସୀୟ, ୨ଟି ଟି୨୦ ଏବଂ ୩ଟି ଆଇପିଏଲ୍ ମ୍ୟାଚ ସଫଳତାର ସହିତ ଆୟୋଜିତ କରିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ଏହି ନବନିର୍ବାଚିତ ଟିମ୍‌ଠାରୁ ବେଶ୍ କିଛି ଆଶା ରଖିଛନ୍ତି କ୍ରିକେଟ ପ୍ରେମୀ। ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯାହା କି ଓସିଏକୁ ଏକ ନୂତନ ପରିଚୟ ଦେବ। ଅନେକ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ଓସିଏ ୧୯୫୮ ମସିହାରୁ ସ୍ଥାପିତ ହୋଇଥିଲେ ମଧ୍ୟ ଏହି ସର୍ବପୁରାତନ ଷ୍ଟାଡିୟମର ଯେଉଁ ସବୁ ଉନ୍ନତି ହେବା କଥା ତାହା ବିଭିନ୍ନ ସମସ୍ୟା ଯୋଗୁ ସଫଳ ହୋଇପାରି ନାହିଁ। ତଥାପି ଫ୍ଲଡଲାଇଟ ସ୍ଥାପନ, ଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ, କ୍ଲବ ହାଉସ୍ ଗଠନ, ନୂତନ ଏକାଡେମୀ ସ୍ଥାପନ, ଗ୍ୟାଲେରିରେ ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଷ୍ଟାଡିୟମରେ ଚତୁଃପାର୍ଶ୍ୱରେ କର୍ପୋରେଟ ବକ୍ସ ନିର୍ମାଣ, ଉନ୍ନତମାନର ପିଚ୍ ନିର୍ମାଣ ଏବଂ ସୁନ୍ଦର ସବୁଜ ଆଉଟ୍ ଫିଲ୍ଡର ପ୍ରସ୍ତୁତି ବାରବାଟୀକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

ଅନ୍ୟ ରାଜ୍ୟମାନଙ୍କ ପରି ଆମ ରାଜ୍ୟରୁ ମଧ୍ୟ ଅଧିକରୁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହେବା ସହିତ ତୃଣମୂଳ ସ୍ତରରୁ ପ୍ରତିଭାସମ୍ପନ୍ନ ଖେଳାଳିମାନଙ୍କୁ ଚୟନ ଏବଂ ସେମାନଙ୍କର ଟ୍ରେନିଂ ପାଇଁ ପ୍ରତ୍ୟେକ ଜିଲାରେ ଏକାଡେମୀ ଗଠନର ଆବଶ୍ୟକତା ରହିଛି। ବଛା ବଛା କ୍ଲବଗୁଡିକୁ ଚିହ୍ନଟ କରି ସେମାନଙ୍କର ସଶକ୍ତୀ କରଣ ପାଇଁ ପ୍ରଚେଷ୍ଟା ହେବା ଆବଶ୍ୟକ।

ଅନୁବନ୍ଧିତ କ୍ଲବଗୁଡିକୁ ଦିଆଯାଉଥିବା ଆର୍ଥିକ ଅନୁଦାନ ଠିକ୍ ରୂପେ ବିନିଯୋଗ ହେଉଛି କି ନାହିଁ ତାର ସମୀକ୍ଷା ଅନୁସନ୍ଧାନ ହେବା ଆବଶ୍ୟକ। ଫନୀ ବାତ୍ୟାରେ ଶ୍ରୀହୀନ ହୋଇଥିବା ଷ୍ଟାଡିୟମ୍‌ର ଗ୍ୟାଲେରି ରୁଫ୍ ଏବଂ ଫ୍ଲଡଲାଇଟ୍‌ଗୁଡିକର ମରାମତି ପରି ଗୁରୁଦାୟିତ୍ୱ ରହିଛି। ବିଭିନ୍ନ ବର୍ଗର ଟୁର୍ନାମେଣ୍ଟଗୁଡିକର ଠିକ୍ ଆୟୋଜନ ପାଇଁ ଉପଯୁକ୍ତ ସମୟ ଚୟନ ଏପରିକି ଖେଳାଳି ଚୟନରେ ସ୍ୱଚ୍ଛତା ଏକାନ୍ତ ଅପରିହାର୍ଯ୍ୟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ ସହିତ ଉଚ୍ଚକୋଟୀର ଟର୍ଫ ଉଇକେଟ୍‌ର ପ୍ରସ୍ତୁତି ସହିତ ବାରବାଟୀକୁ ଟେଷ୍ଟମ୍ୟାଚର କିପରି ସଫଳ ପ୍ରତ୍ୟାବର୍ତ୍ତନ ଘଟିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଉପଯୁକ୍ତ ବ୍ୟବଧାନରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହେବାକୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ। ମହିଳା କ୍ରିକେଟକୁ ଅଧିକ ପ୍ରାଧାନ୍ୟ ଦେବା ସହିତ ଅଧିକରୁ ଅଧିକ ମହିଳା ଖେଳାଳିମାନେ କିପରି ଦେଶ ପାଇଁ ପ୍ରତିନିଧିତ୍ୱ କରିବେ ସେଥିପାଇଁ ମଧ୍ୟ ସୁଯୋଗ ସୃଷ୍ଟି ହେବା ଆବଶ୍ୟକ। ଅନ୍ତର୍ଜାତୀୟ ସ୍ତରର ଟେକ୍ନୋଲୋଜିର ବ୍ୟବହାର ସହିତ ବର୍ଷା ବାଧାପ୍ରାପ୍ତ ମ୍ୟାଚଗୁଡିକ କିପରି ଅଳ୍ପ ସମୟ ମଧ୍ୟରେ ଖେଳାଯାଇପାରିବ ତା'ର ବ୍ୟବସ୍ଥା ହେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱର ଶ୍ରେଷ୍ଠ ଟି୨୦ ମ୍ୟାଚ ଆଇପିଏଲ୍‌ର ପୁନଃ ପ୍ରତ୍ୟାବର୍ତ୍ତନ ପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ ମାନଙ୍କ ସହିତ ଆଲୋଚନା ଏବଂ ପ୍ରତିଭାବାନ୍ କ୍ରିକେଟରମାନଙ୍କୁ ଅଧିକ ଆଇପିଏଲ୍ ଟିମରେ ସାମିଲ କରିବା ପାଇଁ ପ୍ରୟାସ ହେବା ଆବଶ୍ୟକ। ଆଗକୁ ନିଶ୍ଚିତ ଭଲ ସମୟ ଆସୁଛି। ଓଡ଼ିଶା କ୍ରିକେଟ୍ ଠିକ୍ ବାଟରେ ପରିଚାଳିତ ହେଲେ ଅନେକ ସୁଫଳ ମିଳିବା ନିଶ୍ଚିତ ଅଟେ।




# ଆଇରନ ମ୍ୟାନ୍



ରୁଦ୍ର ପ୍ରସନ୍ନ ରଥ

ଦିନେ ସେ ଏକ ସମୟରେ ୨୦ ମିନିଟ୍ ଯାଏ ଦୌଡି ପାରୁ ନ ଥିଲେ । ୨୦ ମିନିଟ୍ ଧରି ଦୌଡି ସାରିଲା ପରେ ହାଲିଆ ହୋଇ ବସିପଡି ଭାବୁଥିଲେ ଲୋକଙ୍କ ଷ୍ଟାମିନା ଆଉ ପରଫରମାନ୍ସର କଥା। କେମିତି ଲୋକମାନେ ଏକସମୟରେ ଘଣ୍ଟା ଘଣ୍ଟା ଧରି ଦୌଡୁଛନ୍ତି। ପାଣିରେ ପହଁରୁଛନ୍ତି ଆଉ ସାଇକେଲ ଧରି ଛୁଟି ଯାଉଛନ୍ତି କିଲୋମିଟର ପରେ କିଲୋମିଟର। ତାଙ୍କର ଏପରି ଦକ୍ଷତାର ରହସ୍ୟ କ'ଣ? କ'ଣ ଆଉ କେମିତି ଲୁହା ପରି ଶରୀର ଧାରଣ କରିଛନ୍ତି ଆଉ କେମିତି ଘଣ୍ଟା ଘଣ୍ଟା ଧରି ଶାରୀରିକ ପରିଶ୍ରମ ଜଣେ କରିପାରୁଛି ବେଶ୍ ଅନାୟାସରେ? ଏ ପ୍ରଶ୍ନର ଉତ୍ତର ହୁଏତ ତାଙ୍କ ପାଖରେ ନ ଥିଲା। ତେବେ ସେ ଜାଣିଥିଲେ ଯେ ନିୟମିତ ଏବଂ ପ୍ରଚୁର ପରିଶ୍ରମ କୌଣସି ଲୋକର ଭାଗ୍ୟକୁ ପରିବର୍ତ୍ତନ କରି ଦେଇପାରେ। ଆଉ ଏହି ଚିନ୍ତାଧାରାକୁ ନେଇ ସେ କାମରେ ଲାଗିଗଲେ। ମହାନଦୀର ଖୋଲା ଛାତିରେ ପହଁରିବା ହେଉ କିମ୍ବା ସାଇକେଲ ଧରି ଏକୁଟିଆ କଟକରୁ କେନ୍ଦୁଝରଯାଏ ଯିବା ହେଉ। ଏ ସବୁ ମାଇଲ ଖୁଣ୍ଟ ପାର ହେଉଥିବା ଲୋକଟିଏ ନିଜ ନା ଆଗରେ ଆଇରନ ମ୍ୟାନ ଲଗାଇବାର ପ୍ରଚେଷ୍ଟା କରି ଚାଲିଥିଲା। ସେଦିନ ସେ ଲୋକ ଆଖିରେ ଦପ୍ କରି ଜଳି ଉଠିଥିବା ଏହି ଝୁଙ୍କ୍ ସମୟକ୍ରମେ ବଡ ହେଉଛି ସିନା କମିବାର ନାମ ଧରୁନାହିଁ, କେବେ ବି ଧରିନାହିଁ।

ଆମେ ନୟାଗଡର ସୌଭାଗ୍ୟଙ୍କ କଥା ହିଁ କହୁଛୁ। ସେହି ସୌଭାଗ୍ୟ ଯିଏ ନୟାଗଡର ଇଟାମାଟିରେ ୧ ଜୁଲାଇ ୧୯୮୯ରେ ଜନ୍ମ ହୋଇଥିଲେ। ଯିଏ ବି ଟେକ ପାଠ ପଢିଥିଲେ ବି ଟ୍ରାଇଥଲନ ପାଇଁ ଏବେ ଓଡିଶାରେ ପରିଚିତି ପାଇଛନ୍ତି। ଯିଏ ନିକଟରେ ଗତ ଫେବୃୟାରୀରେ ହାଫ ଆଇରନ ମ୍ୟାନର ଉପାଧି ପ୍ରଥମେ ପାଇଥିଲେ। ଶ୍ରୀଲଙ୍କାର ଟୁରିଜମ ପ୍ରମୋଶନ ବ୍ୟୁରୋ ଦ୍ୱାରା ଆୟୋଜିତ ଟ୍ରାଇଥଲନ ପ୍ରତିଯୋଗିତାରେ ସୌଭାଗ୍ୟ ଜୀବନରେ ପ୍ରଥମ ଥର ପାଇଁ ହାଫ୍ ଆଇରନ ମ୍ୟାନ୍‌ର ଉପାଧି ପାଇଲେ। କିଛିମାସ ପରେ ସୌଭାଗ୍ୟ ଆଉ ପାଦେ ଆଗେଇଯାଇ ଜର୍ମାନୀର ହାମବର୍ଗରେ ନୂଆ ଇତିହାସ ସ୍ଥାପନ କଲେ। କଲମ୍ବୋରେ ଥିଲା ହାଫ ମାରାଥନ୍ କିନ୍ତୁ ଜର୍ମାନୀରେ ସେ ଦୌଡିଥିଲେ ଫୁଲ ମାରାଥନ। ଏଇଠି ହିଁ ତାଙ୍କୁ ମିଳିଲା ଫୁଲ୍ ଆଇରନ ମ୍ୟାନର ଉପାଧି। ଟ୍ରାଇଥଲନ କହିଲେ ଏକ ଏପରି ଆମେରିକାନ ଏବଂ ୟୁରୋପୀୟ ପ୍ରତିଯୋଗିତାକୁ ବୁଝାଏ ଯେଉଁଥିରେ ପ୍ରତିଯୋଗୀକୁ ୩.୮ କିମି ପହଁରିବା, ୧୮୦ କିଲୋମିଟରର ସାଇକେଲ ଚଳାଇବା ଏବଂ ୪୨.୨ କିମିର ଗୋଟିଏ ଫୁଲମାରାଥନ ଦୌଡିବାକୁ ହୋଇଥାଏ । ୨୨୬ କିମିର ଏହି କଷ୍ଟସାଧ୍ୟ ପ୍ରତିଯୋଗିତାକୁ ସାରିବା ପାଇଁ ପ୍ରତିଯୋଗୀଙ୍କୁ ବେଳେ ବେଳେ ୧୬ ଘଣ୍ଟାଯାଏ ଅବିରତ ପରିଶ୍ରମ କରିବାକୁ ହୋଇଥାଏ। ପ୍ରାୟ ୪୦ ବର୍ଷ ତଳେ ହାୱାଇ ଆଇଲାଣ୍ଡରୁ ଆରମ୍ଭ ହୋଇଥିବା ଏହି ଖେଳ ଏବେ ବିଶ୍ୱର ଅନ୍ୟତମ ଏକ୍ସଟ୍ରିମ୍ ସ୍ପୋର୍ଟ୍ସ ଭାବେ ପରିଚିତ। ଭାରତରେ ଏହି ଖେଳ ବିଷୟରେ ଲୋକ ୨୦୧୬ରେ ଜାଣିଲେ ଯେତେବେଳେ ପୂର୍ବତନ ସୁପର ମଡେଲ ମିଲିନ୍ଦ୍ ସୋମେନ ୫୦ ବର୍ଷ ବୟସରେ ଏହି ଖେଳରେ ନିଜର ପରାକାଷ୍ଠା ଦେଖାଇ ଏହି ଆଇରନ ମ୍ୟାନ୍ ଉପାଧି ହାସଲ କରିଥିଲେ। ଏବେ ଭାରତରେ ପାଖାପାଖି ୧୦୦ ଜଣ ଏପରି ଆଇରନ ମ୍ୟାନ୍ ଥିବା ବେଳେ ସୌଭାଗ୍ୟଙ୍କ ପରି ତିନିଜଣ ଓଡ଼ିଆ ଏହି ଉପାଧି ପାଇଛନ୍ତି। କୁହାଯାଏ ବିଶ୍ୱକ୍ରୀଡ଼ାରେ ଏମିତି ଅନେକ ନଜିର ଅଛି ଯେଉଁଠାରେ ଗୋଟିଏ କ୍ରୀଡାରେ ଜଣଙ୍କର ସଫଳତା ଅନ୍ୟ ଅନେକଙ୍କ ପାଇଁ ସୁଯୋଗର ଦୁଆର ସବୁକୁ ମେଲିଦେଇଥାଏ। ସୌଭାଗ୍ୟ ମଧ୍ୟ ମିଲିନ୍ଦଙ୍କ ଏହି ସଫଳତା ଦେଖି କାମରେ ଲାଗି ପଡିଲେ। କାମ କହିଲେ ଦିନକୁ ପାଞ୍ଚ ଘଣ୍ଟାର ଚାଲି, ଆଉ ରବିବାର ଦିନ ୬-୮ ଘଣ୍ଟାର ସାଇକ୍ଲିଂ। ଏତିକିରେ କାମ ସରିଲାନି ବରଂ ୨୦୧୬ରେ ସେ ଓସିଏରେ ସନ୍ତରଣ ଶିଖିଲେ।

ଯଦି ନୟାଗଡର ସୌଭାଗ୍ୟ ରଥ ଆଜି ଆଇରନ ମ୍ୟାନ ସୌଭାଗ୍ୟ ହୋଇପାରିଛନ୍ତି ସେଥିପାଇଁ ୨୦୧୬ ମସିହାକୁ ହିଁ ଶ୍ରେୟ ଦେବାକୁ ପଡିବ। ୨୦୧୬ରୁ ହିଁ ସେ ବିଧିବଦ୍ଧ ଭାବେ ମାରାଥନ ସବୁକୁ ଦୌଡିବାକୁ ଆରମ୍ଭ କଲେ । ଜାନୁୟାରୀ ୧୬ ଭୁବନେଶ୍ୱର ହାଫ ମାରାଥନରେ ପ୍ରଥମେ ଦୌଡି ୧୦ କିମି ଦୂରତାକୁ ୧ ଘଣ୍ଟା ୨୦ ମିନିଟରେ ପୂରଣ କଲେ। ତା' ପର ବର୍ଷ ସେ ସେଇ ପ୍ରତିଯୋଗିତାର ହାଫ ମାରାଥନକୁ ଦୌଡିଲେ ୨ ଘଣ୍ଟା ୨୫ ମିନିଟ୍‌ରେ। ଏଯାଏ ହାଫ ମାରାଥନ ଦୌଡୁଥିବା ସୌଭାଗ୍ୟ ୨୦୧୭ରେ ଥୋନୁର ଟ୍ରାଇଥଲନରେ ଭାଗ ନେଲେ ପ୍ରଥମ ଥର କରି। ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଗୋଟିଏ ପରେ ଗୋଟିଏ ଟ୍ରାଇଥଲନରେ ସେ ଭାଗ ନେଇ ସେ ପ୍ରତିଯୋଗିତାରେ ନିଜର ଅଲିଭା ସ୍ୱାକ୍ଷର ଛାଡି ଯାଇଛନ୍ତି। ଓଡ଼ିଶାର ଏହି ଗର୍ବିତ ଆଇରନ ମ୍ୟାନ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡିଶାର ପରିଚୟ ପାଲଟିଛନ୍ତି। କେବଳ ୨୦୧୮ରେ ହିଁ ସେ ଭାଗ ନେଇଛନ୍ତି ଏକାଧିକ ଜାତୀୟ ସ୍ତରୀୟ ଇଭେଣ୍ଟରେ। ସତାରାର ନାଇଟ ଚ୍ୟାଲେଞ୍ଜ ମାରାଥନ, ୧୧,୫୦୦ ଫୁଟ ଉପରେ ଅନୁଷ୍ଠିତ ହେଉଥିବା ଲଦାଖ ମାରାଥନ ଛଡା, ହାଇଦ୍ରାବାଦ, ରାୟପୁର ଏବଂ ଗୋଆ ହାଫ ମାରାଥନ ମଧ୍ୟ ଦୌଡିଛନ୍ତି।



ଆକାଶବାଣୀ କଟକରେ କାମ କରୁଥିବା ସୌଭାଗ୍ୟଙ୍କ ପାଇଁ ଏ ଯାତ୍ରା ଏବେ ବି ବେଶ୍ କାଠିକର ମନେ ହେଉଛି। ଓଡ଼ିଶାରେ କୌଣସି ଟ୍ରାଇଥଲନ କ୍ଲବ ନାହିଁ। ତାଙ୍କୁ ଏ ନେଇ କୋଚିଂ ଦେବାକୁ କିମ୍ବା ମାନସିକ ସମର୍ଥନ ଦେବାକୁ ବି କେହି ନାହାନ୍ତି। ଟ୍ରାଇଥଲନ ପାଇଁ ବ୍ୟବହୃତ ସାଇକେଲର ଦାମ ୧.୫ରୁ ୨ ଲକ୍ଷ ଭିତରେ ହେଉଥିବା ବେଳେ ପ୍ରତିଯୋଗିତାରେ ଭାଗ ନେବାକୁ ପଞ୍ଜୀକରଣ ପାଇଁ ୬୦,୦୦୦ ଯାଏ ଦେବାକୁ ହୁଏ। ଏହା ବାଦ୍ ପୁଣି ଯିବା ଆସିବା ଏବଂ ରହିବା ଖର୍ଚ୍ଚ ଅଲଗା। ଟ୍ରାଇଥଲନ ଚାଲୁନଥିବା ବେଳେ ଏ ନେଇ ଅଭ୍ୟାସ କରିବା ଏବଂ ପୁଷ୍ଟିକର ଖାଦ୍ୟ ବାବଦ ମାସକୁ ୧୨ ହଜାରରୁ ୨୦ ହଜାରଯାଏ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ଏପରି ସ୍ଥିତିରେ ନିୟମିତ ସହାୟତା ନ ମିଳିଲେ ସୌଭାଗ୍ୟଙ୍କର ଏ ନିଶା ଯେ ବେଶି ଦିନଯାଏ କାଏମ ରହିବା ତାହା ଚିନ୍ତା କରିବା କଷ୍ଟକର।

# ନୂଆ ସ୍ପ୍ରିଣ୍ଟ ସେନ୍‌ସେସନ କୋଲମେନ

**ଦୋହା ବିଶ୍ୱ ଚାମ୍ପିୟନଶିପ୍‌ରେ ୧୦୦ମି.ରେ ସ୍ୱର୍ଣ୍ଣ ପଦକ ହାସଲ କରି ଆମେରିକୀୟ ଯୁବ ଧାବକ ଖ୍ରୀଷ୍ଟିଆନ କୋଲମେନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ୯.୭୬ ସେକେଣ୍ଡ ସମୟ ନେଇ ସେ ଇତିହାସର ଷଷ୍ଠ ଦ୍ରୁତତମ ଧାବକ ସାବ୍ୟସ୍ତ ହୋଇଛନ୍ତି। ୨୩ ବର୍ଷୀୟ ଏହି ଧାବକ ୨୦୨୦ ଅଲିମ୍ପିକ୍ସର ଫେଭରାଇଟ୍ ବିବେଚିତ ହେଉଛନ୍ତି..**

ସୁପରଷ୍ଟାର ତଥା କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟଙ୍କ ଯୁଗର ଅବସାନ ହେବା ପରେ ଆଉ ଜଣେ ସ୍ପ୍ରିଣ୍ଟରର ଅଭ୍ୟୁଦୟ ହୋଇଛି। ସେ ହେଉଛନ୍ତି ଆମେରିକୀୟ ଧାବକ ଖ୍ରୀଷ୍ଟିଆନ କୋଲମେନ। ଦୋହାରେ ଚାଲିଥିବା ଇଣ୍ଟରନ୍ୟାସନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ) ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ କୋଲମେନ ନିଜର ଦକ୍ଷତା ତଥା ପ୍ରତିଭାର ପରିଚୟ ଦେଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ର ଗ୍ଲାମରିୟସ ୧୦୦ମି. ଦୌଡ଼ରେ କୋଲମେନ ୯.୭୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଅନ୍ୟତମ ଆମେରିକୀୟ ଧାବକ ତଥା ଗତଥରର ଚାମ୍ପିୟନ ୩୭ ବର୍ଷୀୟ ଜଷ୍ଟିନ ଗାଟଲିନ୍ କୋଲମେନଙ୍କଠାରୁ ୦.୧୩ ସେକେଣ୍ଡ କମ୍ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କାନାଡ଼ାର ଆନ୍ଦ୍ରେ ଡି ଗ୍ରାସି ୯.୯୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

କୋଲମେନଙ୍କ ଏହି ସଫଳତା ବିଭିନ୍ନ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି। ୧୦୦ମି, ଦୌଡ଼ରେ କିମ୍ବଦନ୍ତୀ ଆଥଲେଟ୍ ବୋଲ୍ଟଙ୍କଠାରୁ ମାତ୍ର ୦.୧୮ ସେକେଣ୍ଡ କମ୍ ସମୟ ନେଇଛନ୍ତି। ଏହି ବିଜୟ ପରେ ଆଉ ମାତ୍ର ବର୍ଷେ ପରେ ଆୟୋଜନ ହେବାକୁ ଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସରେ କୋଲମେନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ବୋଲ୍ଟଙ୍କ ଯୁଗ ପରେ କୋଲମେନ ଆଥଲେଟର ନୂଆ ପୋଷ୍ଟର ବୟ ହେବାକୁ ଯାଉଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଜିତିବା ସହ ସେ ବିଶ୍ୱର ଷଷ୍ଠ ଦ୍ରୁତତମ ଧାବକର ମାନ୍ୟତା ପାଇଛନ୍ତି।

ଯଦିଓ କୋଲମେନ ଡ୍ରଗ୍ ଟେଷ୍ଟରେ ସାମିଲ ନ ହୋଇପାରି ବେଶ୍ ସମାଲୋଚିତ ହୋଇଥିଲେ ଓ ଏଥିପାଇଁ ତାଙ୍କ କ୍ୟାରିୟର ବିପଦକୁ ଯିବାର ଯଥେଷ୍ଟ ସମ୍ଭାବନା ଥିଲା। ଯଦି ସେ ଏହି କାରଣ ପାଇଁ ବାସନ୍ଦ ହୋଇଥାନ୍ତେ ତାହାଲେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିପାରି ନ ଥାନ୍ତେ। ସାଥୀ ଆମେରିକୀୟ ଲିଜେଣ୍ଡ ମାଇକେଲ ଜନସନ ମଧ୍ୟ ଏ ନେଇ କୋଲମେନଙ୍କ ଏହି ସଫଳତାକୁ ନେଇ ଲଘୁ ମନ୍ତବ୍ୟ ଦେଇ ତାଙ୍କୁ ପରିହାସ କରିବାକୁ ପିଛାଇନାହାନ୍ତି। ଜନସନଙ୍କ ମନ୍ତବ୍ୟ ଅବାଞ୍ଛିତ ବୋଲି ସେ କହିଛନ୍ତି।

ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିବାପରେ କୋଲମେନ ଭବିଷ୍ୟତ ସ୍ପ୍ରିଣ୍ଟ ତାରକା ବୋଲି ଆକଳନ କରାଯାଉଛି। ଅଶ୍ରୁ ବର୍ଷେପରେ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରେ ସେ ଫେଭରାଇଟ୍ ବିବେଚିତ ହେଉଛନ୍ତି। ଆଟଲାଣ୍ଟାର ଜର୍ଜିଆ ସହରରେ ଜନ୍ମିତ ନିଜର ଦୁଇ ଭଉଣୀଙ୍କ ସହ ବଡ଼ ହୋଇଥିଲେ। ସେ ଏକ କ୍ରୀଡ଼ାବିତ ପରିବାରରୁ ଆସିଛନ୍ତି। ପିଲା ବେଳୁ ସେ ଟ୍ରାକ୍ ସହିତ ଜଡିତ ରହିଆସିଛନ୍ତି। ୨୦୦୭ ଆମେଚର ଆଥଲେଟିକ୍ ୟୁନିୟନ ଚାମ୍ପିୟନଶିପ୍‌ରେ ସେ ତାଙ୍କ ବୟସ ବର୍ଗରେ ଲଙ୍ଗ ଜମ୍ପରେ ବିଜୟୀ ହୋଇଥିଲେ। ସ୍କୁଲ ଓ କଲେଜ ସ୍ତରରେ ସେ ସବୁ ପ୍ରକାର ସଫଳତା ପାଇଥିଲେ। ଲଣ୍ଡନ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୧୦୦ମି. ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ସେ ୪ ଗୁଣା ୧୦୦ମି. ରିଲେ ମଧ୍ୟ ରୌପ୍ୟ ପଦକ ପାଇଥିଲେ। ତାଙ୍କ ପାଖରେ ଥିବା ଅସାଧାରଣ ପ୍ରତିଭା ଓ ଦକ୍ଷତା ତାଙ୍କୁ ଦିନେ ଉସେନ ବୋଲ୍ଟଙ୍କ ଭଳି ଧାବକରେ ପରିଣତ କରିବାରେ ସହାୟକ ହେବ। ବୟସ ତାଙ୍କ ସପକ୍ଷରେ ରହିଛି। ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡରେ ଜାମାଇକାର ଆଧିପତ୍ୟକୁ ସେ ପ୍ରତିହତ କରିବେ ବୋଲି ଆଶା କରାଯାଉଛି। ତେବେ ଏଥିପାଇଁ ତାଙ୍କୁ ଫିଟ୍ ରହିବା ସହ ଆହୁରି କଠିନ ପରିଶ୍ରମ କରିବାକୁ ହେବ ଓ ଏକଥା ସେ ହୃଦୟଙ୍ଗମ କରିଛନ୍ତି।



**ଖ୍ରୀଷ୍ଟିଆନ କୋଲମେନ**

ଦେଶ: ଆମେରିକା
ଜନ୍ମ: ମାର୍ଚ୍ଚ ୬, ୧୯୯୬
ଉଚ୍ଚତା: ୫ ଫୁଟ୍ ୯ ଇଞ୍ଚ
ଓଜନ: ୭୨ କେ.ଜି.
ସ୍ପୋର୍ଟ୍ସ: ଟ୍ରାକ ଆଣ୍ଡ ଫିଲ୍ଡ
କୋଚ୍: ଟିମ୍ ହାଲ

**ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ**
୬୦ମି.: ୬.୩୪ ସେକେଣ୍ଡ (ବିଶ୍ୱ ରେକର୍ଡ)
୧୦୦ମି.: ୯.୭୬ ସେକେଣ୍ଡ
୨୦୦ମି.: ୧୯.୮୬ ସେକେଣ୍ଡ

**ମେଡାଲ ରେକର୍ଡ**
ବିଶ୍ୱ ଚାମ୍ପିୟନଶିପ୍
୨୦୧୯ ଦୋହା: ସ୍ୱର୍ଣ୍ଣ (୧୦୦ମି.)
୨୦୧୭ ଲଣ୍ଡନ: ରୌପ୍ୟ (୧୦୦ମି.)
୨୦୧୭ ଲଣ୍ଡନ: ରୌପ୍ୟ ପଦକ
(୪ ଗୁଣା ୧୦୦ମି ରିଲେ)
ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍
୨୦୧୮ ବର୍ମିଂହାମ: ସ୍ୱର୍ଣ୍ଣ ପଦକ (୬୦ମି.)

| Dollar | Sensex | Nifty | Gold | Silver |
|---|---|---|---|---|
| 70.87 (↓20) | ↓198.54 38, 106.27 | ↓46.80 11,313.10 | ↑₹348 39,115.00 | ↑₹1630 47, 580.00 |



"ଆମେରିକା ବାଣିଜ୍ୟ ସଚିବ ୱିଲବର ରସ୍‌ଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ଆଲୋଚନା ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ଦୃଢ଼ କରିବ।
-ପୀୟୂଷ ଗୋଏଲ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



"ଅର୍ଥନୈତିକ ମାନ୍ଦାବସ୍ଥା ଦୂରକରିବା ଲାଗି ସରକାର ଅଧିକ ପଦକ୍ଷେପ ନେବା ସହ ବ୍ୟକ୍ତିଗତ ଟିକସକୁ ହ୍ରାସ କରିବାର ଆବଶ୍ୟକତା ରହିଛି।
- ଆଦି ଗୋଦରେଜ, ଗୋଦରେଜ ଗ୍ରୁପ ଅଧ୍ୟକ୍ଷ

## ସଂକ୍ଷେପରେ

### ରପ୍ତାନି କଟକଣା ପରେ କମୁଛି ପିଆଜ ଦର

**ନୂଆଦିଲ୍ଲୀ,୩-୧୦:** ସରକାର ପିଆଜ ରପ୍ତାନିକୁ ନିଷେଧ ଏବଂ ମହଜୁଦ ଉପରେ ସୀମା ଲଗାଇବା ପରେ ଏହାର ଦର ଆସ୍ତେ ଆସ୍ତେ କମୁଛି। ଏହାର ପାଇକାରୀ ଦର ମହାରାଷ୍ଟ୍ରର ଲାସାଲଗାଁରେ ୩୦ ଟଙ୍କାରୁ ନିମ୍ନ ସ୍ତରକୁ ଖସିଛି। ଅପରପକ୍ଷରେ ସାରା ଦେଶରେ କେତେକ ଭାଗରେ ପିଆଜର ଉଭୟ ପାଇକାରୀ ଏବଂ ଖୁଚୁରା ମୂଲ୍ୟ କମୁଥିବା ଗୁରୁବାର କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଲାସ ପାଶ୍ୱାନ କହିଛନ୍ତି। କିଛିଦିନ ତଳେ ଜାତୀୟ ରାଜଧାନୀ ନୂଆଦିଲ୍ଲୀ ସମେତ ଦେଶର ଆଉ କିଛି ସ୍ଥାନରେ ପିଆଜ ଦର ୬୦ରୁ ୭୦ ଟଙ୍କା ଛୁଇଁଥିଲା। ଗୁରୁବାର ପିଆଜ ଦର ୬୦ ଟଙ୍କା ତଳକୁ ଖସିଥିବା ବଜାର ଡାଟାରୁ ଜଣାପଡିଛି।

### ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ

**ନୂଆଦିଲ୍ଲୀ,୩-୧୦:** ଦିଲ୍ଲୀ-କଟ୍ରା ମଧ୍ୟରେ ଗଡିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ ହୋଇଛି। ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ କେନ୍ଦ୍ର ମନ୍ତ୍ରୀ ହର୍ଷବର୍ଦ୍ଧନ ଏହାର ଉନ୍ମୋଚନ କରିଛନ୍ତି। ଟ୍ରେନଟିର ଘଣ୍ଟାପ୍ରତି ବେଗ ୧୩୦ କିମି ରହିଛି। ଏବେ ଦିଲ୍ଲୀଠାରୁ ବୈଷ୍ଣୋଦେବୀ ଲାଗି ଯାତ୍ରା ସମୟ ୮ ଘଣ୍ଟା ଲାଗିବ। ପୂର୍ବ ସମୟ ତୁଳନାରେ ଏହା ୪ ଘଣ୍ଟା କମ୍ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଟ୍ରେନରେ ପ୍ଲାଷ୍ଟିକ ବୋତଲ କ୍ରଶର ମେଶିନ, ଆକର୍ଷଣୀୟ ପ୍ୟାଣ୍ଟ୍ରି, ଡିପ୍ ଫ୍ରିଜର, ଏୟାର କଣ୍ଡିଶନିଂ କୋଚ୍, ଏକ୍‌ଜିକ୍ୟୁଟିଭ କ୍ଲାସ ଏବଂ ସେନ୍‌ସର ଡୋର ଭଳି ଫିଚର ରହିଛି। ଏହି ଟ୍ରେନ ଦ୍ୱାରା ଜମ୍ମୁ କଶ୍ମୀର ବିକାଶ ଶୁଭାରମ୍ଭ ହେଲା ବୋଲି ଶାହ କହିଛନ୍ତି।

### ୟୁନିୟନ ବ୍ୟାଙ୍କର ରେପୋ ସଂଯୋଗୀ ଋଣ

**ନୂଆଦିଲ୍ଲୀ,୩-୧୦:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରେପୋ ସଂଯୋଗୀ ବ୍ୟକ୍ତିଗତ, ଖୁଚୁରା ଏବଂ ଏମ୍‌ଏସ୍‌ଏମ୍‌ଇ ଋଣର ଶୁଭାରମ୍ଭ କରାଯାଇଛି। ରିଜର୍ଭ ବ୍ୟାଙ୍କ ନିୟମ ମୁତାବକ ଏସବୁ କ୍ଷେତ୍ର ଲାଗି ନୂଆ ଫ୍ଲୋଟିଂ ରେଟ୍ ଋଣ ନିମନ୍ତେ ଏକ୍ସଟର୍ନାଲ ବେଞ୍ଚମାର୍କ ଲେଣ୍ଡିଂ ରେଟ୍ ଆରମ୍ଭ ହୋଇଛି। ଅକ୍ଟୋବର ୧ ଠାରୁ ନୂଆ ଫ୍ଲୋଟିଂ ଦରକୁ ରିଜର୍ଭ ବ୍ୟାଙ୍କର ନୀତିଗତ ରେପୋ ହାର ସହ ଯୋଡାଯିବ। ଅକ୍ଟୋବର ପହିଲାରେ ୟୁନିୟନ ବ୍ୟାଙ୍କ ପକ୍ଷରୁ ୮.୨୫% ଫିକ୍ସଡ ଏକ୍ସଟରନାଲ ବେଞ୍ଚମାର୍କ ଲେଣ୍ଡିଂ ରେଟ ଧାର୍ଯ୍ୟ କରାଯାଇଛି।

# ଅଭିବୃଦ୍ଧି ଲାଗି ଜାରି ରହିବ ସଂସ୍କାର ଧାରା

**ଇଣ୍ଡିଆ ଇକୋନୋମିକ ସମିଟ୍ ଆରମ୍ଭ**
- ବିଭିନ୍ନ ଘୋଷଣା କରିବେ ସରକାର
- ଇଜ ଅଫ୍ ଡୁଇଂ ବିଜନେସ ତାଲିକାରେ ଶୀର୍ଷ ୨୦ରେ ରହିବା ଲକ୍ଷ୍ୟ
- ଦାରିଦ୍ର୍ୟ ହ୍ରାସ ଲାଗି ୯ରୁ ୧୦% ଅଭିବୃଦ୍ଧି ଜରୁରୀ

**ନୂଆଦିଲ୍ଲୀ,୩-୧୦**

ବର୍ତ୍ତମାନ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଦେଶର ଜିଡ଼ିପି ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ କରିବାକୁ ସରକାର ସଂସ୍କାର ପ୍ରକ୍ରିୟା ଜାରି ରଖିବେ। ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ଆଗାମୀ ଦିନରେ ବିଭିନ୍ନ ଘୋଷଣା କରାଯିବ ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ଗୁରୁବାର କହିଛନ୍ତି। ନୂଆଦିଲ୍ଲୀରେ ୱାର୍ଲଡ ଇକୋନୋମିକ ଫୋରମ୍‌ର ଇଣ୍ଡିଆ ଇକୋନୋମିକ ସମିଟରେ ଯୋଗଦେଇ ସେ କହିଛନ୍ତି ଯେ, ୨୦୦୫ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ୩୦୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟ ମଧ୍ୟରୁ ସରକାର ବାହାରକୁ ଆଣିଛନ୍ତି। ଗତ ପାଞ୍ଚ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୫% ହାର ଛୁଇଁଛି। ୨୦୧୭-୧୮ ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ଦେଶର ଜିଡିପି ୮.୧% ରହିଥିଲା। ଏହା ୨୦୧୯-୨୦ ଏପ୍ରିଲ-ଜୁନ ତ୍ରୈମାସରେ ୫% ଖସିଥିବା ସେ ପ୍ରକାଶ କରିଛନ୍ତି।

ସରକାରଙ୍କ ସଂସ୍କାର ମୂଳକ ପଦକ୍ଷେପ ଉପରେ ମତ ରଖି ସେ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ସୁଧାର ଲାଗି ସରକାର ଏବଂ ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆର୍‌ବିଆଇ ଏହାର ରେପୋକୁ ୧୧୦ ବେସିସ୍ ପଏଣ୍ଟ କମାଇବା ଫଳରେ ଏହା ବର୍ତ୍ତମାନ ୫.୪%ରେ ରହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଣ, ବ୍ୟାଙ୍କ ମିଶ୍ରଣ, ରପ୍ତାନି କ୍ଷେତ୍ର ପାଇଁ ପ୍ୟାକେଜ୍ ଏବଂ କର୍ପୋରେଟ ଟିକସ ହ୍ରାସ କରାଯାଇଛି। ଆଗକୁ ଆହୁରି ନୂଆ ଘୋଷଣା କରାଯିବ। ସେହିଭଳି ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକରୁ ପୁଞ୍ଜି ପ୍ରତ୍ୟାହାର, ସମ୍ପତ୍ତିର ମୁଦ୍ରାକରଣକୁ ଗୁରୁତ୍ୱ, ନିବେଶକଙ୍କୁ ବ୍ରାଉନଫିଲ୍ଡ ନିବେଶ ଲାଗି ଉତ୍ସାହିତ କରାଯାଉଛି। ବିଶ୍ୱ ବଜାରକୁ ଧ୍ୟାନରେ ରଖି କର୍ପୋରେଟ ଟିକସକୁ ହ୍ରାସ କରାଯାଇଛି। କୃଷି, ଖଣି ଏବଂ କୋଇଲା ଭଳି କ୍ଷେତ୍ରଗୁଡିକରେ ଆଗାମୀ ଦିନରେ ବିଭିନ୍ନ ସଂସ୍କାର ଘୋଷଣା କରାଯିବ। ଦୀର୍ଘ ମିଆଦି ଭିତ୍ତିରେ ୯ରୁ ୧୦% ଅଭିବୃଦ୍ଧି ଧାରା ଜାରି ରହିଲେ ଏହା ଦ୍ୱାରା ବୃହତ୍ ସଂଖ୍ୟକ ଲୋକଙ୍କୁ ଦାରିଦ୍ର୍ୟ ଭିତରୁ ବାହାରକୁ ଆଣିବା ସହଜ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ବିଶ୍ୱ ବ୍ୟାଙ୍କର ଇଜ ଅଫ ଡୁଇଂ ବିଜନେସ ତାଲିକାରେ ଭାରତ ପ୍ରାୟ ୬୫ ସ୍ଥାନ ଉପରକୁ ଉଠିଛି। ଆଗାମୀ ୨ ବର୍ଷରେ ଏହି ତାଲିକାର ଶୀଘ୍ର ୫୦ ଏବଂ ୫ ବର୍ଷରେ ଶୀଘ୍ର ୨୦ ମଧ୍ୟରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖାଯାଇଛି।

### ଅର୍ଥନୈତିକ ଅନିଶ୍ଚିତତା ସୃଷ୍ଟି କରିଛି ୟୁଏସ୍-ଚାଇନା ଟ୍ରେଡ୍ ୱାର

ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍) ଏବଂ ଚାଇନା ମଧ୍ୟରେ ଉପୁଜିଥିବା ବାଣିଜ୍ୟ ଯୁଦ୍ଧ ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତା ସୃଷ୍ଟି କରିଛି। ଏହା ଲାଗି ରହିଲେ ଆଗାମୀ ଦିନରେ ସାରା ବିଶ୍ୱର ଯୋଗାଣ ଚେନ୍ ଆହୁରି କ୍ଷତିଗ୍ରସ୍ତ ହେବା ସହ ବିଶ୍ୱ ବଜାର ଏହା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବ ବୋଲି ସିଙ୍ଗାପୁରର ଉପପ୍ରଧାନ ମନ୍ତ୍ରୀ ହେଙ୍ଗ ସ୍ୱେ କିଟ୍ କହିଛନ୍ତି।

# ଗ୍ରେଟ୍ ଇଷ୍ଟର୍ନ ପକ୍ଷରୁ ପାର୍ବଣ ଅଫର

**ଭୁବନେଶ୍ୱର,୩-୧୦**

ଇଲେକଟ୍ରୋନିକ୍ସ ରିଟେଲ ଚେନ୍ ଗ୍ରେଟ୍ ଇଷ୍ଟର୍ନ ପକ୍ଷରୁ ପାର୍ବଣ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ଷ୍ଟୋରରୁ ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇପାରିବେ। ଏହାବାଦ ପ୍ରତି କ୍ରୟ ଉପରେ ଫ୍ରି ଗିଫ୍ଟ ବ୍ୟବସ୍ଥା କରାଯାଇଛି। ଷ୍ଟୋର ଦିନ ୧୦ରୁ ରାତି ୧୦ଟା ଯାଏ ଖୋଲା ରହୁଛି। ୧୦୦ କିମି ମଧ୍ୟରେ ମାଗଣାରେ ସାମଗ୍ରୀ ଡେଲିଭରି ବ୍ୟବସ୍ଥା କରାଯାଇଛି। ଗ୍ରାହକ ସହଜ କିସ୍ତିରେ ବିଭିନ୍ନ ସାମଗ୍ରୀ ଘରକୁ ନେଇପାରିବେ। ଡେବିଟ କାର୍ଡ କ୍ରୟ ଉପରେ ୧୦% କ୍ୟାଶବ୍ୟାକ, କ୍ରେଡିଟ କାର୍ଡରେ ରିୱାର୍ଡ ପଏଣ୍ଟ, ବଛାବଛା ବ୍ରାଣ୍ଡ ଉପରେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ରହିଛି। ଗ୍ରାହକଙ୍କୁ ବିଭିନ୍ନ ପ୍ରଡକ୍ଟ ଉପରେ ଅତିରିକ୍ତ ୱାରେଣ୍ଟି ପ୍ରଦାନ କରାଯାଉଛି। ଫ୍ରି ଇନହୋମ ଇନଷ୍ଟାଲେଶନ ଏବଂ ଡେମୋ ବ୍ୟବସ୍ଥା କରାଯାଇଛି। ଏହାବାଦ୍ ଗ୍ରାହକ ବେଷ୍ଟ ଏକ୍ସଚେଞ୍ଜ ଭାଲ୍ୟୁ ଲାଭ କରିପାରିବେ।



ଅଫର ଶୁଭାରମ୍ଭ ଅବସରରେ କମ୍ପାନୀର ନିର୍ଦ୍ଦେଶକ ପୁଲକିତ ବୈଦ୍ୟ କହିଛନ୍ତି ଯେ, ଗ୍ରାହକ ଏସ୍‌ବିଆଇ କାର୍ଡ ଉପରେ ୪,୫୦୦ ଟଙ୍କାର ରିହାତି ପାଇପାରିବେ। ସେହିଭଳି ଏଚ୍‌ଡିଏଫ୍‌ସି ଡେବିଟ୍ କାର୍ଡରେ ୭.୫%, ବଜାଜ କାର୍ଡରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ସୁବିଧା ମିଳିବ। ଗତ ୪ ବର୍ଷ ହେବ ଓଡ଼ିଶା ବଜାରରେ ସେବା ଯୋଗାଣ ଧାରା ଜାରି ରଖିଛୁ। ଏଠାରେ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଛି। ବର୍ତ୍ତମାନ ମୋଟ ୮ ଷ୍ଟୋରରେ ଗ୍ରାହକ ଏହି ଅଫର ଲାଭ କରିପାରିବେ। ଭୁବନେଶ୍ୱରରେ ଏବଂ କଟକରେ ୪ ଷ୍ଟୋର ସହ ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ଏବଂ ଯାଜପୁର ଭଳି ସ୍ଥାନଗୁଡିକରେ ଗ୍ରେଟ୍ ଇଷ୍ଟର୍ନ ଷ୍ଟୋର ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ଷ୍ଟୋରଗୁଡିକରେ ଅଭିଜ୍ଞ ସେଲ୍‌ସ ଟିମ୍ ଦ୍ୱାରା ସେବା ଯୋଗାଣ ହେଉଛି। ଗ୍ରାହକଙ୍କ ଲାଗି ସର୍ବବୃହତ୍ ଡିସ୍ପଲେ ବ୍ୟବସ୍ଥା କରାଯାଇଛି। ଚଳିତ ଆର୍ଥିକ ବର୍ଷ ଓଡିଶାରୁ ୨୦ କୋଟି ଟଙ୍କା ବାଣିଜ୍ୟ କାରବାର ନେଇ ଲକ୍ଷ୍ୟ ରଖାଯାଇଛି। ପାର୍ବଣରେ ଭଲ କାରବାର ନେଇ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

# ୧୫ ମାସରେ କାର୍ଯ୍ୟକ୍ଷମ ହେବ ଶ୍ରୀମଲାନୀର ନୂଆ ୟୁନିଟ

**ଭୁବନେଶ୍ୱର,୩-୧୦(ବ୍ୟୁରୋ)**

ଶ୍ରୀ ମଲାନୀ ଗ୍ରୁପ ପକ୍ଷରୁ ପ୍ରସ୍ତାବିତ ଫୋମ୍‌ସ ୟୁନିଟ୍ ଖୋର୍ଦ୍ଧା ନିକଟସ୍ଥ ଜୟମଙ୍ଗଳଠାରେ ସ୍ଥାପନ କରାଯିବ। ଗ୍ରୁପର ପ୍ରମୁଖ ବ୍ରାଣ୍ଡ ସେଞ୍ଚୁରୀର ଏକ ମ୍ୟାଟ୍ରେସ ମାନୁଫାକଚରିଂ ୟୁନିଟ ଖୋର୍ଦ୍ଧାଠାରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ବେଳେ ନୂଆ ୟୁନିଟ ଲାଗି ୧୯.୫ ଏକର ଜମି ଅଧିଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ମଞ୍ଜୁରୀ ମିଳିଥିବା ବେଳେ ଉକ୍ତ ୟୁନିଟ ସ୍ଥାପନା ଲାଗି କାର୍ଯ୍ୟକ୍ରମ ଜାରି କରାଯାଇଥିବା ସେଞ୍ଚୁରୀ ଫାଇବର ପ୍ଲେଟସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉତ୍ତମ ମଲାନି ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ୟୁନିଟରେ ୫୫ କୋଟି ଟଙ୍କା ପୁଞ୍ଜି ନିବେଶ ହେବ। ୧୫ ମାସ ମଧ୍ୟରେ ପ୍ରସ୍ତାବିତ ପ୍ଲାଣ୍ଟର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ବାର୍ଷିକ କ୍ଷମତା ୮ ହଜାର ଟନ୍ ରହିଛି। ସେଞ୍ଚୁରୀ ଖୋର୍ଦ୍ଧା ପ୍ଲାଣ୍ଟରେ ମ୍ୟାଟ୍ରେସ ନିର୍ମାଣ ଲାଗି ଆବଶ୍ୟକତ ହେଉଥିବା ଫୋମ୍ ହାଇଦ୍ରାବାଦ ସ୍ଥିତ ଏହାର ଫ୍ୟାସିଲିଟିରୁ ଆଣୁଛି। ପ୍ରସ୍ତାବିତ ପ୍ଲାଣ୍ଟ କାର୍ଯ୍ୟ କରିଲେ ଏଠାରେ ପ୍ରସ୍ତୁତ ଫୋମ୍‌କୁ କମ୍ପାନୀ ବ୍ୟବହାର କରିବା ସହ ରାଜ୍ୟରେ ଫୋମ୍ ସାମଗ୍ରୀ ଆବଶ୍ୟକତା ପୂରଣ କରିବା ଦିଗରେ ଯୋଗଦାନ ରଖିବ ବୋଲି ମଲାନି କହିଛନ୍ତି।



SABKA VISHWAS (Legacy Dispute Resolution) SCHEME, 2019
For Service Tax and Central Excise
Make a New Beginning!

SABKA VISHWAS
( LEGACY DISPUTE RESOLUTION) SCHEME, 2019
(Operational from 01.09. 2019 to 31.12. 2019)
PAY 30% / 50% OR 40% / 60% OF TAX & GET RELIEF FROM INTEREST, PENALTY, FEES & REMAINING AMOUNT OF TAX PLUS IMMUNITIES FROM PROSECUTION.
For further details, please visit: Ph. No.- 8114789198
www. cbic-gst.gov.in or e-mail at suptechbbsr1@gmail.com / gstprevbbsr@gmail.com / arrearcellbbsr1@gmail.com
OFFICE OF THE PRINCIPAL COMMISSIONER, GST & CENTRAL EXCISE COMMISSIONERATE, BHUBANESWAR

idco Your power to grow
ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR.
Tender Call Notice No. HO/P&C/EST-E-1090/04/2013-14(Part-V)16782 Dt.30.09.2019
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work :- Construction of 2x750 KVA, 11/0.4 KV (BIS level-II) Indoor Sub-Station and 11KV OH line with HT metering unit for Power Supply arrangement to Office-Cum-Commercial Complex at Mahisapat, Dhenkanal.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Tower, Janpath, Bhubaneswar | Bid Id No.P&C/ EST/E-26/ 2019-20 | 12.00 Hours of dt.11.10.2019 | 17.00 Hours of dt.26.10.2019 |

Further details can be seen from the e-Procurement Portal www.tendersodisha.gov.in and Corrigendum or Addendum if any will not be published in news papers and can only be seen in the e-procurement portal as well as in IDCO website. Sd/-
Chief General Manager(P&C), IDCO, Bhubaneswar

ODISHA SPACE APPLICATIONS CENTRE (ORSAC)
Department of Science and Technology, Govt. of Odisha
Plot no.45/48, Jayadev Vihar, Near Gopabandhu Academy of Administration
Unit-16, Bhubaneswar-751023
Request for Proposal (RFP) For Selection of a System Integrator & Technical Partner
No. CAD-443:
RFP No. 14 / 2019
Sealed Requests for Proposals (RFP) are invited from the prospective Bidders to Design, Develop, Operate & Maintain an Enterprise Class and Open Standard GPS based Mineral Vehicle Tracking System, on an IoT Platform and its Integration with the existing Vehicle Tracking System (VTS) for Steel & Mines Department, Government of Odisha and to work directly under Odisha Space Applications Centre, the Nodal Agency of Govt. of Odisha responsible to deliver the Project.
For details, please visit www.odishagov.in & www.orsac.gov.in .
ORSAC reserves the right to accept/reject/modify and cancel the RFP in full or part thereof at any time without assigning any reason thereof.
28007/11/0011/1920 CHIEF EXECUTIVE

ODISHA BIGYAN ACADEMY
ADVERTISEMENT
No. 06-U:
Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours for the Award Year 2019 based on scientific contributions upto 31st December, 2018.
1. Biju Patnaik Award for Scientific Excellence.
(Minimum age limit of scientists should be 60 years by 31st December, 2018)
2. Samanta Chandra Sekhar Award.
(Upper age limit of scientists should not exceed 60 years as on 31st December, 2018)
3. Odisha Young Scientists Award.
(Upper age limit of Young Scientists should not exceed 35 years as on 31st December, 2018)
4. Pranakrushna Parija Popular Science Book Award.
(For Authors of popular science books in Odia)
5. Felicitation of Senior Scientists of Odisha.
For detail guidelines and nomination proforma, please log on to Odisha Bigyan Academy website: www.odishabigyanacademy.nic.in.
The nomination proforma can be downloaded from the above website and required copies duly filled-in as per guideline along with other particulars stated therein, are to be sent to the Secretary, Odisha Bigyan Academy in the following address.
The last date for receipt of nominations is 04.12.2019 (upto 5.00 pm). Nominations received after due date shall not be taken into consideration.
Secretary,
Odisha Bigyan Academy,
B/2, Saheed Nagar,
Bhubaneswar-751007,
Odisha (INDIA)
28002/11/0002/1920

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
SIRIPUR, BHUBANESWAR-751003, ODISHA
Ph. (0674) 2562151, Fax-2561879, E-mail:imagebbsr@rediffmail.com
Expression of Interest for engagement of Telecom operators to provide
PRI LINES AND SUPPORT SERVICES
Institute on Management of Agricultural Extension, here in after known as IMAGE, an Autonomous Society under the Government of Odisha, established under Indian Society Act, 1860 invites Expression of Interest from credible Telecom operators to provide PRI LINES AND SUPPORT SERVICES with specification as detailed below:
1. 100 PRI lines having 3000 channels.
2. Having CUG facility with no call charges in the same network.
3. Outgoing call duration of 120000 (One lakh twenty thousand) minutes per month to any network other than CUG.
4. PRI lines to be connected at Odisha State Data Centre, Bhubaneswar.
5. Telecom operator should have feasible connectivity at the location.
6. Maintenance of the PRI lines for the contract period.
Prospective Bidders who fulfill the basic requirements may send their EoI in sealed envelope super scribed as "PRI LINES AND SUPPORT SERVICES" by (Name of the Bidder) till 18.10.2019 (up to 2.00 PM) to the Director IMAGE, Siripur, Bhubaneswar, Odisha, 751003.
The EoI document may be obtained from the office of the IMAGE at Siripur, Bhubaneswar latest by 14.00 hours of 17.10.2019. The EoI document may also be downloaded from the website/Odisha Government Portal www.odisha.gov.in.
DIRECTOR, IMAGE

See Career Appointment on every Wednesday & Saturday

ODISHA STATE HOUSING BOARD
A Govt. of Odisha undertaking
Compact by Design
Cozy by Nature
Offers
Anugul Enclave
Approved by ORERA



Multi Storied Residential Apartment Complex at ANGUL
At a Prime Locality in Angul Town
The project under Self-Financing scheme will come up over land measuring Ac.6.50 at a prime locality close to District Hospital, New Bus Stand, Daily Market, Collectorate with, 331 nos. of EWS, LIG (1 BHK), MIG (2 BHK) & HIG (3 BHK) flats to meet the housing demand, with following details.

| Catagory of Apartment / Flat | No. of Units | Carpet Area Including Balcony per Unit (in sqft.) | Built up Area per Unit (in sqft.) | Super Built up Area per unit (in sqft.) | Sale Price per Unit (in Rs.) | E.M.D. per Unit (in Rs.) |
|---|---|---|---|---|---|---|
| HIG (3 BHK) | 30 | 1112 | 1375 | 1524 | 54,71,000/- | 5,50,000/- |
| MIG (2 BHK) | 192 | 729 | 853 | 1011 | 36,55,000/- | 3,65,000/- |
| LIG (1 BHK) | 72 | 424 | 510 | 659 | 19,97,000/- | 2,00,000/- |
| EWS | 37 | 231 | 287 | 361 | 9,91,000/- | 1,00,000/- |

● All inclusive cost with no hidden component. ● GST & other statutory dues extra as applicable from time to time. ● Ample open space with compound wall and gated community.
Infrastructure Facilities :
● Internal concrete road/pavement all around. ● External pipe water supply ● Sewerage disposal with STP. ● External electrification with Transformer ● Provision for Lift for HIG , MIG & LIG flats. ● Provision for firefighting system ● Rain water recharge pit. ● Children's Park, play ground. ● Community Centre with shopping.
Application Form and Brochure containing detail terms and conditions will be available for sale on payment of Rs.1000/- (One Thousand only) from Head Office, Sachivalaya Marg, Bhubaneswar-751001 during working hours from 04.10.2019 to 30.11.2019 and at the OSHB site Office - Angul, Cuttack Division Office in front of Arundoya Market-Link Road- Cuttack, Rourkela Division office- Basanti Colony and District Zonal Office at Dhanupalli, Sambalpur. The Application Form and Brochure can also be downloaded from OSHB website.
Tie up with HDFC Bank / Bank of Baroda for EMD Finance & Housing Loan as per eligibility.
OSHB
Wishes Happy Durga Puja & Laxmi Puja !
Booking Opens
From : 04.10.2019 to 30.11.2019
during working hours
Housing Commissioner-cum-Secretary
ODISHA STATE HOUSING BOARD
Sachivalaya Marg, Bhubaneswar-751001
Phone No-(0674)-2393524/2392587/2393277
Website : https://oshb.org
Building Houses Building Odisha
OSHB AT YOUR SERVICE FOR LAST 50 SUCCESSFUL YEARS

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁନିଲ


ରାଜ


ଶେଷଦେବ


ରକ୍ଷାକର

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ସ୍ଥାୟୀ ଜଳ ଯୋଗାଣ, ବେଆଇନ ଜଳକରକୁ ଉଚ୍ଛେଦ ଦାବି

# ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ଜୁନାଗଡ,୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ, ତଳମଲା ପଞ୍ଚାୟତକୁ ସ୍ଥାୟୀ ଜଳ ଯୋଗାଣ ଓ ବେଆଇନ ଭାବେ ନିଆଯାଉଥିବା ଜଳକରକୁ ଉଚ୍ଛେଦ ଦାବି ନେଇ ଗୁରୁବାର ଚାଷୀ ରାସ୍ତାକୁ ଓହ୍ଲାଇଛନ୍ତି। ପୂର୍ବାହ୍ନ ୧୧ଟାରେ ଉକ୍ତ ୨ ପଞ୍ଚାୟତର ଚାଷୀ ଜୁନାଗଡ ହାତୀନଦୀ ପୋଲ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜଳ ଯୋଗାଣ ନ କରି ବେଆଇନ ଭାବେ ନେଇଥିବା ଜଳକରକୁ ସୁଧସହ ଫେରସ୍ତ କରିବା, ଦୀର୍ଘଦିନ ଧରି ଥିବା ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଏସ୍‌ଡିଓ ମଳୟ ଚକ୍ରବର୍ତ୍ତୀ ଓ ଯନ୍ତ୍ରୀ କେ. ନାରାୟଣ ରାଓଙ୍କୁ ବଦଳି କରାଯାଉ ଓ ଚଳିତ ରବିଋତୁ ପାଇଁ ଆଟିଗାଁ ଓ ତଳମଲା ପଞ୍ଚାୟତକୁ ଜଳ ଯୋଗାଣ କରାଯାଉ, ବ୍ୟକ୍ତିଗତ ଭାବେ ନିର୍ମାଣ କରାଯାଇଥିବା ପୋଲ(ଆଉଟଲେଟ)କୁ ବନ୍ଦ କରାଯାଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରାଯାଇଥିଲା। ଖବର ପାଇ ଅପରାହ୍ନ ୧.୨୦ରେ ଘଟଣାସ୍ଥଳରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ବିଭାଗୀୟ ଏସ୍‌ଡିଓ ମଳୟ ଚକ୍ରବର୍ତ୍ତୀ, କନିଷ୍ଠଯନ୍ତ୍ରୀ କେ. ନାରାୟଣ ରାଓ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏହାର ସମାଧାନ ପାଇଁ ସେମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ଜାତୀୟ ରାଜପଥ ଅବରୋଧ ଯୋଗୁ ଯାନବାହନ ଅଟକି ରହିଥିଲା। ଫଳରେ ଏହି ରାସ୍ତାଦେଇ ଯାଉଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।



ଆଟିଗାଁ ଓ ତଳମଲା ପଞ୍ଚାୟତ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ରାସ୍ତାରୋକୋରେ ତଳମଲା ସରପଞ୍ଚ ଦୁର୍ଶିଲା ମାଝି, ମିଚାଗାଁ ମା' ଲଙ୍କେଶ୍ୱରୀ ପାଣି ପଞ୍ଚାୟତର ସଭାପତି ଯଶୋବନ୍ତ ପ୍ରଧାନୀ, ତଳମଲା ପାଣି ପଞ୍ଚାୟତ ସଭାପତି ଦେବେନ୍ଦ୍ର ମାଝି, ସମ୍ପାଦକ ଦେବରାଜ ଭାଟି, ଚାଷୀ ଯୁଧିଷ୍ଠିର ବିଶ୍ୱାଳ, ପଦ୍ମଲୋଚନ ପ୍ରଧାନୀ, ରମଣିକାମନ୍ତ ପ୍ରଧାନୀ, ବାହାଦୁର ପ୍ରଧାନୀ, ଟାଇଲ ପ୍ରଧାନୀ, ବୈବ ମାଝି, ମାନସ ରଞ୍ଜନ ମାଝି, ଦୁର୍ଗା ସାହୁ ପ୍ରମୁଖ ଚାଷୀ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଉପରୋକ୍ତ ସମସ୍ୟାକୁ ନେଇ ଗତ ୩୦ ତାରିଖରେ ଆଟିଗାଁ ଓ ତଳମଲା ପଞ୍ଚାୟତ ଚାଷୀମାନେ କଳାହାଣ୍ଡି ଜିଲାପାଳ,ଏସ୍‌ପି, ଧର୍ମଗଡ ଉପଜିଲାପାଳ, ଇନ୍ଦ୍ରାବତୀ ବାମ କେନାଲ ନିର୍ବାହୀ ଯନ୍ତ୍ରୀ, ଜୁନାଗଡ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଛୋରିଆଗଡ ବ୍ରାଞ୍ଚ କେନାଲର ପାଣି ତଳମୁଣ୍ଡରେ ଥିବା ଆଟିଗାଁ ଓ ତଳମଲା ପଞ୍ଚାୟତକୁ ପହଞ୍ଚିପାରୁନାହିଁ। ଛୋରିଆଗଡ ବ୍ରାଞ୍ଚ କେନାଲର ପ୍ରଥମ, ଦ୍ୱିତୀୟ

### ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ଓ ତୃତୀୟ ଫସଲକୁ କିଛି ପ୍ରଭାବଶାଳୀ, ମୁଷ୍ଟିମେୟ ବ୍ୟକ୍ତି କଂକ୍ରିଟ ବାଡ କରି ଅବରୋଧ କରିଥିବାରୁ ତଳମୁଣ୍ଡକୁ ଠିକ ଭାବେ ପାଣି ପହଞ୍ଚିପାରୁନାହିଁ। ଫଳରେ ଉଭୟ ପଞ୍ଚାୟତର ୭ ଶହ ହେକ୍ଟର ଚାଷଜମିର ଧାନ ଫସଲ ପାଣି ଅଭାବରୁ ମରିବାକୁ ବସିଲାଣି। ଇନ୍ଦ୍ରାବତୀ କେନାଲ ଯୋଗେ ଜଳ ଯୋଗାଣର ଦୀର୍ଘ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରତିବର୍ଷ ଏମିତି ସମସ୍ୟା ଦେଖାଦେଇଥାଏ। କେନାଲରେ ଠିକ ଭାବେ ପାଣି ଆସୁ ନ ଥିବାବେଳେ ଗତ ୨୬ ବର୍ଷ ହେଲା ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ୨ଟି ପଞ୍ଚାୟତ ଜଳ ପାଉ ନ ଥିବା ଚାଷୀଙ୍କଠାରୁ ବେଆଇନ ଭାବେ ଜଳକର ଆଦାୟ କରାଯାଉଛି। ଏପରି କି ବାରମ୍ବାର ଅଞ୍ଚଳର ଚାଷୀମାନେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ, ପ୍ରଶାସନଠାରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ।

■ବିଦ୍ୟୁତ୍ ବିଲ୍ କମାଇବା ପାଇଁ ଲାଞ୍ଚ

# କନିଷ୍ଠ କିରାଣୀ ଗିରଫ, ୫ ହଜାର ଟଙ୍କା ଜବତ

**ଭବାନୀପାଟଣା,୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଠାରେ ଥିବା ୧-ନମ୍ବର ବିଦ୍ୟୁତ୍ ସବ୍‌ଡିଭିଜନ୍ କନିଷ୍ଠ କିରାଣୀ ଅଜିତ୍ ମିଶ୍ର ବିଦ୍ୟୁତ୍ ବିଲ କମାଇ ଦେବା ପାଇଁ ଜଣେ ଉପଭୋକ୍ତାଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ଗିରଫ କନିଷ୍ଠ କିରାଣୀ ମିଶ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସପି ସତ୍ୟବାନ୍ ମହାନନ୍ଦ ସୂଚନା ଦେଇଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ. ୨୭/୧୯) ରୁଜୁ କରିଛି। ଗୋପୀନାଥପୁର ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ସରୋଜ କୁମାର ପାଢୀଙ୍କ ବକେୟା ବିଦ୍ୟୁତ୍ ବିଲ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିଲା। ଏ ସମ୍ପର୍କରେ ସରୋଜ ବାରମ୍ବାର ପୂର୍ବ ବିଦ୍ୟୁତ୍ ଡିଭିଜନ୍ ଅଧୀନରେ ଥିବା ସବ୍‌ଡିଭିଜନ୍ ୧-ନମ୍ବରକୁ ଜଣାଇଆସୁଥିଲେ। ହେଲେ ସମାଧାନ ନ ହେବାରୁ ବାଧହୋଇ ପାଢୀ ବଲାଙ୍ଗୀରସ୍ଥିତ ୱେଷ୍କୋ ଅଭିଯୋଗ ପ୍ରକୋଷ୍ଠରେ ନିଜର ଅଭିଯୋଗ ଜଣାଇଥିଲେ। ଉକ୍ତ ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ଥିବା କର୍ମଚାରୀ ପାଢୀଙ୍କୁ ତାଙ୍କର ଅଭିଯୋଗ ସବ୍‌ଡିଭିଜନ୍ ୧-ନମ୍ବର ହିଁ ସମାଧାନ ହୋଇପାରିବ ବୋଲି କହିଥିଲେ। ପାଢୀ ପୁନର୍ବାର ଉକ୍ତ ସବ୍ ଡିଭିଜନ୍ ୧-ନମ୍ବରକୁ ଆସି


ଗିରଫ ବିଦ୍ୟୁତ୍ ସବ୍‌ଡିଭିଜନ୍ କନିଷ୍ଠ କିରାଣୀ ଅଜିତ୍ ମିଶ୍ର ।

ସେଠାରେ କାର୍ଯ୍ୟରତ କନିଷ୍ଠ କିରାଣୀ ମିଶ୍ରଙ୍କୁ ଏହାର ସମାଧାନ କରିବା ପାଇଁ କହିଥିଲେ। ମିଶ୍ର ଉକ୍ତ ବକେୟା ବିଦ୍ୟୁତ୍ ବିଲର ୨୦ ପ୍ରତିଶତ ହିସାବରେ ୬ ହଜାର ୮୦ ଟଙ୍କା ହେଉଛି। କିନ୍ତୁ ୫ ହଜାର ଟଙ୍କା ଦେଲେ ମୁଁ ୩୦ ହଜାର ଊର୍ଦ୍ଧ୍ୱ ବେକୟା ବିଦ୍ୟୁତ୍ ବିଲ୍‌କୁ କମାଇ ୧୦ ହଜାର ଟଙ୍କା କରିଦେବେ କହିଥିଲେ। ଏ ନେଇ ପାଢୀ ଭବାନୀପାଟଣା ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ୍ରମେ ଗୁରୁବାର ୧୨ଟା ସମୟରେ ପାଢୀଙ୍କ ପୁଅ ସରୋଜ ପାଢୀ କନିଷ୍ଠ କିରାଣୀ ଅଜିତ୍ ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଚଢାଉ କରି ଲାଞ୍ଚ ନେଇଥିବା ୫ ହଜାର ଟଙ୍କା ଜବତ୍ କରିବା ସହିତ ମିଶ୍ରଙ୍କୁ ଗିରଫ କରିଥିଲେ। ଏହି ଚଢାଉରେ ଡିଏସ୍‌ପି ସତ୍ୟବାନ୍ ମହାନନ୍ଦ ନେତୃତ୍ୱରେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ସାମିଲ ଥିଲେ।

## ଆଜି କ'ଣ କେଉଁଠି

**ଲୋଇସିଂହା**

- ଶାରଦୀୟ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା, ବୁର୍ଡା, ବାଦିବାହାଲ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

- ଆନନ୍ଦ ହାଇପର୍ ମାର୍କେଟ ଉଦ୍‌ଘାଟନ, ବୁଢ଼ାରଜା, ପୂର୍ବାହ୍ନ ୧୦ଟା ।
- ଗୁପ୍ତେଶ୍ୱରୀଙ୍କ କାତ୍ୟାୟନୀ ବେଶ, ଲମ୍ବଡୁଙ୍ଗୁରି ପାହାଡ଼ସ୍ଥିତ ମନ୍ଦିର, ପୂର୍ବାହ୍ନ ୧୦ଟା।
- ନୂତନ ସ୍କୁଲ କୋଠା ଉଦ୍‌ଘାଟନ ଉତ୍ସବ, ଦଳଦଳିପଡ଼ା, ପୂର୍ବାହ୍ନ ୧୧ଟା।
- ଦ୍‌କର୍ପୋରେଟ୍ ଇଞ୍ଜିନିୟରିଂର ସମାବେଶ, ଭାଲୁପାଲି ଛକ ଡିଲଙ୍ଗ, ରାତି ୭ଟା ।
- ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା ।
- ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ସମାବେଶ, ଡିଆର୍‌ଏମ୍ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ମା' ଦୁର୍ଗାଙ୍କ ପୂଜା ଅଧିବାସ କଳସଯାତ୍ରା, ପଧାନପାଟରୁ କନଦୁର୍ଗା ମନ୍ଦିର ସନ୍ଧ୍ୟା ୫ଟା।

■ରଙ୍ଗାମାଟି ଆବାସିକ ବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ଧାରଣାରେ ବସିଲେ ଗ୍ରାମବାସୀ, ପରିବାରବର୍ଗ



ବିଦ୍ୟାଳୟ ଫାଟକ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ବେଦବ୍ୟାସ, ୩।୧୦ (ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ରଙ୍ଗାମାଟି ଆବାସିକ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ରୀ ରଶ୍ମିତା କେର୍କେଟାଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଓ କ୍ଷତିପୂରଣ ଦାବିରେ ଗୁରୁବାର ସକାଳ ୭ଟାଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆବାସିକ ବିଦ୍ୟାଳୟର ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଲାଠିକଟା ବ୍ଲକ ଜିଲା ପରିଷଦ (ଖ) ଜୋନର ସଭ୍ୟ ମହେଶ ନାଗଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସମେତ ମୃତ ଛାତ୍ରୀଙ୍କ ପରିବାରବର୍ଗ ଧାରଣାରେ ବସିଥିଲେ। ଖବରପାଇ ପାନପୋଷ ଉପଖଣ୍ଡୀୟ ପୋଲିସ ଅଧିକାରୀ ଅସୀମ ପଣ୍ଡା, କଲୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ ପଣ୍ଡା, ଲାଠିକଟା ଥାନା ଭାରପ୍ରାପ୍ତ ଅଧିକାରୀ

### କ୍ଷତିପୂରଣ, ସିବିଆଇ ତଦନ୍ତ ଦାବି

ଏସ୍.ବିଶ୍ୱାଳ, ବ୍ରାହ୍ମଣୀତରଙ୍ଗ ଥାନା ମହିଳା ଏସ୍‌ଆଇ ଚମ୍ପାବତୀ ସୋରେନ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମୃତ୍ୟୁ ଘଟଣାରେ ନିରପେକ୍ଷ ତଦନ୍ତକରି ପରିବାର ବର୍ଗଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଗାଁ ଲୋକେ ଓ ପରିବାର ଲୋକେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ସକାଳ ୧୦ଟା ବେଳେ ରଙ୍ଗାମାଟି ଆବାସିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳନ ବେଳେ ରଶ୍ମିତା ଏକ ଶ୍ରେଣୀ ଗୃହର ଝରକା ବନ୍ଦ କରିବାକୁ ଯାଇ ଛଟପଟ ହୋଇ ଝରକା ନିକଟରେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ଏନେଇ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଦେଖି ପ୍ରଧାନଶିକ୍ଷକଙ୍କ ଦୃଷ୍ଟିକୁ ଆଣିଥିଲେ। ପ୍ରଧାନ ଶିକ୍ଷକ ସଙ୍ଗେ ସଙ୍ଗେ ନିକଟସ୍ଥ ବିରକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସକାଳ ସାଢ଼େ ୧୦ଟା ବେଳେ ନେଇଥିଲେ। ସେଠାରେ ଡାକ୍ତର ରଶ୍ମିତାଙ୍କୁ ମୃତ ଘୋଷଣା କରିଥିଲେ । ରଶ୍ମିତାଙ୍କ ମୃତ ଶରୀର ଆରଜିଏଚ୍‌ର ମର୍ଗ ହାଉସରେ ରଖାଯାଇ ଗମ୍ଭାରଡିହି ସ୍ଥିତ ବାପା ଓ ମା'ଙ୍କୁ ଖବର କରାଯାଇଥିଲା। ଗୁରୁବାର ରଶ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ରଶ୍ମିତାଙ୍କ ମୃତ୍ୟୁ ରହସ୍ୟଜନକ ଭାବେ ହୋଇଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ରଶ୍ମିତାଙ୍କ ପ୍ରକୃତ ମୃତ୍ୟୁର କାରଣ ଜଣାପଡିବ ବୋଲି ସ୍ଥାନୀୟ ପୋଲିସ କହୁଛି।



“ ଦକ୍ଷିଣ ଆଫ୍ରିକା ସ୍ପିନର ଖରାପ ବୋଲିଂ କରି ନ ଥିଲେ। କିନ୍ତୁ ରୋହିତ୍ ଶର୍ମା ଓ ମୟଙ୍କ ଅଗ୍ରୱାଲ ଚମତ୍କାର ବ୍ୟାଟିଂ କରି ମ୍ୟାଚ୍‌କୁ ନିଜ ସପକ୍ଷରେ ନେଇଯାଇଥିଲେ।

–କେଶବ ମହାରାଜ, ଦକ୍ଷିଣ ଆଫ୍ରିକା ସ୍ପିନର



“ ଖରାପ ଫର୍ମ ପାଇଁ ଆମେ ମୟଙ୍କ ଅଗ୍ରୱାଲଙ୍କୁ କର୍ନାଟକ ରଣଜୀ ଦଳରୁ ବାଦ୍ ଦେବାକୁ ଚିନ୍ତା କରିଥିଲୁ। କିନ୍ତୁ ବିନୟ କୁମାର ତାଙ୍କୁ ପ୍ରେରଣା ଦେବା ପରେ ସେ ତ୍ରିଶତକ ହାସଲ କରିଥିଲେ।

–ରବିନ୍ ଉଥାପ୍ପା, ଭାରତୀୟ କ୍ରିକେଟର୍



# ଷ୍ଟୋକ୍ସଙ୍କୁ ପିସିଏ ପୁରସ୍କାର




ଲଣ୍ଡନ, ୩।୧୦ (ଏଏଫ୍‌ପି)

ବିଶ୍ୱକପ୍ ସଫଳତା ଓ ପରେ ଆଶେସ ସିରିଜରେ ଭଲ ପ୍ରଦର୍ଶନ କରିଥିବା ବେନ ଷ୍ଟୋକ୍ସଙ୍କୁ ପ୍ରଫେଶନାଲ କ୍ରିକେଟର୍ସ ଆସୋସିଏଶନ (ପିସିଏ) ପକ୍ଷରୁ ଚଳିତ ବର୍ଷର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ମିଳିଛି। ସମରସେଟ୍ ଦଳର ଟମ ବାଣ୍ଟନଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ପିସିଏ ଯୁବ ଖେଳାଳି ପୁରସ୍କାର ମିଳିଥିବାବେଳେ ଇଂଲଣ୍ଡ ବୋଲର ସୋଫି ଇକେଲଷ୍ଟୋନଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଛନ୍ତି। ଆଇସିସି ବିଶ୍ୱକପ୍ ଫାଇନାଲରେ ଷ୍ଟୋକ୍ସ ଅପରାଜିତ ୮୪ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ନ୍ୟୁଜିଲାଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ସେହିଭଳି ଆଶେସ ସିରିଜ୍‌ର ୩ୟ ଟେଷ୍ଟରେ ସେ ୧୩୪ ରନ୍‌ର ଅପରାଜିତ ଇନିଂସ ଖେଳି ଦଳକୁ ବିଜୟ ଭେଟି ଦେଇଥିଲେ। ଲଣ୍ଡନଠାରେ ଆୟୋଜିତ ପିସିଏ ପୁରସ୍କାର ବିତରଣ ଉତ୍ସବରେ ଷ୍ଟୋକ୍ସ କହିଛନ୍ତି, ଏହି ସିଜନକୁ ମୁଁ ସର୍ବଦା ମନେରଖିବି। ୭ ସପ୍ତାହ ଧରି କଡ଼ା ପରିଶ୍ରମ ପରେ ବିଶ୍ୱକପ୍ ଜିତିବା ଚମତ୍କାର ଅନୁଭବ ଥିଲା। ପରେ ସମ୍ମାନଜନକ ଆଶେସ ସିରିଜ୍‌ର ସଦସ୍ୟ ହୋଇପାରିଥିଲି। ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ ଦଳୀୟ ସଦସ୍ୟ ତଥା ଉପଅଧିନାୟକ ଷ୍ଟୋକ୍ସଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

# ମୟଙ୍କଙ୍କ ଦ୍ୱିଶତକ: ଭାରତ ସ୍ଥିତି ଦୃଢ଼

ବିଶାଖାପାଟଣା,୩।୧୦(ପି.ଟି.)

ଓପନର ରୋହିତ ଶର୍ମାଙ୍କ ଶତକ ଓ ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ପରେ ସ୍ପିନରମାନେ ଦମ୍‌ଦାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ସ୍ଥିତି ଦୃଢ଼ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ପ୍ରଥମ ଇନିଂସରେ ୧୩୬ ଓଭରରେ ୭ ଉଇକେଟ ହରାଇ ୫୦୨ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନ ପାରି ପ୍ରାରମ୍ଭିକ ବିପର୍ଯ୍ୟୟର ଶିକାର ହୋଇଛି। ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୩ ଉଇକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୭ ଉଇକେଟ ହାତରେ ରଖି ଏବେ ୪୬୩ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଡିନ୍ ଏଲଗାର ୨୭ ଓ ଟେମ୍ବା ବଭୁମା ୨ ରନ କରି ଅପରାଜିତ ରହିଛନ୍ତି। ଦକ୍ଷିଣ ଆଫ୍ରିକା ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। ତେବେ ୫ ରନ କରିଥିବା ବେଳେ ଏଡେନ ମାରକ୍ରାମ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଥେଉନିସ୍ ଡି ବ୍ରୁଇନ୍ ୪ ରନ କରିଥିବା ବେଳେ ଉଇକେଟକିପର ଋଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷ ଉଇକେଟ ଭାବେ ଡେନ୍ ପିଟ୍ ପ୍ୟାଭିଲିୟନ ଫେରିଥିଲେ। ଖାତା ଖୋଲିବା ପୂର୍ବରୁ ସେ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଅଶ୍ୱିନ ୨ ଓ ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୨/୦ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଦୁଇ ଓପନର ବ୍ୟାଟିଂ ଆରମ୍ଭ କରିଥିଲେ। ରୋହିତ ଶର୍ମା ୧୧୫ରୁ ଖେଳ ଆରମ୍ଭ କରି ୧୭୬ ରନର ବୃହତ୍ ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେ ୨୪୪ଟି ବଲର ସମ୍ମୁଖୀନ ହୋଇ ୨୩ ଚୌକା ଓ ୬ ଛକା ମାରିଥିଲେ। ବାମହାତୀ ସ୍ପିନର କେଶବ ମହାରାଜଙ୍କ ବଲ୍ ଭ୍ରମଣକାରୀ ଦଳକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ରୋହିତ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ୧୨୫ ରନ କରିଥିବା ରୋହିତ ଜୀବନ ଦାନ ପାଇଥିଲେ। ଫିଲାଣ୍ଡରଙ୍କ ବଲ୍‌ରେ ଡିକକ୍ ତାଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ।

ରୋହିତ ଆଉଟ ହେବା ପରେ ମୟଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା କିନ୍ତୁ ବିଫଳ ହୋଇଥିଲେ। ମାତ୍ର ୬ ରନ କରିଥିବା ବେଳେ ସେ ଭର୍ନନ ଫିଲାଣ୍ଡରଙ୍କ ଆଉଟ ସୁଇଂ ବଲ୍‌କୁ ଡିଫେନ୍ସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ଦେଇ ଷ୍ଟମ୍ପରେ ବାଜିଥିଲା ଓ ସେ ବୋଲ୍ଡ ହୋଇଥିଲେ। ଅଧିନାୟକ ବିରାଟ କୋହଲି ମଧ୍ୟ ସେଭଳି କିଛି ଖାସ୍ କରିପାରି ନ ଥିଲେ। ସେ ମାତ୍ର ୨୦ ରନ କରି ଜମିଆସୁଥିବା ବେଳେ ସ୍ପିନର ସେନୁରାନ ମୁଥୁସାମିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ୍ୟ ସମଦଶା ଭୋଗିଥିଲେ। ସେ ୧୫ ରନ କରିଥିବା ବେଳେ ମହାରାଜଙ୍କ ବଲ୍‌ରେ କଭରରେ ଟେମ୍ବା ବଭୁମାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ମୟଙ୍କ ଆଉଟ୍ ହୋଇଥିଲେ। ୩୭୧ଟି ବଲର ସମ୍ମୁଖୀନ ହୋଇ ୨୩ଟି ଚୌକା ଓ ୬ ଛକା ସହ ୨୧୫ ରନର ଦ୍ୱିଶତକୀୟ ପାଳି ଖେଳି ସେ ପ୍ୟାଭିଲିୟନ ଫେରିଥିଲେ। ଏଲ୍‌ଗାରଙ୍କ ବଲ୍‌କୁ ଶଟ୍ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ସେ ଡିପ୍ ମିଡ୍ ଉଇକେଟରେ ଡେନ୍ ପିଟ୍‌ଙ୍କୁ କ୍ୟାଚ୍ ଦେଇଥିଲେ। କ୍ୟାରିୟରର ପଞ୍ଚମ ଟେଷ୍ଟରେ ମୟଙ୍କ ଏହି ସଫଳତା ପାଇଛନ୍ତି। ତାଙ୍କର ଏହି ଦ୍ୱିଶତକୀୟ ଇନିଂସ ଐତିହାସିକ ଥିଲା। ଏହାପରେ ତାରକା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୧୦ ରନ କରିଥିବା ବେଳେ ମହାରାଜଙ୍କ ବଲ୍‌ରେ ଏଲଗାରଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଉଇକେଟକିପର ବ୍ୟାଟ୍ସମ୍ୟାନ ୨୧ ରନ କରି ପିଟ୍‌ଙ୍କ ମୁଥୁସାମିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିବା ପରେ ଭାରତ ଇନିଂସ ଘୋଷଣା କରିଥିଲା। ଅଶ୍ୱିନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ମହାରାଜ ସର୍ବାଧିକ ୩, ଫିଲାଣ୍ଡର, ପିଟ୍, ମୁଥୁସାମି ଓ ଏଲଗାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ଟେଷ୍ଟ



**ସଂକ୍ଷିପ୍ତ ସ୍କୋର:**
ଭାରତ ପ୍ରଥମ ଇନିଂସ– ୧୩୬ ଓଭରରେ ୫୦୨/୭ରେ ଇନିଂସ ଘୋଷଣା (ମୟଙ୍କ– ୨୧୫, ରୋହିତ– ୧୭୬, ମହାରାଜ– ୩/୧୮୯ )। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ– ୨୦ ଓଭରରେ ୩୯/୩।

## ରୋହିତ–ଅଗ୍ରୱାଲଙ୍କ ରେକର୍ଡ

ରୋହିତ ଶର୍ମା ଓ ମୟଙ୍କ ଅଗ୍ରୱାଲ ଗୁରୁବାର ଟେଷ୍ଟ କ୍ରିକେଟ ଇତିହାସରେ ୩ୟ ଭାରତୀୟ ଓପନିଂ ଯୋଡ଼ି ଭାବେ ୩୦୦ରୁ ଊର୍ଦ୍ଧ୍ୱ ରନ୍‌ର ଭାଗୀଦାରି କରିଛନ୍ତି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ରୋହିତ ଓ ମୟଙ୍କ ଓପନିଂ ଯୋଡ଼ି ୩୧୭ ରନ୍ କରିଥିଲା। ପ୍ରଥମ ଥର ଟେଷ୍ଟରେ ଓପନିଂ କରିଥିବା ରୋହିତ ୧୭୬ ଓ ଅଗ୍ରୱାଲ ୨୧୫ ରନ୍ କରି ଆଉଟ୍ ହୋଇଥିଲେ। ରୋହିତ–ମୟଙ୍କଙ୍କ ବ୍ୟତୀତ ୩୦୦ ରନ୍ କରିଥିବା ଭାରତୀୟ ଓପନିଂ ଯୋଡ଼ି ମଧ୍ୟରେ ଭିନୁ ମଙ୍କଡ ଓ ପଙ୍କଜ ରୟ (୧୯୫୬ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୧୩) ଏବଂ ରାହୁଲ ଦ୍ରାବିଡ୍ ଓ ବୀରେନ୍ଦ୍ର ସେହ୍ୱାଗ (୨୦୦୬ରେ ପାକିସ୍ତାନ ବିପକ୍ଷରେ ୪୧୦)ଙ୍କ ଯୋଡ଼ି ରହିଛନ୍ତି। ୨୮ ବର୍ଷୀୟ ଅଗ୍ରୱାଲ କ୍ୟାରିୟରର ୮ମ ଇନିଂସରେ ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ଶତକ ଲଗାଇବାରେ ମୟଙ୍କ ଦେଶର ୮୬ତମ ବ୍ୟାଟ୍ସମ୍ୟାନ।

## ସେହ୍ୱାଗଙ୍କ ସମକକ୍ଷ ଅଗ୍ରୱାଲ

ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଗୁରୁବାର ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ ଦ୍ୱିଶତକ ଲଗାଇଛନ୍ତି। ମ୍ୟାଚ୍‌ର ଦ୍ୱିତୀୟ ଦିନ ରୋହିତ ଶର୍ମାଙ୍କ ସହ ବ୍ୟାଟିଂ କରୁଥିବାବେଳେ କ୍ୟାରିୟରର ପ୍ରଥମ ଶତକ ଅର୍ଜନ କରିଥିଲେ। ପରେ ମ୍ୟାଚ୍‌ର ୧୧୫ତମ ଓଭର ବୋଲିଂ କରୁଥିବା କେଶବ ମହାରାଜଙ୍କ ପ୍ରଥମ ବଲରେ ମୟଙ୍କ ଦ୍ୱିଶତକ ଲଗାଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିଶତକ ହାସଲ କରିବାରେ ସେ ଦେଶର ଦ୍ୱିତୀୟ ବ୍ୟାଟ୍ସମ୍ୟାନ। ତାଙ୍କ ପୂର୍ବରୁ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୧୯ ରନ୍‌ର ଇନିଂସ ଖେଳିଥିଲେ। ଏହା ଏବେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏହାବାଦ୍ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଦ୍ୱିଶତକ କରିବାରେ ମୟଙ୍କ ପ୍ରଥମ ଭାରତୀୟ ଓପନର। ଅନ୍ତିମ ଥର ୨୦୦୯ରେ ଟିମ୍ ଇଣ୍ଡିଆ ପକ୍ଷରୁ ଓପନର ସେହ୍ୱାଗ ଶ୍ରୀଲଙ୍କା ବିପକ୍ଷରେ ୨୯୩ ରନ୍‌ର ଇନିଂସ ଖେଳିଥିଲେ। ତେବେ ୨୧୫ ରନ୍ କରିଥିବାବେଳେ ମୟଙ୍କ ଡିନ୍ ଏଲଗାରଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ପ୍ୟାଭିଲିଅନ ଫେରିଥିଲେ।

# ସଞ୍ଜୟ ନାଏକ ହେବେ ଏମ୍‌ସିଏ ସମ୍ପାଦକ

ମୁମ୍ବାଇ,୩।୧୦(ପିଟି): ସଞ୍ଜୟ ନାଏକ ଓ ଅମୋଲ କାଲେ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଯଥାକ୍ରମେ ସମ୍ପାଦକ ଓ ଉପସଭାପତି ହେବା ନିଶ୍ଚିତ ହୋଇଛି। ଆସୋସିଏଶନର ଅନ୍ୟାନ୍ୟ ପଦବୀ ନେଇ ଶୁକ୍ରବାର ନିର୍ବାଚନ ହେବ। ବିଜୟ ପାଟିଲ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଏମ୍‌ସିଏର ସଭାପତି ହେବେ। ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ବୋର୍ଡ ପକ୍ଷରୁ ସମସ୍ତ ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନାମ ୱେବସାଇଟ୍‌ରେ ପ୍ରକାଶ କରାଯାଇଛି। ଏଥିରୁ ଏମ୍‌ସିଏର ସମ୍ପାଦକ ଓ ଉପ ସଭାପତି ପଦ ପାଇଁ କେବଳ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଫଳରେ ନାଏକ ଓ କାଲେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ଭୋଟିଂ ପ୍ରକ୍ରିୟା ୮ରୁ ୧୧ ଟା ପର୍ଯ୍ୟନ୍ତ ଚାଲିବ। ସଚିନ ତେନ୍ଦୁଲକର ଓ ଦିଲୀପ ଭେଙ୍ଗସରକାରଙ୍କ ସମେତ ୩୯ ଜଣ ଅନ୍ତର୍ଜାତୀୟ କ୍ରିକେଟର ଭୋଟ ଦେବେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




World leading brands from the House of Hero

Hero GoodLife

Scan the QR Code To Know More

Splendor+ | Super Splendor | Splendor iSmart+ | Passion XPro | Xtreme 200R | HF Deluxe

Maestro Edge 125 | Pleasure+ | Destini 125 | XPulse 200 | Xtreme 200S | Duet

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. ^^Terms and Conditions apply.

HeroMotoCorpIndia | @HeroMotoCorp | HeroMotoCorpLimited | TheHeroMotoCorp | heromotocorp.com

**Authorised Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799566329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

JWT.5726.2019ODI

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୪ ଅକ୍ଟୋବର ,୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ପାଇକମାଳରେ ଜେଏମ୍ଏଫ୍ସି କୋର୍ଟ ହେବ

**ପାଇକମାଳ, ୩।୧୦ (ଡି.ଏନ.ଏ)** ବରଗଡ ଜିଲା ପାଇକମାଳଠାରେ ଖୁବଶୀଘ୍ର ଜେଏମଏଫ୍ସି କୋଟ ଅସ୍ଥାୟୀ ଘରେ ଚାଲିବ ବୋଲି ଜଣାପଡିଛି । ଗୁରୁବାର ଜିଲା ସେସନ ଜର୍ଜ ଏସ.କେ ଜେତ ଅହମ୍ମଦ ପାଇକମାଳ ବ୍ଲକ ମଧରେ ଥିବା କେତୋଟି ଘର ବୁଲି ଦେଖିଥିଲେ । ଉକ୍ତ ଘର ଗୁଡିକ ଦେଖି ଫିଜିବୁଲ ହେଲେ ଖୁବ ଶୀଘ୍ର ଜେଏମଏଫସି କୋର୍ଟ ଖୋଲିବ ବୋଲି ସେ ପ୍ରକାଶ କରିଥିଲେ। ତାଙ୍କ ସହ ବିଡିଓ ସଦାଶିବ ନାୟକ, ତହସିଲଦାର ସୁଶାନ୍ତ କୁମାର ରଣା, ଯୁବ ଓକିଲ ରାମରତନ ପୁରୋହିତ, ମନୋଜ ତ୍ରିବେଦୀ, ରାଜକିଶୋର ସାହୁ, ବିନୋଦ କାଲିଆ, ମଙ୍ଗୁଲୁ ସାନବର୍ଷା ପ୍ରମୁଖ ଉପସ୍ଥିତ ଥିଲେ ।

### ବେଆଇନ ମଦଦୋକାନ ବନ୍ଦ ପାଇଁ ଦାବିପତ୍ର

**ପାଇକମାଳ, ୩।୧୦ (ଡି.ଏନ.ଏ)** ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମରେ ବର୍ତ୍ତମାନ ସାର୍ବଜନୀନ ଦୁର୍ଗାପୂଜା ଚାଲିଛି। ଏଠାକୁ ଅଞ୍ଚଳର ମା' ଭଉଣୀମାନେ ପ୍ରତିଦିନ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ମାଁ ଦୁର୍ଗାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି। ଏହି ସମୟରେ ମାଣ୍ଡୋସିଲର ଅନେକ ସ୍ଥାନରେ ବେଆଇନ ମଦ ବିକ୍ରି ହେଉଛି। ତେଣୁ ଦଶହରା ପୂଜା ମଧରେ ଚାଲିଥିବା ମଦ ବିକ୍ରି ବନ୍ଦ କରାଯିବା ପାଇଁ ପୂଜା କମିଟି ତରଫରୁ ପଦ୍ମପର ଉପଜିଲାପାଳ ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

### ସୀତା ଚୋରି ମଞ୍ଚସ୍ଥ

**ସୋହେଲା,୩।୧୦(ଡି.ଏନ.ଏ)** ସୋହେଲା ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ବୁଧବାର ୨ୟ ରଜନୀ ଥିଲା। ଏଥିରେ ମନ୍ଥରାର କୁମନ୍ତ୍ରଣା, ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଗମନ, ଭରତ ମିଳନ, ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ଖର ଦୂଷଣ ତ୍ରିଶିରା ବଧ, ସୀତା ଚୋରି ଓ ଜଟାୟୁ ବଧ ମଞ୍ଚସ୍ଥ ହୋଇଥିଲା।

### ସ୍ୱଚ୍ଛ ଭାରତ ଅଭିଯାନ

**ଗାଇସିଲେଟ,୩।୧୦ (ଡି.ଏନ.ଏ):** ଗାଇସିଲାଟ ବ୍ଲକ ପରିସରରେ ଥିବା ଷ୍ଟେଟବ୍ୟାଙ୍କ ଶାଖାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶାଖା ପରିଚାଳକ କୃଷ୍ଣଚନ୍ଦ୍ର ଗଗରାଇ, ରାଜକୁମାର ମେହେର, କରମ ସିଂ ସୁନା ଓ ଦାଶରଥୀ କୁମ୍ଭାର ପ୍ରମୁଖ ଝାଡୁ ଧରି ଅଳିଆ ସଫା କରିଥିଲେ।

### ରାମଚନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା

**ସରଣ୍ଡା, ୩।୧୦ (ଡି.ଏନ.ଏ)** ଅତାବିରା ଫଟୋଗ୍ରାଫର ସଂଘ ତରଫରୁ ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା ଗୁରୁବାର ସଂଘ କାର୍ଯ୍ୟାଳୟ ଅତାବିରାଠାରେ ସଭାପତି ସଞ୍ଜୟ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ହରିଶ ଚନ୍ଦ୍ର ମେହେର, ସୁଦାମ ଚରଣ ମିଶ୍ର, ପ୍ରଭାସ ରଣ, ରିଙ୍କୁ ପ୍ରଧାନ, ବୁଲୁ ସାହୁ, ବିଘ୍ନରାଜ ଦେହେରୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ସମସ୍ତ ସଭ୍ୟ ସ୍ୱର୍ଗତ ପ୍ରଧାନଙ୍କ ଗାଁ କୁଲୁଣ୍ଡାକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

■ ଇନପୁଟ ସବ୍ସିଡି ଦାବି

# ତହସିଲ ଅଫିସ୍ ଘେରିଲେ ଚାଷୀ

**ପାଇକମାଳ, ୩।୧୦ (ଡି.ଏନ.ଏ)**

ଇନପୁଟ ସବସିଡି ପ୍ରଦାନ ଦାବିରେ ଗୁରୁବାର ଚାଷୀମାନେ ବରଗଡ ଜିଲା ପାଇକମାଳ ତହସିଲ ଅଫିସକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ରାଜବୋରାସମ୍ବର କୃଷକ ସଙ୍ଗଠନ, ଜୟକିଶାନ ଆନ୍ଦୋଳନ ବରଗଡ ଓ ପାଇକମାଳ ବ୍ଲକ କୃଷକ ସଙ୍ଗଠନର ଚାଷୀମାନେ ଯୋଗଦାନ କରିଥିଲେ। ଇନପୁଟ ସବସିଡି ଶୀଘ୍ର ପ୍ରଦାନ, ମଣ୍ଡିରେ ଦଲାଲି ବନ୍ଦ, ବୀମା କ୍ଷେତ୍ରରେ ଏସିଏଫ ନିୟମ ଲାଗୁ ନ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚାଷୀ ନେତା ବାଞ୍ଛାନିଧି ନାୟକ, ଅଶୋକ ସାହୁ, କୈଳାଶ ବାରିକ, ହର ବଣିଆ, ରମେଶ ମହାପାତ୍ର, ସୁଶୀଲ ସାହୁ, ଯୁଧିଷ୍ଠିର ସାହୁ, ବିଶ୍ୱନାଥ ରଣା, ଲିଙ୍ଗରାଜ ପ୍ରଧାନ, ମୁକ୍ତେଶ୍ୱର ପଟେଲ, ବାଳକୃଷ୍ଣ ବନଛୋର, ପିତାମ୍ବର ସାହୁ, ସଫେଦ ବାରିକ, ପଦ୍ମଲୋଚନ ବେରିଆ ପ୍ରମୁଖ ଚେତାବନୀ ଦେଇଥିଲେ। ତହସିଲଦାର ସୁଶାନ୍ତ କୁମାର ରଣା ସାଢ଼େ ୨ଟା ସମୟରେ ଘଟଣାସ୍ଥଳକୁ ଆସି ଏକ ମାସ ମଧରେ ଇନପୁଟ ସବସିଡି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



ଚାଷୀମାନେ ତହସିଲ ଅଫିସ୍ ଘେରାଉ କରିଛନ୍ତି ।




## ଅଭିମନ୍ୟୁଙ୍କୁ ମିଳୁନି ଭତ୍ତା

**ଅତାବିରା, ୩।୧୦ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଦେଶ ଭଟିଲି ପଞ୍ଚାୟତ ଉଦେପୁର ସହରାପଡାର ଅଭିମନ୍ୟୁ ଭୋଇ। ୯୦ ବର୍ଷରେ ପଦାର୍ପଣ କରିଥିଲେ ମଧ ତାଙ୍କୁ ଏଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ଅଭିମନ୍ୟୁଙ୍କୁ ପଚରାଯିବାରୁ ମୋର ବୟସ ୯୦ ଟପିଲାଣି ତଥାପି ମତେ ଭତ୍ତା ମିଳୁନି ବୋଲି କହିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ସେ ଆବେଦନ କରିଥିଲେ ମଧ ନ ମିଳିବାରୁ ନିରାଶ ହୋଇ ଆବେଦନ କରୁ ନ ଥିବା ଆମ ପ୍ରତିନିଧିଙ୍କୁ କହିଥିଲେ। ଏ ବିଷୟରେ ଭେଡେନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଯିବାରୁ ଆବଶ୍ୟକୀୟ କାଗଜପତ୍ର ଦେଲେ ଭତ୍ତା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଫୁଟବଲ: ଜାଙ୍ଗେଡ଼ ଚାମ୍ପିୟନ

**ବରଗଡ଼ ଅଫିସ୍,୩।୧୦**

ବରଗଡ଼ ବ୍ଲକ ବରଗାଁରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫୁଟ୍ଫୁଟ୍ପାଲି ଓ ଜାଙ୍ଗେଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜାଙ୍ଗେଡ଼ ଦଳ ୫-୪ ଗୋଲରେ ଚାମ୍ପିୟନ ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଯୁବନେତା ଉମେଶ ପଣ୍ଡା, ସରପଞ୍ଚ ଆହ୍ଲାଦ ଖମାରୀ, ସମିତିସଭ୍ୟ ଇନ୍ଦ୍ରଜିତ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜୟକୁମାର ବିଶ୍ୱାଳ, ଦେବାର୍ଜନ ପଧାନ, କେଶବ ଭୋଇ, ଈଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତ ।

## ସମଲେଶ୍ୱରୀଙ୍କ କାତ୍ୟାୟନୀ ବେଶ

**ବରଗଡ଼ ଅଫିସ୍,୩।୧୦**

ଶାରଦୀୟ ନବରାତ୍ର ପୂଜନୋତ୍ସବରେ ବରଗଡ଼ ଉତ୍ସବ ମୁଖର ହୋଇ ପଡ଼ିଛି। ଏହି ଅବସରରେ ସ୍ଥାନୀୟ ତଳିପଡ଼ା ସମଲେଶ୍ୱରୀ ମନ୍ଦିରରେ ଗୁରୁବାର ମାଁ ସମଲେଶ୍ୱରୀ କାତ୍ୟାୟନୀ ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ରୋଗ, ଶୋକ, ସନ୍ତାପ, ଭୟ ଆଦି ବିନଷ୍ଟ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ଦେବୀ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।



## ରାଜ୍ୟସ୍ତରୀୟ ଫୁଟବଲ, ଟେନିକଏଟ୍ ପ୍ରତିଯୋଗିତା




ଜ୍ୟସ୍ତରୀୟ ଫୁଟବଲ, ଟେନିକଏଟ୍ ପ୍ରତିଯୋଗିତା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ବରଗଡ଼ ଅଫିସ/ସରଣ୍ଡା,୩।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହାସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଆୟୋଜନରେ ରାଜ୍ୟସ୍ତରୀୟ ବାଳିକା ଫୁଟବଲ ଓ ଟେନିକଏଟ୍ ପ୍ରତିଯୋଗିତା ଚାଲିଛି। ଏହି ପରିପ୍ରେକ୍ଷୀରେ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଗୁରୁବାର ଅତାବିରା ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ମୟୂରଭଞ୍ଜ, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଦଳ ମଧ୍ୟ ମ୍ୟାଚ ହୋଇଥିବାବେଳେ ଲରମ୍ଭା କଲେଜ ପଡ଼ିଆରେ କଳାହାଣ୍ଡି, ବଲାଙ୍ଗୀର, ଖୋର୍ଦ୍ଧା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବରଗଡ଼ ମଧ୍ୟରେ ମ୍ୟାଚ ହୋଇଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ସମସ୍ତ ଟେନିକଏଟ୍ ପ୍ରତିଯୋଗିତା ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଖେଳ ପଡ଼ିଆରେ ହୋଇଥିଲା। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତା ପରିଚାଳନାରେ ୪୦ରୁ ଉର୍ଦ୍ଧ୍ୱ କ୍ରୀଡ଼ା ଶିକ୍ଷକ ନିୟୋଜିତ ହୋଇଛନ୍ତି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସନ୍ଧ୍ୟା ହୋଇଥିଲା। ଏଥିରେ ବରଗଡ଼ ବିଇଓ ସୁଧାଂଶୁ ମିଶ୍ର, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ, ଅତାବିରା ବିଇଓ ରାଜାରାମ ମେହେରଙ୍କ ସମେତ ଅନୁଗୁଳ, ସମ୍ବଲପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଜିଲାର ଶାରୀରିକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସିହ୍ନା, ସତ୍ୟନାରାୟଣ ରାୟଗୁରୁ, ଭାଗୀରଥି ମଲ୍ଲିକ, ଉମ୍ବରୁଧର ପୂଜାରୀ, ସହକାରୀ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମନୋଜ ସାହୁ, ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ସଂସଦ ସମ୍ପାଦିକା ଅମୃତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶଥାଉକି, ବୁଧବାର ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଏବଂ ବରଗଡ଼ ଏସପି ପଦ୍ମିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଜିଲାସ୍ତରୀୟ ବିଜ୍ଞାନ ସେମିନାର

**ବରଗଡ଼ ଅଫିସ୍,୩।୧୦:** ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଇଂ ଶ୍ରୀକାନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଶିକ୍ଷାବିତ୍ ଦେବେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉକ୍ତ ସେମିନାରରେ ଜିଲାର ସମସ୍ତ ବ୍ଲକରୁ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରପାଲି ବ୍ଲକ ବାଳକ ହାଇସ୍କୁଲର ଛାତ୍ର ରାହୁଲ ବେହେରା ସେମିନାରରେ ପ୍ରଥମ ହୋଇଥିବା ବେଳେ ବିଜେପୁର ବ୍ଲକ ଗୁଦେରପାଲି ହାଇସ୍କୁଲର ଆରାଧନା ପଧାନ ଦ୍ୱିତୀୟ ଏବଂ ଅତାବିରା ବ୍ଲକ ଲସ୍ତଲା ନୋଡ଼ାଲ ହାଇସ୍କୁଲର ଛାତ୍ର ଅବିନାଶ ପ୍ରଧାନ ତୃତୀୟ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଟ୍ରଫି ଓ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରଗଡ଼ ମହିଳା କଲେଜର ଅଧ୍ୟାପିକା ଅନୁପମା ଚାନ୍ଦ, ରେମଣ୍ଡା ଜୁନିୟର କଲେଜର ପ୍ରାଧ୍ୟାପକ ଡଃ ଅଶ୍ୱିନୀ କୁମାର ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର ଦାଶ, ଭାର୍ଗବ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିବିଏସ୍ଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା ଉଦ୍ଯାପିତ

**ବରଗଡ଼ ଅଫିସ୍,୩।୧୦**

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି। ଏଥିରେ ଅନ୍ତଃରାଷ୍ଟ୍ରୀୟ ଟ୍ରାଇଥଲନ ବିଜେତା ପ୍ରଜ୍ଞା ମୋହନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ରାଜେଶ ସାୱଡ଼ିଆ, ସଞ୍ଜୀବ ଅଗ୍ରୱାଲ, ଡା. ଆର୍. କେ ପୁରୋହିତ, ସୁନୀଲ ମହାପାତ୍ର, ନିଲମ ଅଗ୍ରୱାଲ, ଗାୟତ୍ରୀ ଲାଠ, ବିକାଶ ଗ୍ରୁପର ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଜୟପ୍ରକାଶ ଶତପଥୀ, ଦିଲୀପ ସେଟ୍, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ ଚେୟାରମ୍ୟାନ ରୋଶନ ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସେହିପରି ଦେଶର ବିଭିନ୍ନ ରାଜ୍ୟର ୧୩୩ଟି ସ୍କୁଲର ୫୦୦ ଛାତ୍ରୀଛାତ୍ର, ୧୭୫ଜଣ କୋଚ୍, ପରିଚାଳିକା, ପରିଚାଳକ, ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲ, ଗୌହାଟି, ଆସାମ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୧୧ବର୍ଷରୁ କମ୍ ବାଳକ ବର୍ଗରେ ଆର୍ଯ୍ୟ ଆଦିତ୍ୟ ଲୋହାନ, ବାଳିକା ବିଭାଗରେ ସୌର୍ଯ୍ୟ ଚୌଧରାନା ବ୍ୟକ୍ତିଗତ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୪ବର୍ଷ କମ୍ ବାଳକ ବର୍ଗରେ ସାୟାନ ଭୌମିକ, ବାଳିକା ବର୍ଗରେ ଆଜିଙ୍କ୍ୟା ସିଂ, ୧୭ବର୍ଷ କମ୍ ବାଳକ ବର୍ଗରେ ରାଜଦୀପ ଗୋଗେଇ, ବାଳିକା ବର୍ଗରେ ସାଙ୍ଗା ପୁଟଡୁଙ୍ଗା, ୧୯ବର୍ଷ କମ୍ ବାଳକ ବର୍ଗରେ ପ୍ରସଙ୍ଗ ଶ୍ରୀବାସ୍ତବ ଓ ଅରିତ୍ର ଦାଶ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗରେ ସ୍ନିଗ୍ଧା ଲାଲ ବିଜେତା ହୋଇଥିଲେ ।




କୃତୀ ପ୍ରତିଯୋଗୀମାନେ ଖୁସି ମନାଉଛନ୍ତି ।

■ ବିଜେପୁର ଉପନିର୍ବାଚନ

## ପୋଲିଂ, ପ୍ରିଜାଇଡିଂ ଅଫିସରଙ୍କୁ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୩।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡ଼ିଂ ଅଫିସର, ପ୍ରଥମ ପୋଲିଂ ଅଫିସରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ପଦ୍ମପୁର ଅଞ୍ଚଳ କଲେଜରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଥିଲା। ଉପନିର୍ବାଚନର ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲଭାନିଆ ନିର୍ବାଚନ ପରିଚାଳନା ସଂକ୍ରାନ୍ତରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୪୦୦ ପ୍ରିଜାଇଡ଼ିଂ, ପ୍ରଥମ ପୋଲିଂ ଅଫିସର ଭାଗ ନେଇଥିଲେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

# ଭିକ୍ଷୁକ ଦେଉଛନ୍ତି ସଚେତନତା ବାର୍ତ୍ତା

**ଗଣ୍ଡତୁରୁମ, ୩।୧୦(ଡି.ଏନ.ଏ.)**

ନାଁ ତାଙ୍କର ଅଶ୍ୱିନୀ ପାଣ୍ଡେ। ବୟସ ପ୍ରାୟ ୮୦ ବର୍ଷ ହେବ। ବରଗଡ ଜିଲା ଭେଡେନ ବ୍ଲକ ସିଆଲଖଣ୍ଡହଥା ପଞ୍ଚାୟତ ଭାଲୁପାଲି ଗ୍ରାମରେ ତାଙ୍କ ବାସସ୍ଥାନ। ଅଶ୍ୱିନୀଙ୍କ ପୈତୃକ ସମ୍ପତ୍ତି ଦେଢ଼ ଏକର ଜମିରେ କେନାଲ ପାଣି ମାଡୁ ନ ଥିବାରୁ ଅନାବାଦି ହୋଇ ପଡି ରହିଛି। ସେ ପୂର୍ବରୁ ନିଜ ଜମି ଚାଷ ଏବଂ କୁଲି ମଜୁରୀ କରି ପରିବାର ପୋଷଣ କରୁଥିଲେ। ମାତ୍ର ଚାଷ ଜମି ଅନାବାଦି ଏବଂ କୁଲି ମଜୁରୀ କାମ ନ ମିଳିବାରୁ ଅଶ୍ୱିନୀ ନିରୁପାୟ ହୋଇ ରୋଗରେ ପୀଡିତ ହେଲେ। ଏହା ଦେଖି ସ୍ତ୍ରୀ ଦୁଇ ଛୁଆଙ୍କୁ ଧରି ବାପ ଘରକୁ ଚାଲିଗଲେ। ଏଥିରେ ସେ ଆହୁରି ଭାଙ୍ଗି ପଡିଲେ। ସେ ଅନ୍ୟୋନପାୟ ହୋଇ ପେଟ ଚାଖଣ୍ଡକ ପାଇଁ ଭିକ୍ଷା ବୃତ୍ତିକୁ ଆବୋରି ନେଲେ। ରାତି ପାହିଲେ ନିଜର ଝୁଲାମୁଣି ଧରି ଗାଁ ଗାଁ ବୁଲି ଭିକ୍ଷା କଲେ। ତେବେ ସେ ଯେଉଁ ଘରକୁ ଯାଇ ଭିକ୍ଷା ଗ୍ରହଣ କରନ୍ତି, ସେହି ଘରର ଗୃହିଣୀଙ୍କୁ ସଚେତନ କରିବାକୁ ଭୁଲି ନ ଥାନ୍ତି। ପାଇଖାନା ବ୍ୟବହାର କରି ସ୍ୱଚ୍ଛ ଭାରତ ନିର୍ମାଣରେ ସକ୍ରିୟ ଭୂମିକା ଗ୍ରହଣ କରିବା, ପରିବେଶ ସୁରକ୍ଷା, ଗଛ ଲଗାଇବା ବିଷୟରେ ବୁଝାଇଥାନ୍ତି। ଏପରିକି କୌଣସି ଚାଷୀଙ୍କୁ ଭେଟିଲେ ଜମିରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ବ୍ୟବହାର, କୀଟନାଶକ ଔଷଧ ବ୍ୟବହାରର କୁପରିଣାମ ବିଷୟରେ ଜଣାଇଥାନ୍ତି। ସେ ଗଣ୍ଡତୁରୁମ ଗ୍ରାମରେ ଭିକ୍ଷା କରୁଥିବା ସମୟରେ ତାଙ୍କୁ ଭେଟିବାରୁ ସେ କହିଥିଲେ, ଗତ ୧୯୪୫ ମସିହାରେ ସିଆଲଖଣ୍ଡହଥା ପ୍ରାଥମିକ ସ୍କୁଲରେ ପଞ୍ଚମ ଶ୍ରେଣୀରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରିବାରର ଆର୍ଥିକ ଅନଟନ ଯୋଗୁ ଆଗକୁ ଉଚ୍ଚ ଶିକ୍ଷାରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା। ସେ ସମୟର ପାଠପଢ଼ା ଏବଂ ବର୍ତ୍ତମାନର ପାଠପଢ଼ା ଭିତରେ ବହୁତ ଫରକ ରହିଛି। ଆଜି କାଲିର କଲେଜ ପଢୁଆ ଝିଅପୁଅ ଆମ ସହିତ ଉଚିତ ଭାଷାରେ କଥା ଲାଗି ପାରିବେନି ବୋଲି ଅଶ୍ୱିନୀ କହିଥିଲେ।



ଅଶ୍ୱିନୀ ଘର ଘର ବୁଲି ଭିକ୍ଷା କରୁଛନ୍ତି ।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

*Secretary*
*Women's College, Birmaharajpur*

LAND / PLOTS FOR SALE
**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)**
**For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**
ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ଅକ୍ଟୋବର, ୨୦୧୯



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



ଗୁରୁବାର ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଧୂମାବତୀ ବେଶ।

### ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ର ସମ୍ବର୍ଦ୍ଧିତ

**ବିନିକା,୩।୧୦(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ଛାତ୍ର ରାକେଶ କୁମାର ବାରିକ ଜିଲାସ୍ତରୀୟ କ୍ୱିଜ୍ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏଥିପାଇଁ ସ୍କୁଲ ପକ୍ଷରୁ ଗୁରୁବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ରାଜାରାମ ପଧାନ ରାକେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସହକାରୀ ଶିକ୍ଷକ ପ୍ରେମରାଜ ପତି, ପଦ୍ମନାଭ ମାହାଣା, ମୁରଲୀ ପଧାନ, ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି ବ୍ଲକସ୍ତରରେ କ୍ୱିଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ ରାକେଶ। ଜିଲାସ୍ତରରେ ମୋଟ ୧୮ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ୨୦ତମ ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗାପୂଜା

# ରାବଣ ପୋଡ଼ିମୁଖ୍ୟ ଆକର୍ଷଣ

**ଅମରପାଲି, ୩।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ଚଳିତ ବର୍ଷ ୨୦ବର୍ଷରେ ପଦାର୍ପଣ କରିଛି। ଏହାକୁ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବା ପାଇଁ କର୍ମକର୍ତ୍ତା ପୂର୍ଣ୍ଣ ପ୍ରଚେଷ୍ଟା କରୁଛନ୍ତି। ଏବର୍ଷର ପୂଜାକୁ ପରିଚାଳନା କରିବା ପାଇଁ ସର୍ବସମ୍ମତିକ୍ରମେ ଗଠିତ ହୋଇଛି ଏକ ପରିଚାଳନା କମିଟି। ଏଥିରେ ବିଷ୍ଣୁଚରଣ ପଣ୍ଡା ସଭାପତି, ମନୋଜ ଦାଶ ଉପସଭାପତି, ପ୍ରାଣବନ୍ଧୁ ଦେହେରୀ ସମ୍ପାଦକ, ରିଙ୍କୁନ ପଣ୍ଡା ସହସମ୍ପାଦକ ଓ ନାରାୟଣ ବେହେରାଙ୍କୁ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଛି। ଦୀପଙ୍କର ପଣ୍ଡା, ପ୍ରଦୀପ ମେହେର, ସରୋଜ ମିଶ୍ର ଓ ପ୍ରଫୁଲ୍ଲ ପଣ୍ଡାଙ୍କୁ ଉପଦେଷ୍ଟାଭାବେ ମନୋନୀତ କରାଯାଇଛି। ପ୍ରାୟ ୩୦ ହଜାର ଟଙ୍କା ଅଟକଳରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଚଳିତ ବର୍ଷ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ସୁଉଚ୍ଚ ମେଢ଼, ରଙ୍ଗୀନ ଆଲୋକରେ ସାଜସଜ୍ଜା ଚାଲିଛି। ଚଳିତବର୍ଷ ମେଢ଼କୁ ଚନ୍ଦ୍ରଜାନ-୨ର ରୂପ ଦିଆଯାଉଛି। ଦଶହରା ଦିନ ରାବଣ ପୋଡି ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ପ୍ରାୟ ୩୫ ଫୁଟ ଉଚ୍ଚର ରାବଣ କରାଯାଇ ଆତସବାଜି ପ୍ରଦର୍ଶନ କରାଯାଇ ରାବଣ ପୋଡି ହେବାର ସ୍ଥିର ହୋଇଛି। ପୂଜାପାଇଁ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇ ସାରିଥିବା ବେଳେ ମେଢ଼ ଓ ମୂର୍ତ୍ତିରେ ଶେଷ ସ୍ପର୍ଶ ଅପେକ୍ଷାରେ ଅଛି। କାର୍ଯ୍ୟସୂଚୀ ମତେ ଶନିବାର କଳସ ପ୍ରତିଷ୍ଠା ହେବ। ସକାଳୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଅଣାଯିବ । ସନ୍ଧ୍ୟା ବେଳେ ସପ୍ତମୀ ପୂଜା ହେବ। ରବିବାର ଅଷ୍ଟମୀ ପୂଜା, ସୋମବାର ନବମୀ, ମଙ୍ଗଳବାର ନିଶା ପୂଜା, ବୁଧୁବାର ସନ୍ଧ୍ୟା ପୂଜା ହେବା ସହିତ ପ୍ରତ୍ୟହ ସକାଳୁ ପୂଜା ହେବ। ଗୁରୁବାର ବିସର୍ଜନ ସହିତ ଭଷାଣୀ ଉତ୍ସବ ହେବ । ପ୍ରତ୍ୟହ ସନ୍ଧ୍ୟାରେ ସାମ୍ୟ ଦର୍ଶନ ଓ ଆଳତୀ ହେବ, ମଧ୍ୟାହ୍ନରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ୫ ତାରିଖରେ କଳସ ଯାତ୍ରା, ରବିବାର ସନ୍ଧ୍ୟାରେ ଜିଲା ସଂସ୍କୃତି ବିଭାଗ ପ୍ରଦତ୍ତ ଭକ୍ତି ଆରାଧନାର ଭଜନ ସମାରୋହ, ସୋମବାର ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ପ୍ରଦତ୍ତ ଭୁବନେଶ୍ୱର ଦଳର ଭଜନ ସମାରୋହ, ମଙ୍ଗଳବାର ଚମ୍ପାମାଳ ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ରାବଣ ବଧ, ବୁଧବାର ସନ୍ଧ୍ୟାରେ ନୂଆଁପାଲି (ବରଗଡ) ଓ କୁଦପାଲି ମଧ୍ୟରେ ସଂକୀର୍ତ୍ତନ୍ୟ ବୈଠକ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଭଷାଣୀରେ ଘଣ୍ଟବାଦ୍ୟ, ଦୁଲଦୁଲି, ବାଡିଖେଳ, ରୋଡ ଡ୍ୟାନ୍ସ ଭଳି ପାରମ୍ପରିକ ଓ ଆଧୁନିକ ନୃତ୍ୟ ପରିବେଷଣ ହେବ ।

**ଚନ୍ଦ୍ରୟାନ-୨ ସଦୃଶ ତୋରଣ ଅନ୍ୟତମ ଆକର୍ଷଣ ହେବ**




**କମିଟି ସଦସ୍ୟଙ୍କ ମୁହଁରୁ**



"ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଉଛି। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦିନବେଳା ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯିବ। ସମସ୍ତେ ଯେଭଳି ଭାବରେ ଦର୍ଶନ କରି ପାରିବେ ସେଥିପାଇଁ ସୁବ୍ୟବସ୍ଥା କରାଯିବ।

-ବିଷ୍ଣୁ ଚରଣ ପଣ୍ଡା, ସଭାପତି



"ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ମୂର୍ତ୍ତି ଓ ମେଢ଼କୁ ମଧ ଆକର୍ଷଣୀୟ କରାଯାଉଛି। ଏହା ସହିତ ମେଢ଼କୁ ଚନ୍ଦ୍ରଯାନ-୨ର ରୂପରେଖ ଦିଆଯାଉଛି। ଆଲୋକ ସାଜସଜ୍ଜା ଓ ଭଷାଣୀକୁ ଦର୍ଶକଙ୍କ ମନମୋହିଲା ଭଳି କରାଯିବ।

- ମନୋଜ ଦାଶ, ଉପସଭାପତି



"ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆମର କର୍ମକର୍ତ୍ତା ଓ ପୋଲିସ ମିଳିତ ଭାବରେ କାମ କରିବେ। ଦିନ ବେଳା ପୂଜାର୍ଚ୍ଚନା ହେବ। ପୂଜାପରେ ପ୍ରସାଦସେବନର ବ୍ୟବସ୍ଥା ରହିଛି। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ଓ ସାନ୍ଧ୍ୟ ଦର୍ଶନର ବ୍ୟବସ୍ଥା କରାଯିବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଧାତ୍ମିକ କାର୍ଯ୍ୟକ୍ରମ ହେବ । ମାତ୍ର ଅଶ୍ଳିଳତାକୁ ପ୍ରଶୟ ଦିଆଯିବ ନାହିଁ ।

- ପ୍ରାଣବନ୍ଧୁ ଦେହେରୀ, ସମ୍ପାଦକ



"୩୦ ହଜାର ଟଙ୍କା ବ୍ୟୟ ଅଟକଳରୁ ଆରମ୍ଭ ହୋଇଥିଲା ପୂଜା। ଚଳିତ ବର୍ଷ ପ୍ରାୟ ସାଢ଼େ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପାରମ୍ପରିକ ପୂଜା ସହିତ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେବୁ।

-ନାରାୟଣ ବେହେରା, କୋଷାଧକ୍ଷ



ଆହତ ପ୍ରଦୀପଙ୍କ ପରିବାର ସଦସ୍ୟ ।

### ମାଟି କାନ୍ଥ ପଡିବାରୁ ପରିବାରର ୩ ଗୁରୁତର

**ପୁରୁଣାକଟକ/ତଲଗାଁ, ୩।୧୦(ଡି.ଏନ.ଏ)**

ମାଟିକାନ୍ଥ ପଡିଯିବାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପିତାମ୍ବରପୁର ପଞ୍ଚାୟତ ଜିରାଡ ଗ୍ରାମ ନିକଟସ୍ଥ ଡଙ୍ଗାଖୋଲ ଜଙ୍ଗଲରେ ରହୁଥିବା ଗୋଟିଏ ଆଦିବାସୀ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ପ୍ରଦୀପ କହଁର (୪୦), ସ୍ତ୍ରୀ ସବିତା କହଁର (୩୫) ଓ ପୁଅ ଆଦିତ୍ୟ କହଁର (୬) । ବୁଧବାର ରାତିରେ ପ୍ରଦିପ ସପରିବାର ଖାଇ ସାରି ଶୋଇଥିଲେ । ରାତି ପ୍ରାୟ ୧ଟା ବେଳେ ଘରର ମାଟି କାନ୍ଥ ପଡିଯିବାରୁ କାନ୍ଥ ତଳେ ସେମାନେ ଚାପି ହୋଇ ରହିଯାଇଥିଲେ। ଗୁରୁବାର ସକାଳୁ ଖବର ପାଇ କାନପୁର ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ଏ ନେଇ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କୁ ପଚାରିବାରୁ ସେମାନଙ୍କୁ ଚିକିତ୍ସା ସହିତ ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

### ସୁବର୍ଣ୍ଣପୁରରେ ସାବରମତୀ

## ଗାନ୍ଧିଜୀଙ୍କୁ ସମର୍ପିତ ଏକ ବୌଦ୍ଧିକ ଆସର



ଅତିଥି ବୃନ୍ଦ ଗାନ୍ଧୀ କଥା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

**ସୋନପୁର,୩।୧୦(ନି.ପ୍ର.)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସୁବର୍ଣ୍ଣପୁରର ନାଟ୍ୟଚକ୍ର ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ପଡିଆରେ ଆୟୋଜିତ ସାବରମତୀ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ବୌଦ୍ଧିକ ଆସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦାରିଦ୍ର୍ୟ, ହିଂସା, ଅନ୍ୟାୟ ଓ ଅସମାନତା କବଳରୁ ଭାରତକୁ ମୁକ୍ତ କରିବାକୁ ଗାନ୍ଧୀ ସ୍ୱପ୍ନ ଦେଖୁଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ, ନାଟ୍ୟଶ୍ରୀ ଗଦାଧର ବାରିକ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ଲୋକ ପ୍ରଶାସନ ପ୍ରତିଷ୍ଠାନର ଅଧ୍ୟାପକ ଡ. ସୁଜିତ୍ କୁମାର ପୃଷ୍ଟେଠ୍ ଯୋଗଦେଇ ଗାନ୍ଧୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଆର୍ତ୍ତତ୍ରାଣ ବାବୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଶ୍ୟାମା ଓଁ ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ କ୍ଷୀରାଦ ବିହାରୀ ବିଶ୍ୱାଳ ଓ ମନୋଜ ବାରିକ୍‌ଙ୍କ ଲିଖିତ ପୁସ୍ତକ ଗାନ୍ଧୀ କଥାକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଗାନ୍ଧୀ ଦର୍ଶନ କଥାଚକ୍ରରେ ବରିଷ୍ଠ ଆଇନଜୀବୀ ଗୌରିଶ୍ୟାମ ପଣ୍ଡା ମୁଖ୍ୟ ଅତିଥି, ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଅଧ୍ୟାପକ କିଶୋର ମେହେର ସମ୍ମାନିତ ଅତିଥି ଓ ଅମ୍ବୁଜ ବିହାରୀ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ବୁଧବାର ଉଦ୍‌ଘାଟନୀ ସଭାରେ ସୁବର୍ଣ୍ଣପୁରର ଜିଲା ଦୌରାଜଜ୍ ରାଜକୁମାର ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ହରପ୍ରସାଦ ରଥ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥି ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ସମ୍ମାନିତ ଅତିଥି ଓ ଦୀପକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ନୀଳମାଧବ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ବେତନ ବୃଦ୍ଧି ଦାବି

## ପାଚିକା ସହାୟିକା ସଂଘର ବିକ୍ଷୋଭ

**ସୋନପୁର,୩।୧୦(ନି.ପ୍ର.)**

ଭାରତୀୟ ମଜଦୁର ସଂଘ(ବିଏମଏସ) ଦ୍ୱାରା ପରିଚାଳିତ ପାଚିକା ସହାୟିକା ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଗୁରୁବାର ସହରରେ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଚିକା ଓ ସହାୟିକାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଚିକା ଓ ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରୀ ଆଇନର ପରିସରଭୁକ୍ତ କରିବା, ପ୍ରୋଭିଡେଣ୍ଟ ଫଣ୍ଡ, ଇଏସଆଇ ସହିତ ସାମାଜିକ ସୁରକ୍ଷା ଯୋଗାଇ ଦେବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ବେତନ ପ୍ରଦାନ, ସମସ୍ତ କର୍ମଚାରୀଙ୍କ ପାଇଁ ବୀମା ଲାଗୁ କରିବା, ଛଟେଇ କର୍ମଚାରୀଙ୍କୁ ପୁନଃ କାମରେ ନିୟୋଜିତ କରାଯିବା, କାର୍ଯ୍ୟରତ ସମୟରେ ଦୁର୍ଘଟଣା ହେଲେ ନିଶୁଳ୍କ ଚିକିତ୍ସା, ବର୍ଷକୁ ୨ହଳ ଶାଢୀ ଯୋଗାଇ ଦିଆଯିବା ଓ ଖାଦ୍ୟ ସାମଗ୍ରୀ ଯୋଗାଇବାରେ ଘରୋଇକରଣ ବନ୍ଦ କରାଯିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା । ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ବିଏମଏସର ଆହ୍ୱାନକ୍ରମେ ଦେଶବ୍ୟାପୀ ଏହି ଆନ୍ଦୋଳନ କାର୍ଯ୍ୟକ୍ରମ ହେଉଛି। ଦାବି ପୂରଣ ନ ହେଲେ ଦିଲ୍ଲୀରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଚିକା ସହାୟିକା ସଂଘର ଜିଲା ସଭାପତି ମମତା ମାଝୀ, ସମ୍ପାଦିକା ରୀତାଞ୍ଜଳି ବିଶି, ଉଦିଆ ପ୍ରଧାନ, ସପ୍ତା ବେହେରା ଓ ଭାରତୀୟ ମଜଦୁର ସଂଘର ଅସଂଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ କୁମାର ସାହୁ, ଜିଲା ସମ୍ପାଦକ ସୂର୍ଯ୍ୟକାନ୍ତ ରାଉଳ, ଜିଲା ସଭାପତି ମୂରଲୀଧର ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା ଓ କାର୍ଯ୍ୟକାରୀ ସମ୍ପାଦକ ଅର୍ଜୁନ ବାଦୀ ପ୍ରମୁଖ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଉଦବୋଧନ ଦେଇଥିଲେ।




ସୁବର୍ଣ୍ଣପୁରରେ ପାଚିକା ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିନିକା: କୃଷକ ତାଲିମ ଶିବିର



ବାବୁପାଲି ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ମଞ୍ଚାସୀନ ଅତିଥିମାନେ।

**ବିନିକା,୩।୧୦(ଡି.ଏନ୍.ଏ)**

ଫସଲରେ କୀଟନାଶକର ନିରାପଦ ବ୍ୟବହାରକୁ ନେଇ ଏକ ଚାଷୀ ସଚେତନତା ଶିବିର ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଫିସ ସଭାଗୃହ ଓ ସଲେଡି ପଞ୍ଚାୟତରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାବୁପାଲିରେ ଆୟୋଜିତ ଶିବିରରେ ବିନିକା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ, ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ଆରଆଇ ଫିରୋଜ କୁମାର ମେହେର, ଗ୍ରାମ୍ୟ କୃଷି କର୍ମଚାରୀ ହେମନ୍ତ ଭୋଇ, ବ୍ଲକ୍ ବୈଷୟିକ କୃଷି ପରିଚାଳକ ଶୁକଦେବ ପଧାନ ଓ ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସେଲେଡି ଶିବିରରେ ଗ୍ରାମ୍ୟ କୃଷି କର୍ମଚାରୀ ରାଜେଶ କୁମାର ନାୟକ, ମାହଦେବପାଲି ଗ୍ରାମ୍ୟ କୃଷି କର୍ମଚାରୀ ତରଣୀସେନ ଭୋଇ, ସରପଞ୍ଚ ଭରତ ଗାଇଗରିଆ ଉପସ୍ଥିତ ଥିଲେ। କୃଷି ବିଶେଷଜ୍ଞମାନେ କୀଟନାଶକର ବ୍ୟବହାର ବିଷୟରେ ଚାଷୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଶେଷ କରି ଖେତରେ କୀଟନାଶକ ପ୍ରୟୋଗ ସମୟରେ ଛୋଟ ପିଲା ଓ ବୃଦ୍ଧ ବ୍ୟକ୍ତିଙ୍କୁ ନିୟୋଜିତ ନ କରିବା, ଆଖିରେ ଚଷମା, ମୁହଁରେ ମୁଖା, ହାତରେ ଗ୍ଲୋବ୍ସ ପିନ୍ଧିବା, ଖରାରେ ସିଞ୍ଚନ ନ କରିବାଓ ଧୁମ୍ରପାନ ନ କରିବାକୁ ଉପସ୍ଥିତ ଚାଷୀଙ୍କୁ ସୂଚନା ଦିଆଯାଇଥିଲା। ଅଧିକ ପରିମାଣର କୀଟନାଶକ ବ୍ୟବହାର ଯୋଗୁଁ ପରିବେଶ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି । ଜୈବିକ ଖତ ପ୍ରୟୋଗକୁ ଚାଷୀମାନେ ଅଧିକ ପ୍ରାଧାନ୍ୟ ଦେବାକୁ କୁହାଯାଇଥିଲା। ଚାଷୀ ଅଧିକ ଜୈବିକ ଖତ ପ୍ରୟୋଗ କଲେ ଫସଲକୁ ରୋଗପୋକରୁ ରକ୍ଷା କରାଯାଇ ପାରିବ ବୋଲି ଶିବିରରେ କୃଷି ବିଶେଷଜ୍ଞମାନେ ମତଦେଇଥିଲେ। ବାବୁପାଲି ଶିବିର ଆୟୋଜନରେ କୃଷକ ସାଥୀ ସୋମନାଥ ଥାର୍ଟୀ, ସତ୍ୟନାରାୟଣ ଭୋଇ ଏବଂ ଅଗ୍ରଣୀ ଚାଷୀ ମିଥୁନ ବାରିକ ଓ ଗୋବିନ୍ଦ ପଧାନ ସହଯୋଗ କରିଥିଲେ। ସେଲେଡିରେ କୃଷକ ସାଥୀ ଶରତ ଦନ୍ତା ଓ ଚାଷୀ ଆର୍ତ୍ତତ୍ରାଣ ସ୍ୱାଇଁ ଶିବିର ଆୟୋଜନ କରିଥିଲେ।

### ବିନିକା ରାବଣରାଜ୍‌ର ଚତୁର୍ଥ ସନ୍ଧ୍ୟା

**ବିନିକା,୩।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ନବଦିନାତ୍ମକ ଦୁର୍ଗାପୂଜା ଅବସରରେ ଚାଲିଥିବା ରାବଣରାଜ୍‌ର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ଦରବାରରେ ମୁଖ୍ୟ ଅତିଥି ଭାବେ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ମଞ୍ଚରେ ପଞ୍ଚବଟୀ ବନରେ ରାମ, ଲକ୍ଷ୍ମଣ ଓ ସୀତା ପ୍ରବେଶ ପରେ ଲକ୍ଷ୍ମଣଙ୍କ ଦ୍ୱାରା ରାକ୍ଷସୀ ସୂର୍ପଣଖାଙ୍କ ନାସା ଛେଦନ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ଏଥି ସହିତ ବିଭିନ୍ନ ନୃତ୍ୟାଙ୍ଗନା ଓ କଣ୍ଠଶିଳ୍ପୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ ।

### ରେଳପଥ ପ୍ରକଳ୍ପ ଜମି ଅଧିଗ୍ରହଣରେ ବିଳମ୍ବ

## ଅଭିନବ ବିକ୍ଷୋଭ, ଘଣ୍ଟ ବଜାଇ ପ୍ରଶାସନକୁ ସଚେତନ କଲା ଭାଜପା

**ବୌଦ୍ଧ,୩।୧୦(ସ୍ୱ.ପ୍ର)**

ରେଳବିହୀନ ବୌଦ୍ଧ ଜିଲାବାସୀଙ୍କ ଲାଇଫ ଲାଇନ କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ବୌଦ୍ଧ ଜିଲାରେ ମନ୍ଥର ଗତିରେ ଚାଲିଛି । ଏହି ରେଳପଥର ସର୍ବାଧିକ ୧୧୦ କି.ମି. ବୌଦ୍ଧ ଜିଲାରେ ରହିଛି । ଖୋର୍ଦ୍ଧା, ପୁରୀ, ନୟାଗଡ ଓ ବଲାଙ୍ଗୀର ଜିଲାରେ ରେଳ ଚଳାଚଳ କରିଥିବା ବେଳେ ଦଶପଲ୍ଲା ଓ ସୁବର୍ଣ୍ଣପୁରରେ ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ସୀମା ୨୦୨୧ ମାର୍ଚ୍ଚ ଧାର୍ଯ୍ୟ କରାଯାଇଛି। ହେଲେ ବୌଦ୍ଧ ଜିଲାରେ ଏହି ପ୍ରକଳ୍ପ କେବେ ଶେଷ ହେବ କହିବା ମୁସ୍କିଲ ହୋଇପଡିଛି । ଏଥିଯୋଗୁଁ ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଓ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି । ଏଭଳି ସ୍ଥିତିରେ ପ୍ରଶାସନକୁ ଚେତାଇବା ପାଇଁ ଗୁରୁବାର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଘଣ୍ଟ ଶୋଭାଯାତ୍ରା କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ସମ୍ପାଦକ ଓମ ପ୍ରକାଶ ମିଶ୍ର, ରାଜ୍ୟ ସଦସ୍ୟ ନାରାୟଣ କର୍ମୀ, ଯୁବନେତା ସରୋଜ ପ୍ରଧାନ ଓ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ କର୍ମୀମାନେ ବସଷ୍ଟାଣ୍ଡରୁ ଘଣ୍ଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ କରିଥିଲେ । ଭାଜପାର ଅଭିଯୋଗ ଅନୁସାରେ, ବୌଦ୍ଧ ଜିଲାରେ ୧୧୦ କି.ମି. ରେଳପଥ ହେବାକୁ ରହିଛି । ଏଥିପାଇଁ ୩୦୬୭.୦୭୫ ଏକର ଜମିର ଆବଶ୍ୟକତା ଥିବା ବେଳେ ସେଥିମଧ୍ୟରୁ ୧୦୨ଟି ଗ୍ରାମର ୨୧୫୮.୬୫୫ ଏକର ରୟତି ଓ ୯୦୮.୪୨୦ ଏକର ସରକାରୀ ଜମି ରହିଛି। ପ୍ରକଳ୍ପ ପାଇଁ ଅର୍ଥ ବାଧକ ହୋଇଥାଏ କିନ୍ତୁ ରେଳପଥ ପାଇଁ ବର୍ତ୍ତମାନ ଅର୍ଥର ଅଭାବ ନାହିଁ। ୧୦୧ଟି ଗ୍ରାମରେ ଜମି ଅଧିଗ୍ରହଣ କରିବା ପାଇଁ ଚୂଡାନ୍ତ ହୋଇଥିବା ବେଳେ ବଳକା ଜମି ସରକାର ଓ ଜଙ୍ଗଲ ବିଭାଗ ପକ୍ଷରୁ ରେଳ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପ୍ରକଳ୍ପରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଭୂ ଅର୍ଜନ କାର୍ଯ୍ୟାଳୟରେ ୨୦ଜଣ କର୍ମଚାରୀଙ୍କ ଆବଶ୍ୟକତା ରହିଥିବା ବେଳେ ମାତ୍ର ୬ଜଣରେ କାମ ଚାଲିଛି। ନୂତନ ଭାବେ ଯୋଗ ଦେଇଥିବା ଭୂ ଅର୍ଜନ ଅଧିକାରୀଙ୍କୁ ଆର୍ଥିକ କ୍ଷମତା ଦିଆଯିବ ନାହିଁ ବୋଲି ଜଣାପଡିଛି । ଫଳରେ ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ଏପଟେ ବିଧାନସଭା ରେଳ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଥିଲେ ମଧ୍ୟ ତାଙ୍କ ଅବହେଳା ଯୋଗୁ ବୌଦ୍ଧରେ ଜମି ଅଧିଗ୍ରହଣ ହୋଇପାରୁନାହିଁ । ଫଳରେ ପ୍ରଶାସନକୁ ଚେତାଇ ଦେବା ପାଇଁ ଏହି ଘଣ୍ଟ ଶୋଭାଯାତ୍ରା ଉଦ୍ଦିଷ୍ଟ ବୋଲି ମୋର୍ଚ୍ଚା ସଭାପତି ବାଘ ସୂଚନା ଦେଇଛନ୍ତି । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସହିତ ଆଲୋଚନା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମିଶ୍ର କୁହନ୍ତି, ପ୍ରଶାସନ ଏଥିରେ ସଜାଗ ଅଛି। ସରକାରଙ୍କ ନିକଟକୁ ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ତଥ୍ୟ ପଠାଯାଇଛି । ଖୁବଶୀଘ୍ର ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ। ତେବେ ଆସନ୍ତା ୧୫ଦିନ ଭିତରେ ପଦକ୍ଷେପ ନିଆ ନ ଗଲେ ଅଗାମୀ ଦିନରେ ଭାଜପା ଯୁବମୋର୍ଚ୍ଚା ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଚେତାବନୀ ଦେଇଛି । ଏହି ଶୋଭାଯାତ୍ରାରେ ଜିଲା ସଭାପତି ସୌମିତ୍ରୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ ସାହୁ, ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାଶ, ମନୋରଞ୍ଜନ ଦାଶ, ସୁବାସ ପ୍ରଧାନ, ଗୋପାଳ ପୁରୋହିତ, ଇମ୍ରାନ ଖାଁଙ୍କ ସମତେ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ ।




ଭାଜପା କର୍ମୀମାନେ ଘଣ୍ଟ ଶୋଭାଯାତ୍ରାରେ ବାହାରିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ଅକ୍ଟୋବର, ୨୦୧୯



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ଗୁଡଭେଲାରେ ଭାଜପାର ପଦଯାତ୍ରା

**ଗୁଡ଼ଭେଲା,୩।୧୦(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ ନିଶାମୁକ୍ତି ଏବଂ ପଲିଥିନ ବ୍ୟବହାର ନକରିବା ପାଇଁ ଲୋକଙ୍କୁ ସଚେତନ କରିଛି ଗୁଡଭେଲା ବ୍ଲକ ଭାଜପା। ଗୁରୁବାର ଏମ୍‌ପି ସଙ୍ଗୀତା ସିଂଦେଓଙ୍କ ନେତୃତ୍ୱରେ ବ୍ଲକରେ ଦଳୀୟ କର୍ମୀମାନେ ପଦଯାତ୍ରା କରିଥିଲେ। ବ୍ଲକ ଅନ୍ତର୍ଗତ ଜାମୁଟ, ବଡତରଙ୍ଗମୁଣ୍ଡା, ଯୋଗୀମରା, ରାଣୀମାଲ, ଗୁଡଭେଲା, ଡୁଙ୍ଗୀବାହାଲ, ମାଢେକେଲା ଓ ପେନ୍ଦିମୁଣ୍ଡା ଆଦି ଗ୍ରାମରେ ପଦଯାତ୍ରା କରାଯାଇଥିଲା। ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୀନବନ୍ଧୁ ବେହେରା, ଅମରେଶ କେଡିଆ, ଦୀପକ ଅଗ୍ରୱାଲ, ଲିଶନ ପ୍ରଧାନ, ବଜ୍ର କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ୪୨ ବର୍ଷରେ ରୁଗୁଡିପଡା ଦୁର୍ଗାପୂଜା

# ରାଜମହଲ ତୋରଣ ମୁଖ୍ୟ ଆକର୍ଷଣ

**ବଲାଙ୍ଗୀର ଅଫିସ, ୩।୧୦**

ବଲାଙ୍ଗୀର ରୁଗୁଡିପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୪୨ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କମିଟି ପକ୍ଷରୁ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି । ଚଳିତବର୍ଷ ଆକର୍ଷଣୀୟ ମେଢ଼ ଓ ରାଜମହଲ ତୋରଣ ସହ କାରୁକାର୍ଯ୍ୟ ପୂର୍ଣ୍ଣ ପୂଜା ମଣ୍ଡପ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି । ଚଳିତବର୍ଷ ରୁଗୁଡିପଡା ଦୁର୍ଗାପୂଜା ଟ୍ରଷ୍ଟ ଗଠନ କରାଯାଇଛି ।

ନବଗଠିତ ଟ୍ରଷ୍ଟ ସଭାପତି ଲଳିତ କୁମାର ନାୟକ, ଉପସଭାପତି ଚେତନାନନ୍ଦ ପଣ୍ଡା, ସଞ୍ଜୀବ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ସହସମ୍ପାଦକ ବିଜୟାନନ୍ଦ ବାଗ, ଦେବେନ୍ଦ୍ର ବରୁଡ଼ୀ, କୋଷାଧକ୍ଷ ଭାବେ ଦେବାଶିଷ ମହାକୁର ଦାୟିତ୍ୱ ନିର୍ବାହ କରୁଛନ୍ତି। ଚକାଡୋଳା ଟେଣ୍ଟ ହାଉସ ପକ୍ଷରୁ ସାଜସଜ୍ଜା କରାଯାଇଛି । ମଙ୍ଗଳବାର ପବିତ୍ର ବିଜୟା ଦଶମୀ ଦିନ ଆକର୍ଷଣୀୟ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତବର୍ଷ ବିଶ୍ୱରଞ୍ଜନ ପୂଜାରୀ ଓ ତାଙ୍କ ସ୍ତ୍ରୀ କିରନ୍ ପୂଜାରୀ କର୍ତ୍ତାଭାବେ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ପ୍ରତ୍ୟହ ସନ୍ଧ୍ୟାରେ ଦର୍ଶକ ଓ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ପୂଜା କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।



ରୁଗୁଡିପଡା ଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରସ୍ତୁତ ଆକର୍ଷଣୀୟ ତୋରଣ।



ରୁଗୁଡିପଡାରେ ପୂଜା ପାଉଥିବା ଦେବୀ ଦୁର୍ଗା।

# ସରକାରୀ ସୁବିଧାରୁ ବଁଚିତ୍ ୨ ନିସାହା ମହିଳା

**ଲୋଇସିଂହା,୩।୧୦ (ଡି.ଏନ୍.ଏ.)**



ଗୋଲାପୀ ପଧାନ ଓ ରଇବାରି ପଧାନ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପତ୍ରପାଲି ଗାଁର ଦୁଇ ନିସାହା ମହିଲା ଭତା ଆର ଉନିଆ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇଥିବାର ଅଭିଯୋଗ ହେଇଛେ।

ସୂଚନା ହିସାବେ ଲୋଇସିଂହା ସଦର ପଁଚେତ୍ ଅଧୀନ ପତ୍ରପାଲି ବିଧବା ମହିଲା ଗୋଲାପୀ ପଧାନ(୪୯)। ଗଲା ବଛର ଆପ୍‌ନେ କୃଷ୍ଣ ପଧାନ କିଡ୍‌ନୀ ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ଗୋଲାପୀକଁର ୩ ପୁଓରୁ ଗୁଟେ ପୁଓ ବିହାତୁରା ହେଇ ଅଲଗେ ରହୁଥିଲାବେଲେ ଦୁଇ ପୁଓକୁ ନେଇ ଗୋଲାପୀ ରହୁଛନ୍। ସାନପୁଓ ବୈଶାଖୁ ଥାନୀଅ ହରେକୃଷ୍ଣ ମହତାବ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍। ଇଆଡ଼େ ଗୋଲାପୀ ଲକ୍ଷାଧିକ୍ ଟଁକା ଧାରଉଧାର କରି ଆପ୍‌ନେର ଚିକିଛା କରେଇ ଥିଲେ। ହେଲେ କିଛି ଲାଭ୍ ନାଇଁହେଲା। ଏହେଦେ ସେ କୁଲିମଜୁରି କରି ଦୁଇପୁଓକେ ପାଲୁଛନ୍। ଘରେ ଅଭାବ ଅନାଟନ ଲାଗିରହିଛେ। ଏନ୍‌ତା ପରିସ୍ଥିତିରେ ସେ ସାନ୍‌ପୁଓର ଲାଗି ବହିପତର ବି ଘିନିଦେଇ ନାଇଁପାରି। ଇ କଥା ଜାନଲା ଉତାରୁ କେହି ଝନେ ସହୃଦ୍ ଲୋକ୍ ବୈଶାଖୁକେ ଟେଷ୍ଟପେପର ଖଁଡ଼େ ଘିନିଦେଇଛନ୍। ଇଆଡ଼େ ଗୋଲାପୀ ଆପ୍‌ନେକେ ହରାବାର ବଛରେ ବିତିଯାଇଥିଲେ ବି ବିଧବା ଭତାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଇ ଗାଁର ଆର ଝନେ ନିସାହା ବୁଢୁଧ ରଇବାରି ପଧାନ(୬୯)। ସେ ବି ଅନେକ ଥର ପଁଚେତ୍‌ରେ ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ତାକର ପରିବାର କହେଲେ ଆପ୍‌ନେ ଶଙ୍କର ପଧାନ ଆର ଗୁଟେବଲି ପୁଓକେ ନେଇ ସଁସାର। ଆପ୍‌ନେ ଅନେକ ଦିନ୍ ହେଲା ରୋଗ୍ ପରଭାବରେ ଖଟେ ପଡ଼ି ରହିଛନ୍। ଟଁକା ପଏସା ଅଭାବୁ ତାକର ଚିକିଛା ବି ହେଇ ନାଇଁ ପାରବାର। ଏନ୍‌ତା ପରିସ୍ଥିତିରେ ଗଲା ଅଗଷ୍ଟ ମାସେ ହେଇଥିବାର ବରଷାରେ ତାକର ଘରଟା ବି ଭାଙ୍ଗି ଯାଇଛେ। ପରିବାରର ସାହାଭରସା କହେଲେ ପଁଚେତ୍‌ରୁ ମିଲୁଥିବାର ପିଡିଏସ୍ ଚାଉଲ ଦୁରାକ। ହେଲେ ସେଟା ବି ଗଲା ମାସଠାନୁ ଆଧାର ଲିଙ୍କ୍ ନାଇଁ ହେଇ ବଲି ବଁଦ୍ ହେଇଯାଇଥିବାର ରଇବାରି କହିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଦୁଇ ଦୁଖି ମହିଲାକୁଁ ଭତା ଆର ଉନିଆ ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।





ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୫-ଟି କର୍ମଶାଳା

**ବଲାଙ୍ଗୀର ଅଫିସ, ୩।୧୦**

ବଲାଙ୍ଗୀର ରାସ୍ତା ଓ କୋଠ ବିଭାଜନ ଅଫିସ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୫-ଟି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଯୋଜନାରେ ୫-ଟି ପ୍ରଚଳନ, ନିର୍ମାଣ ଶ୍ରମିକଙ୍କୁ ସରକାରୀ ସୁବିଧା ସୁଯୋଗ ମିଳିବା ଓ ଅନ୍ୟାନ୍ୟ ସଚେତନତା ନେଇ ସଭାରେ ଆଲୋଚନା ହୋଇଥିଲା। ସଭାରେ ଶ୍ରମ ବିଭାଗ ପକ୍ଷରୁ ସହକାରୀ ଶ୍ରମ କମିଶନର ସରୋଜ କୁମାର ରଞ୍ଜିତ, ଶ୍ରମ ଇନ୍ସପେକ୍ଟର ଦିବ୍ୟଶଙ୍କର ଧରୁଆ ଯୋଗଦାନ କରି ନିର୍ମାଣ ଶ୍ରମିକଙ୍କ ଯୋଜନା, ଶ୍ରମିକ କଲ୍ୟାଣ ପାଣ୍ଠି ସମ୍ପର୍କରେ କହିଥିଲେ। ଉପସ୍ଥିତ ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ମିଶ୍ର ଶ୍ରମିକ ପଞ୍ଜୀକରଣ ଓ ଏହାର ସୁଫଳ ଉପରେ କହିଥିଲେ। ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଠିକାଦାରମାନେ ସେମାନଙ୍କ ଶ୍ରମିକମାନଙ୍କୁ ଏନେଇ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶ୍ରମିକ ପଞ୍ଜୀକରଣ କରି ସେମାନେ ଯେପରି ଯୋଜନାର ଲାଭ ପାଇବେ ସେଦିଗରେ ପଦକ୍ଷେପ ନେବାକୁ କୁହାଯାଇଥିଲା । ପୂର୍ତ୍ତ ବିଭାଗର ବୀରେନ୍ଦ୍ର କୁମାର ବନ୍‌ଛୋର ସଭାକୁ ସଂଯୋଜନା କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଧନ୍ୟବାଦ ଦେଇଥିଲେ ।

# ତନ୍ତୁବାୟ ସହଯୋଗ ସମିତିର କର୍ମଶାଳା

**ଦେଓଗାଁ,୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀରେ ଗୁରୁବାର ବ୍ଲକ ସ୍ତରୀୟ ତନ୍ତୁବାୟ ସହଯୋଗ ସମିତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପାଟଖଣ୍ଡା ତନ୍ତୁବାୟ ସହଯୋଗ ସମିତି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଓଡିଶା ସରକାରଙ୍କ ବୁଣାକାର ସର୍ଭିସ ସେଣ୍ଟରର ବୈଷୟିକ ପରାମର୍ଶଦାତା ନଭନିତ ସିଂ ଶେଖାୱତ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବୟନଶିଳ୍ପ ନିର୍ଦ୍ଦେଶକ ଏସ.କେ. ପାତ୍ର ଯୋଗଦେଇ ବୁଣାକାରମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ବିଷୟରେ ଅବଗତ କରିଥିଲେ। ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ହୃଷିକେଶ ମାହାଲି, ବୁଣାକାର କ୍ଷେତ୍ରପରିଦର୍ଶକ ଜୟ ପ୍ରକାଶ ନାରାୟଣ ବିଶ୍ୱାଳ, ବୟନଶିଳ୍ପ ଇନ୍ସପେକ୍ଟର ବିନୟ କୁମାର ମହାନ୍ତି, ସୁବ୍ରଜିତ ସାହୁ, ସୁଦାମ ପଣ୍ଡା, ବୈଷୟିକ ସହଯୋଗୀ ଜୟଦେବ ମେହେର, ଆଇଜାକ ସୁନା ଓ ସୁରେନ୍ଦ୍ର କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଏହାର ସମାଧାନ ଦିଗରେ ପରାମର୍ଶ ଦେଇଥିଲେ । କେନ୍ଦ୍ର ସରକାରଙ୍କ ତରଫରୁ ବ୍ଲକର ୩୫୦ଜଣ ବୁଣାକାରଙ୍କୁ ବିଭିନ୍ନ ପ୍ରକାର ସହଯୋଗ ୩ ବର୍ଷ ପାଇଁ ୧କୋଟି ୬୨ ଲକ୍ଷ ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଥିଲା । କର୍ମଶାଳାରେ ସତୀଘାଟ, ଅର୍ଡା, ମୁରସିଂ, ଫପସି, ଜରାସିଂହା, ବଡ ଡୁଙ୍ଗରୀପାଲି, ସାଲେପାଲି, କୁଲିଆବାହାଲ, ଗଏଲପିଟା, ବରକାନୀସହାଡିସରା ଓ ନାଇକେନସିରା ଆଦିଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ଯୋଗଦେଇଥିଲେ।





ବରକାନୀରେ ଅନୁଷ୍ଠିତ ତନ୍ତୁବାୟ ସହଯୋଗ ସମିତି କର୍ମଶାଳାରେ ମଞ୍ଚାସୀନ ଅତିଥି।

# ବିଜେଡିର ପଦଯାତ୍ରା, ସଭ୍ୟ ସଂଗ୍ରହ ଅଭିଯାନ

**ଲୋଇସିଂହା,୩।୧୦(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଉପରବାହାଲ ଗ୍ରାମରେ ଲୋଇସିଂହା ବିଜେଡି ପକ୍ଷରୁ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଲାଲପଡ଼ା ଛକରୁ ପଦଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିଜୁ କୃଷକ ଜନତା ଦଳର ସମ୍ପାଦକ ରବିଚନ୍ଦ୍ର ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ବିଜେଡି ଯୁବସମ୍ପାଦକ ନୀହାର ରଞ୍ଜନ ବେହେରା ମୁଖ୍ୟଅତିଥି, ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ସରପଞ୍ଚ ସନ୍ତୋଷିନୀ ଜାଲ, ସମିତିସଭ୍ୟା ପଦ୍ମାବତୀ ବାହୁକ, ନେହେରୁ ବିଶ୍ୱାଳ, ରୋହିତ ପଶାୟତ, ନିରଞ୍ଜନ ବିଶ୍ୱାଳ, ସୁରେଶ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ସଭାରେ ସରକାରଙ୍କ ୫-ଟି ଉପରେ ଆଲୋଚନା ହୋଇଥିଲ। ପରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ୪୪ଜଣ ସକ୍ରିୟ ସଭ୍ୟ ଚୟନ କରାଯାଇଥିଲା। ଗୋଟିଏ ଦିନରେ ୧୫ ଶହ ସଭ୍ୟ ସଂଗ୍ରହ କରାଯାଇଥିବା ସୂଚନା ଦିଆଯାଇଛି।

# ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

**କଣ୍ଟାବାଞ୍ଜି, ୩।୧୦(ଡି.ଏନ.ଏ.)**

କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ରେନଡମ କ୍ୟୁଇଜ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତସଭାରେ ଅଧକ୍ଷତା କରି ଗାନ୍ଧୀଙ୍କ ଦେଶ ସ୍ୱାଧୀନତାରେ ବଳିଦାନ ବିଷୟରେ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛ ଭାରତ, ସ୍ୱଚ୍ଛ ଓଡିଶାକୁ ସମସ୍ତ ଛାତ୍ରୀମାନେ ପାଳନ କରିବା ପାଇଁ ଶପଥ ନେଇଥିଲେ। ଅଧ୍ୟାପିକା ସୁନନ୍ଦା ରଥ, କଲ୍ୟାଣୀ ମେହେର, ଲିପନିତା ପଧାନ, ନିରାବତୀ ପଧାନ, ଅଧ୍ୟାପକ ଯୁଧିଷ୍ଠିର ବେହେରା, ସୋମନାଥ ମେହେର ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଆମପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଶେଷରେ ଅଧ୍ୟାପକ ନେପାଲ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଜୁଡ଼ା ଜଙ୍ଗଲ ସୁରକ୍ଷାରେ ବନ୍ୟଜନ୍ତୁ ସୁରକ୍ଷିତ ରହିପାରିବେ

**ବଲାଙ୍ଗୀର ଅଫିସ,୩।୧୦**

ବଲାଙ୍ଗୀର ବନବିଭାଗ ତରଫରୁ ଗୁରୁବାର ପୂର୍ବାହ୍ନରେ ବିଷ୍ଣୁମୁଣ୍ଡାସ୍ଥିତ ଏକାଡ଼େମୀ ହାଇଟ ପବ୍ଲିକ ସ୍କୁଲରେ ୬୫ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା । ସ୍କୁଲ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ଼ ଧରି ସଚେତନତା ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ପରେ ସ୍କୁଲ ପରିସରରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା । ସ୍କୁଲ ନିର୍ଦ୍ଦେଶିକା ଅର୍ଚ୍ଚନା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ଼ିଏଫଓ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସମୀର କୁମାର ସତପଥୀ ମୁଖ୍ୟଅତିଥି, ଏସିଏଫ ବାବାଜୀ ଚରଣ ରାଉଳ, ସୋମନାଥ ବେହେରା, ରୋଟାରିଆନ ବିଷ୍ଣୁ ପ୍ରସାଦ କେଡ଼ିଆ, ସ୍କୁଲ ନିର୍ଦ୍ଦେଶକ ଅଜିତ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସଭାକୁ ଶିକ୍ଷୟିତ୍ରୀ ସୁସ୍ମିତା ଶର୍ମା ପରିଚାଳନା କରିଥିଲେ। ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଜିଲାର ଦୁଇ ପରିବେଶ କର୍ମୀ ସତ୍ୟ ସୁନ୍ଦର ଭଞ୍ଜ ଓ ଯୁଜେଷ୍ଟି ମେହେରଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରେଞ୍ଜର ବିଜୟ କୁମାର ଖୁଣ୍ଟିଆ, ବନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପଲିଥିନ ବର୍ଜନ ସଚେତନତା ଶୋଭାଯାତ୍ରା

**କଣ୍ଟାବାଞ୍ଜି, ୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି କନଫରେନ୍ସ ହଲରେ ବୁଧବାର ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସହରକୁ ପଲିଥିନ ମୁକ୍ତ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ପରେ ଏକ ସଚେତନତା ରାଲି ଏନଏସି ଅଫିସରୁ ବାହାରି ସହର ପରିକ୍ରମା କରିଥିଲା। ଏହି ରାଲିରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ମିଶ୍ର, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ସି.ଓ. ଜ୍ୟୋସ୍ନାମୟୀ ବାରିକଙ୍କ ସହ ୧୬ଟି ୱାର୍ଡର ସମସ୍ତ ନୋଡାଲ ଅଫିସର, କର୍ମଚାରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ।



ପ୍ଲାଷ୍ଟିକ ବର୍ଜନ ଶୋଭାଯାତ୍ରାରେ ସାମିଲ ଜନସାଧାରଣ।

# ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା

**ଗୁଡ଼ଭେଲା,୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଧରୁଆପଡାସ୍ଥିତ ପୂଜକଙ୍କ ଘରୁ ମନ୍ଦିର ଅଭିମୁଖେ ଛତ୍ର ଅଣାଯାଇଥିଲା । ଏକ ବିରାଟ ପଟୁଆରରେ ସହରର ମୁଖ୍ୟରାସ୍ତା ଦେଇ ମନ୍ଦିରକୁ ଛତ୍ର ନିଆଯାଇଥିଲା। ବରୁଆଙ୍କ ଦେହରେ ମା' ଆବିର୍ଭାବ ହୋଇ ଭକ୍ତଙ୍କ ଗୁହାରି ଶୁଣିଥିଲେ।

## ଗୃହ ପ୍ରବେଶ ଉତ୍ସବ

**ଲାଠୋର, ୩।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତରେ ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କ ନେତୃତ୍ୱରେ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତରଣୀ ସୁନା, ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ କୁମାର ପାଣି, ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ଡିପିସି ବନବିହାରୀ ମହାନନ୍ଦ, ମିଥୁନ କୁମାର ଗୁପ୍ତା, ଇଓ ପୃଥୀରାଜ ରାଉତ ଯୋଗଦେଇଥିଲେ। ଚାଉଳଡିଆ ଗ୍ରାମର କୌଶଲ୍ୟା ରଣା ଏବଂ ଝଲିଆଲିଟିର ମନବୋଧ ବାଗଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟାଦେଶର ୪ ମାସ ଭିତରେ କୌଶଲ୍ୟା ଏବଂ ୬ ମାସ ଭିତରେ ମନବୋଧ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାରୁ ଉଭୟଙ୍କୁ ୨୦ ହଜାର ଏବଂ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ହିତାଧିକାରୀମାନେ ଗୃହ ପ୍ରବେଶ କରିଥିଲେ।

# ବନ୍ଧପଡ଼ାରେ ଆଞ୍ଚଳିକ ଶାନ୍ତି ସୁରକ୍ଷା ମହାସଭା

**ଦେଓଗାଁ, ୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ପରିସରରେ ଗୁରୁବାର ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ମହାସଭା ଅନୁଷ୍ଠିତ ହୋଇଯାଇଛି । ମଧୁସୂଦନ ସିଂନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅମିତ ସିଂନିନା ପରିଚାଳନା କରିଥିଲେ। ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ଦିଗରେ ପ୍ରତ୍ୟେକ ଗାଁରେ ସଚେତନତା ସୃଷ୍ଟି କରି ଅପରାଧରୁ ଯୁବକମାନଙ୍କୁ ଦୂରେଇ ରହିବାପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ମହାସଭାରେ ଦେଷଣ୍ଡ, ସିଂହାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର, ଧଣ୍ଡାମାଲ, ସାରସମାଲ, ରାମଚନ୍ଦ୍ରପୁର, ଡୁମେରପିଟା ଆଦିପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟ ଓ ଗଉନ୍ତିଆ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ପୂର୍ବରୁ ୮ଟି ପଞ୍ଚାୟତର ୪୦ ଖଣ୍ଡ ଗ୍ରାମରେ ବୈଠକ କରାଯାଇଥିଲା। ପ୍ରତ୍ୟେକ ଗ୍ରାମରୁ ମନୋନୀତ ତିନି ଜଣ ଲେଖାଏଁ ସଭ୍ୟଙ୍କୁ ବୈଠକରେ ଗଠିତ କମିଟିରେ ରଖାଯାଇଥିଲା । ଉପସ୍ଥିତ ସଦସ୍ୟମାନଙ୍କ ସମ୍ମତିକ୍ରମେ ଏକ ଅସ୍ଥାୟୀ କମିଟୀ ଗଠନ କରାଯାଇଥିଲା । ଏଥିରେ ସଭାପତି ବନ୍ଧପଡାର ମଧୁସୂଦନ ସିଂନିନା, ଘାଟୁଲ ଗଉନ୍ତିଆ ଦୟାନିଧି କଅଁର ଉପସଭାପତି, କାନ୍ତେଶ୍ୱର ପଧାନ ସମ୍ପାଦକ, ଅଚ୍ୟୁତ ମିଶ୍ର ସହ ସମ୍ପାଦକ ଓ କୋଷାଧକ୍ଷ ଭାବେ ଅମିତ ସିଂନିନାଙ୍କୁ ମନୋନୀତ କରାଯାଇଛି । ବୈଠକରେ ଯୋଗଦେଇ ବନ୍ଧପଡା ଫାଣ୍ଡି ଅଧିକାରୀ କମଲ ଲୋଚନ ମାଝୀ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବରିଷ୍ଠ ନାଗରିକରେ ପଞ୍ଜୀକୃତ ହେବାକୁ ଆହ୍ୱାନ ଦେଇଥିଲେ।



ବନ୍ଧପଡାରେ ଅନୁଷ୍ଠିତ ଶାନ୍ତି ଓ ସୁରକ୍ଷା ମହାସଭାରେ ଉପସ୍ଥିତ ଜନସାଧାରଣ।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

***Secretary***
***Women's College, Birmaharajpur***

LAND / PLOTS FOR SALE
**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)**
**For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**
ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଢ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଆହତ

**ଭବାନୀପାଟଣା,୩।୧୦(ଡି.ଏନ.ଏ.)-** ସଦର ବ୍ଲକ ଭବାନୀପାଟଣା ଖରିଆର ରାସ୍ତା ମାଣିଙ୍ଗ ଗ୍ରାମ ନିକଟରେ ଗତ ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ି (ନଂ. ଓଡି୦୮ଇ୦୦୯୯) ୨ ଜଣ ବ୍ୟକ୍ତିଙ୍କୁ ଧକ୍କା ଦେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରେ ଜଣେ ଯୁବକ ମୋହନ ମାଝି (୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ହୃଦୟ ମାଝି (୨୪) ଗୁରୁତର ଆହତ ହୋଇ ଭବାନୀପାଟଣା ମୁଖ୍ୟଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗାଡି ମାଲିକ ଜିତେନ୍ଦ୍ର ପାଲ ବୋଲି ଜଣାପଡିଛି । ଦୁର୍ଘଟଣାସ୍ଥଳରେ ଖବର ଲେଖାଯିବା ପର୍ଯ୍ୟନ୍ତ ଗ୍ରାମବାସୀ ଭବାନୀପାଟଣା ଖରିଆର ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିବା ଯୋଗୁ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଘଟଣାସ୍ଥଳକୁ ଭବାନୀପାଟଣା ତହସିଲଦାର ପୋଲିସ ସହାୟତାରେ ଯାଇ ରାସ୍ତା ଅବରୋଧକାରୀମାନଙ୍କୁ ବୁଝାଶୁଝା କରୁଥିବା ଜଣାପଡିଛି । ଏ ନେଇ କର୍ଲାପଡା ଫାଣ୍ଡିରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ବଜ୍ରପାତରେ ୪ ଗୁରୁତର

**ଖଡିଆଳ,୩।୧୦ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ଏନଏସି ୱାର୍ଡ ନଂ. ୩ ବାଙ୍ଗଟିପଡାର ବୁଧବାର ବଜ୍ରପାତରେ ୪ ଯୁବକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ୪ଜଣ ହେଲେ ଖଡିଆଳର ମଣ୍ଟୁ ସାନୁ, ଗୋପାଳ ଦଣ୍ଡସେନା, ସୁଜିତ ଦୁର୍ଗା ଓ ପୁରୁଷୋତ୍ତମ ଦୁରିଆ । ସେମାନଙ୍କୁ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧରୁ ମଣ୍ଟୁ ସୁନା ଓ ଗୋପାଳ ଦଣ୍ଡସେନାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଅପରାହ୍ନରେ ଏମାନେ ସମସ୍ତେ ଖଡିଆଳସ୍ଥିତ ବିଶି ବନ୍ଧକୁ ଗାଧୋଇବାକୁ ଯାଉଥିବା ବେଳେ ପ୍ରବଳ ବର୍ଷା ସାଙ୍ଗକୁ ଘଡଘଡ଼ି ହୋଇଥିଲା । ସେମାନେ ଗୋଟିଏ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ ।



### ପଥର କ୍ରଶରରେ ଶ୍ରମିକଙ୍କ ହାତଗଣ୍ଡି ଅଲଗା

**କେସିଙ୍ଗା,୩।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିଙ୍ଗଝରଣ ଗ୍ରାମରେ ଥିବା ପଥର କ୍ରଶରରେ ଗୁରୁବାର ଅପରେଟର୍ ଭାବେ କାମ କରୁଥିବା ଜଣେ ଶ୍ରମିକଙ୍କ ହାତ ଗଣ୍ଡି ଅଲଗା ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କେସିଙ୍ଗାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନେରକେଲା ଗ୍ରାମର ମୋହନ ବାଗ (୫୫) ଦୀର୍ଘ ଦିନରୁ ସେହି ପଥର କ୍ରଶରରେ ଅପରେଟର ଭାବେ କାମ କରୁଥିଲେ। କ୍ରଶର ବେଲଟ ମରାମତି କରୁଥିବା ବେଳେ ଚାଲୁଥିବା ମେସିନ ଉପରେ ପଡି ଯାଇଥିଲେ । ଘଟଣା ସ୍ଥଳରେ ହିଁ ହାତ କଟି ଯାଇଥିଲା । ତୁରନ୍ତ କେସିଙ୍ଗାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ମୋହନ ଗୁରୁତର ହେବାରୁ ଭବାନୀପାଟଣାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି । କେସିଙ୍ଗା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ମୋହନଙ୍କ ପରିବାର ପକ୍ଷରୁ କେସିଙ୍ଗା ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡିଛି ।

### ପିତୃମାତୃ ସମ୍ମିଳନୀ

**ବୋଡେନ,୩।୧୦(ଡି.ଏନ.ଏ.)-** ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଦଣ୍ଡେଇବସା ଅଷ୍ଟପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୋହିତ କୁମାର ସାମନ୍ତ, ଅନ୍ୟତମ ଅତିଥି ଭାବରେ ନୂଆପଡା ଜିଲା ବିଭାଗ ପ୍ରମୁଖ ତଥା ଅଧ୍ୟାପକ ଗୟାଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜନେଶ୍ୱର ସିଂ ମଲ୍ଲିକ, ଉପସଭାପତି କବିଧର ମାଝି, ସମ୍ପାଦକ ହରିସିଂ ମାଝି, ସହସମ୍ପାଦକ ଟିକେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ଅତିଥିମାନଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ। କୁନି କୁନି ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଗୁରୁଜୀ ଗୁରୁମା'ଏବଂ ବହୁ ସଂଖ୍ୟାରେ ମାତୃପିତୃ ଯୋଗଦାନ କରିଥିଲେ।

# ୨୯ ବର୍ଷରେ ନୀଳଜୀ ଦୁର୍ଗାପୂଜା

**ସିନାପାଲି,୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ନୀଳଜୀ ଗ୍ରାମରେ ସାମୁହିକ ଦୁର୍ଗାପୂଜା ଚଳିତବର୍ଷ ୨୯ ବର୍ଷରେ ପଦାର୍ପଣ କରିଛି । ଚଳିତବର୍ଷ ମା' ଦୁର୍ଗାଙ୍କ ଦଶ ଅବତାର ରୂପ ପୂଜା ପାଉଛନ୍ତି । ସିନାପାଲି ଅଞ୍ଚଳର କେବଳ ଏହି ଗ୍ରାମରେ ନବଦୁର୍ଗା ପୂଜା କରାଯାଉଥିବାରୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଭଜନ ମଣ୍ଡଳୀ ଦ୍ୱାରା ଭଜନ ସଂକିର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମୁଖ୍ୟପୂଜକ ଭାବେ ଧବଳେଶ୍ୱର ପୁରୋହିତ ଦାୟୀତ୍ୱ ନିର୍ବାହ କରୁଥିବା ବେଳେ ସାଥି ପୂଜକମାନେ ସହଯୋଗ କରୁଛନ୍ତି । ମୁଖ୍ୟକର୍ତ୍ତା ଭାବେ ଦିଗାମ୍ବର ପ୍ରଧାନ, ରିତା ପ୍ରଧାନ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟକର୍ତ୍ତା ଭାବରେ ଗୌରଚନ୍ଦ୍ର ସା, ଜ୍ୟୋସ୍ନା ସା, ରମେଶ ସା, କମଳିନୀ ସା, ଯୁଧିଷ୍ଠିର ପ୍ରଧାନ, ଗୋଲାପୀ ପ୍ରଧାନ, ଘନଶ୍ୟାମ ସା, ଚନ୍ଦ୍ରିକା ସା, କ୍ଷିତିରାମ ନିଆଲ, ରିତା ନିଆଲ, ନବକୃଷ୍ଣ ପ୍ରଧାନ, ପଙ୍କଜିନୀ ପ୍ରଧାନ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ପ୍ରତ୍ୟହ ରାତିରେ ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାରିତ ନାଟକ ଲୋକମାନଙ୍କ ମନମୋହୁଛି । ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ନୀଳଜୀ ଗାଁ ଝଲସି ଉଠୁଥିବା ବେଳେ ଗାଁର ସମସ୍ତେ ଏକତା ସୂତ୍ରରେ ବାନ୍ଧିହୋଇ ପୂଜା କାର୍ଯ୍ୟରେ ସାମିଲ ହୋଇଛନ୍ତି । ପ୍ରତ୍ୟହ ମା' ଦେବୀଙ୍କ ନିକଟରେ ଭୋଗ ଲାଗି କରାଯାଉଥିବା ବେଳେ ସନ୍ଧ୍ୟା ଆଳତୀରେ ଗ୍ରାମର ସମସ୍ତେ ସାମିଲ ହୋଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ନୀଳଜୀ ନବଦୁର୍ଗା ମୂର୍ତ୍ତି କଟକ ସହରର ସଞ୍ଜୟ ବେହେରା ନିର୍ମାଣ କରିଛନ୍ତି । ଯାହା ଜୀବନ୍ତ ସଦୃଶ୍ୟ ହୋଇ ପାରିଛି। ସାଗୁନଭାଡିର ବୃନ୍ଦା ପାତ୍ର ତୋରଣ ଆଲୋକ ସାଜସଜ୍ଜା ନିର୍ବାହ କରୁଛନ୍ତି । ଦୁର୍ଗାପୂଜା ପାଳନ କମିଟି ସଭାପତି ଭାବେ ଅଶ୍ୱିନୀ କୁମାର ପ୍ରଧାନ, ସମ୍ପାଦକ ଭାବେ ମୋହିତ ସା, କୋଷାଧକ୍ଷ ଭାବେ ସୁଶାନ୍ତ ପ୍ରଧାନଙ୍କ ସମେତ ନନ୍ଦିଘୋଷ ପ୍ରଧାନ, ହରେକୃଷ୍ଣ ସା, ସନ୍ତୋଷ ସା, ଚତୁର ସା, ଟେକରାମ ମାଝି, ରୋହିତ ପ୍ରଧାନ, ରୋମାନ ମାଝି, ତରୁଣ ସା, ଅରବିନ୍ଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରୁଛନ୍ତି ।



ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

- ନବଦୁର୍ଗା ପୂଜାରେ ଝଲସୁଛି ଗାଁ
- ମନମୋହୁଛି ଆଞ୍ଚଳିକ ନାଟକ

# ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ଖଡିଆଳ,୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବନାଞ୍ଚଳ ପକ୍ଷରୁ ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି । ଏହା ୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୮ ତାରିଖରେ ଉଦଯାପିତ ହେବ। ଗୁରୁବାର ଖଡିଆଳ ବନାଞ୍ଚଳ ପକ୍ଷରୁ ଖଡିଆଳ ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ର ଓ ବନବିଭାଗ କର୍ମଚାରୀମାନେ ମିଳିତ ଭାବେ ଖଡିଆଳ ଡିଏଫଓଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ବନ୍ୟପ୍ରାଣୀ ସୁରକ୍ଷା ଓ ପଲିଥିନ ବ୍ୟବହାର ବନ୍ଦ କରିବା ନେଇ ଲୋକଙ୍କୁ ସଚେତନ କରିଥିଲେ। ଖଡିଆଳ ବନାଞ୍ଚଳ ସଭାଗୃହଠାରେ ଖଡିଆଳ ରେଞ୍ଜର ସଦାନନ୍ଦ ସୁନାନୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଖଡିଆଳ ବନଖଣ୍ଡ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର, ଖଡିଆଳ କଲେଜ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ମିଶ୍ର, କୁନୁ କରୁଆଁ, ଶିକ୍ଷାବିତ ସୁଭ୍ରାଂଶୁ ଶେଖର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟଜନ୍ତୁଙ୍କୁ କିପରି ସୁରକ୍ଷା ଦେଇହେବ ଏବଂ ଜୈବ ବିବିଧତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସଭାରେ ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବନରକ୍ଷୀ ମହାଦେବ ବନଛୋର ଧନ୍ୟବାଦ ଜଣାଇଥିଲେ ।




ଛାତ୍ରୀଛାତ୍ର ଓ ବନବିଭାଗ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।



ରାଜ୍ୟପାଳ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# କବିତା ପୁସ୍ତକ ଉନ୍ମୋଚନ

**ନୂଆପଡା ଅଫିସ,୩।୧୦**

ନୂଆପଡା ଜିଲାର ବିଶିଷ୍ଟ କବୟିତ୍ରି ଡ. ଗିତାଶ୍ରୀ ପ୍ରିୟମ୍ବଦାଙ୍କ ଦୁଇଟି କବିତା ପୁସ୍ତକ ଶ୍ୟାମଳ ଶୂନ୍ୟତା ଏବଂ ଶ୍ରାବଣୀର ସ୍ୱପ୍ନକୁ ରାଜ୍ୟପାଳ ଶ୍ରୀଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜଭବନରେ କବୟିତ୍ରିଙ୍କ ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଡ. ଫନି ମହାପାତ୍ର, ପ୍ରକାଶକ ପ୍ରଦୀପ୍ତ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, କବୟିତ୍ରୀ ପ୍ରିୟମ୍ବଦା ନୂଆପଡ଼ା ଜିଲା ଖଡିଆଳ ସ୍ୱଂୟ ଶାସିତ କଲେଜ ଶିକ୍ଷା ବିଭାଗରେ ଅଧ୍ୟାପନା କରନ୍ତି । ବର୍ତ୍ତମାନ ଏହି ଦୁଇଟି ପୁସ୍ତକ ଉନ୍ମୋଚନ ପରେ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମିଶ୍ର, ନୂଆପଡା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ସଭାପତି ମାୟାଧର ସରାଫ, ଯୁବ କବି ଗୌରାଙ୍ଗ କୁମାର ସାହୁ, ଗାଳ୍ପିକା ପ୍ରଭାସିନି ପାଢୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ରାଜ୍ୟରେ ଏମ୍ଏସ୍ଏମ୍ଇ ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

ରାଜ୍ୟରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ(ଏମ୍ଏସ୍ଏମ୍ଇ)ର ଉନ୍ନତି ପାଇଁ କେନ୍ଦ୍ରୀୟ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ପକ୍ଷରୁ ୬୦ କୋଟି ଟଙ୍କାର ଆର୍ଥିକ ସହାୟତା ଅନୁମୋଦନ କରାଯାଇଛି। ଏହି ଅର୍ଥରେ ରାଜ୍ୟରେ ୩ଟି ବୈଷୟିକ ଦକ୍ଷତା ବୃଦ୍ଧି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ବ୍ୟତୀତ ରାଜ୍ୟରେ ପୁରାତନ ଶିଳ୍ପର ୩୪ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମଧ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଏମ୍ଏସ୍ଏମ୍ଇ କ୍ଷେତ୍ରରେ ନିକଟ ଭବିଷ୍ୟତରେ ପ୍ରାୟ ୧୨୦ କୋଟି ଟଙ୍କାର ନିବେଶ ଦେଖିବାକୁ ମିଳିବ। ରାଜ୍ୟର ୩ଟି ସ୍ଥାନ(ବ୍ରହ୍ମପୁର,ଭବାନୀପାଟଣା ଓ କେନ୍ଦୁଝର)ରେ ଦକ୍ଷତା ବୃଦ୍ଧି କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଛି। ନିକଟରେ କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ରାଜ୍ୟକୁ ଅବଗତ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ହିଁ ଏହି କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ମହାବିଦ୍ୟାଳୟସ୍ତରୀୟ ଯୁବ ରେଡ୍କ୍ରସ୍ ଶିବିର

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ରହିଛି

**ନୂଆପଡା ଅଫିସ, ୩।୧୦**

ସ୍ଥାନୀୟ ମହାମାୟା କଲେଜରେ ଚାଲିଥିବା ମହାବିଦ୍ୟାଳୟସ୍ତରୀୟ ଯୁବ ରେଡକ୍ରସ ଶିବିର ଉଦ୍ଯାପିତ ହୋଇଯାଇଛି। ଏହି ଦିନ ମହାମାୟା କଲେଜରୁ ଛାତ୍ରୀଛାତ୍ରମାନଙ୍କ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ କଲେଜରେ ଉଦ୍ଯାପନୀ ଉତ୍ସବରେ ମହାମାୟା କଲେଜ ଅଧ୍ୟକ୍ଷ ଛବି ମେହେର ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ମୁଖ୍ୟ ଅତିଥି, ଜିଲା ରେଡକ୍ରସ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ, ମହାମାୟା କଲେଜ ସଂଯୋଜକ ଆଶୀକ ରହେମାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବକ୍ତାମାନେ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବହୁଲୁକ୍କାୟିତ ପ୍ରତିଭା ସବୁ ରହିଛି। ସେଗୁଡିକୁ ବାହାର କରିବାକୁ ଦରକାର ଅଛି। ଏଥିପାଇଁ ଏହି ଶିବିରର ଆବଶ୍ୟକତା ରହିଛି ବୋଲି କହିଥିଲେ। ୩ ଦିନ ଧରି ଚାଲିଥିବା ଶିବିରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟାପକ ରମେଶ କୁଅଁର ସଂଯୋଜନା କରିଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବହୁ ବଛା ବଛା କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# କଳାହାଣ୍ଡି ଜିଲାପାଳଙ୍କୁ ମାନବାଧିକାର କମିଶନଙ୍କ ସମନ

**ଭବାନୀପାଟଣା,୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଇଚ୍ଛାପୁର ଗାଁର ଅରୁଣ ପାତ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀ ପାତ୍ର, ତାଙ୍କ ନାବାଳିକା ଝିଅ ଶୁଭ ପାତ୍ର ଓ ଅନ୍ୟ ୫ ଜଣ ଦାଦନ ଶ୍ରମିକ ୨୦୧୮ ଅକ୍ଟୋବରରୁ ସିକନ୍ଦରାବାଦ ଜିଲାର ଦଣ୍ଡେଇକେଲ ଇଟାଭାଟିରେ ବନ୍ଧକ ଥିବା ଓ ନିର୍ଯାତିତ ହେଉଥିବା ବାବଦରେ ଧାର୍ଯ୍ୟ ସମୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରି ନ ଥିବାରୁ କଳାହାଣ୍ଡି ଜିଲାପାଳଙ୍କୁ ଜାତୀୟ ମାନବ ଅଧିକାର କମିଶନ ସମନ ଜାରି କରିଛନ୍ତି । ଗତ ଜାନୁୟାରୀରେ ଏବାବଦରେ ଆଗତ ମାମଲାରେ ଜାତୀୟ ମାନବାଧିକାର କମିଶନ ୨୮ ଜାନୁୟାରୀ ୨୦୧୯ରେ ନୋଟିସ ଜାରି କରି କଳାହାଣ୍ଡି ଜିଲାପାଳଙ୍କଠାରୁ ୧ ମାର୍ଚ୍ଚ ୨୦୧୯ ସୁଦ୍ଧା ରିପୋର୍ଟ ମାଗିଥିଲେ। କିନ୍ତୁ ଏହି ରିପୋର୍ଟ କଳାହାଣ୍ଡି ଜିଲାପାଳ ଆଜିସୁଦ୍ଧା ଦାଖଲ କରି ନ ଥିବାରୁ ଜାତୀୟ ମାନବାଧିକାର କମିଶନ ଅସନ୍ତୋଷ ପ୍ରକାଶ କରିବା ସହିତ ୩୦ ସେପ୍ଟେମ୍ବର ୨୦୧୯ରେ ସମନ ଜାରି କରି ଆସନ୍ତା ୩୧ ଡିସେମ୍ବର ୨୦୧୯ରେ ବ୍ୟକ୍ତିଗତ ହାଜର ହୋଇ ତଥ୍ୟ ଉପସ୍ଥାପନ କରିବାକୁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ତ୍ତମୂଳକ ଭାବେ ଯଦି ଉକ୍ତ ରିପୋର୍ଟ ୨୪ ଡିସେମ୍ବର ସୁଦ୍ଧା ଦାଖଲ କରନ୍ତି ତେବେ ୩୧ ଡିସେମ୍ବର ବ୍ୟକ୍ତିଗତ ହାଜିରାରୁ କ୍ଷ୍ୟାନ୍ତି ମିଳିବ ବୋଲି ମଧ କହିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: ବିନପୁର ଚାମ୍ପିୟନ

**ବୋଡେନ,୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଟେମରି (ଦଣ୍ଡେଇବସା) ଚାରିଛକ ଖେଳ ପଡିଆଠାରେ ଗତ ୨୪ ତାରିଖରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଫାଇନାଲ ଖେଳ ବିନପୁର ଓ ଫରସରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିନପୁର ଦଳ ଫରସରା ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ଅର୍ଜନ କରିଥିଲା । ଚାମ୍ପିୟନ ବିନପୁର ଦଳକୁ ୧୨, ୨୨୨ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଫରସରା ଦଳକୁ ୮୮୮୮ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ ଅଷ୍ଟପଲ୍ଲି ଯୁବକ ସଂଘ ଦ୍ୱାରା ଅୟୋଜନ କରାଯାଇଥିଲା। ଉଦ୍ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରୋହିତ କୁମାର ସାମନ୍ତ, ଫାରୁକ ମହମ୍ମଦ, ସୌଦାଗର ସାହୁ, ଯୋଗେନ୍ଦ୍ର ସିଂ ନିନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଖେଳକୁ ତାପସ ପତି ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ନରେଶ ତାଣ୍ଡି ଓ ଘଂଟେଶ୍ୱର ମାଝି ଧାରାବିବରଣି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ କମିଟି ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା, ସଦସ୍ୟତା ଅଭିଯାନ

**ଖଡିଆଳ,୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଖଡିଆଳ ସହରରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଆରମ୍ଭ ହୋଇଯାଇଛି । ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ଲମ୍ବୋଧର ନିଆଳଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଓ ନୂତନ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ଏଥିରେ ନୂଆପଡା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଜେଡି ନେତା ଓ କର୍ମୀମାନେ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ପରେ ସ୍ଥାନୀୟ ବସଷ୍ଟାଣ୍ଡ କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ପର୍ଯ୍ୟବେକ୍ଷକ ନାୟକ, ଜିଲା ସାଧାରଣ ସମ୍ପାଦକ ନିଆଲ, ଖଡିଆଳ ନଗର ସଭାନେତ୍ରୀ ମମତା ମଞ୍ଜୁରୀ ଥଫା, ଜିଲା ବିଜେଡି ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଜିଲା ପରିଷଦ ସଭ୍ୟା ସନ୍ତୋଷିନୀ ସଲମା, ଖଡିଆଳ ଏନଏସିର ପୂର୍ବତନ ଅଧ୍ୟକ୍ଷା ଖୁଲଣା ବେହେରା, ବିଜେଡି ଜିଲା ଉପସଭାପତି ୟାସିନ ମହମ୍ମଦ ପ୍ରମୁଖଙ୍କ ସହିତ ଶହ ଶହ ମହିଳା କର୍ମୀ ଉପସ୍ଥିତ ଥିଲେ । ଖଡିଆଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳକୁ ମଜଭୁତ କରିବା ସହିତ ଆଗାମୀ ପୌର ପରିଷଦ ନିର୍ବାଚନରେ ଖଡିଆଳ ଅଧକ୍ଷ ପଦକୁ ଦଖଲ କରିବାକୁ ସମସ୍ତେ ସଂକଳ୍ପ ନେଇଛନ୍ତି । ଖଡିଆଳ ବିଜେଡି ନଗର ସଭାପତି ଦୀପକ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବୋଡେନ, (ଡି.ଏନ.ଏ.): ବୋଡେନ ବ୍ଲକ ପଲସଦା ପଞ୍ଚାୟତ କାଦୋପଡାଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଆରମ୍ଭ କରାଯାଇଛି। ଏଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଜିଲା ପରିଷଦ ସଦସ୍ୟ ଶ୍ରୀକାନ୍ତ ସିଂମାଝି, ବୋଡେନ ସରପଞ୍ଚ ନୃପରାଜ, ମିନତି କାଣ୍ଡ, ସରସ୍ୱତୀ ବାଗ, ଜାନକୀ ଦଳ, ଶ୍ୟାମସୁନ୍ଦର ବେହେରା, ଲୋକନାଥ ଛତ୍ରିଆ, ନିମାଁଇ ଚରଣ ବେହେରା, ତୋସକୁମାର ମାଝି, ବୈଷ୍ଣବ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପଦଯାତ୍ରାରେ ବିଜେଡିର ବହୁ ମହଳା ଓ ପୁରୁଷ କର୍ମକର୍ତ୍ତା ସାମିଲ ଥିଲେ।




ଖଡିଆଳ ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

***Secretary***
***Women's College, Birmaharajpur***

LAND / PLOTS FOR SALE
**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)**
**For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**
ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଓଷ୍ଟା ବଲାଙ୍ଗୀର ଜୋନାଲ ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗୀର ଅଫିସ, ୩।୧୦:** ବଲାଙ୍ଗୀର ଜିଲାର ବରଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଓଷ୍ଟା ଜୋନାଲ ସମ୍ବିଧାନିକ କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଛି । ଏଥିରେ ସୁରେଶ କୁମାର ଷଡଙ୍ଗୀ ସଭାପତି, ସୁରେନ୍ଦ୍ର କୁମାର ନାଥ ଉପସଭାପତି, ଶଙ୍କର ପ୍ରସାଦ ମିଶ୍ର ସମ୍ପାଦକ, ସୁଧାନିଧି ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ର ସହସମ୍ପାଦକ, ସଞ୍ଜୟ କୁମାର ତ୍ରିପାଠୀ ଓ ଅନୀଲ କୁମାର ସାହୁ ରାଜ୍ୟ କାଉନସିଲ ମେମ୍ବର, ସର୍ଜନ ପଟେଲ, ଲଲାଟ କେଶରୀ ପ୍ରଧାନ, ଇନ୍ଦ୍ରମଣି ସାହୁ ଓ ଜଗନ୍ନାଥ ସାହୁ ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ କାର୍ଯ୍ୟକ୍ରମରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ପାଣିଗ୍ରାହୀ, ଜିଲା ଓଷ୍ଟା ସଭାପତି ଛାୟାକାନ୍ତ ସାହୁ ଓ ସମ୍ପାଦକ କୁଶଧ୍ୱଜ ସାହୁ, ଆଗଲପୁର ଜୋନାଲ ସମ୍ପାଦକ ତାରାକାନ୍ତ ମିଶ୍ର ଓ ପାଟଣାଗଡ ଓଷ୍ଟା ଜୋନାଲ ସମ୍ପାଦକ ସଞ୍ଜୀବ ହୋତା ଯୋଗ ଦେଇଥିଲେ ।

# ମୋବାଇଲ ଚୋରି ର୍ୟାକେଟର ୪ ଗିରଫ

**ମୁରିବାହାଲ, ୩।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପୋଲିସ ମୋବାଇଲ ଲୁଟ ର୍ୟାକେଟର ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରାଯାଇଛି। ଲୁଟ୍ ସମ୍ପର୍କରେ ପଚରାଉଚରା ପରେ ଗୁରୁବାର ଅପରାହ୍ନରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୩ଜଣ ଲୁଟେରା ଓ ଅନ୍ୟ ଜଣେ କ୍ରେତା ରହିଛନ୍ତି । ସେମାନେ ହେଲେ ଖଜୁରପଡାର ମୁଖ୍ୟ ଅଭିଯୁକ୍ତ ମକୁନ୍ଦ ବାଗ, ତାଙ୍କର ୨ସହଯୋଗୀ ସୂରଜ ମହାନନ୍ଦ ଓ ଭାଗ୍ୟସର ପୁଟେଲ ଏବଂ ଚୋରି ମୋବାଇଲ କ୍ରୟ କରିଥିବା ସଇଁତଲା ଥାନା ଫପସି ଗ୍ରାମର ସୁଦାମ ମହାନନ୍ଦ।



ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ହାଜର କରିଛି।

ଏ ନେଇ ମୁରିବାହାଲ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର। ତାଙ୍କ ସୂଚନା ଅନୁଯାୟୀ ୨୦୧୯ ଅଗଷ୍ଟ ୩୦ତାରିଖରେ ମୁରିବାହାଲ ଥାନା ହଳଦୀ ଗ୍ରାମର ଆଲବମ୍ ଅଭିନେତା ଜିତେନ୍ଦ୍ର କୁମ୍ଭାରଙ୍କର ମୋବାଇଲ ହାଇସ୍କୁଲ ଖେଳ ପଡିଆ ନିକଟରେ ଲୁଟ ହୋଇ ଯାଇଥିଲା । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା । ଟାକ୍ରିଂ କରିବା ପରେ ମୁଖ୍ୟ ଅଭିଯୁକ୍ତ ଖଜୁରପଡାର ମକୁନ୍ଦ ବାଗଙ୍କୁ ପୋଲିସ ଧରିଥିଲା । ଏହି ଲୁଟ୍‌ରେ ତାଙ୍କୁ ସହଯୋଗ କରିଥିବା ସୂରଜ ମହାନନ୍ଦ ଓ ଭାଗ୍ୟସର ପୁଟେଲଙ୍କୁ ଗିରଫ କରିଥିଲା ପୋଲିସ। ଅଭିଯୁକ୍ତ ମାନଙ୍କଠାରୁ

- ୩ ମୋବାଇଲ, ୧ ବାଇକ ଜବତ
- ମୋବାଇଲ ଟାକ୍ରିଂ କରି ଅଭିଯୁକ୍ତଙ୍କୁ ଧରିଲା ପୋଲିସ
- . ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସୂଚନା
- ଆଲବମ୍ ଅଭିନେତାଙ୍କ ମୋବାଇଲ ଲୁଟ୍‌ରୁ ଖୋଲିଲା ଗୁମର

୩ଟି ରେଡମି, ଅପୋ ଓ ଏମଆଇ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ବାଇକ ନଂ.ଓଡି ୦୩ ଏଲ-୬୧୨୪ କୁ ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ମୁରିବାହାଲ ଥାନାରେ ଦଫା, ୩୭୯, ୩୯୨, ୪୧୧ରେ ଏକ ମାମଲା (ନଂ. ୧୧୨/୧୯) ରୁଜୁ କରାଯାଇଛି । ଉକ୍ତ ମୋବାଇଲଗୁଡିକକୁ କ୍ରୟ କରିଥିବା ଫପସି ଗ୍ରାମର ସୁଦାମ ମହାନନ୍ଦଙ୍କୁ ମଧ୍ୟ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମକୁନ୍ଦ ବାଗଙ୍କ ନାମରେ ପୂର୍ବରୁ ଟିଟିଲାଗଡ, କଣ୍ଟାବାଞ୍ଜି, ସଇଁତଲା, କଳାହାଣ୍ଡି ଜିଲାର କେସିଙ୍ଗା ଓ କେଗାଁ ପ୍ରଭୃତି ଥାନାରେ ଏକାଧିକ ମାମଲା ରହିଥିବା ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ମୁରିବାହାଲ ଥାନା ଅଧିକାରୀ ରଞ୍ଜନ କୁମାର ବରିଆ ଓ ଏସଆଇ ସରୋଜରଞ୍ଜନ ରଥ ଉପସ୍ଥିତ ଥିଲେ ।



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମର ଆରାଧ୍ୟ ଦେବୀ କୁଶଙ୍ଗାଇ ଗୁରୁବାର କାଳୀବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।



ଗଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟରେ ପୂଜାର୍ଚ୍ଚନା କରାଯାଉଛି।

# ୪୫୦୦ଘର ଗଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ

**ଦେଓଗାଁ,୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଗୁରୁବାର ଅପରାହ୍ନରେ ୪୫୦୦ଘର ଗଣ୍ଡ ସମାଜର ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହସମ୍ପାଦକ ସୁରଥ ଧରୁଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ସମ୍ମାନୀତ ଅତିଥିଭାବେ ଜିଲା ସମ୍ପାଦକ ରାମଚନ୍ଦ୍ର ଧରୁଆ, ଦେଓଗାଁ ବ୍ଲକ ସଭାପତି ସୁଦାମ ଚରଣ ଭୋଇ. ସଇଁନ୍ତଲା ବ୍ଲକ ସଭାପତି ସନ୍ତୋଷ କୁମାର ପୁଟା, ସମ୍ପାଦକ ଟଙ୍କଧର ଧରୁଆ, ଗୁଡଭେଲା ବ୍ଲକ ସଭ୍ୟ ହାଡୁ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ବୁଢ଼ାଦେଓଙ୍କ ପୂଜନୋତ୍ସବ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପରିପେକ୍ଷୀରେ ଅତିଥିବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜର ବିକାଶ ପାଇଁ ସମସ୍ତେ ଏକଜୁଟଭାବେ କାର୍ଯ୍ୟ କରିବାପାଇଁ ଅତିଥିବୃନ୍ଦ ଆହ୍ୱାନ କରିଥିଲେ । ପରେ ସମାଜର ଭଉଣୀ ଭାଇମାନଙ୍କ ଦ୍ୱାରା ପାରମ୍ପରିକ ସାଂସ୍କୃତିକ ନୃତ୍ୟ, ଗୀତ, ଦଳଗତ ନୃତ୍ୟ ଆଦି ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୨୭ଟି ପଞ୍ଚାୟତର ସଭାପତି ସମ୍ପାଦକ ତଥା ସଭ୍ୟାସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ସିଂହାମୁଣ୍ଡା ସମ୍ପାଦକ ସହଦେବ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଲିଝରଣରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୩।୧୦**

ପୁଇଁତଲା ବ୍ଲକ ଆଟଗାଁ ଗ୍ରାମପଞ୍ଚାୟତର କାଲିଝରଣ ଗ୍ରାମରେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାଲିଝରଣ ସରକାରୀ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସାନବୁର୍କାବାହାଲର ଝିଅମାନେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଗୀତ ଗାଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ପୁରୁଷ, ମହିଳା ଯୋଗଦାନ କରିଥିଲେ। ଗ୍ରାମରେ ସ୍ୱଚ୍ଛତା ଅଭିଯାନ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

## ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକବାଦ୍ୟ ଉପରେ ଆଲୋଚନାଚକ୍ର

**ପାଟଣାଗଡ,୩।୧୦(ଡି.ଏନ.ଏ.)**

ପାଟଣାଗଡ ବ୍ଲକ ଘସିଏନ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ ସମାରୋହ ଏବଂ ପଶ୍ଚିମ ଓଡିଶାର ଲୋକକଳା ଓ ଲୋକବାଦ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଣବ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ପଶ୍ଚିମ ଓଡିଶାର ଲୋକ କଳା ଏବଂ ଲୋକ ବାଦ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ପଶ୍ଚିମ ଓଡିଶାର ଅନନ୍ୟ କଳା ସଂସ୍କୃତି ଉପରେ ମାର୍ଗଦର୍ଶନ କରାଇଥିଲେ। ଅନ୍ୟତମ ଅତିଥିଭାବେ ପଶ୍ଚିମ ଓଡିଶାର କଳା ସଂସ୍କୃତି ଗବେଷକ ବ୍ରହ୍ମାନନ୍ଦ ବନଛୋର ଯୋଗଦେଇ ଲୋକ ନୃତ୍ୟ ଡାଲଖାଇ, ରସରକେଲି, ମାଏଲ ଜଡ ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଆଲୋଚନାଚକ୍ରରେ ଇତିହାସ ବିଭାଗ ଅଧ୍ୟାପକ ମାଧବ ଚନ୍ଦ୍ର ନାଏକ ସ୍ୱାଗତ ଭାଷଣ ଏବଂ ଆଲୋଚନା ଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବରିଷ୍ଠ ଅଧ୍ୟାପକ ଗୋପାଳ ଚନ୍ଦ୍ର କ୍ଷେତି। ଓଡିଆ ଅଧ୍ୟାପକ କାର୍ତ୍ତିକେଶ୍ୱର ଷଡଙ୍ଗୀ ଅଞ୍ଚଳର କଳା ସଂସ୍କୃତି ଉପରେ ନିଜସ୍ୱ ମତ ରଖିଥିଲେ। ଅଧ୍ୟାପକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ସ୍ୱାଗତ ସମାରୋହ ଓ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

**ଖପ୍ରାଖୋଲ, ୩।୧୦(ଡି.ଏନ.ଏ.)**

ବିଦ୍ୟୁତ୍ ତାର ଲାଗି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ କନଗାଁର ଚାଷୀ ମୋହନ ଭୁଏ(୪୨)ଙ୍କର ଗୁରୁବାର ସକାଳେ ମୃତ୍ୟୁ ହୋଇଯାଇଛି । ମୋହନ ନଦୀ ପାଖ ନିଜ ଚାଷ ଜମିକୁ ସକାଳୁ ଯାଉଥିବାବେଳେ ପୂର୍ବରୁ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପ୍ରଚାରିତ ହେଲା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ କିଛି ସମୟ ପାଇଁ ଯୁରିଆ-ଖପ୍ରାଖୋଲ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପାଟଣାଗଡ ବିଧାୟକ ସରୋଜ ମେହେର ଘଟଣାସ୍ଥଳରେ ପହଞ୍ଚିଥିଲେ। ପାଟଣାଗଡ ବିଦ୍ୟୁତ୍ ବିଭାଗ ଏସଡିଓ ରାମଚନ୍ଦ୍ର ମେହେର ଏବଂ ବଲାଙ୍ଗୀର ନିର୍ବାହୀ ଯନ୍ତ୍ରୀଙ୍କ ସହ ଫୋନ ଯୋଗେ କଥା ହେବା ପରେ ମୃତକଙ୍କ ପୁଅକୁ ବିଦ୍ୟୁତ୍ ବିଭାଗରେ ଥଇଥାନ, ସ୍ତ୍ରୀଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା ପ୍ରଦାନର ପ୍ରତିଶ୍ରୁତି ଦେଲା ପରେ ଲୋକେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ । ଏ ନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନ. ୩/୧୯ )ରୁଜୁ ହୋଇଛି। ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଖପ୍ରାଖୋଲ ଥାନା ଏସଆଇ ପଞ୍ଚାନନ ନେଗୀ ପ୍ରକାଶ କରିଛନ୍ତି।



ବିଦ୍ୟାଭାରତୀ ସ୍କୁଲରେ ଗାନ୍ଧୀ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

# ସରଳ, ନିରାଡ଼ମ୍ବର ଜୀବନ ସଫଳତାର ମାପକାଠି

**ବଲାଙ୍ଗୀର ଅଫିସ, ୩।୧୦**

ବଲାଙ୍ଗୀର ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୧୫ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷା ଦେବସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଆଇନଜୀବୀ ତଥା ସ୍ତମ୍ଭକାର ଜୟକୃଷ୍ଣ ସାହୁ, ବକ୍ତାଭାବେ ବୀରେନ୍ଦ୍ର କୁମାର ଝାଙ୍କର ଓ ପରିବେଶବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଶରଣ ହୋତା ଯୋଗ ଦେଇଥିଲେ । ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ, ସଂଘର୍ଷ ଉପରେ ଆଲୋଚନା କରିବା ସହ ସରଳ ଓ ନିରାଡମ୍ବର ଜୀବନ ହିଁ ସଫଳତାର ମାପକାଠି ବୋଲି ବକ୍ତାମାନେ କହିଥିଲେ । ସମଗ୍ର ବିଶ୍ୱ ଏବେ ଘୋର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତିକରୁଛି । ଏଭଳି ସମୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସରଳ ଜୀବନ ଆମ ସମ୍ମୁଖରେ ଆଦର୍ଶ ହୋଇରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷକ ପୁରୁଷୋତ୍ତମ ଜୁଆଡି, ଦିବ୍ୟଲୋଚନ ଥନାପତି, ନେତ୍ରାନନ୍ଦ ପଧାନ ତଥା ଛାତ୍ରୀ ସୁଜିତ ରଞ୍ଜନ ଦୁବେ, ଶ୍ରେୟା ମିଶ୍ର, ଆକାଂକ୍ଷା ରଣା, ଟିପିକା ନାଏକ, ସୁଜଲ ସଙ୍କେତ ଦାଶ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ର କୃଷ୍ଣାକାନ୍ତ କୁଅଁର, ଆଲୋକ ପଟେଲ, ଭୋଳାଶଙ୍କର କୁମ୍ଭାର, ସୁଜଲ ସଙ୍କେତ ଦାଶ, ଅନୁପ ବିଶି, ଫିରୋଜ ବାଗ, ଆୟୁଷ୍ମାନ ପ୍ରଧାନ ଓ ଛାତ୍ରୀ ପୂଜା ପ୍ରିୟଦର୍ଶିନୀ ସାହୁ, ପ୍ରିୟଙ୍କା ଦାଶ, ସନ୍ତୋଷିନୀ ସାହୁ, ସ୍ୱପ୍ନାପ୍ରିୟା ନାଗ, ନିକିତା ପଟେଲ, ଶ୍ରେୟା ମିଶ୍ର, ମୋନାଲି ପ୍ରିୟଦର୍ଶନୀ ଚାନ୍ଦ, ଆକାଂକ୍ଷା ରଣା, ରଞ୍ଜିତା ସାହୁ, ସ୍ନେହାଶ୍ରୀ ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜିତ ମିଶ୍ର ପରିଚାଳନା କରିଥିଲେ । ବିଦ୍ୟାଳୟ ନିର୍ଦ୍ଦେଶକ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପେକ୍ଷାର ପ୍ରତିବାଦ

# ବ୍ଲକ ଅଫିସ ସମ୍ମୁଖରେ ଅଧ୍ୟକ୍ଷାଙ୍କ ଧାରଣା

**ଖପ୍ରାଖୋଲ, ୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଜୋର ଧରୁଛି ଦଳୀୟ ରାଜନୀତି । ସରକାରୀ ନୀତି ନିୟମର ବି ହେଉଛି ଖୋଲାଖୋଲି ଉଲ୍ଲଂଘନ । ବ୍ଲକ ତରଫରୁ ହେଉଥିବା ପ୍ରକଳ୍ପମାନଙ୍କରେ ଏମପି କିମ୍ବା ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କଲେ ମଧ୍ୟ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ସ୍ଥାନୀୟ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କରିବା ନିୟମ ରହିଛି। ଉଦ୍‌ଘାଟନୀ ଫଳକରେ ମଧ୍ୟ ନାମ ଲେଖା ଯିବା କଥା। ଗତ ୨ତାରିଖ ଖପ୍ରାଖୋଲ ସଦର ମହକୁମାର ସ୍କୁଲ ଛକ ନିକଟ ଅମୃତ ଧାରା ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ବିଡିଓ, ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିବାବେଳେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟାଙ୍କୁ ନିମନ୍ତ୍ରଣ କରା ଯାଇ ନ ଥିଲା, କିମ୍ବା ଉଦ୍‌ଘାଟନୀ ଫଳକରେ ମଧ୍ୟ ନାମ ନ ଥିଲା । ଯାହାକୁ ନେଇ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଲୋକପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିବା ପ୍ରତିବାଦରେ ଗୁରୁବାର ମଧ୍ୟାହ୍ନରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣାରେ ଜିଲା ପରିଷଦ ସଭ୍ୟ ବିପ୍ର ବିଶିଙ୍କ ସମେତ ସମିତି ସଭ୍ୟାଙ୍କ ପ୍ରତିନିଧିମାନେ ସାମିଲ ହୋଇଥିଲେ । ପରେ ବିଡିଓ ତରଣୀ ସୁନା ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ଆଗାମୀ ଦିନରେ ଏପରି ବ୍ୟତିକ୍ରମ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।



ବିଡିଓ ତରଣୀ ସୁନାଙ୍କୁ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଦାବିପତ୍ର ପ୍ରଦାନ କରୁଛନ୍ତି।

# ଟ୍ରାକ୍ଟର ମାଲିକ ସଂଘ ତହସିଲଦାରଙ୍କ ଦ୍ୱାରସ୍ଥ

## ନୂତନ ବାଲିଘାଟ ନିଲାମ କରାଯିବା ଉପରେ ଗୁରୁତ୍ୱ

**ମୁରିବାହାଲ, ୩।୧୦ (ଡି.ଏନ.ଏ.)**

ମୁରିବାହାଲ ତହସିଲ ଅଧିନ ଟ୍ରାକ୍ଟର ମାଲିକ ସଂଘ ସଦସ୍ୟମାନେ ଗୁରୁବାର ବିଭିନ୍ନ ଦାବିନେଇ ସ୍ଥାନୀୟ ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି। ନୂତନ ବାଲିଘାଟ ନିଲାମ କରିବାକୁ ଏହି ଅବସରରେ ସେମାନେ ଏକ ଦାବିପତ୍ର ତହସିଲଦାର ଅମୃତଲାଲ ବେହେରାଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ମୁରିବାହାଲ ତ୍ରିଖୁଟି ଛକରେ ଟ୍ରାକ୍ଟର ମାଲିକ ସଂଘର ସଦସ୍ୟମାନଙ୍କ ଏକ ବୈଠକ ପରେ ସଂଘର ଭାଜପା ନେତା ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ସେମାନେ ସ୍ଥାନୀୟ ତହସିଲଦାର ବେହେରାଙ୍କ ସହ ତହସଲ ଅଫିସକୁ ଆସି ଏକ ସାମୂହିକ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ କହିଥିଲେ ଯେ, ଏହି ଅଞ୍ଚଳରେ କୌଣସି ଲିଜପ୍ରାପ୍ତ ବାଲିଘାଟ ନଥିବାରୁ ବାଲି ଚାଲଣ ପାଇଁ ଅସୁବିଧା ହେଉଛି । ଏଥିଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଗୃହ, ବିଜୁ ପକ୍କା ଗୃହ ତଥା ଅନ୍ୟାନ୍ୟ ସରକାରୀ ଯୋଜନାରେ ବାଲି ଯୋଗାଣରେ ସମସ୍ୟା ହେଉଛି। କାମ ଚଳାଇବା ପାଇଁ ସେମାନେ କୌଣସିମତେ ବାଲି ଯୋଗାଡ କରି ଟ୍ରାକ୍ଟରରେ ଆଣିଲେ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ଫାଇନ କରାଯାଉଛି । ଫଳରେ ଟ୍ରାକ୍ଟର ମାଲିକ ମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଚଳକି ଗ୍ରାମ ପଞ୍ଚାୟତର ଅନ୍ତର୍ଲା, ଗଁରେଇ ଗ୍ରାମ ପଞ୍ଚାୟତର ଭର୍ଏଁରିଗୁବାରେ ଥିବା ଜୋରର ବାଲିଘାଟ ନିଲାମ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଯଦି ଏପରି ହୋଇ ନ ପାରୁଛି ତେବେ ବାଲିଘାଟଗୁଡିକରୁ ବାଲି ଉଠାଣ ପାଇଁ ସ୍ୱତନ୍ତ୍ରଭାବେ ଅନୁମତି ଦିଆଯାଉ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଏ ନେଇ ସେ ଉପଜିଲାପାଳଙ୍କ ସହ ଆଲୋଚନା କରି ରାସ୍ତା ବାହାର କରିବାକୁ ତହସିଲଦାର ବେହେରା ଜଣାଇଛନ୍ତି। ସଂଘ ସଭାପତି ପୂର୍ଣ୍ଣ ମାଝୀ, ସମ୍ପାଦକ ରାଜେଶ ହେର୍ଣ୍ଣାଙ୍କର ନେତୃତ୍ୱରେ କୃପା କର୍ମୀ, ପ୍ରମୋଦ କୁମାର ମହାକୁର, ଶିବପ୍ରସାଦ ମେହେର, ଚୈତନ୍ୟ ହାତୀ, ପ୍ରବୀର ସାହୁ, ଦିବ୍ୟ ସାହୁ, ସଭ୍ୟ ସୁନା, ଲଳିତମୋହନ ହେର୍ଣ୍ଣା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।



ଟ୍ରାକ୍ଟର ମାଲିକ ସଂଘ କର୍ମକର୍ତ୍ତା ତହସିଲଦାର ଅମୃତଲାଲ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ



### ପାଗଳା କୁକୁର କାମୁଡ଼ାରେ ୪ବର୍ଷର ପୁଅ ଗୁରୁତର

ପଲମ,୩।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ରେନ୍ଦାବାହାଲି ଗ୍ରାମର ଲୁଚନ ଭୋଇଙ୍କ ପୁଅ ନରେନ୍ଦ୍ର (୪)ଙ୍କୁ ବୁଧବାର ପାଗଳା କୁକୁର କାମୁଡିବାରେ ଆହତ ହୋଇଛନ୍ତି। ସେ ରକ୍ତାକ୍ତ ହୋଇ ବେହୋସ ହୋଇ ଯାଇଥିବାରୁ ତାଙ୍କୁ କେସିଙ୍ଗା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ହୋଇନାହିଁ। ତାଙ୍କ ବାପା ଜଣେ କୁଲି ମଜୁରିଆ ଏବଂ ବିପିଏଲ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ପରିବାର ତଥା ଗ୍ରାମବାସୀ ଦାବି କରିଛନ୍ତି ।

### ଝାଡ଼ାବାନ୍ତିରେ ସୁଧାର ଆସିଛି

ତୁଣ୍ଡଲା,୩।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଲକ୍ଷ୍ମୀପୁର (ତାଲଭଅଁରା) ଗ୍ରାମରେ ଝାଡାବାନ୍ତି ଦେଖାଇଥିଲା। ମଙ୍ଗଳବାରଠାରୁ ଆକ୍ରାନ୍ତ ହୋଇଥିବା ରୋଗୀମାନଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପ୍ରତିନିଧି ଦଳ ବାରମ୍ବାର ଆସି ଚିକିତ୍ସା କରିବା ପରେ ସୁଧାର ଆସିଥିବା ଜଣାପଡିଛି। ଗୁରୁବାର ମଧ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଅଧିକାରୀ ଡା. କୁଞ୍ଜବିହାରୀ ସାହୁ, ସ୍ୱାସ୍ଥ୍ୟ ସୁପରଭାଇଜର ଅଲେଖ ବିଶି, ସ୍ୱାସ୍ଥ୍ୟକର୍ମୀ ଶ୍ୱେତବାହାନ ଭୋଇ ଓ ଦିନେଶରଞ୍ଜନ ଭୋଇ ଏବଂ ପ୍ଲାଷ୍ଟିକୁଡିର ସମସ୍ତ ଟିମ୍ ପହଞ୍ଚି ଚିକିତ୍ସା କରିଥିଲେ । ପଞ୍ଚାୟତ ତରଫରୁ ସମସ୍ତ ରୋଗୀମାନଙ୍କୁ ଚୁଡା ଓ କଦଳୀ ଖାଇବାକୁ ଦିଆଯାଇଥିଲା। ଏ ନେଇ ଡା. କୁଞ୍ଜବିହାରୀଙ୍କୁ ପଚାରିବାରୁ ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସୁଧାର ଆସିଛି। କିନ୍ତୁ ଦୁର୍ବଳ ହୋଇ ପଡିଥିବାରୁ ସମସ୍ତଙ୍କୁ ଠିକ ଭାବେ ନିଜ ଦେହ ଯତ୍ନ କରିବା ପାଇଁ କୁହାଯାଇଛି ବୋଲି କହିଛନ୍ତି ।

### ବିଦାୟକାଳିନ ସମ୍ବର୍ଦ୍ଧନା ସଭା

ପଲମ,୩।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ପଞ୍ଚାୟତସ୍ଥିତ ରୁପ୍ରାରୋଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜ କିଶୋର ପଧାନଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶନ୍ନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ କମିଟି ସଭାପତି ସାଧୁରାମ ଅଗ୍ରୱାଲ, ନର୍ଲା ବ୍ଲକ ଅଧକ୍ଷ ମନୋରମା ମହାନ୍ତି, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ପଧାନ, ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରୁପ୍ରାରୋଡ ଗ୍ରାମପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ରଣା, ସମିତି ସଭ୍ୟ କିଶୋର ଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ପଧାନଙ୍କୁ ଉପହାରମାନ ପ୍ରଦାନ କରିଥିଲେ। ଏହି କର୍ଯ୍ୟକ୍ରମରେ ସହଶିକ୍ଷକ ଅନିଲ ସାହୁ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁମେରପଦର ଆବାସିକ ବିଦ୍ୟାଳୟ
# ଶ୍ରେଣୀଗୃହ ପାଲଟିଛି ଛାତ୍ରାବାସ

ଭବାନୀପାଟଣା, ୩।୧୦ (ଡି.ଏନ.ଏ.)

ଭଙ୍ଗା ଦଦରା ଘରେ ଗଢା ହେଉଛି ଭବିଷ୍ୟତ । ଯେଉଁଠି ଜୀବନ ବିପନ୍ନ, ସେଠି ଅନ୍ଧକାରରେ ଛାତ୍ରୀଛାତ୍ରଙ୍କ ଜୀବନ। ବସିବା ପାଇଁ ନାହିଁ ସୁରକ୍ଷିତ ଶ୍ରେଣୀ ଗୃହ। ରାତିରେ ଯେଉଁଠି ଖଟ ପକାଇ ଶୋଇଯାଆନ୍ତି, ସେଠି ଦିନରେ ପାଠପଢା ହୁଏ । ରାତିର ଶୋଇବା ଖଟ, ଦିନରେ ବେଞ୍ଚ ଡେକ୍ସ ପାଲଟିଯାଏ। ବର୍ଷା ଦିନେ ଛାତରୁ ଅନବରତ ଗଳୁଥାଏ ପାଣି। ସେହିଭଳି ଛାତ୍ରୀ ନିବାସର ଅବସ୍ଥା ଆହୁରି ଦୟନୀୟ। ସରକାରଙ୍କ ତରଫରୁ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ କରିଥିବା ବେଳେ ଏଠାରେ ରହନ୍ତି ୧୧୦ ଛାତ୍ରୀ । ଗୋଟିଏ ଶଯ୍ୟାରେ ୩ ଜଣ ଛାତ୍ରୀ ରୁହନ୍ତି । ଏହା ହେଉଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ଡୁମେରପଦରଠାରେ ଥିବା ତଫସିଲଭୁକ୍ତ ଜାତି ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟ ଅବସ୍ଥା। ଡୁମେରପଦର ଗ୍ରାମର ୧୦ କି.ମି. ପରିସର ମଧ୍ୟର ଥିବା ଥୁଆମୂଳ ରାମପୁର ବ୍ଲକ ବାଗଡିଆଣୀ, ତଳଝାପି ସମେତ ରାୟଗଡା ଜିଲା କାଶୀପୁର ବ୍ଲକ ଅଧୀନ ମୁନୁଷଗାଁ ପଞ୍ଚାୟତ, କିଷାନକେବଡି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ଏହି ବିଦ୍ୟାଳୟ ଉପରେ ଭରସା କରୁଛନ୍ତି । ବର୍ତ୍ତମାନ ମାଟ୍ରିକ ପ୍ରି-ବୋର୍ଡ ପରୀକ୍ଷା ଶେଷ ହେଇସାରିଛି। କିନ୍ତୁ ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ଜିଲା ତଫସିଲଭୁକ୍ତ ଜାତି, ଜନଜାତି ବିଭାଗ ତରଫରୁ ଅଦ୍ୟାବଧି ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇନାହିଁ । କିଛି ଛାତ୍ରୀଛାତ୍ର ପୂର୍ବ ବର୍ଷର ଛାତ୍ରୀଛାତ୍ରଙ୍କଠାରୁ ଅଳ୍ପ କିଛି ପାଠ୍ୟ ପୁସ୍ତକ ସଂଗ୍ରହ କରି ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ ଚତୁର୍ଥରୁ ମାଟ୍ରିକ ୭ଟି ଶ୍ରେଣୀ ମଧ୍ୟରେ ୪୩୦ ଜଣ ଛାତ୍ରୀଛାତ୍ର ଅୟନ କରୁଥିବା ବେଳେ ନିୟୋଜିତ ହେଇଛନ୍ତି ୧୨ ଜଣ ଶିକ୍ଷକ । ଉଭୟ ବାଳକ ଓ ବାଳିକାଙ୍କ ପାଇଁ ଗୋଟିଏ ଗୋଟିଏ ପରିସରରେ ଛାତ୍ରାବାସ ଓ ଛାତ୍ରୀନିବାସ ରହିଛି। ମାତ୍ର ୪୦ ଜଣ ଛାତ୍ରୀଙ୍କ ପାଇଁ ନିର୍ମାଣ ହୋଇଥିବା ଛାତ୍ରୀ ନିବାସରେ ଏବେ ୧୧୦ ଜଣ ଛାତ୍ରୀ ରହୁଛନ୍ତି। ଏହି ଛାତ୍ରୀ ନିବାସ ମଧ୍ୟ ଅସୁରକ୍ଷିତ। ବର୍ଷା ଦିନେ ପାଣି ଗଳିବା ଦ୍ୱାରା ଅତ୍ୟନ୍ତ ଅସହାୟ ହେଉଛନ୍ତି ଛାତ୍ରୀ। ଛାତ୍ରୀଙ୍କ ପାଇଁ ଜଣେ ତତ୍ତ୍ୱାବଧାରିକା ନିୟୋଜିତ ଥିବା ବେଳେ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିୟୋଜିତ କରାଯାଇଛି। ୧୯୦ ଜଣ ପାଇଁ ଛାତ୍ରାବାସ ବ୍ୟବସ୍ଥା ରହିଥିବା ବେଳେ କୋଠରି ଅଭାବ ହେତୁ ଶ୍ରେଣୀ କୋଠରି ହିଁ ସେମାନଙ୍କ ଶୟନ କକ୍ଷ ପାଲଟିଛି । ଏପରିକି ସେହି କୋଠରି ମଧ୍ୟରେ ଛାତ୍ରମାନଙ୍କ ଯାବତୀୟ ସାମଗ୍ରୀ ରଖାଯାଉଛି। ସାମୂହିକ ଭୋଜନ ପାଇଁ କୋଠରି ଅଭାବରୁ ସେହି ଶ୍ରେଣୀ କୋଠରିରେ ହିଁ ଛାତ୍ରମାନେ ଭୋଜନ କରନ୍ତି। ଏପରିକି ଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ନିକଟରେ ପ୍ରବାହିତ ଏକ ନାଳକୁ ଯାଇ ଛାତ୍ରମାନେ ସ୍ନାନ ଓ ଅନ୍ୟ କର୍ମ କରୁଥିବା ଅଭିଯୋଗ କରନ୍ତି । ରାୟଗଡା ଜିଲା ସୀମାନ୍ତକୁ ଲାଗି ରହିଥିବାରୁ ଏହି ବିଦ୍ୟାଳୟ ଉପରେ କାଶୀପୁର ବ୍ଲକର ଅନେକ ଗ୍ରାମର ଅଭିଭାବକ ଏହି ବିଦ୍ୟାଳୟ ଉପରେ ଭରସା କରି ପିଲାଙ୍କୁ ପାଠ ପଢିବା ପାଇଁ ଛାଡିଛନ୍ତି । କିନ୍ତୁ ବିଦ୍ୟାଳୟ ଅବସ୍ଥା ଦେଖି ନିଜ ସନ୍ତାନଙ୍କ ଭବିଷ୍ୟତ ନେଇ ଆତଙ୍କିତ ହେଉଛନ୍ତି ଅଭିଭାବକ। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ତେଲ, ସାବୁନ ଭଳି ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଯୋଗାଇବା ବ୍ୟବସ୍ଥା ରହିଥିଲେ ମଧ୍ୟ ଅନେକ ଛାତ୍ର ଠିକ ସମୟରେ ସାମଗ୍ରୀ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜିଲ ତଫସିଲ ଭୁକ୍ତ ଜାତି, ଜନଜାତି ମଙ୍ଗଳ ବିଭାଗ ଅଧିକାରୀ ବୃନ୍ଦଦେବ ପଣ୍ଡାଙ୍କୁ ପଚାରିବାରୁ ଛାତ୍ରମାନେ ଶୌଚ ପାଇଁ ବାହାରକୁ ଯାଉଥିବା ସ୍ୱୀକାର କରିଥିଲେ। ଅନ୍ୟପଟେ ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିବା ସୂଚନା ଦେଇଛନ୍ତି।



ଡୁମେରପଦର ସରକାରୀ ଆବାସିକ ବିଦ୍ୟାଳୟରେ ଖଟ ଉପରେ ବସି ପିଲାଏ ପଢୁଛନ୍ତି ।



ପାଠାଗାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମାନବ ସେବା ସଂସ୍ଥା ପକ୍ଷରୁ ପାଠାଗାର ଉଦ୍‌ଘାଟିତ

ଜୁନାଗଡ,୩।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରେ ବୁଧବାର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ମାନବ ସେବା ସଂସ୍ଥା ପକ୍ଷରୁ ଏକ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସାହିତ୍ୟ ନାଟକ ଏକାଡେମୀ ପକ୍ଷରୁ ପ୍ରକାଶିତ ବିଭିନ୍ନ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ ପାଠକମାନଙ୍କ ପାଇଁ ଉନ୍ମୋଚନ କରାଯାଇଥିଲା। ଏହି ପାଠଗାର ସର୍ବସାଧାରଣଙ୍କ ପାଇଁ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ପିଆଇ ମହାବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ମେହେର, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ସାହୁ, ସନ୍ଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାନବ ସେବା ସଂସ୍ଥା ସଭାପତି ଦିଲୀପ କୁମାର ପଣ୍ଡା ଓ ପିଆଇ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ସମୀର ସାହୁ ମଞ୍ଚ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ କଳାବିକାଶ କେନ୍ଦ୍ରର ନିର୍ଦ୍ଦେଶକ ମାନସ ରଞ୍ଜନ ସେଠି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ ।



ଏସ୍‌ପି ବାତୁଲା ଗଙ୍ଗାଧର ନୂତନ ପୋଲିସ ବିଟ୍ ହାଉସ୍ ଉଦ୍‌ଘାଟନ କରୁଛନ୍ତି ।

## ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନୂତନ ପୋଲିସ ବିଟ୍ ହାଉସ୍

ଭବାନୀପାଟଣା,୩।୧୦ (ଡି.ଏନ.ଏ.)

ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ପୋଲିସ ବିଭାଗ ପ୍ରଶାସନ ପକ୍ଷରୁ ଏକ ନୂତନ ପୋଲିସ ବିଟ୍ ହାଉସ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଅଛି। ପୂର୍ବାହ୍ନ ସାଢେ ୧୧ଟାରେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦେବୀ, ଏଡିଏମ୍‌ଓ ଡା. ଜଗୁଲାଲ ଅଗ୍ରୱାଲ, ଜିଲା ଅତିରିକ୍ତ ଏସ୍‌ପି ମନୋଜ କୁମାର ମହନ୍ତ, ଅତିରିକ୍ତ ଏସପି ଗୋପୀନାଥ ମଣିପାତ୍ର, ଭବାନୀପାଟଣା ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଟାଉନ୍ ଥାନା ଆଇଆଇସି ବାସୁଦେବ ଛତ୍ରୀୟା, ଟାଉନ୍ ଥାନା ପୋଲିସ ସବ୍‌ଇନ୍ସପେକ୍ଟର ଶିବପ୍ରସାଦ ଭଦ୍ର ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ପୋଲିସ ବିଟ୍ ହେବା ଫଳରେ ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀ ଏବଂ ତାଙ୍କ ଆତ୍ମୀୟ ସ୍ୱଜନ ତଥା ବିଭାଗୀୟ କର୍ମଚାରୀମାନଙ୍କ ଉପଯୁକ୍ତ ସୁରକ୍ଷା ହୋଇପାରିବ ବୋଲି ଜିଲା ଏସପି ବି. ଗଙ୍ଗାଧର ପ୍ରକାଶ କରିଥିଲେ।

## ୨୨ ଲିଟର ମଦ ଜବତ, ୩ କୋର୍ଟ ଚାଲାଣ

ଜୁନାଗଡ,୩।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ, ଜୁନାଗଡ ଅବକାରୀ ଓ ଧର୍ମଗଡ ଅବକାରୀ ରେଞ୍ଜ ମିଳିତ ଉଦ୍ୟମରେ ଗୁରୁବାର ଜୁନାଗଡ ସହର ତାଳବନ୍ଦପଡା, ଡଙ୍ଗାଘାଟପଡା ଓ ଏକନାଗୁଡା ଗ୍ରାମରେ ଚଢାଉ କରାଯାଇଥିଲା। ଏହି ସମୟରେ ଉକ୍ତ ସ୍ଥାନରୁ ଜଗତରାମ ଶବର, କୁଳଶ୍ରେଷ୍ଠ ଚଳାନ ଓ କଳାମଣି ବାଗଙ୍କଠାରୁ ୨୨ ଲିଟର ମଦ ଜବତ କରାଯାଇଥିଲା। ପରେ ୩ଜଣଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍‌ଏଫସି କୋର୍ଟଚାଲାଣ କରାଯାଇଥିଲା। ଅବକାରୀ ଉପଅଧୀକ୍ଷକ ଉମାଶଙ୍କର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଧର୍ମଗଡ ଅବକାରୀ ନିରୀକ୍ଷକ ପ୍ରଶାନ୍ତ କୁମାର କହଁର, ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଳ ପ୍ରତୀମା ଗହୀର, ରଶ୍ମି ସାହୁ, ମାନସ ରଞ୍ଜନ ମୁଣ୍ଡା, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ, ଈଶ୍ୱର ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ଥିଲେ।

## ତେରେସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍‌ରା
# ଯାତ୍‌ରା ପୂର୍ବଦିନ ବାଘ କ୍ଷୀର ପିଇଯାଏ

ରିଷିଡା,୩।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଶାରଦୀୟ ପାର୍ବଣ ଆରମ୍ଭ ହୋଇଥିବା ବେଳେ ଗୁରୁବାର ତେରେସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍‌ରା ଅନୁଷ୍ଠିତ ହୋଇଯାଇଛି । ଯାତ୍‌ରା ପୂର୍ବଦିନ ଉଲଗନ୍ ଦିଆଯାଏ । ଯାତରା ପୂର୍ବର ୬ଦିନ ତେରେସିଂହାରେ ପୂଜା କରାଯାଉଥିବା ବେଳେ ଗୋଟିଏ ଦିନ ଯାତ୍‌ରାସ୍ଥଳରେ ପୂଜା କରାଯାଏ । ଏଥିରେ ପାଟଖଣ୍ଡା, ଛତ୍ର ବାହୁଡି, ଜେନା ବୁଢ଼ାକୁ ପୂଜା କରାଯାଇଥାଏ । ଏହି ଯାତ୍‌ରା ପ୍ରାୟ ୧୮୬୪ରୁ ଆରମ୍ଭ ହୋଇଥିଲା । ଦିହାରୀ ତେଜ ନାଏକ, ଜେନାବୁଢ଼ା ଦୁତିଆ ନାଏକ, ପୂଜାରୀ ଦାମୋଦର ନାଏକ ଓ ମୁଖ୍ୟ ଦେହେଲିଆ ଧର୍ମ ରଣା ଓ ଲତାବନ ରଣା ପରିଚାଳନା କରିଥାନ୍ତି । ସାଧାରଣତଃ ଏହି ଅଞ୍ଚଳରେ ବିଭିନ୍ନ ପୂଜାରେ କନ୍ଧ ସମ୍ପ୍ରଦାୟର ଲୋକେ ପୂଜା କରୁଥିବା ବେଳେ କେବଳ ଏହି ଯାତ୍‌ରାରେ କୈବର୍ତ୍ତ (କେଉଁଟ)ମାନେ ପୂଜକ ଭାବେ ଯୋଗଦିଅନ୍ତି । ଏହି ଯାତ୍‌ରାରେ ୫ଟି ବୋଦା ଓ ଅନେକ



କୁକୁଡା ବଳି ଦିଆଯାଇଛି । ବଳି ସ୍ଥାନ ରକ୍ତ ରଞ୍ଜିତ ହୋଇଥିଲା । ଏହି ଯାତରା ଦେଖିବା ପାଇଁ ଆଖପାଖରୁ ପ୍ରାୟ ୫ ହଜାର ଲୋକ ସମାଗମ ହୋଇଥିଲା । ପ୍ରତିବର୍ଷ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନୁଷ୍ଠିତ ହେଉଥିବା ଯାତରା ଯୋଗୁ ରିଷିଡା, ତେରେସିଂହା ଉତ୍ସବ ମୁଖର ହୋଇଉଠିଛି । ରିଷିଡାଠାରୁ ପ୍ରାୟ ୩ କି.ମି. ଦୂରବର୍ତ୍ତି ତେରେସିଂହା, ବେଲପଡା ୨ଟି ସ୍ଥାନରେ ପାଟଖଣ୍ଡା ଯାତରା ହୋଇଥାଏ । ପ୍ରାୟ ଦେଢ଼ଶହ ବର୍ଷ ହେଲା ପାଟଖଣ୍ଡା (ଦେବଦେବୀଙ୍କ ଖଣ୍ଡା)କୁ କୈବର୍ତ୍ତ ସଂପ୍ରଦାୟ କରିଥାନ୍ତି। ପୂଜା ହେଉଥିବା ୨ଟି ସ୍ଥାନରେ ପାଟଖଣ୍ଡା କାଳଶୀ ବେଶରେ ପୂଜାର୍ଚ୍ଚନା କରାଯିବା ସହ ଭକ୍ତଙ୍କ ହାରିଗୁହାରୀ ଶୁଣିବା ସହ ନିଜସ୍ୱ ଭାବେ ଭକ୍ତଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି । କେତେକ ଭକ୍ତ କାଳଶୀଙ୍କ ସମ୍ମୁଖରେ ଅଧିଆ ପଡିଥାନ୍ତି । କଳାହାଣ୍ଡି ଜିଲାର ଐତିହାସିକ ପୀଠ ସ୍ଥଳୀ ତେଲନଦୀ କୂଳରେ ଅବସ୍ଥିତ । ଏଠାରେ ପ୍ରାଚୀନ ତାମ୍ର ମୁଦ୍ରା ଓ ତାମ୍ର ଫଳକ ମିଳିଛି । ଐତିହାସିକମାନଙ୍କ ମତରେ ଏଠାରେ ରାଜା ତୃଷ୍ଟିକର ଶାସନ କରୁଥିଲେ । ସେହି ଦିନଠୁ ଏଠାରେ ପାଟଖଣ୍ଡା ଯାତରା ରହି ଆସିଛି ବୋଲି ପୁରୁଖା ଲୋକମାନେ କହନ୍ତି । ତିହାସିକ ପୀଠ ତେରେସିଂହା ଯାତରାରେ ପରସ୍ପର ସହିତ ଭାବର ବିନମୟ ହୋଇଥାଏ। ଯାତରା ଦେଖା ସହ ଯାତରା ଏକତା ମନୋଭାବ ଆସେ ବୋଲି ରିଷିଡ଼ାର ସୁଶାନ୍ତ କୁମାର ପାତ୍ର କହିଛନ୍ତି । କୁନ୍ଦେଇପାଲିର ମଧୁସୂଦନ ବାଗ କହିଛନ୍ତି ଯେ, ତେଲନଦୀ କୂଳସ୍ଥ ଐତିହାସିକ ପୀଠର ଯାତରା ଦେଖିବାକୁ ସମସ୍ତଙ୍କ ଅପେକ୍ଷା କରିଥାଏ । ଯାତରାରେ ଆଧାତ୍ମିକ ମନୋଭାବ ସୃଷ୍ଟି ହୁଏ ।




ଉଦେପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୫ ହଜାର ଲିଟର ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଭବାନୀପାଟଣା,୩।୧୦ (ଡି.ଏନ.ଏ.)

ବୁଧବାର ଗାନ୍ଧୀଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଉଥିବା ବେଳେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଉଦେପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଏହି ଉତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସକୁ ସମସ୍ତଙ୍କ ମନରେ ସ୍ମରଣୀୟ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ସଂଗୃହୀତ ଅର୍ଥରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ୫ ହଜାର ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ମୁଖ୍ୟବକ୍ତା ଭବାନୀପାଟଣା ବ୍ଲକ ଶିକ୍ଷାଅଧିକାରୀ ଜଗନ୍ନାଥ ପୁରୋହିତ୍, ସମ୍ମାନିତ ଅତିଥି ଭାବେ ଏବିଇଓ ଠାକୁର ଚରଣ ସାହୁ, ମୋ ସ୍କୁଲ ଅଭିଯାନ ଜିଲା କମିଟି ସଦସ୍ୟ ରବୀନ୍ଦ୍ର ପଟ୍ଟନାୟକ, ବ୍ଲକ କମିଟି ସଦସ୍ୟ ମୁକୁନ୍ଦ ରେଡ୍ଡୀ, ଉଦେପୁର ସରପଞ୍ଚ ଜ୍ୟୋସ୍ନାରାଣୀ ଶବର, ସ୍ୱାଧୀନ ପାତ୍ର, ଏସ୍‌ଏମ୍‌ସି ସଭାପତି ଅରୁଣ ପଧାନ, ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗୌରହରି ନାଏକ, ସାଧାରଣ ସମ୍ପାଦକ ସୁନିଲ କୁମାର ପ୍ରଦାନ, ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ, ରାଜକୁମାର ସିଂଦେଓ ଓ ଲଳିତ୍ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲା ବେଳେ ଭିନ୍ନ ଭିନ୍ନ ଭାଷାରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ପୂଜ୍ୟ ବାପୁଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଦ୍ୟାଳୟ ପରିସରରେ ନିର୍ମିତ ୫ ହଜାର ଲିଟର ବିଶିଷ୍ଟ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍‌ଏମ୍‌ସିର ସଦସ୍ୟ ସଦସ୍ୟା ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ।

## ■ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା
# ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ବିଭିନ୍ନ ମହଲରୁ ଦାବି

ଭବାନୀପାଟଣା, ୩।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ ୧୪ ତାରିଖରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଚାଲିଥିବା ବେଳେ କଂଗ୍ରେସ ଏବେ ମୁହଁ ଖୋଲିଛି। ବର୍ତ୍ତମାନ ଏହି ଘଟଣାରେ ୯ ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଜଣେ ନାବାଳକଙ୍କୁ କୁଢେଇନାଲ ହୋମକୁ ପଠାଇଯାଇଛି। ଗଣମାଧ୍ୟମରେ ପୀଡିତାଙ୍କ ଚାଞ୍ଚଲ୍ୟକର ବୟାନ ଦେବା ପରେ ପୋଲିସ ବାଧ୍ୟ ହୋଇ ବସ୍ ଡ୍ରାଇଭରଲଳିନ୍ଦ୍ର ଶବରଙ୍କୁ ଗିରଫ କରି ଜେଲକୁ ପଠାଇଛି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏହି ଘଟଣା ଘଟିଥିବାରୁ ଭାଜପା ଏହାକୁ ରାଜନୀତିକ ଫାଇଦା ନେବା ପାଇଁ ରାଜ୍ୟ ଭାଜପା ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ଜିଲାର ଭାଜପା କାର୍ଯ୍ୟକର୍ତ୍ତାଙ୍କ ନିଦ୍ରାଭଙ୍ଗ ହେଉନାହିଁ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଘଟଣାସ୍ଥଳକୁ ନ ଆସି ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀରେ ମୁଖ୍ୟ ଅଭିଯୁକ୍ତ ବସ୍ ଡ୍ରାଇଭର ଲଳିନ୍ଦ୍ରଙ୍କୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିବା ପରେ ଏହାର ଜବାବରେ ବିଜେଡି ତୀବ୍ର ପ୍ରତିକ୍ରିୟାଶିଳ ହୋଇଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଭବାନୀପାଟଣା ସହରସ୍ଥିତ ଗାନ୍ଧୀଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାବା ସହ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଫଟୋଚିତ୍ର ଦାହ କରିବା ସହ ଭାଜପା ଜୁନାଗଡ ଗଣବଳାତ୍କାର ଭଳି ଗୋଟିଏ ସ୍ପର୍ଶକାତର ଘଟଣାରେ ରାଜନୀତି କରିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ବିକ୍ଷୋଭରେ ଯୁବ ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ସଭାପତି ଅବିନାଶ ଠାକୁର, ଜିଲା ସମ୍ପାଦକ ଭବାନୀ ଶଙ୍କର ନିଆଲ, ଯୁବନେତା ଚିତ୍ତରଞ୍ଜନ ମଣ୍ଡଳ, ନଗର କାର୍ଯ୍ୟକାରୀ ସଭାପତି ପ୍ରଦୀପ ଦାସ, ଛାତ୍ର ନେତା ଅଭିଷେକ ମହାପାତ୍ର, ରବି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପଟେ ଭାଜପାର ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଏବଂ ଭବାନୀପାଟଣା ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ବର୍ତ୍ତମାନ ସୁଦ୍ଧା ପୀଡ଼ିତା ଘରକୁ ଯାଇ ତା ପରିବାରକୁ ସମବେଦନା ନ ଦେବା କିମ୍ବା ଏହି ସମ୍ବେଦନଶୀଳ ଘଟଣା ଉପରେ କୌଣସି ମତାମତ ନ ଦେଇ ଚୁପ୍ ରହିବାକୁ ନେଇ ଜନସାଧାରଣଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାଜପାର ମହିଳା ମୋର୍ଚ୍ଚା, ଏବିଭିପି ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଏପରି ସ୍ଥିତିରେ ପୀଡ଼ିତା ଉଚିତ୍ ନ୍ୟାୟ ପାଇବା ସମ୍ଭାବନା କ୍ଷଣ ଦେଖାଯାଉଛି।

### ରାଜନୀତି ଯୋର ଧରୁଛି




ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ପାଇକମାଳରେ ଜେଏମ୍ଏଫ୍ସି କୋର୍ଟ ହେବ

**ପାଇକମାଳ, ୩।୧୦ (ଡି.ଏନ.ଏ)**
ବରଗଡ ଜିଲା ପାଇକମାଳଠାରେ ଖୁବଶୀଘ୍ର ଜେଏମଏଫ୍ସି କୋଟ ଅସ୍ଥାୟୀ ଘରେ ଚାଲିବ ବୋଲି ଜଣାପଡିଛି । ଗୁରୁବାର ଜିଲା ସେସନ ଜର୍ଜ ଏସ.କେ ଜେତ ଅହମ୍ମଦ ପାଇକମାଳ ବ୍ଲକ ମଧ୍ୟରେ ଥିବା କେତୋଟି ଘର ବୁଲି ଦେଖିଥିଲେ । ଉକ୍ତ ଘର ଗୁଡିକ ଦେଖି ଫିଜିବୁଲ ହେଲେ ଖୁବ ଶୀଘ୍ର ଜେଏମଏଫସି କୋର୍ଟ ଖୋଲିବ ବୋଲି ସେ ପ୍ରକାଶ କରିଥିଲେ। ତାଙ୍କ ସହ ବିଡିଓ ସଦାଶିବ ନାୟକ, ତହସିଲଦାର ସୁଶାନ୍ତ କୁମାର ରଣା, ଯୁବ ଓକିଲ ରାମରତନ ପୁରୋହିତ, ମନୋଜ ତ୍ରିବେଦୀ, ରାଜକିଶୋର ସାହୁ, ବିନୋଦ କାଲିଆ, ମଙ୍ଗୁଲୁ ସାନବର୍ଷା ପ୍ରମୁଖ ଉପସ୍ଥିତ ଥିଲେ ।

### ବେଆଇନ ମଦଦୋକାନ ବନ୍ଦ ପାଇଁ ଦାବିପତ୍ର

**ପାଇକମାଳ, ୩।୧୦ (ଡି.ଏନ.ଏ)**
ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମରେ ବର୍ତ୍ତମାନ ସାର୍ବଜନୀନ ଦୁର୍ଗାପୂଜା ଚାଲିଛି। ଏଠାକୁ ଅଞ୍ଚଳର ମା' ଭଉଣୀମାନେ ପ୍ରତିଦିନ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ମାଁ ଦୁର୍ଗାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି। ଏହି ସମୟରେ ମାଣ୍ଡୋସିଲର ଅନେକ ସ୍ଥାନରେ ବେଆଇନ ମଦ ବିକ୍ରି ହେଉଛି। ତେଣୁ ଦଶହରା ପୂଜା ମଧ୍ୟରେ ଚାଲିଥିବା ମଦ ବିକ୍ରି ବନ୍ଦ କରାଯିବା ପାଇଁ ପୂଜା କମିଟି ତରଫରୁ ପଦ୍ମପୁର ଉପଜିଲାପାଳ ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

### ସୀତା ଚୋରି ମଞ୍ଚସ୍ଥ

**ସୋହେଲା,୩।୧୦(ଡି.ଏନ.ଏ)**
ସୋହେଲା ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ବୁଧବାର ୨ୟ ରଜନୀ ଥିଲା। ଏଥିରେ ମନ୍ଥରାର କୁମନ୍ତ୍ରଣା, ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଗମନ, ଭରତ ମିଳନ, ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ଖର ଦୂଷଣ ତ୍ରିଶିରା ବଧ, ସୀତା ଚୋରି ଓ ଜଟାୟୁ ବଧ ମଞ୍ଚସ୍ଥ ହୋଇଥିଲା।

### ସ୍ୱଚ୍ଛ ଭାରତ ଅଭିଯାନ

**ଗାଇସିଲେଟ,୩।୧୦ (ଡି.ଏନ.ଏ):**
ଗାଇସିଲାଟ ବ୍ଲକ ପରିସରରେ ଥିବା ଷ୍ଟେଟବ୍ୟାଙ୍କ ଶାଖାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶାଖା ପରିଚାଳକ କୃଷ୍ଣଚନ୍ଦ୍ର ଗଗରାଇ, ରାଜକୁମାର ମେହେର, କରମ ସିଂ ସୁନା ଓ ଦାଶରଥୀ କୁମ୍ଭାର ପ୍ରମୁଖ ଝାଡୁ ଧରି ଅଳିଆ ସଫା କରିଥିଲେ।

### ରାମଚନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା

**ସରଣ୍ଡା, ୩।୧୦ (ଡି.ଏନ.ଏ)**
ଅତାବିରା ଫଟୋଗ୍ରାଫର ସଂଘ ତରଫରୁ ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା ଗୁରୁବାର ସଂଘ କାର୍ଯ୍ୟାଳୟ ଅତାବିରାଠାରେ ସଭାପତି ସଞ୍ଜୟ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ହରିଶ ଚନ୍ଦ୍ର ମେହେର, ସୁଦାମ ଚରଣ ମିଶ୍ର, ପ୍ରଭାସ ରଣ, ରିଙ୍କୁ ପ୍ରଧାନ, ବୁଲୁ ସାହୁ, ବିମ୍ବରାଜ ଦେହେରୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ସମସ୍ତ ସଭ୍ୟ ସ୍ୱର୍ଗତ ପ୍ରଧାନଙ୍କ ଗାଁ କୁଲୁଣ୍ଡାକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

■ ଭୁବନେଶ୍ୱରରେ ଏନ୍ଆଇଏ ଡିଜି ଯୋଗେଶ ଚନ୍ଦ୍ର ମୋଦି

# ଫଣ୍ଡିଂ ବନ୍ଦ ହେଲେ ଆତଙ୍କବାଦ, ମାଓବାଦ ଆପେ କମିଯିବ

■ଆତଙ୍କବାଦ ମାମଲାର ତଦନ୍ତ ସଂକ୍ରାନ୍ତ କର୍ମଶାଳା

■ମାମଲାର ପ୍ରମାଣ ଯୋଗାଡ଼ କରିବା ଚ୍ୟାଲେଞ୍ଜ: ଡିଜିପି

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**
ଦେଶର ବିଭିନ୍ନ ସହରରେ ଆତଙ୍କବାଦ କାର୍ଯ୍ୟକଳାପ ଦେଖାଦେଉଛି। ଆତଙ୍କବାଦୀମାନେ ବଡ଼ ବଡ଼ ସହର ଓ ଦେଶର ପ୍ରମୁଖ ସ୍ଥାନକୁ ଟାର୍ଗେଟ କରିଥିବା ଗୋଇନ୍ଦା ରିପୋର୍ଟ ମିଳୁଛି। ସେହିଭଳି ଓଡ଼ିଶା ଭଳି ରାଜ୍ୟଗୁଡ଼ିକରେ ମଧ୍ୟ ମାଓବାଦୀ ଆକ୍ରମଣ ହେଉଛି। ତେବେ ଆତଙ୍କବାଦୀ ଓ ମାଓବାଦୀଙ୍କ ପାଖକୁ ବେଆଇନ ଭାବେ ଯାଉଥିବା ଟଙ୍କା (ଫଣ୍ଡିଂ)କୁ ରୋକାଗଲେ ଆପେ ଏହି ଶକ୍ତିଗୁଡ଼ିକ ଦୁର୍ବଳ ହୋଇପଡ଼ିବ ବୋଲି ନ୍ୟାଶନାଲ ଇନ୍ଭେଷ୍ଟିଗେଟିଂ ଏଜେନ୍ସି (ଏନ୍ଆଇଏ) ଡିଜି ଯୋଗେଶ ଚନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ସ୍ଥାନୀୟ ପୋଲିସ ଭବନଠାରେ ଆତଙ୍କବାଦ ମାମଲାର ତଦନ୍ତ ଓ ଦମନ ସମ୍ପର୍କିତ କର୍ମଶାଳାକୁ ଡିଜି ମୋଦି ଉଦ୍‌ଘାଟନ କରି କହିଲେ, ବର୍ତ୍ତମାନ ସୁଦ୍ଧା ଏନଆଇଏ ୯୦ ପ୍ରତିଶତ ମାମଲାର ତଦନ୍ତକରି ଦୋଷୀଙ୍କୁ ଦଣ୍ଡବିଧାନ କରାଯାଇଛି। ଅନେକ ସମୟରେ ଅଭିଯୁକ୍ତ ଧରାପଡ଼ନ୍ତି ନାହିଁ, କାଗଜପତ୍ର ପ୍ରମାଣ ମଧ୍ୟ ମିଳେନି। ତେଣୁ ଫରେନସିକ୍ ଓ ଟେକ୍ନୋଲୋଜିକୁ ଆଧାର କରି ଏଭଳି ମାମଲାର ତଦନ୍ତ କରାଯିବା ଆବଶ୍ୟକ ବୋଲି କହିଥିଲେ। ତେବେ ଓଡ଼ିଶାର ପୁଲିସ ଅଧିକାରୀମାନେ ଅଧିକ ସଂଖ୍ୟାରେ ଏନ୍ଆଇଏକୁ ଡେପୁଟେଶନରେ ଗଲେ ନକ୍ସଲ ତଦନ୍ତ କ୍ଷେତ୍ରରେ ତାହା ବେଶ ସହାୟକ ହେବ ବୋଲି ସେ କହିଥିଲେ।



ଏନ୍ଆଇଏ ଡିଜି ଯୋଗେଶ ଚନ୍ଦ୍ର ମୋଦିଙ୍କୁ ଡିଜିପି ବି.କେ. ଶର୍ମା ସମ୍ବର୍ଦ୍ଧିତ କରୁଛନ୍ତି।

ପୋଲିସ ଡିଜି ବିଜୟ କୁମାର ଶର୍ମା କହିଲେ, ଏଭଳି ମାମଲାରେ ତଦନ୍ତବେଳେ ପ୍ରମାଣ ଯୋଗାଡ଼ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଆମେ ସଫଳତାର ସହ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗିରଫ କରିଥିଲୁ। ସେହିପରି ଆଉ ଏକ ଆତଙ୍କବାଦୀ ମାମଲାର ତଦନ୍ତ ଶେଷ ହୋଇ କୋର୍ଟରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଲିସ ସଂପୃକ୍ତ ଆତଙ୍କବାଦୀକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ପ୍ରମାଣ ରଖିଛି ବୋଲି ସେ କହିଥିଲେ।

ଏହି କର୍ମଶାଳାରେ ରାଜ୍ୟର ୧୦୦ରୁ ଅଧିକ ପୋଲିସ ଅଧିକାରୀ ଯୋଗ ଦେଇଛନ୍ତି। ଆତଙ୍କବାଦ ସମ୍ପର୍କିତ ମାମଲାରେ ତଦନ୍ତ କୌଶଳ ଶିକ୍ଷାଲାଭ କରିଛନ୍ତି, ଯାହା ନକ୍ସଲ ମାମଲାର ତଦନ୍ତ କ୍ଷେତ୍ରରେ ସହାୟକ ହେବ। ପୂର୍ବରୁ ଦିଲ୍ଲୀରେ ଏପରି ସ୍ୱତନ୍ତ୍ର କର୍ମଶାଳା ଓ ଟ୍ରେନିଂ କରାଯାଉଥିଲା। ଏବେ ଆତଙ୍କବାଦୀମାନେ ଭାରତକୁ ପ୍ରବେଶ ପାଇଁ ଓଡ଼ିଶା ଉପକୂଳକୁ ବ୍ୟବହାର କରିପାରନ୍ତି ବୋଲି ଗୋଇନ୍ଦା ରିପୋର୍ଟ ମିଳିଥିବାରୁ ଏପରି କର୍ମଶାଳା ବହୁ ଗୁରୁତ୍ୱ ବହନ କରୁଛି। ଏହି ଦିନିକିଆ କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଏନ୍ଆଇଏ ଡିଆଇଜି ପ୍ରବୀଣ କୁମାର ଭାରତରେ ଚାଲିଥିବା ଆତଙ୍କବାଦ ସଂଗଠନର କାର୍ଯ୍ୟକଳାପ, ଏନ୍ଆଇଏ ଆକ୍ଟ-୨୦୧୯ ସଂଶୋଧନ ଉପରେ କହିଥିଲେ। ଏନ୍ଆଇଏ ଏସ୍‌ପି ଏସ୍. ରାହୁଲ, ଅଫିସର ଅର୍ଜୁନ ଆମ୍ବଲାପଲ୍ଲୀ ପ୍ରମୁଖ ଆତଙ୍କବାଦୀ ମାମଲା ତଦନ୍ତ ବେଳେ ଥିବା ଆଇନ୍‌ଗତ ଦିଗ ଓ ଅନ୍ତର୍ଜାତୀୟ ସ୍ତରରେ ଘଟିଥିବା ଆତଙ୍କବାଦୀ କାର୍ଯ୍ୟକଳାପର ବିଭିନ୍ନ ତଦନ୍ତ ପ୍ରକ୍ରିୟା ଉପରେ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ପୋଲିସର ଇନ୍ସପେକ୍ଟର ଓ ଡିଏସ୍‌ପି ର୍‌ୟାଙ୍କର ଅଧିକାରୀଙ୍କୁ ଏନେଇ ତାଲିମ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଡିଆଇଜି ଅମିତେନ୍ଦ୍ରନାଥ ସିହ୍ନା, ଏସ୍‌ପି ସୁଧାଂଶୁ ମିଶ୍ର, ଏସ୍‌ଟିଏଫ ଏସ୍‌ପି ରାହୁଲ ପି.ଆର., ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

### ଅଭିମନ୍ୟୁଙ୍କୁ ମିଳୁନି ଭତ୍ତା

**ଅତାବିରା, ୩।୧୦ (ଡି.ଏନ.ଏ)**
ବରଗଡ ଜିଲା ଭେଡେନ ବ୍ଲକ ଦେଶ ଭଟିଲି ପଞ୍ଚାୟତ ଉଦେପୁର ସହରାପଡାର ଅଭିମନ୍ୟୁ ଭୋଇ। ୯୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ତାଙ୍କୁ ଏଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ଅଭିମନ୍ୟୁଙ୍କୁ ପଚରାଯିବାରୁ ମୋର ବୟସ ୯୦ ଟପିଲାଣି ତଥାପି ମତେ ଭତ୍ତା ମିଳୁନି ବୋଲି କହିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ସେ ଆବେଦନ କରିଥିଲେ ମଧ୍ୟ ନ ମିଳିବାରୁ ନିରାଶ ହୋଇ ଆବେଦନ କରୁ ନ ଥିବା ଆମ ପ୍ରତିନିଧିଙ୍କୁ କହିଥିଲେ। ଏ ବିଷୟରେ ଭେଡେନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଯିବାରୁ ଆବଶ୍ୟକୀୟ କାଗଜପତ୍ର ଦେଲେ ଭତ୍ତା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଫଟୋରେ ଖବର


ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରସ୍ତାବିତ ଭେଣ୍ଡିଂଜୋନ ସ୍ଥାନରେ ବେଲପାହାଡ଼ ପୌରପରିଷଦ ପକ୍ଷରୁ ଚାରା ରୋପଣ କରାଯାଉଛି।


ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ ସ୍କାଉଟ ଛାତ୍ର ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରୁଛନ୍ତି।

### ସମଲେଶ୍ୱରୀଙ୍କ କାତ୍ୟାୟନୀ ବେଶ

**ବରଗଡ଼ ଅଫିସ୍,୩।୧୦**
ଶାରଦୀୟ ନବରାତ୍ର ପୂଜନୋତ୍ସବରେ ବରଗଡ଼ ଉତ୍ସବ ମୁଖର ହୋଇ ପଡ଼ିଛି। ଏହି ଅବସରରେ ସ୍ଥାନୀୟ ତଳିପଡ଼ା ସମଲେଶ୍ୱରୀ ମନ୍ଦିରରେ ଗୁରୁବାର ମାଁ ସମଲେଶ୍ୱରୀ କାତ୍ୟାୟନୀ ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ରୋଗ, ଶୋକ, ସନ୍ତାପ, ଭୟ ଆଦି ବିନଷ୍ଟ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ଦେବୀ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।



### ରାଜ୍ୟସ୍ତରୀୟ ଫୁଟବଲ, ଟେନିକଏଟ୍ ପ୍ରତିଯୋଗିତା



ଜ୍ୟସ୍ତରୀୟ ଫୁଟବଲ, ଟେନିକଏଟ୍ ପ୍ରତିଯୋଗିତା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବରଗଡ଼ ଅଫିସ୍/ସରଣ୍ଡା,୩।୧୦**
ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହାସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଆୟୋଜନରେ ରାଜ୍ୟସ୍ତରୀୟ ବାଳିକା ଫୁଟବଲ ଓ ଟେନିକଏଟ୍ ପ୍ରତିଯୋଗିତା ଚାଲିଛି। ଏହି ପରିପ୍ରେକ୍ଷୀରେ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଗୁରୁବାର ଅତାବିରା ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ମୟୂରଭଞ୍ଜ, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଦଳ ମଧ୍ୟ ମ୍ୟାଚ ହୋଇଥିବାବେଳେ ଲରମ୍ଭା କଲେଜ ପଡ଼ିଆରେ କଳାହାଣ୍ଡି, ବଲାଙ୍ଗୀର, ଖୋର୍ଦ୍ଧା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବରଗଡ଼ ମଧ୍ୟରେ ମ୍ୟାଚ ହୋଇଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ସମସ୍ତ ଟେନିକଏଟ୍ ପ୍ରତିଯୋଗିତା ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଖେଳ ପଡ଼ିଆରେ ହୋଇଥିଲା। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତା ପରିଚାଳନାରେ ୪୦ରୁ ଊର୍ଦ୍ଧ୍ୱ କ୍ରୀଡ଼ା ଶିକ୍ଷକ ନିୟୋଜିତ ହୋଇଛନ୍ତି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସନ୍ଧ୍ୟା ହୋଇଥିଲା। ଏଥିରେ ବରଗଡ଼ ବିଇଓ ସୁଧାଂଶୁ ମିଶ୍ର, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ, ଅତାବିରା ବିଇଓ ରାଜାରାମ ମେହେରଙ୍କ ସମେତ ଅନୁଗୁଳ, ସମ୍ବଲପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଜିଲାର ଶାରୀରିକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସିହ୍ନା, ସତ୍ୟନାରାୟଣ ରାୟଗୁରୁ, ଭାଗୀରଥି ମଲ୍ଲିକ, ଡମ୍ବରୁଧର ପୂଜାରୀ, ସହକାରୀ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମନୋଜ ସାହୁ, ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ସଂସଦ ସମ୍ପାଦିକା ଅମୃତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶଥାଉକି, ବୁଧବାର ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଏବଂ ବରଗଡ଼ ଏସପି ପଦ୍ମିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଜିଲାସ୍ତରୀୟ ବିଜ୍ଞାନ ସେମିନାର

**ବରଗଡ଼ ଅଫିସ୍,୩।୧୦:** ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଇଂ ଶ୍ରୀକାନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଶିକ୍ଷାବିତ୍ ଦେବେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉକ୍ତ ସେମିନାରରେ ଜିଲାର ସମସ୍ତ ବ୍ଲକରୁ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରପାଲି ବ୍ଲକ ବାଳକ ହାଇସ୍କୁଲର ଛାତ୍ର ରାହୁଲ ବେହେରା ସେମିନାରରେ ପ୍ରଥମ ହୋଇଥିବା ବେଳେ ବିଜେପୁର ବ୍ଲକ ଗୁଦେରପାଲି ହାଇସ୍କୁଲର ଆରାଧନା ପଧାନ ଦ୍ୱିତୀୟ ଏବଂ ଅତାବିରା ବ୍ଲକ ଲସ୍ତଲା ନୋଡ଼ାଲ ହାଇସ୍କୁଲର ଛାତ୍ର ଅବିନାଶ ପ୍ରଧାନ ତୃତୀୟ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଟ୍ରଫି ଓ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରଗଡ଼ ମହିଳା କଲେଜର ଅଧ୍ୟାପିକା ଅନୁପମା ଚାନ୍ଦ, ରେମଣ୍ଡା ଜୁନିୟର କଲେଜର ପ୍ରାଧ୍ୟାପକ ଡଃ ଅଶ୍ୱିନୀ କୁମାର ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର ଦାଶ, ଭାର୍ଗବ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିବିଏସ୍ଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼ ଅଫିସ୍,୩।୧୦**
ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି। ଏଥିରେ ଅନ୍ତଃରାଷ୍ଟ୍ରୀୟ ଟ୍ରାଇଥଲନ ବିଜେତା ପ୍ରଜ୍ଞା ମୋହନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ରାଜେଶ ସାୱାଡ଼ିଆ, ସଞ୍ଜୀବ ଅଗ୍ରୱାଲ, ଡା. ଆର୍. କେ ପୁରୋହିତ, ସୁନୀଲ ମହାପାତ୍ର, ନିଲମ ଅଗ୍ରୱାଲ, ଗାୟତ୍ରୀ ଲାଠ, ବିକାଶ ଗ୍ରୁପର ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଜୟପ୍ରକାଶ ଶତପଥୀ, ଦିଲୀପ ସେଟ୍, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ ଚେୟାରମ୍ୟାନ ରୋଶନ ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସେହିପରି ଦେଶର ବିଭିନ୍ନ ରାଜ୍ୟର ୧୩୩ଟି ସ୍କୁଲର ୫୦୦ ଛାତ୍ରୀଛାତ୍ର, ୧୭୫ଜଣ କୋଚ୍, ପରିଚାଳିକା, ପରିଚାଳକ, ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲ, ଗୌହାଟି, ଆସାମ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୧୧ବର୍ଷରୁ କମ୍ ବାଳକ ବର୍ଗରେ ଆର୍ଯ୍ୟ ଆଦିତ୍ୟ ଲୋହାନ, ବାଳିକା ବିଭାଗରେ ସୌର୍ଯ୍ୟା ଚୌଧରାନା ବ୍ୟକ୍ତିଗତ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୪ବର୍ଷ କମ୍ ବାଳକ ବର୍ଗରେ ସାୟାନ ଭୌମିକ, ବାଳିକା ବର୍ଗରେ ଆଜିଙ୍କ୍ୟା ସିଂ, ୧୭ବର୍ଷ କମ୍ ବାଳକ ବର୍ଗରେ ରାଜଦୀପ ଗୋଗେଇ, ବାଳିକା ବର୍ଗରେ ସାଙ୍ଗା ପୁଟଡୁଙ୍ଗା, ୧୯ବର୍ଷ କମ୍ ବାଳକ ବର୍ଗରେ ପ୍ରସଙ୍ଗ ଶ୍ରୀବାସ୍ତବ ଓ ଅରିତ୍ର ଦାଶ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗରେ ସ୍ନିଗ୍ଧା ଲାଲ ବିଜେତା ହୋଇଥିଲେ।



କୃତୀ ପ୍ରତିଯୋଗୀମାନେ ଖୁସି ମନାଉଛନ୍ତି ।

■ ବିଜେପୁର ଉପନିର୍ବାଚନ

### ପୋଲିଂ, ପ୍ରିଜାଇଡିଂ ଅଫିସରଙ୍କୁ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୩।୧୦**
ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡ଼ିଂ ଅଫିସର, ପ୍ରଥମ ପୋଲିଂ ଅଫିସରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ପଦ୍ମପୁର ଅଞ୍ଚଳ କଲେଜରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଥିଲା। ଉପନିର୍ବାଚନର ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲଭାନିଆ ନିର୍ବାଚନ ପରିଚାଳନା ସଂକ୍ରାନ୍ତରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୪୦୦ ପ୍ରିଜାଇଡ଼ିଂ, ପ୍ରଥମ ପୋଲିଂ ଅଫିସର ଭାଗ ନେଇଥିଲେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

## ଭିକ୍ଷୁକ ଦେଉଛନ୍ତି ସଚେତନତା ବାର୍ତ୍ତା

**ଗଣ୍ଡକୁରୁମ, ୩।୧୦(ଡି.ଏନ.ଏ.)**
ନାଁ ତାଙ୍କର ଅଶ୍ୱିନୀ ପାଣ୍ଡେ। ବୟସ ପ୍ରାୟ ୮୦ ବର୍ଷ ହେବ। ବରଗଡ ଜିଲା ଭେଡେନ ବ୍ଲକ ସିଆଲଖଣ୍ଡହଥା ପଞ୍ଚାୟତ ଭାଲୁପାଲି ଗ୍ରାମରେ ତାଙ୍କ ବାସସ୍ଥାନ। ଅଶ୍ୱିନୀଙ୍କ ପୈତୃକ ସମ୍ପତ୍ତି ଦେଢ଼ ଏକର ଜମିରେ କେନାଲ ପାଣି ମାଡୁ ନ ଥିବାରୁ ଅନାବାଦି ହୋଇ ପଡି ରହିଛି। ସେ ପୂର୍ବରୁ ନିଜ ଜମି ଚାଷ ଏବଂ କୁଲି ମଜୁରୀ କରି ପରିବାର ପୋଷଣ କରୁଥିଲେ। ମାତ୍ର ଚାଷ ଜମି ଅନାବାଦି ଏବଂ କୁଲି ମଜୁରୀ କାମ ନ ମିଳିବାରୁ ଅଶ୍ୱିନୀ ନିରୁପାୟ ହୋଇ ରୋଗରେ ପୀଡିତ ହେଲେ। ଏହା ଦେଖି ସ୍ତ୍ରୀ ଦୁଇ ଛୁଆଙ୍କୁ ଧରି ବାପ ଘରକୁ ଚାଲିଗଲେ। ଏଥିରେ ସେ ଆହୁରି ଭାଙ୍ଗି ପଡିଲେ। ସେ ଅନ୍ୟୋନପାୟ ହୋଇ ପେଟ ଚାଖଣ୍ଡକ ପାଇଁ ଭିକ୍ଷା ବୃତ୍ତିକୁ ଆବୋରି ନେଲେ। ରାତି ପାହିଲେ ନିଜର ଝୁଲାମୁଣି ଧରି ଗାଁ ଗାଁ ବୁଲି ଭିକ୍ଷା କଲେ। ତେବେ ସେ ଯେଉଁ ଘରକୁ ଯାଇ ଭିକ୍ଷା ଗ୍ରହଣ କରନ୍ତି, ସେହି ଘରର ଗୃହିଣୀଙ୍କୁ ସଚେତନ କରିବାକୁ ଭୁଲି ନ ଥାନ୍ତି। ପାଇଖାନା ବ୍ୟବହାର କରି ସ୍ୱଚ୍ଛ ଭାରତ ନିର୍ମାଣରେ ସକ୍ରିୟ ଭୂମିକା ଗ୍ରହଣ କରିବା, ପରିବେଶ ସୁରକ୍ଷା, ଗଛ ଲଗାଇବା ବିଷୟରେ ବୁଝାଇଥାନ୍ତି। ଏପରିକି କୌଣସି ଚାଷୀଙ୍କୁ ଭେଟିଲେ ଜମିରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ବ୍ୟବହାର, କୀଟନାଶକ ଔଷଧ ବ୍ୟବହାରର କୁପରିଣାମ ବିଷୟରେ ଜଣାଇଥାନ୍ତି। ସେ ଗଣ୍ଡତୁରୁମ ଗ୍ରାମରେ ଭିକ୍ଷା କରୁଥିବା ସମୟରେ ତାଙ୍କୁ ଭେଟିବାରୁ ସେ କହିଥିଲେ, ଗତ ୧୯୪୫ ମସିହାରେ ସିଆଲଖଣ୍ଡହଥା ପ୍ରାଥମିକ ସ୍କୁଲରେ ପଞ୍ଚମ ଶ୍ରେଣୀରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରିବାରର ଆର୍ଥିକ ଅନଟନ ଯୋଗୁ ଆଗକୁ ଉଚ୍ଚ ଶିକ୍ଷାରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା। ସେ ସମୟର ପାଠପଢ଼ା ଏବଂ ବର୍ତ୍ତମାନର ପାଠପଢ଼ା ଭିତରେ ବହୁତ ଫରକ ରହିଛି। ଆଜି କାଲିର କଲେଜ ପଢୁଆ ଝିଅପୁଅ ଆମ ସହିତ ଉଚିତ ଭାଷାରେ କଥା ଲାଗି ପାରିବେନି ବୋଲି ଅଶ୍ୱିନୀ କହିଥିଲେ।


ଅଶ୍ୱିନୀ ଘର ଘର ବୁଲି ଭିକ୍ଷା କରୁଛନ୍ତି ।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

*Secretary*
*Women's College, Birmaharajpur*

LAND / PLOTS FOR SALE
**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)
For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**
ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍

**ରାଉରକେଲା ଅଫିସ,୩।୧୦** - ଫୁଲ ତୋଳିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଛିନ୍ତାଇ ହୋଇଥିବା ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ସେକ୍ଟର- ୨ ଏଚ/୫୩ ବାସିନ୍ଦା ସମ୍ପୃକ୍ତ ମହିଳାଙ୍କ ପକ୍ଷରୁ ଅଭିଯୋଗ ପରେ ଏନେଇ ପୋଲିସ ଏକ ମାମଲା (ନଂ.୯୧/୨୦୧୯) ରୁଜୁ କରି ତନାଘନା ଆରମ୍ଭ କରିଛି। ଗୁରୁବାର ସକାଳ ୬ଟା ବେଳେ ଜଣେ ଆର୍‌ଏସ୍‌ପି ଅଧିକାରୀ ଏସ. ରବିତେଜାଙ୍କ ମା' ବଗିଚାରୁ ଫୁଲତୋଳୁଥିବା ବେଳେ ଦୁଇ ଜଣ ଯୁବକ ସ୍କୁଟିରେ ଆସି ତାଙ୍କ ବେକରୁ ସୁନା ଚେନ ଛିନ୍ତାଇ କରିଥିଲେ।

### ଖଡ୍‌ଗ ପୂଜା, ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

**ରାଉରକେଲା ଅଫିସ, ୩।୧୦**
ରାଉରକେଲାରେ ଦେବୀ ଦୁର୍ଗାଙ୍କ ଆଗମନ ସହ ନବରାତ୍ର ପୂଜା ଆରମ୍ଭ ହୋଇଛି। ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ୍ ନିଗମ କମିଟି ପକ୍ଷରୁ ଖଡ୍‌ଗ ପୂଜା ଓ ଶୋଭାଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସେକ୍ଟର-୩ ଖଡ୍‌ଗ ଭବନରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ବିଧାୟକ ସାରଦା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାରମ୍ପରିକ ଖଡ୍‌ଗ ପୂଜା ପାରମ୍ପରିକ ନୀତି ନିୟମରେ ପାଳନ କରାଯିବା ସହ ଦଶମୀ ଦିନ ଖଡ୍‌ଗ ଶୋଭାଯାତ୍ରା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏହି ଶୋଭାଯାତ୍ରା ସେକ୍ଟର-୩ ଖଡ୍‌ଗ ଭବନରୁ ବାହାରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରୁ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିବ। ଶୋଭାଯାତ୍ରାରେ ପାରମ୍ପରିକ ବାଜା, ପାଇକ ନୃତ୍ୟ ସହ ମା'ଙ୍କ ୧୨ ହାତ ଖଣ୍ଡା ପ୍ରଦର୍ଶିତ ହେବ। ଏହାସହ ବୀର ପାଇକ ଜାତିର ଗାଥା ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବ। ଚଳିତବର୍ଷ ଏହି ଶୋଭାଯାତ୍ରାରେ ଏକ ମହିଳା ଦଳ ଯୋଗଦେବାର ବ୍ୟବସ୍ଥା କରାଯାଇଛି। ବୈଠକରେ ବିଭିନ୍ନ ଜୋନର ସଭାପତି, ସମ୍ପାଦକଙ୍କ ସମେତ ସଦସ୍ୟମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଯଦୁମଣି ସ୍ୱାଇଁ ଶୋଭାଯାତ୍ରାରେ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ସୁର ରାଉତରାୟ ଧନ୍ୟବାଦ ଦେଇଥିଲେ।

■ ଆଇଜିଏଚ୍‌ରେ କ୍ୟାନସର ପୀଡ଼ିତାଙ୍କୁ ଦୁର୍ବ୍ୟବହାର ଘଟଣା

# ଜିଲାପାଳଙ୍କୁ ମିଳିଲା ତଦନ୍ତ ରିପୋର୍ଟ

**ରାଉରକେଲା ଅଫିସ ୩।୧୦**

ଇସ୍ପାତ୍ ଜେନେରାଲ ହସ୍‌ପିଟାଲରେ ଜଣେ କ୍ୟାନସର ପୀଡ଼ିତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଜିଲାପାଳ ନିଖିଳ ପବନ କଲ୍ୟାଣ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ତଦନ୍ତ କରି ଗୁରୁବାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଛେଣ୍ଡ ଅଞ୍ଚଳର ମୋନାଲିସା ଦାସ ଗତ ୨୦୧୪ ମସିହାରୁ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲରେ ଚିକିତ୍ସିତ ହେଉଥିଲେ। ଘରକୁ ଫେରିବା ପରେ ତାଙ୍କ ମୁଣ୍ଡ ବିନ୍ଧିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଣୁ ଡାକ୍ତରଙ୍କ ପରାମର୍ଶ ପାଇଁ ସେ ଆଇଜିଏଚକୁ ଯାଇଥିଲେ। ସେଠାରେ ମୋନାଲିସାଙ୍କ ଚିକିତ୍ସାରେ ଅବହେଳା କରାଯିବା ସହ ଦାୟିତ୍ୱରେ ଥିବା ଡାକ୍ତର ଓ ନର୍ସ ତାଙ୍କୁ କୁଆଡ଼େ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ମୋନାଲିସା ଅଭିଯୋଗ କରିଥିଲେ। ଏ ନେଇ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ବୁଧବାର ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଉପଜିଲାପାଳ ମହାପାତ୍ର ଓ ରାଉରକେଲା ସରକାରୀ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡା.ଦୀନବନ୍ଧୁ ପଣ୍ଡା ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ପ୍ରଥମେ ତଦନ୍ତକାରୀ ଦଳ ଛେଣ୍ଡ ସ୍ଥିତ ମୋନାଲିସାଙ୍କ ଘରକୁ ଯାଇ ପଚରାଉଚୁରା କରିବା ସହ ତାଙ୍କ ବାପାଙ୍କୁ ମଧ କିଛି ପ୍ରଶ୍ନ ପଚାରିଥିଲେ। ଏହାପରେ ଉଭୟେ ଆଇଜିଏଚକୁ ଯାଇ ଚିକିତ୍ସା କରୁଥିବା ଡାକ୍ତର ଏମ.ମାଝୀ, ଆଇଜିଏଚ୍‌ର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଏସ.ଏସ.ପତି ଏବଂ ଦାୟିତ୍ୱରେ ଥିବା ୩ ନର୍ସଙ୍କୁ ଭେଟି ପଚରାଉଚୁରା କରିଥିଲେ। ଗୁରୁବାର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଏ ନେଇ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା କହିଛନ୍ତି। ଏହାସହ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ସହ ରୋଗୀମାନଙ୍କୁ ଭଲ ବ୍ୟବହାର କରିବାକୁ ଡା. ଏସ.ଏସ.ପତିଙ୍କ ସହ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଥିଲେ। ଖାସକରି ଆଇଜିଏଚରେ ନୂତନ ଭାବେ ଯୋଗଦେଉଥିବା ନର୍ସମାନଙ୍କ ବ୍ୟବହାର ଠିକ ରଖିବାକୁ ପରାମର୍ଶ ଦେଇଥିଲେ।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା, ସଫେଇ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ, ୩।୧୦**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସେକ୍ଟର-୧୬ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସପିସିବିର ପରିବେଶ ଯନ୍ତ୍ରୀ ଇଂ. ବବିତା ସିଂ, ସହକାରୀ ପରିବେଶ ଯନ୍ତ୍ରୀ ଦୀପକ ସାହୁ ଓ ଇଂ. ବିଜୟ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେବସ୍ମିତା ଓ ନମିତା ଏବଂ ସ୍କୁଲର ଛାତ୍ରୀମାନେ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରିଥିଲେ। ଇଂ. ଦୀପକ ସାହୁ ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ୍ ଓ ଏହାର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। ଜନସାଧାରଣ ନିଜ ମାନସିକତାର ପରିବର୍ତ୍ତନ କରିବା ସହ ଏହାକୁ ବର୍ଜନ କରିବା ପାଇଁ ସେ ଆହ୍ୱାନ କରିଥିଲେ। ସ୍କୁଲ ତରଫରୁ ସ୍ୱଚ୍ଛତା ସମ୍ପର୍କରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା ପରେ ଅତିଥି ଓ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ପଡିଥିବା ବିଭିନ୍ନ ଜରି, ପଲିଥିନ୍ ପ୍ରଭୃତି ସଫା କରିବା ସହ ଶ୍ରମ ଦାନ କରିଥିଲେ।

# ରାଧାନାଥ ରାୟ ଜୟନ୍ତୀ ପାଳିତ

**ରାଉରକେଲା ଅଫିସ ୩।୧୦**

ପ୍ରକୃତିର ଜଣେ ସାର୍ଥକ ରୂପକାର ଥିଲେ କବିବର ରାଧାନାଥ। ତାଙ୍କ ଲେଖନୀରେ ଭରି ରହିଥିଲା ମାଟି, ପାଣି, ପବନ ଓ ପାହାଡର ଅପରୂପ ବର୍ଣ୍ଣନା। ସେଥିପାଇଁ ଚିଲିକା ଠାରୁ ଆରମ୍ଭ କରି ଚନ୍ଦ୍ରଭାଗା ଯାଏ ସବୁ କବିତାରେ ସେ ପ୍ରକୃତିର ବର୍ଣ୍ଣନା କରିଥିଲେ ଅତି ନିଖୁଣ ଭାବରେ। ତେଣୁ ତାଙ୍କୁ ପ୍ରକୃତି କବି କୁହାଯାଏ ବୋଲି କବିବର ରାଧାନାଥ ରାୟଙ୍କ ଜୟନ୍ତୀ ସଭାରେ ଅତିଥିମାନେ ପ୍ରକାଶ କରିଥିଲେ। ସ୍ଥାନୀୟ ରିଜର୍ଭ ଲାଇନ ପୋଲିସ ହାଇସ୍କୁଲ ଓ ଓଡିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ରାଧାନାଥ ରାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କେଦାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୁଞ୍ଜବିହାରୀ ରାଉତ ଓ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବିବରଙ୍କ ଜୀବନୀ ଓ ସୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଶୁଭଶ୍ରୀ ମହାନ୍ତି କବିଙ୍କ ଜୀବନୀ ଓ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ଉତ୍ତରଦାତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ରାଧାନାଥ ରାୟଙ୍କ ଜୟନ୍ତୀ ଅବସରରେ ଛାତ୍ରୀ କବିବରଙ୍କ ଜୀବନୀ ଉପରେ ଆଲୋକପାତ କରୁଛନ୍ତି।

# ଦେଶର ସେବା କରିବାକୁ ସଂକଳ୍ପ ନେବା ଉଚିତ

**ଲହୁଣୀପଡା, ୩।୧୦(ଡି.ଏନ.ଏ)**– ଲହୁଣୀପଡା ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଲହୁଣୀପଡା ବ୍ଲକ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ପୂର୍ବତନ ଜିଲାପରିଷଦ ଅଧକ୍ଷ ରଣଜିତ କିଶାନ, ଜିଲାପରିଷଦ ସଦସ୍ୟ କେଦାର ମାହାନ୍ତ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇଥିଲେ। ପ୍ୟାରା ବାର୍ଲାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା ପାଇଁ ସଂକଳ୍ପ ନେବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବେହେରା, ଟୁକୁ ଜୟସ୍ୱାଲ, ବଟକୃଷ୍ଣ ମାହାନ୍ତ, ସନ୍ତୋଷ ରାୟ, ଗଙ୍ଗା ମାହାନ୍ତ, ବଟକୃଷ୍ଣ ଦଲେଇ, ପଙ୍କଜ ଦାଶ, ଅଶୋକ କୁମାର ବେହେରା, ଉମେଶ ରାୟ, କାନ୍ଦୁର କିଶାନ, ବିନ୍ଦୁ ଅଧିକାରୀ, ବାସୁଦେବ ସାହୁ, ମନ୍ଥତ ମାହାନ୍ତ, ଅବିନିଶ ରାୟ, ଲାଲନ ରାୟଙ୍କ ସମେତ ବହୁ କର୍ମି, କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜ୍ଞାନ ବିଜ୍ଞାନ ମେଳାର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ରାଉରକେଲା ଅଫିସ ୩।୧୦**

ରାଉରକେଲା ସେକ୍ଟର-୬ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଦ୍ୱାରା ଅନୁଷ୍ଠିତ ୧୯ତମ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ମେଳାରେ ସମଗ୍ର ଓଡିଶାର ଶିଶୁ ବିଦ୍ୟାମନ୍ଦିରରୁ ୫୪୮ଜଣ ଅଂଶଗ୍ରହଣ କରିଥିଲେ। ଏହି ମେଳାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ ଗିରି, ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ଦିବାକର ଘୋଷ ଏବଂ ସହ ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ ଓ ଶିକ୍ଷା ବିକାଶ ସମିତିର ସମ୍ପାଦକ ଲକ୍ଷ୍ମୀକାନ୍ତ ମହାରଣା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୧୯ତମ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହାସହ ମେଳାରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଆସନ୍ତା ୧୮ ଓ ୧୯ ତାରିଖରେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁରର ଯମୁନାବାଲି ଠାରେ ହେବାକୁ ଥିବା କ୍ଷେତ୍ରିୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ଏହି ମେଳାକୁ ରାଉରକେଲା ଶିଶୁ ବିଦ୍ୟାମନ୍ଦିରଗୁଡ଼ିକର ପରିଚାଳନା ସମିତି ସହଯୋଗ କରିଥିଲେ।

# ଗାନ୍ଧୀ ଜୟନ୍ତୀରେ ରଘୁନାଥପାଲ୍ଲୀ ଭାଜପା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୩। ୧୦**

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରଘୁନାଥପାଲ୍ଲୀ ଭାଜପା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ଷ୍ଟିଲ ଟାଉନସିପ ଅନ୍ତର୍ଗତ ସେକ୍ଟର- ୨୦ ପମ୍ପ ହାଉସ ବସ୍ତି ନିକଟରୁ ସଫେଇ ଅଭିଯାନ ଆରମ୍ଭ କରାଯାଇ ମିଶ୍ର ଖଟାଲ, ନେହେରୁପାଲ୍ଲୀ, ଆଜାଦ ବସ୍ତି, ସେକ୍ଟର- ୨୦ର ବିଭିନ୍ନ ବ୍ଲକ, ହିଲ ଟପ ଛକ ଓ ସେକ୍ଟର ୨ ଭଳି ବିଭିନ୍ନ ସ୍ଥାନ ପରିକ୍ରମା ପରେ ଏହାକୁ ଶେଷ କରାଯାଇଥିଲା। ଏଥିରେ ଷ୍ଟିଲ ଟାଉନସିପ ପୂର୍ବ ମଣ୍ଡଳ ସଭାପତି ପରେଶ ମିଶ୍ର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ରୂପେ ରାଜ୍ୟ ଭାଜପା ଉପସଭାନେତ୍ରୀ ସୁକେଶୀ ଓରାମ, ଜିଲା ସଭାପତି ଜଗବନ୍ଧୁ ବେହେରା ଯୋଗ ଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ସଭାରେ ଉପସ୍ଥିତ ନେତୃମଣ୍ଡଳୀ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଅଲୋକପାତ କରିଥିଲେ। ପ୍ରଭାତରୁ ରାମଧୂନ ଗାନ କରାଯାଇ ଥିଲା। ପ୍ଲାଷ୍ଟିକ ବର୍ଜନ ସହ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଆହ୍ୱାନ ଦିଆଯାଇ ଥିଲା। କାର୍ଯ୍ୟକ୍ରମରେ ସୁବ୍ରତ ପଟ୍ଟନାୟକ, ନାରାୟଣ ମହାନ୍ତି, ରାଇସନ ତିର୍କୀ, ଅମରେନ୍ଦ୍ର ଶର୍ମା, ଅଶୋକ ଲେଙ୍କା, ଗଙ୍ଗାଧର ଦାସ, ଲତିକା ପଟ୍ଟନାୟକ, ଭ୍ରମରବର ବେହେରା, ବସନ୍ତ ସାମଲ, ଅଂକୁଶ ବର୍ମା, ମଳୟ ମହାପାତ୍ର, ମନୋରଞ୍ଜନ ମୁନୀ, ଅଜୟ କଂସାରୀ, ମନୋଜ ସେନାପତି, ପ୍ରଶାନ୍ତ ପଣ୍ଡା ଓ ଲଲାଟେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




■ ବ୍ରାହ୍ମଣୀ ସେତୁ ନିର୍ମାଣ ନେଇ ଅହେତୁକ ବିଳମ୍ବ

# ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ରଙ୍କ ଧାରଣା

**ରାଉରକେଲା ଅଫିସ, ୩।୧୦**

ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନେଇ ଅହେତୁକ ବିଳମ୍ବକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପାନପୋଷ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ୧୨ ଘଣ୍ଟିଆ ଧାରଣା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁସାରେ କଂଗ୍ରେସ ସରକାର ସମୟରୁ ଏହି ସେତୁ ନିର୍ମାଣ ନେଇ ଅନୁଦାନ ଯୋଗାଇ ଦିଆଯାଇଥିବା ସତ୍ତ୍ୱେ ଦ୍ୱିତୀୟ ସେତୁ ନିର୍ମାଣ କରାଗଲାନି। ଏଥିରେ ରାଜ୍ୟ ସରକାର ଜାଣିଶୁଣି ବାଧା ସୃଷ୍ଟି କଲେ। ଏବେ ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ମନ୍ତ୍ରୀ ନିତୀନ ଗଡକରୀଙ୍କ ପ୍ରତିଶ୍ରୁତି ତଥା ଶିଳାନ୍ୟାସ ସତ୍ତ୍ୱେ ଏହି ସେତୁ ନିର୍ମାଣ କରାଯାଉନି। କେବଳ ପାଇଲିଂ କରାଯାଇ ସହରବାସୀଙ୍କୁ ଭୂଆଁ ବୁଲାଯାଉଛି। ପୁରୁଣା ସେତୁରେ ଦିନକୁ ଦିନ ଫାଟ ବଢିବାକୁ ଲାଗିଥିବା ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଲାଗି ରହୁଛି। ବାରମ୍ବାର ଏହାକୁ ମରାମତି କରାଯାଇ କାମ ଚଳାଯାଉଛି। କେତେବେଳେ ସେତୁ ଭୁଷୁଡିବ ସେକଥା କୁହାଯାଇ ପାରୁନି। ଏମିତି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାର କହିଥିଲେ କେନ୍ଦ୍ର ଅବହେଳା କଲେ ଆମେ ସେତୁ ନିର୍ମାଣ କରିବୁ। ହେଲେ ଆଜିଯାଏ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାଁନ୍ତି। ଏଣେ ପୁରୁଣା ସେତୁ ଅବସ୍ଥା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହା ଉପରେ ନିର୍ଭର କରୁଥିବା ସହରବାସୀ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଗତ କିଛି ଦିନ ପୂର୍ବେ ସେତୁ ଉପରୁ ଏକ ଲୁହା ପ୍ଲେଟ ସ୍ଥାନଚ୍ୟୁତ ହେବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଠୁ ନେଇ ରୋଗୀ, କର୍ମଚାରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାହାକୁ ନେଇ ଏକ ଭୟର ବତାବରଣ ସୃଷ୍ଟି ହୋଇଥିଲା। ଏମିତି ଅବସ୍ଥାରେ ତୁରନ୍ତ ପୁରୁଣା ସେତୁକୁ ସଂଲଗ୍ନ କରି ଆଉ ଏକ ନୂଆ ସେତୁ ନିର୍ମାଣ କରିବାକୁ ମହାପାତ୍ର ଗତ କିଛି ଦିନ ପୂର୍ବେ ଦାବି କରିଥିଲେ। ହେଲେ ଏନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର କର୍ଣ୍ଣପାତ କଲେ ନାହିଁ ବୋଲି ମହାପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ବ୍ରାହ୍ମଣୀ ଉପରେ ଦ୍ୱିତୀୟ ସେତୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସହରବାସୀଙ୍କୁ ପ୍ରତାରଣା କରିଛନ୍ତ ବୋଲି ସେ କହିଥିଲେ। ଏମିତି ଅବସ୍ଥାରେ ବାଧହୋଇ ଗାନ୍ଧି ଜୟନ୍ତୀରେ ଧାରଣା ଦେଉଛି। ସରକାରଙ୍କ ସଦବୁଦ୍ଧି ଉଦୟ ହେବା ଉଚିତ। ନହେଲେ ଏନେଇ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଏହି ୧୨ ଘଣ୍ଟିଆ ଧାରଣାରେ ଜିଲା କଂଗ୍ରେସ ପକ୍ଷରୁ ଅନେକ ବରିଷ୍ଠ ନେତା ଯୋଗ ଦେଇଥିବା ବେଳେ ବିଭିନ୍ନ ସଂଘ ସଙ୍ଗଠନ ପକ୍ଷରୁ ତାଙ୍କ ପଦକ୍ଷେପକୁ ସମର୍ଥନ ଜ୍ଞାପନ କରାଯାଇଥିଲା।



ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଧାରଣା ଦେଇଛନ୍ତି।

# ବିଶ୍ୱ ବରିଷ୍ଠ ଦିବସ ପାଳିତ

**ରାଉରକେଲା ଅଫିସ, ୩।୧୦:** କୋଏଲ ନଗର ସି ବ୍ଲକ ମଧୁସୂଦନ ପାର୍କ ପରିସରରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ବରିଷ୍ଠ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗନ୍ଧର୍ବ ଚରଣ ନାୟକ, ସତ୍ୟନାରାୟଣ ମହାନ୍ତି,କପିଳେଶ୍ୱର ମହାରଣା ଓ ହରିଶ୍ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସଭାପତି ପ୍ରଦୀପ ଦସ୍ତିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଥିଲା। ପୂର୍ବତନ ଉପଦେଷ୍ଟା ସୁରେଶ ତ୍ରିପାଠୀ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ସୁନାରାମ ମାଝୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ସୁବାସ ପାତ୍ର, ଅମରେନ୍ଦ୍ର ପଟ୍ଟନାୟକ, ଚାନ୍ଦମଣି ବେହୁରା, ସୁବାସ ଦାସ, ବଂଶୀଧର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ପକ୍ଷରୁ ବିକ୍ଷୋଭ

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରାଉରକେଲା ଅଫିସ, ୩।୧୦**

ଓଡିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ପକ୍ଷରୁ ଗୁରୁବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶତାଧିକ ପ୍ରତିନିଧି ଯୋଗ ଦେଇ ସରକାରଙ୍କ ଯୁବମାରଣ ନୀତିକୁ ସମାଲୋଚନା କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉପସ୍ଥିତ ପ୍ରତିନିଧି ଅଭିଯୋଗ କରିଥିଲେ ଯେ ଇଣ୍ଡଷ୍ଟ୍ରିଆଲ ଡିସପ୍ୟୁଟ ଆକ୍ଟ୧୯୪୭ ଅନୁସାରେ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଧରଣର କର୍ମଚାରୀଙ୍କୁ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ମିଳିବା ଉଚିତ ବୋଲି ଏଥିରେ ସ୍ୱୀକୃତ ପ୍ରଦାନ କରାଯାଇଛି। କେବଳ ଏତିକି ନୁହେଁ ସର୍ଭିସ ଆକ୍ଟ, ୧୯୭୬, ଡ୍ରଗ୍ସ ଆକ୍ଟ ୧୯୫୪ ଅନୁଷାରେ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରବେଶ ନିମନ୍ତେ ସ୍ୱତଃ ଅନୁମତି ରହିଛି। ନିଜ ନିତ୍ୟ ନୈମିତିକ ବ୍ୟବସାୟ ସମ୍ପର୍କିତ ଆବଶ୍ୟକତା ନେଇ ଡାକ୍ତରଙ୍କ ସହ ସାକ୍ଷାତ କରିପାରିବେ। ଏପରି ଅବସ୍ଥାରେ ସରକାର ସହସ୍ରାଧିକ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କୁ ଏଥିରୁ ବିରତ କରିବା ଦୁଃଖଦାୟକ ଘଟଣା। ଏପରି ଅବସ୍ଥାରେ ସରକାର ମେଡିକାଲ କଲେଜ ଓ ହସ୍ପିଟାଲକୁ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କ ଯାତାୟତ ଉପରେ କଟକଣା ଜାରି କରିବା ଦ୍ୱାରା ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ପୋଲିସ ଲଗାଇ ଏମାନଙ୍କୁ ବାନ୍ଧିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ରାଜ୍ୟରେ ଅନେକ ଶିକ୍ଷିତ ବେକାର ଏହି ପ୍ରଫେସନରେ ରହି ପରିବାର ପ୍ରତିପୋଷଣ କରୁଛନ୍ତି। ଏହା ଉପରେ ସରକାରଙ୍କ ପ୍ରତିବନ୍ଧକ ଦ୍ୱାରା ଅନେକ ରୋଜଗାର ହରାଇବାକୁ ବସିଛନ୍ତି। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛନ୍ଦରେ ଦାୟିତ୍ୱ ନିର୍ବାହ କରୁଥିବା ଔଷଧ ବିକ୍ରୟ ପ୍ରତିନିଧିଙ୍କୁ ସରକାର ଦଲାଲ ଭଳି ବ୍ୟବହାର କରିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ସଂଘ କର୍ମକର୍ତ୍ତା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଆଇନ ଅନୁମୋଦିତ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କୁ ସରକାର ହନ୍ତସନ୍ତ କରି ଘରେ ବସାଇବାକୁ ଚାହୁଁଛନ୍ତି କି ବୋଲି ଏଥିରେ ପ୍ରଶ୍ନ କରାଯାଇ ଥିଲା। ସେଲ୍ସ ପ୍ରମୋସନ କ୍ଷେତ୍ରରେ ଏକ ବଡ କ୍ଷେତ୍ରକୁ ପରିଚାଳନା କରି ଆସୁଥିବା ରିପ୍ରେଜେଣ୍ଟେଟିଭଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବାରୁ ସଙ୍ଗଠନ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

**WOMEN'S COLLEGE, BIRMAHARAJPUR**

**WALK-IN-INTERVIEW**

Desirous candidates having atleast 55% of marks in M.A. (History) are called upon to attend a walk-in-interview for appointment as lecturer in history to be held on 10.10.2019 at 11AM along with all Academic Certificates Original & Xerox and Bio-data.

***Secretary***
***Women's College, Birmaharajpur***

LAND / PLOTS FOR SALE

**Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)
For further Quarries and Information :- Please Contact, Mob No.- 07126723000, E-mail : admin@mahamin.in**

**ଜମି/ପ୍ଲଟ୍ ବିକ୍ରି ହେବ**

ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।

- ସିସେରୋ

## ସଂକ୍ଷେପରେ

### କାନ୍ଥ ପଡ଼ି ଗୋଟିଏ ପରିବାରର ୩ ଗୁରୁତର

**ପୁରୁଣାକଟକ/ ତଳଗାଁ, ୩।୧୦ (ଡି.ଏନ.ଏ)**- ମାଟିକାନ୍ଥ ପଡିଯିବାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପିତାମ୍ବରପୁର ପଞ୍ଚାୟତ ଜିରାଡ ଗ୍ରାମ ନିକଟସ୍ଥ ଡଙ୍ଗାଖୋଲ ଜଙ୍ଗଲରେ ରହୁଥିବା ଗୋଟିଏ ଆଦିବାସୀ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ପ୍ରଦୀପ କହଁର (୪୦), ସ୍ତ୍ରୀ ସବିତା କହଁର (୩୫) ଓ ପୁଅ ଆଦିତ୍ୟ କହଁର (୬) । ବୁଧବାର ରାତିରେ ପ୍ରଦିପ ସପରିବାର ଖାଇ ସାରି ଶୋଇଥିଲେ । ରାତି ପ୍ରାୟ ୧ଟା ବେଳେ ଘରର ମାଟି କାନ୍ଥ ପଡିଯିବାରୁ କାନ୍ଥ ତଳେ ସେମାନେ ଚାପି ହୋଇ ରହିଯାଇଥିଲେ। ଗୁରୁବାର ସକାଳୁ ଖବର ପାଇ କାନପୁର ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ଏ ନେଇ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କୁ ପଚାରିବାରୁ ସେମାନଙ୍କୁ ଚିକିତ୍ସା ସହିତ ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

### ୭୭ ବର୍ଷରେ ବେଲପାହାଡ଼ ଷ୍ଟେଶନ ଦୁର୍ଗାପୂଜା

# ପୂଜାମଣ୍ଡପ, ବାଣିଜ୍ୟମେଳା ମୁଖ୍ୟ ଆକର୍ଷଣ

**ବେଲପାହାଡ଼,୩।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲାର ଅନ୍ୟତମ ସର୍ବ ପୁରାତନ ପୂଜା ଅନୁଷ୍ଠାନ ଭାବରେ ବେଲପାହାଡ଼ ଷ୍ଟେଶନ ଦୁର୍ଗା ପୂଜାର ଖ୍ୟାତି ରହିଛି। ଚଳିତବର୍ଷ ଏହି ଅନୁଷ୍ଠାନର ପୂଜା ୭୭ ବର୍ଷରେ ପଦାର୍ପଣ କରିବ। ଆସନ୍ତା ଶୁକ୍ରବାରରୁ ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ ହେବ। ଏଥିପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଦେବୀ ଦୁର୍ଗା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ସରିଥିଲାବେଳେ ମନ୍ଦିର ଆକୃତିର ଏକ ତୋରଣର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକ ସାଜସଜ୍ଜା ଓ ବାଣିଜ୍ୟମେଳା ଏହି ପୂଜାର ମୁଖ୍ୟ ଆକର୍ଷଣ ରହିଆସିଛି। ଏହାକୁ ବଜାୟ ରଖିବା ପାଇଁ କମିଟି ପକ୍ଷରୁ ପୂର୍ଣ୍ଣ ପ୍ରୟାସ କରାଯାଉଛି। ୧୯୪୩ ମସିହାରେ କାଲାରାମ କାଛିଙ୍କ ଘରେ କେତେକ ଧର୍ମାନୁରାଗୀ ପୁରୁଖା ଲୋକ ମାଟି କାନ୍ଥରେ ମା' ଦୁର୍ଗାଙ୍କ ଛବି ଆଙ୍କି ପ୍ରଥମେ ପୂଜା ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍ଥାନୀୟ ଅଧିବାସୀ ଓ ରେଳ ଷ୍ଟେଶନରେ କାମ କରୁଥିବା କେତେକ ବଙ୍ଗୀୟ ଯୁବକ ସାର୍ବଜନୀନ ମୂର୍ତ୍ତି ପୂଜା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସେମାନେ ମୂର୍ତ୍ତିକାର ନ ପାଇବାରୁ ଟ୍ରେନରେ କଲିକତାରୁ ମୂର୍ତ୍ତି ମଗାଇ ଏକ ବାଉଁଶ ଓ ପତ୍ର ନିର୍ମିତ ଛାଉଁଣିରେ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ପୂଜା ହୋଇଆସୁଛି। ଷ୍ଟେଶନ ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଉଛି ବାଣିଜ୍ୟ ମେଳା। ଏଥର ବାଣିଜ୍ୟମେଳା ପାଇଁ ୧୦୫ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଓ ରାଜ୍ୟ ବାହାରୁ ଆସିବାକୁଥିବା କେତେକ ବାଣିଜ୍ୟିକ ସଂସ୍ଥାର ଷ୍ଟଲ ସ୍ଥାନ ପାଇବ। ଚଳିତ ବର୍ଷ ପୂଜା କମିଟିରେ ଅନିଲ କୁମାର ଅଗ୍ରୱାଲ ସଭାପତି, ଶମ୍ଭୁ ମହାନ୍ତି କାର୍ଯ୍ୟକାରୀ ସଭାପତି, ମନୁ ଜୟସ୍ୱାଲ ଉପସଭାପତି, ବିଶ୍ୱନାଥ ଅଗ୍ରୱାଲ ସାଧାରଣ ସମ୍ପାଦକ ଓ ସୋହନ ସକସେରିଆ କୋଷାଧ୍ୟକ୍ଷ ରହିଛନ୍ତି। ବରିଷ୍ଠ ସଦସ୍ୟ ରାଧେଶ୍ୟାମ ଅଗ୍ରୱାଲ ପୂଜାରେ କର୍ତ୍ତା ଦାୟିତ୍ୱ ଓ ପଣ୍ଡିତ ରମେଶ ମହାପାତ୍ର ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି।



ବେଲପାହାଡ଼ ଷ୍ଟେଶନ ଦୁର୍ଗାପୂଜା ମଣ୍ଡପର ମନ୍ଦିର ସଦୃଶ ତୋରଣ।

### କର୍ମକର୍ତ୍ତାଙ୍କ ମୁହଁରୁ-



"ଅଞ୍ଚଳର ପୁରୁଖା ଲୋକେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ବଢ଼ାଇବା ପାଇଁ ପୂଜା ଆରମ୍ଭ କରିଥିଲେ। ଆମେ ସମସ୍ତେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଉଦ୍ୟମ କରିଆସିଛୁ। ପୂର୍ବ ବର୍ଷ ଭଳି ଅଞ୍ଚଳବାସୀ ଶାନ୍ତିଶୃଙ୍ଖଳାର ସହିତ ଦୁର୍ଗାପୂଜା ମହୋତ୍ସବକୁ ଉପଭୋଗ କରିବେ ବୋଲି ଆମର ଆଶା।

-ଶମ୍ଭୁ ମହାନ୍ତି, କାର୍ଯ୍ୟକାରୀ ସଭାପତି



"ଅଞ୍ଚଳବାସୀଙ୍କ ଆର୍ଥିକ ସହଯୋଗ ଓ ଧର୍ମୀୟ ଆସ୍ଥା, ବିଶ୍ୱାସ ଯୋଗୁ ବିଗତ ୭୬ ବର୍ଷ ଧରି ମା' ଦୁର୍ଗାଙ୍କ ପୂଜା ପାଳିତ ହୋଇଆସୁଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ମା'ଙ୍କ ଦର୍ଶନ କରିପାରିବେ ସେଥିପାଇଁ ମଣ୍ଡପରେ ବିଶେଷ ବ୍ୟବସ୍ଥା କରାଯାଇଛି।

-ବିଶ୍ୱନାଥ ଅଗ୍ରୱାଲ, ସାଧାରଣ ସମ୍ପାଦକ



"ଚଳିତବର୍ଷ ପୂଜା ପାଇଁ ୧୪ ଲକ୍ଷ ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ଓଡ଼ିଶାର ଏକ ନାମୀ ଯାତ୍ରାପାର୍ଟିର ଆୟୋଜନ କରାଯାଇଛି। ବାଣିଜ୍ୟମେଳା ପାଇଁ ୧୦୫ଟି ଷ୍ଟଲ୍ ନିର୍ମାଣ କରାଯାଇଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବାଣିଜ୍ୟିକ ସଂସ୍ଥା ଭାଗନେବେ।

-ସୋହନ ସକସେରିଆ, କୋଷାଧକ୍ଷ

### ଜିଲାସ୍ତରୀୟ ବିଜ୍ଞାନ ସେମିନାର

**ବରଗଡ଼ ଅଫିସ୍,୩।୧୦**

ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଇଂ ଶ୍ରୀକାନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଶିକ୍ଷାବିତ୍ ଦେବେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଉକ୍ତ ସେମିନାରରେ ଜିଲାର ସମସ୍ତ ବ୍ଲକରୁ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରପାଲି ବ୍ଲକ ବାଳକ ହାଇସ୍କୁଲର ଛାତ୍ର ରାହୁଲ ବେହେରା ସେମିନାରରେ ପ୍ରଥମ ହୋଇଥିବା ବେଳେ ବିଜେପୁର ବ୍ଲକ ଗୁଦେରପାଲି ହାଇସ୍କୁଲର ଆରାଧନା ପଧାନ ଦ୍ୱିତୀୟ ଏବଂ ଅତାବିରା ବ୍ଲକ ଲସ୍ତଲା ନୋଡ଼ାଲ ହାଇସ୍କୁଲର ଛାତ୍ର ଅବିନାଶ ପ୍ରଧାନ ତୃତୀୟ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଟ୍ରଫି ଓ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରଗଡ଼ ମହିଳା କଲେଜର ଅଧ୍ୟାପିକା ଅନୁପମା ଚାନ୍ଦ, ରେମଣ୍ଡା ଜୁନିୟର କଲେଜର ପ୍ରାଧ୍ୟାପକ ଡଃ ଅଶ୍ୱିନୀ କୁମାର ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇଥିଲେ ।




ଜଳ ଅଧିକାର ଯାତ୍ରାରେ ସାମିଲ ହୋଇଛନ୍ତି ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ଚାଷୀ, ମତ୍ସ୍ୟଜୀବୀ।

### ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନ

# ଛତିଶଗଡ଼ରୁ ଆରମ୍ଭ ପାରାଦୀପରେ ଶେଷ

**ଝାରସୁଗୁଡା ଅଫିସ୍/ଲଖନପୁର, ୩।୧୦ (ଡି.ଏନ୍.ଏ.)**

ମହାନଦୀ ଜଳକୁ ଶିଳ୍ପ ଉଦ୍ଦେଶ୍ୟରେ ଛତିଶଗଡ଼ ଓ ଓଡ଼ିଶା ସରକାର ବ୍ୟବାହାର କରିଚାଲିଛନ୍ତି। ଏଥିରେ ବିଶେଷ ଭାବେ ଉଭୟ ରାଜ୍ୟର ଚାଷୀ ଓ ମତ୍ସ୍ୟଜୀବୀ ପ୍ରଭାବିତ ହେଉଛନ୍ତି। ଏହାକୁ ଲୁଚାଇବା ପାଇଁ ଉଭୟ ରାଜ୍ୟ ସରକାର ଲୋକଙ୍କୁ ଭ୍ରମିତ କରି ମହାନଦୀ ଜଳ ବିବାଦକୁ ନେଇ ଦୋଷ ଲଦାଲଦି ହେଉଛନ୍ତି। ଏହାର ପ୍ରକୃତ କାରଣ ଲୋକଲୋଚନକୁ ଆଣିବା ପାଇଁ ଉଭୟ ରାଜ୍ୟର କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଭାବେ ପ୍ରୟାସ ଚଳାଇ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀରୁ ଛତିଶଗଡ଼ କଲମା ବ୍ୟାରେଜ୍ ନିକଟସ୍ଥ ବାଲପୁର ଗ୍ରାମରୁ ଜଳ ଅଧିକାର ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଗୁରୁବାର ଓଡ଼ିଶାର ମହାନଦୀ ପ୍ରବେଶପଥ ସୁଖାସୋଢ଼ା ଗ୍ରାମରେ ପହଞ୍ଚିଥିଲା। ଛତିଶଗଡ଼ର ଚାଷୀ ଓ ମତ୍ସ୍ୟଜୀବୀଙ୍କୁ ନେଇ ବାଲପୁର ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଓଡ଼ିଶାର ସୁଖାସୋଢ଼ା ଗ୍ରାମରେ ଚାଷୀ ଓ ମତ୍ସ୍ୟଜୀବୀଙ୍କୁ ନେଇ ଏକ ସଭା ହୋଇଥିଲା। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଓଡ଼ିଶା କ୍ଷେତ ମଜ୍ଦୁର ସଂଘର ରାଜ୍ୟ ସଭାପତି ଶିଶିର ହୁଇ, ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା, ବାସୁଦେବ ଭୋଇ, ଗୋପୀନାଥ ମାଝି, ଯୋଗେନ୍ଦ୍ର ମାଝି, ଛତିଶଗଡ଼ ଜିଲା ବଞ୍ଚାଅ ସଂଘର୍ଷ ମୋର୍ଚ୍ଚାର ରଘୁବୀର ପ୍ରଧାନ, ଲମ୍ବୋଦର ସାହୁ, ମଦନ ପଟେଲ, ସୁରେଶ ଶର୍ମା, କୃଷ୍ଣଚନ୍ଦ୍ର ମାଝି, ଟଙ୍କଧର ସାହୁ ପ୍ରମୁଖ ଏଥିରେ ସାମିଲି ହୋଇଥିଲେ। ଏହି ଜଳ ଅଧିକାର ଯାତ୍ରା ମହାନଦୀ କୂଳରେ ଥିବା ଗ୍ରାମଗୁଡ଼ିକରେ ପହଞ୍ଚି ସଭା ମାଧ୍ୟମରେ ଲୋକଙ୍କୁ ସଚେତନ କରିବ। ଆସନ୍ତା ୨୦ ଓ ୨୧ ତାରିଖରେ ଏହି ଯାତ୍ରା ଆଠମଲ୍ଲିକ ଓ ବୌଦ୍ଧରେ ପହଞ୍ଚିବ। ସେହିପରି ଆସନ୍ତା ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବ ଅଧିକାର ଦିବସରେ ମହାନଦୀ ପ୍ରବେଶ ପଥ ପାରାଦୀପରେ ପହଞ୍ଚି ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ତରଫରୁ ଜଣାପଡ଼ିଛି।

# ଟୋଲ୍ ଗେଟ୍ ସମ୍ମୁଖରେ ଟ୍ରକ୍ ମାଲିକଙ୍କ ପ୍ରତିବାଦ

**ବ୍ରଜରାଜନଗର, ୩।୧୦ (ଡି.ଏନ୍.ଏ.)**

ଜାତୀୟ ରାଜପଥ ଏନଏଚ- ୪୯ର ନୂଆଡ଼ିହିଠାରେ ଥିବା ଟୋଲ୍ ଗେଟ ପାଖରେ ସ୍ଥାନୀୟ ଟ୍ରକ୍ ମାଲିକମାନେ ପ୍ରତିବାଦ କରି ୨ଘଣ୍ଟା ଟୋଲ୍ ଟ୍ୟାକ୍ସ ଆଦାୟ ବନ୍ଦ କରିଥିଲେ। ଟୋଲ୍ ଟ୍ୟାକ୍ସ ଆଦାୟ କରୁଥିବା ଠିକାଦାରଙ୍କ ତରଫରୁ ରଞ୍ଜନ ପଣ୍ଡା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ୪ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ଅନ୍ୟପକ୍ଷରେ ଟ୍ରକ୍ ମାଲିକମାନେ ୫ ତାରିଖ ପୁନର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଟ୍ରକ୍ ମାଲିକଙ୍କ ସହିତ କୋଲ୍ ଶୁଭିରସ୍‌ର ସଭ୍ୟମାନେ ସାମିଲ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଟୋଲ୍ ଟ୍ୟାକ୍ସ ଆଦାୟ ପୂର୍ବରୁ ବ୍ରଜରାଜନଗର ଅଞ୍ଚଳର ସମସ୍ତ ଗାଡ଼ିକୁ ରିହାତି ଦେବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତା'ପରେ ଟ୍ରକ୍ ମାଲିକମାନେ ସହମତି ପ୍ରକାଶ କରିଥିଲେ। ଏବେ କିନ୍ତୁ ଓଡି ୨୩ ଝାରସୁଗୁଡ଼ା ଆର୍‌ଟିଓ ଠିକଣା ଥିବା ଗାଡ଼ି ମାଲିକମାନେ ଯିବା ଆସିବା ପାଇଁ ୧୮୦ଟଙ୍କା ଦେଉଛନ୍ତି। ଅନ୍ୟ ଜିଲାର ନମ୍ବର ଥିବା ଟ୍ରକ୍ ଗୁଡ଼ିକ ଯିବା ଆସିବା ପାଇଁ ୩୫୦ ଟଙ୍କା ଦେଉଛନ୍ତି। ବ୍ରଜରାଜନଗର ଆଞ୍ଚଳିକ ଠିକଣା ଥିବା ଗାଡ଼ିମାଲିକଙ୍କୁ ରିହାତି ମିଳିବା କଥା ତାହା ଦିଆଯାଉ ନାହିଁ। ବ୍ରଜରାଜନଗର ଟ୍ରକ ଓନର୍ସ ଆସୋସିଏଶନ୍‌ରେ ଯଦି ଏକ ହଜାର ଝାରସୁଗୁଡ଼ା ଆର୍‌ଟିଓ ନମ୍ବର ଗାଡ଼ି ଅଛି, ତେବେ ୫ ହଜାର ସୁନ୍ଦରଗଡ଼, ସମ୍ବଲପୁର, କଟକ ଆଦି ଆର୍‌ଟିଓ ନମ୍ବର ରହିଛି, ଯାହାର ମାଲିକ ବ୍ରଜରାଜନଗର ଅଞ୍ଚଳର। ତେଣୁ ଆଞ୍ଚଳିକ ଠିକଣା ଥିବା ଗାଡ଼ି ମାଲିକମାନଙ୍କୁ ରିହାତି ଦେବାପାଇଁ ଆନ୍ଦୋଳନ କରାଯାଉଛି।



ଟୋଲ୍ ଗେଟ୍ ସମ୍ମୁଖରେ ସ୍ଥାନୀୟ ଟ୍ରକ୍ ମାଲିକମାନେ ପ୍ରତିବାଦ କରୁଛନ୍ତି।

# ବ୍ରହ୍ମାକୁମାରୀ ସଂସ୍ଥାର ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

**ବେଲପାହାଡ଼,୩।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଗୁମାଡ଼େରାସ୍ଥିତ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଗତ ବୁଧବାର କାର୍ଯ୍ୟାଳୟରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ସମାଜକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀଙ୍କୁ ଗୋଟିଏ ଲେଖାଏଁ କପଡ଼ା ବ୍ୟାଗ୍ ପ୍ରଦାନ କରାଯାଇ ପ୍ଲାଷ୍ଟିକ୍ ବ୍ୟାଗ୍ ବର୍ଜନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟାଳୟର ମୁଖ୍ୟ ପରିଚାଳିକା ଭଉଣୀ ଶିଖା ସମସ୍ତ ସଦସ୍ୟା ଓ ସଦସ୍ୟଙ୍କୁ କପଡ଼ା ବ୍ୟାଗ୍ ପ୍ରଦାନ କରିଥିଲେ।



ସଂସ୍ଥାର ସଦସ୍ୟା ସଦସ୍ୟ କପଡ଼ା ବ୍ୟାଗ୍ ଧରି ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ନ କରିବାକୁ ସଂକଳ୍ପ କରୁଛନ୍ତି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଗାନ୍ଧୀ ଜୟନ୍ତୀରେ ଗାନ୍ଧୀଙ୍କୁ ଖୋଜା

**ବ୍ରଜରାଜନଗର, ୩।୧୦ (ଡି.ଏନ୍.ଏ.)**

ବ୍ରଜରାଜନଗର ସହରର ମୁଖ୍ୟ ପ୍ରବେଶ ଦ୍ୱାର ହେଉଛି ଗାନ୍ଧୀଛକ। ଛକର ନାମ ଗାନ୍ଧୀଛକ ହେଲେ ମଧ୍ୟ ଆଖପାଖରେ ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ନାହିଁ। ଗାନ୍ଧୀ ଜୟନ୍ତୀରେ ଏକ ସାପ୍ତାହିକ ପତ୍ରିକା 'ଜନତାର ବନ୍ଧୁ'ର ୨୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅତିଥିମାନଙ୍କୁ ନେଇ ଗାନ୍ଧୀ ଦର୍ଶନ ଉପରେ ଏକ ବିତର୍କ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରଗଡ ଏମ୍‌ପି ସୁରେଶ ପୂଜାରୀ, ସମ୍ମାନିତ ଅତିଥି ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ମୁଖ୍ୟବକ୍ତା, ଝାରସୁଗୁଡ଼ା ଏଲ୍‌ଏନ୍ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ତପନ ବାରିକ, ଅନ୍ୟତମ ଅତିଥି, ପୂର୍ବତନ ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ ଯୋଗଦେଇ ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶରେ ଗାନ୍ଧୀଙ୍କର ନୀତି ଆଦର୍ଶକୁ ନେଇ ଦେଶ ଚଳାଇବାର ପ୍ରୟାସ ଆରମ୍ଭ କରିଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାରତୀୟ ସମ୍ବିଧାନରେ ଅହିଂସାକୁ ଯୋଡ଼ିବାକୁ ପ୍ରୟାସ ଆରମ୍ଭ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଚଳିତ ବର୍ଷ ମଧ୍ୟରେ ଗାନ୍ଧୀଛକରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାନ୍ଧିଜୀ, ଶାସ୍ତ୍ରିଜୀ ଓ ପତ୍ରିକାର ସମ୍ପାଦକ ସ୍ୱର୍ଗତ ମିତ୍ରଭାନୁ ପାଇଯୋଷୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପାଇଯୋଷୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ତାପସରାୟ ଚୌଧରୀ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୀବ ପାଇଯୋଷୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଶେଷରେ ରାଜୀବ ପାଇଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର

**ଝାରସୁଗୁଡା ଅଫିସ୍/ଲଖନପୁର, ୩।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଲଖନପୁର ବ୍ଲକ ଅଞ୍ଚଳର ବିକାଶ ପାଇଁ ବ୍ଲକ ଯୁବ ସଂଗଠନ ଅଣ୍ଟା ଭିଡ଼ିଛି। ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ଲଖନପୁର ଯୁବ ସଂଗଠନ ତରଫରୁ ଗୁରୁବାର ଜିଲାପାଳ ସରୋଜ କୁମାର ସାମଲଙ୍କୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାନୁସାରେ ଏହି ୫ ଦଫା ଦାବିପତ୍ରରେ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳ ସମସିଆ ବିଷୟରେ ଉଲ୍ଲେଖ ରହିଛି। ଲଖନପୁର ବ୍ଲକ ୩୩ ପଞ୍ଚାୟତକୁ ନେଇ ଗଠିତ। ଏହା ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ବ୍ଲକ। ବ୍ଲକ ସଦର ମହକୁମାରୁ ସୀମାନ୍ତବର୍ତ୍ତୀ ୧୯ଖଣ୍ଡ ମୌଜା ପ୍ରାୟ ୮୦ରୁ ୯୦ କି.ମି.। ଫଳରେ ଏତେ ଦୂରରୁ ବ୍ଲକ କାର୍ଯ୍ୟାଳୟକୁ ଆସି ଲୋକେ ବିଭିନ୍ନ କାମ କରିବା ସମ୍ଭବ ହେଉନାହିଁ। ଅପରପକ୍ଷେ ବ୍ଲକ ପରିସୀମା ବୃହତ୍ ଅଞ୍ଚଳ ହୋଇଥିବାରୁ ଅନେକ ସମୟରେ ସରକାରୀ ଯୋଜନାରେ ହେଉଥିବା ବିକାଶ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳସେଚନ ଓ ରାସ୍ତାଘାଟ ଆଦି ମୌଳିକ ସେବା ପ୍ରଭାବିତ ହେଉଛି। ଏଥିପାଇଁ ଲଖନପୁରକୁ ସବ୍‌ଡିଭିଜନ କରାଯାଇ ଏହାକୁ ୩ ବ୍ଲକରେ ବିଭକ୍ତ କରାଯାଉ। ବ୍ଲକ୍ ସଦର ମହକୁମାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଦୂରତାକୁ ଦୃଷ୍ଟିରେ ରଖି ଲଖନପୁରରେ ଏକ ସୁପର ସ୍ପେସିଆଲିଟି ହସ୍‌ପିଟାଲ, ଟ୍ରମାକେୟାର ସେଣ୍ଟର ସ୍ଥାପନ ପାଇଁ ଦାବି ହୋଇଛି। ଲଖନପୁର ବ୍ଲକ ଅଞ୍ଚଳରେ ସିଏଚ୍‌ସି ଓ ପିଏଚ୍‌ସି ରହିଛି। ହେଲେ ଆବଶ୍ୟକ ଡାକ୍ତର, କର୍ମଚାରୀ ଓ ଆନୁଷଙ୍ଗିକ ଯନ୍ତ୍ରପାତି ନାହିଁ। ଫଳରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି। ଏହି ବ୍ଲକରେ କୌଣସି ସରକାରୀ କଲେଜ ନାହିଁ। ଫଳରେ ଅଞ୍ଚଳର ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ୧୯ଖଣ୍ଡ ମୌଜାରେ ଏକ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଦାବି ହେଉଛି। ବ୍ଲକ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଜଳସେଚନର ସୁବିଧା ନ ଥିବାରୁ ପ୍ରତିବର୍ଷ ଚାଷୀ ମରୁଡ଼ିର ଶିକାର ହେଉଛନ୍ତି। ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଦାବି ହେଉଛି। ଅଞ୍ଚଳରେ ଅନେକ ଛୋଟବଡ଼ କଳକାରଖାନା ରହିଛି। ହେଲେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ। ଫଳରେ ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏସବୁର ସମାଧାନ ପାଇଁ ସଂଗଠନ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଡା.ଗିରିଶ ରାଉତ, ଅନିଲ ପଟେଲ, ଦୀନବନ୍ଧୁ ବିଶ୍ୱାଳ, ପ୍ରମୋଦ ବିଶି, ଅମିତ କୁମାର ସା, ନରେଶ ପ୍ରଧାନ, ଶମ୍ଭୁ ପ୍ରଧାନ, ନିମାଇଁ ସାହୁ, ଭୀଷ୍ମଦେବ ସାହୁ, ସୁକୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ସଂଗଠନ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା

## ସଂକ୍ଷେପରେ



### ଆଶ୍ରମ ବିଦ୍ୟାଳୟରେ ଚାରାରୋପଣ

**ହେମଗିର, ୩।୧୦ (ଡି.ଏନ.ଏ)**- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ହେମଗିର ବ୍ଲକର କୁଶମେଳ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଯଜ୍ଞ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ବନବିଭାଗ ପକ୍ଷରୁ ବିଭିନ୍ନ ପଦାଧିକାରୀ ଯୋଗଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକମାନେ ୨୦୦ରୁ ଊର୍ଦ୍ଧ୍ୱ ଆମ୍ବ, ଲେମ୍ବୁ, ପିଜୁଳି, ଜାମୁ ଗଛ ଚାରା ରୋପଣ କରିଥିଲେ। ପରିବେଶକୁ ସନ୍ତୁଳନ ରଖିବା ସଙ୍ଗେ ସବୁଜ ସୁନ୍ଦର କରିବା ଏହି ବୃକ୍ଷ ରୋପଣର ଉଦ୍ଦେଶ୍ୟ ବୋଲି ପ୍ରଧାନଶିକ୍ଷକ କହିଥିଲେ। ଏଥିରେ ବିଦ୍ୟାଳୟ କମିଟିର ସଭାପତି ବିଜୟ ସେଠ, ଶିକ୍ଷକ ଦୟାନିଧି ମାଝୀ, ଶ୍ରବଣ ବାରିକ, କମଳେଶ ପଟେଲ, ସୁନିତା ନାଏକ, ମଧୁଲିକା ଭୋଇ, ଲୁରୁଖାନ୍ ସେଠ, ସୁଶିଲ ସା, ଲତିକା ପଧାନ ପ୍ରମୁଖ ସହଯୋଗ କରିଥିଲେ ।

■ଧର୍ମ ପରିବର୍ତ୍ତନ ପାଇଁ ଚାପ

### ବାପାଙ୍କ ନାଁରେ ଝିଅଙ୍କ ଅଭିଯୋଗ

**ବଡ଼ଗାଁ, ୩।୧୦ (ଡି.ଏନ.ଏ)**- ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ଜଣେ ବ୍ୟକ୍ତି ଧର୍ମ ପରିବର୍ତ୍ତନ କଳାପରେ ତାଙ୍କ ଝିଅମାନଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବର୍ଷେ ହେଲା ଚାପ ପ୍ରୟୋଗ ଓ ଧମକ ଦେଉଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗନୁଯାଇ, ଜଣେ ବ୍ୟକ୍ତି ବର୍ଷେ ପୂର୍ବେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଛନ୍ତି। ସେ ଯୋଗଦେବାକୁ ଯାଉଥିବା ପ୍ରାର୍ଥନା ସଭାରେ ଯୋଗଦେବାକୁ ତାଙ୍କ ଝିଅମାନଙ୍କୁ ବାଧ କରି ଆସୁଛନ୍ତି। ଝିଅମାନେ ଧର୍ମ ପରିବର୍ତ୍ତନ କରିବାକୁ ରୋକଠୋକ ମନା କରିଦେବା ପରେ ଘରେ ଝଗଡା କରିବା ସହ ଖାଦ୍ୟ ସୁରକ୍ଷାର କାର୍ଡରୁ ଖାଦ୍ୟ ସାମଗ୍ରୀ ଉଠାଉଥିଲେ ମଧ ପିଲାଙ୍କୁ ଦେଉନାହାନ୍ତି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ହଇରାଣ କରିବା, ଧମକ ଦେବାରୁ ୫ ମାସ ହେଲା ଝିଅମାନେ ତାଙ୍କ ବଡବାପାଙ୍କ ଘରେ ରହୁଛନ୍ତି। ବାପାଙ୍କୁ ଝିଅମାନେ ବୁଝାସୁଝା କରିବା ସହ ସାମାଜିକ ସ୍ତରରେ ସମାଧାନ ପାଇଁ ଚେଷ୍ଟାକରି ନିରାଶ ହେବା ପରେ ଗୁରୁବାର ଥାନାରେ ଲିଖିତ ଜଣାଇଛନ୍ତି।

# ଚାଲିଛି ମୋରମ, ବାଲି ଚୋରା ଚାଲାଣ

**କୁତ୍ରା, ୩।୧୦ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଞ୍ଚଳରେ ମୋରମ ଓ ବାଲି ଚୋରା ଚାଲାଣ ହେଉଛି। ଫଳରେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱହାନୀ ହେଉଛି। ଏହି ଚୋରା କାରବାରରୁ ତହସିଲର କେତେକ କର୍ମଚାରୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି। ଏନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। କୁତ୍ରା ବ୍ଲକ ଦେଇ ଯାଇଥିବା ଶଙ୍ଖନଦୀ ବ୍ଲକରେ ଥିବା ଉଡ୍ଡୁରୁମା, ତରକେଲା, ଲକ୍ଷ୍ମୀପୋଷ, ସମଲେଇମୁଣ୍ଡା ଓ କୁଆଁରମୁଣ୍ଡା ବ୍ଲକ ଅଧିନ ଦଲଗି ବାଲୁଘାଟରୁ ବର୍ଷ ତମାମ ହଜାର ହଜାର ଟ୍ରକ ଓ ଡମ୍ଫରରେ ଚୋରାବାଲି କୁତ୍ରା, ବଡଗାଁ, ରାଜଗାଙ୍ଗପୁର ଭଳି ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ହେଲେ ଏହି ସବୁ ବାଲିଘାଟଗୁଡିକ ବେଆଇନ ଭାବେ ଚାଲିଥାଏ। ବାଲି ବ୍ୟବସାୟୀ କୁତ୍ରା ତହସିଲ ଅଧିକାରୀ ଓ ରାଜସ୍ୱ ଅଧିକାରୀଙ୍କୁ ହାତକରି ବେଧଡକ ଭାବେ ବାଲି ଚାଲାଣ କରି ମୋଟା ଅଙ୍କର ଅର୍ଥ ଆଦାୟ କରିଥାନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ସିଧାସଳଖ ନଦୀରୁ ବାଲି ବାହାରୁ ନାହିଁ। ବାଲି ବ୍ୟବସାୟୀମାନେ ଖରା ଦିନରେ ବହୁ ପରିମାଣର ବାଲି ନଦୀରୁ ବାହାର କରି ନଦୀ ପଠାରେ ଜମାକରି ରଖିଛନ୍ତି। ଏବେ ଏହି ବାଲିକୁ ଚଢ଼ା ଦରରେ ବିକ୍ରିକରି ଭଲ ରୋଜଗାର କରୁଛନ୍ତି। ବାଲି ଚୋରା ଚାଲାଣ ହେଉଥିବାବେଳେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଛି। ଏହା ଛଡା କୁତ୍ରା ବ୍ଲକର କୁତ୍ରା ଗ୍ରାମ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଦିନରେ ଜେଶିବି ଲଗାଇ ମୋରମ ଖନନ କରି ଟ୍ରାକ୍ଟର ଓ ଡମ୍ଫରରେ ଚାଲାଣ କରାଯାଉଥିଲେ ମଧ ରାଜସ୍ୱ ନିରୀକ୍ଷକ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ମୋରମ ଉତ୍ତୋଳନ ଯୋଗୁ ମୋରମ ଖାଦାନ ସୃଷ୍ଟି ହୋଇଛି। କୁତ୍ରା ବ୍ୟତୀତ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ମାଟି ଓ ମୋରମ ଚୋରା ଚାଲାଣ ହେଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ହେଲେ ଅଭିଯୋଗ ହେବା ସତ୍ତ୍ୱେ ତହସିଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଜଣାପଡିଛି। ବାଲି ଚୋରା ଚାଲାଣକୁ ନେଇ କୁତ୍ରା ତହସିଲଦାର ସୁପ୍ରଭା ଦାସଙ୍କୁ କିଛି ଦିନ ପୂର୍ବେ ପଚରାଯିବାରୁ ବାଲି ଚୋରା ଚାଲାଣ ହେଉଥିବା କଥା ଜାଣିଥିବା କହିଥିଲେ। ଏବାବଦରେ ଜିଲାପାଳ ଓ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଥିବା ପ୍ରକାଶ କରିଥିଲେ। ହେଲେ ଚୋରା ଚାଲାଣକାରୀଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ପଚାରିବାରୁ କୌଣସି ଠିକ୍ ଉତ୍ତର ଦେଇ ନ ଥିଲେ। ସେହିପରି କୁତ୍ରା ଗ୍ରାମ ପଞ୍ଚାୟତ ଗ୍ରାମ୍ୟ ଜଙ୍ଗଲ ପାଖରୁ ଶହଶହ ଟ୍ରିପ ମୋରମ ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିବାରୁ ଉକ୍ତ ଜାଗାରୁ ରାଜସ୍ୱ ଆଦାୟ ହେଉଛି କି ବୋଲି ପଚାରିବାରୁ ମୋରମ ଚୋରା ଚାଲାଣ ହେଉଥିବା କଥା ତହସିଲଦାର ସ୍ୱୀକାର କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ବାବଦରେ ପଚାରିବାରୁ କୁତ୍ରା ରାଜସ୍ୱ ନିରୀକ୍ଷକଙ୍କ ସହିତ କଥା ହେବି ବୋଲି ଉତ୍ତର ଦେଇଥିଲେ। ଏବେ ବର୍ଷା ଦିନରେ ସାଧାରଣ ଜନତା ତଥା ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନେ ଚଢ଼ା ଦରରେ ବାଲି କିଣୁଛନ୍ତି। ଏଥିରେ ବାଲି ବ୍ୟବସାୟୀ ଓ ତହସିଲ କର୍ମଚାରୀ ମାଲାମାଲ ହେଉଥିବା ନେଇ ଅଭିଯୋଗ ହେଉଛି। ଏହାଛଡା ସରକାରଙ୍କ ମଧ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ଘଟୁଛି। ଏଣୁ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।



କୁତ୍ରା ଅଞ୍ଚଳରେ ଥିବା ମୋରମ ଖାଦାନ।

- ■ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନି
- ■ତହସିଲ କର୍ମଚାରୀ ମାଲାମାଲ
- ■କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

# ଭାଜପାର ଗାନ୍ଧୀ ସଂକଳ୍ପ ଯାତ୍ରା

**ହେମଗିର, ୩।୧୦ (ଡି.ଏନ.ଏ)**

ଗାନ୍ଧୀ ଜୟନ୍ତୀ ଅବସରରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ହେମଗିର ବ୍ଲକର ରତନପୁରଠାରେ ଗାନ୍ଧୀ ସଂକଳ୍ପ ଯାତ୍ରା କରାଯାଇଥିଲା । ଏଥିରେ ସୁନ୍ଦରଗଡ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସଦର ବିଧାୟିକା କୁସୁମ ଟେଟେ, ଭାଜପା ଜିଲା ସଭାପତି ବଟ କିଶୋର ମିଶ୍ର ପ୍ରମୁଖ ସାମିଲ ଥିଲେ। ଅତିଥିମାନେ ପହଞ୍ଚି ଗ୍ରାମର ପ୍ରତ୍ୟେକ ପଡା ତଥା ଗଳିକନ୍ଦିରେ ବୁଲି ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଗ୍ରାମ ମଝିରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏମ୍‌ପି ଜୁଏଲ ଓରାମ ଗାନ୍ଧୀଜୀଙ୍କ ରାମଧ୍ୱନ ଶୁଣାଇବା ସଙ୍ଗେ ସଙ୍ଗେ ଗାନ୍ଧୀଜୀଙ୍କ ସଂକଳ୍ପକୁ ଗାଁର ବିକାଶରେ ଦେଶର ବିକାଶ, ସ୍ୱଚ୍ଛତା, ଜଳ ସଂରକ୍ଷଣ ତଥା ରାମରାଜ୍ୟ ପ୍ରତିଷ୍ଠା ସଂକଳ୍ପକୁ କିପରି ସାକାର କରାଯିବ ସେ ନେଇ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ବାଙ୍କିବାହାଲ- ଟପରିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଆସନ୍ତା ମାସେ ଭିତରେ ଆରମ୍ଭ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଭୋଇ ଓ ବିଧାୟିକା କୁସୁମ ଟେଟେ ମଧ ଲୋକଙ୍କ ସେବାରେ ସେମାନଙ୍କ ଦ୍ୱାର ଚବିଶ ଘଣ୍ଟା ଉନ୍ମୁକ୍ତ ବୋଲି କହିଥିଲେ। ଏହି ଅବସରରେ ଭାଜପା ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏଥିରେ ଗୋପାଳପୁର ସରପଞ୍ଚ କ୍ଷମାଶିଳ ମାଝୀ ଓ ମୁଣ୍ଡେରକ୍ଷେତ ସମିତି ସଭ୍ୟା ସନ୍ଧ୍ୟାରାଣୀ ମାଝୀ ନିଜର ସହଯୋଗୀଙ୍କ ସହ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ବୈଠକରେ ହେମଗିର ଦୁଇ ମଣ୍ଡଳ ସଭାପତି ଅରୁଣ ପଧାନ ଓ ବିଶିକେଶନ ସା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁଲତା ନାଏକ, ରାଜକୁମାର ନାଏକ,ଦିନେଶ କର, ପ୍ରେମସାଗର ଓରାମ, ଯଶବନ୍ତ ନାଏକ ଉପସ୍ଥିତ ଥିଲେ।



ଭାଜପାର ଗାନ୍ଧୀ ସଂକଳ୍ପ ଯାତ୍ରା ଅବସରରେ ଆୟୋଜିତ ବୈଠକରେ ଏମ୍‌ପିଙ୍କ ସମେତ ଦଳୀୟ ନେତା।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ୱାର୍ଡେନ୍‌ଙ୍କ କର୍ମଶାଳା ଉଦ୍‌ଘାଟିତ

**ସୁନ୍ଦରଗଡ, ୩।୧୦ (ଡି.ଏନ୍.ଏ)**

ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଭୁବନେଶ୍ୱର ତରଫରୁ ସୁନ୍ଦରଗଡ ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ କାର୍ଯ୍ୟାଳୟ ସହଯୋଗରେ ରାଉରକେଲା ଆଇଟିଡିଏ ସଭା ଗୃହଠାରେ ରାଜ୍ୟର ୬ଗୋଟି ଜିଲା ଅନୁଗୋଳ, ଦେବଗଡ, ସମ୍ବଲପୁର, ବରଗଡ, କେଉଁଝର ଏବଂ ସୁନ୍ଦରଗଡରେ ଚାଲୁଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୫୦ଜଣ ପ୍ରଧାନ ଶିକ୍ଷୟିତ୍ରୀ, ୱାର୍ଡେନ୍ ଏବଂ ବାଳିକା ଶିକ୍ଷା ସଂଯୋଜିକାଙ୍କ ୨ଦିନିଆଁ କର୍ମଶାଳା ଗୁରୁବାର ଉଦଘାଟିତ ହୋଇଯାଇଛି। ରାଉରକେଲା -ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ସର୍ବଶିକ୍ଷା ପ୍ରକଳ୍ପ ଶିକ୍ଷାସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ରାଜ୍ୟ ବାଳିକା ଶିକ୍ଷା ସଂଯୋଜିକା ଲହରୀ ମହାନ୍ତି ,ଉପନିର୍ଦ୍ଦେଶକ (ବାଳିକା ଶିକ୍ଷା) ଡଃ ଉଦୟନାଥ ମାଝି ଯୋଗ ଦେଇଥିଲେ। ଏହି କର୍ମଶାଳାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ସୁପରିଚାଳନା, ଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ,ସ୍ୱାସ୍ଥ୍ୟ ସମସ୍ୟା ଓ ତାର ନିରାକରଣ ଏବଂ ବିଦ୍ୟାଳୟର ରେକର୍ଡପତ୍ର ପରିଚାଳନା ଠିକ ଭାବେ କରାଯିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଲହୁଣୀପଡା, ୩।୧୦ (ଡି.ଏନ.ଏ)**

ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମାନବ କଲ୍ୟାଣ ପର୍ଯ୍ୟାୟ ସାରଣୀ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଯଦୁପତି ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ଚଇନି, ବଣାଇଗଡ ମହାବିଦ୍ୟାଳୟର ଅଧ୍ୟାପକ ପ୍ରେମସାଗର ମାହାନ୍ତ, ଆଦର୍ଶ ବିଦ୍ୟାଳୟ ପ୍ରଦୀପ କୁମାର ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଏହା ସହିତ ଆଲୋଚନା ବିଷୟ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଆଲୋଚନାଚକ୍ରରେ ଶରଧାପୁର, ବିଦ୍ୟାଳୟ ଛାତ୍ର ବିଶ୍ୱପ୍ରକାଶ କର, ଚାନ୍ଦିଲ ବିଦ୍ୟାଳୟ ଛାତ୍ରୀ ପ୍ରଭାତୀ ମାହାନ୍ତ, ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରିତା ମାହାନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ବିଶ୍ୱପ୍ରକାଶ କର ଜିଲାସ୍ତରୀୟ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ହାସଲ କରିଥିବା ସୂଚନା ଦେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରଭାତ ଫେରି

**ଟେନ୍‌ସା, ୩।୧୦ (ଡି.ଏନ.ଏ)**

ଟେନ୍‌ସା ବରସୁଆଁ ଲୌହଖଣି ଅଧିନସ୍ଥ ଟେନସା ଡିଏଭି ପବ୍ଲିକ ସ୍କୁଲରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ପ୍ରାରମ୍ଭରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦ୍ୱାରା ରାମଧ୍ୱନ ଗାନ କରି ପ୍ରଭାତ ଫେରି କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ସଙ୍ଗୀତ ଶିକ୍ଷକ ଦେବଦାସ ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ବାପୁଙ୍କ ବିଚାର ନାମକ ଛୋଟ ଏକ ନାଟକ ପରିବେଶିତ ହୋଇଥିଲା। ଯହିଁରେ ବିଦ୍ୟାଳୟର କୁନି କୁନି ପିଲାମାନେ ଅଂଶଗ୍ରହଣ କରିଥିଲେ । ଶେଷରେ ସର୍ବଜନ ହିତାୟ ନିମନ୍ତେ ଯଜ୍ଞ ଅନୁଷ୍ଠାନ କରାଯାଇ ବିଶ୍ୱଶାନ୍ତିନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ସ୍କାଉଟ, ଗାଇଡ ଜାତୀୟ ଯୁଥ ଫୋରମ ଉଦ୍‌ଯାପିତ

**ବଡ଼ଗାଁ, ୩।୧୦ (ଡି.ଏନ.ଏ)**

ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଭାରତ ସ୍କାଉଟ ଗାଇଡ ପକ୍ଷରୁ ଆୟୋଜିତ ଜାତୀୟ ଯୁଥ ଫୋରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦାପ୍ରସାଦ ନାୟକ ମୁଖ୍ୟଅତିଥି, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ଦିଲ୍ଲୀ ସ୍କାଉଟ ଗାଇଡ ମୁଖ୍ୟାଳୟର ନିର୍ଦ୍ଦେଶକ ରାଜକୁମାର କୌଶିକ, ଯୁଥ ଫୋରମର କମିଶନର ମଧୁସୂଦନ ଆୱଲା, ଆଇଟିସି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଯୁଥ ଫୋରମରେ ଗ୍ରୁପ ଡ୍ୟାନ୍ସ, ର୍‍ୟାମ୍ପ ଶୋ, ପେଣ୍ଟିଂ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ୨୪ଟି ରାଜ୍ୟର ୩ଶହରୁ ଊର୍ଦ୍ଧ୍ୱ ସ୍କାଉଟ ଗାଇଡ କ୍ୟାଡେଟ ଯୋଗଦେଇଥିଲେ। ଯୁଥ ଫୋରମର ଗ୍ରୁପ ଡ୍ୟାନ୍ସରେ ରାଜସ୍ଥାନ, ଓଡ଼ିଶା, ହରିୟାଣା, ର୍‍ୟାମ୍ପ ଶୋରେ ରାଜସ୍ଥାନ, ଓଡ଼ିଶା, ହରିୟାଣା, ରଚନା ଲିଖନରେ ଓଡ଼ିଶାର ମୋନାଲିସା ନାୟକ, ଉତ୍ତରାଖଣ୍ଡର ଶ୍ରଦ୍ଧେଶ ଶ୍ରୀବାସ୍ତବ, ମେଘାଳୟର ରାଇକର୍ ଥେଙ୍ଗନି, ପେଟିଂରେ ଏନ୍‌ଏଫ୍ ରେଳୱେର ରୋହିତ ରାୟ, ମେଘାଳୟର ଇଭଲିଁଞ୍ଜି, ପୂର୍ବ ରେଳୱେର ଶୁଭଜିତ ଦେ, ବକ୍ତୃତାରେ ହରିୟାଣାର ସଚିନ, ହିମାଞ୍ଚଳ ପ୍ରଦେଶର ଅଞ୍ଜଳି ବର୍ମା, ପଶ୍ଚିମବଙ୍ଗର ସୌମ୍ୟରଞ୍ଜନ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିଲେ। ଉଦ୍‌ଯାପନୀ ଦିବସରେ ନିର୍ଦ୍ଦେଶକ ବିଏସଜି ରାଜକୁମାର କୌଶିକ, ନିର୍ଦ୍ଦେଶକ ବିଏସଜି ମଧୁସୂଦନ ଅଲଭା, ନିର୍ଦ୍ଦେଶକ ଏଲଓସି ଅମର, ବାହାଦୁର କ୍ଷେତ୍ରି, ରିତେଶ ଅଗ୍ରୱାଲ, ଇବରାର ସରିଫ, ସୋନାକ୍ଷୀ ମଲ୍ଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଭାଜପାର ପଦଯାତ୍ରା

**ବାଲିଶଙ୍କରା, ୩।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ତରଫରୁ ପଦଯାତ୍ରା ହୋଇଯାଇଛି। ଏହି ଉତ୍ସବକୁ ପାଳନ କରିବା ପାଇଁ ଅଞ୍ଚଳର ଆବାଳ ବୃଦ୍ଧବୃଦ୍ଧାଠାରୁ ଧରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ବ୍ଲକର କିଞ୍ଜିରକେଲାଠାରୁ ଧରି ତିଲଡେଗା ଦେଇ ବାଲିଶଙ୍କରା ବସଷ୍ଟାଣ୍ଡ କୁଲେରମୁଣ୍ଡା ଜଗନ୍ନାଥ ମନ୍ଦିରଠାରେ ସଭା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଏମପି ଜୁଏଲ ଓରାମ ଯୋଗଦେଇ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ବଟକିଶୋର ମିଶ୍ର, ଜି. ଯୁବ ସଭାପତି ଟଙ୍କଧର ତ୍ରିପାଠୀ, କ ଜିଲାପରିଷଦ ଶ୍ରଦ୍ଧାକର ସୁନାନେ, 'ଖ' ଜିଲାପରିଷଦ ସଂଯୁକ୍ତା ମାଝୀ, ରବୀଚନ୍ଦ୍ର ପଟେଲ, ପର୍ଶୁରାମ ପଟେଲ, ଦୁର୍ଗାଚରଣ ପଟେଲ, ସୁଶାନ୍ତ ପଟେଲ, ଉଚ୍ଛବ ତନ୍ତି, ବୁଧୁରାମ ଓରାମ, ଉପେନ୍ଦ୍ର କୁଜୁର, ସବ୍ୟସାଚୀ ସା, ଉଗ୍ରେସନ ବେହେରା, ନଜମୁଲ ହକ, ଏମଡି ନସିମ୍, ସୋଭା ସାଏ, ବୈରାଗୀ ତନ୍ତି ଯୋଗଦେଇଥିଲେ। ପଦଯାତ୍ରା କିଞ୍ଜିରକେଲାରୁ ବାହାରି ବାଲିଶଙ୍କରା ଭାଠିପଡାରେ ସମାପ୍ତ କରିଥିଲେ ।





ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ବୋଲ୍‌ବମ୍ ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଲହୁଣୀପଡା, ୩।୧୦ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ବୋଲବମ୍ ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲହୁଣୀପଡା ଗାନ୍ଧୀ ଛକଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଲହୁଣୀପଡା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ରକ୍ତଦାନ ଶିବିରର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରଞ୍ଜନ ପାଢ଼ି, ସମ୍ମାନିତ ଅତିଥି ଭାବେ ବୀରଚନ୍ଦ୍ର ରାୟ ଏବଂ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ପ୍ରାରମ୍ଭରେ ପପୁଜିତ କାର୍ଯ୍ୟକ୍ରମ ତଥା ବୋଲବମ୍ ସେବା ସଂଘ ରାଜାମୁଣ୍ଡାର ବିଭିନ୍ନ ସମାଜ ସଂସ୍କାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରକ୍ତଦାନ ଶିବିରରେ ମୋଟ ୭୩ଜଣ ମହିଳା ପୁରୁଷ ରକ୍ତଦାନ କରିଥିଲେ। ବଣେଇ ଉପଖଣ୍ଡ ଚିକିତ୍ସାଳୟର ଡା. ଅନିରୁଦ୍ଧ ବେହେରାଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିର ପରେ ବୋଲବମ୍ ସେବା ସଂଘର ସଦସ୍ୟା ସଦସ୍ୟ ଡାକ୍ତରଖାନାକୁ ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛ ପରିମଳ କରିବା ସହିତ ପ୍ଲାଷ୍ଟିକ ବର୍ଜନ ପାଇଁ ଲୋକମାନଙ୍କୁ ସଚେତନତା ସୃଷ୍ଟି କରିଥିଲେ । ରମେଶ କର, ସିରାଜ ଖାନ୍, ବିକ୍ରମ ସ୍ୱାଇଁ, ରାଜା ଜୟସ୍ୱାଲ, ଚିନ୍ମୟ ଖଡିରତ୍ନ, ମିଥୁନ ପଣ୍ଡା, ମୁକେଶ ପାଲ, ଅଭୟ ଶତପଥି, ଅକ୍ଷୟ ସାହୁ, ମହେନ୍ଦ୍ର ପୁହାଣ, ଅଲେଖ ସ୍ୱାଇଁ, ରଣଜିତ ପତି, ଅଶୋକ ବେହେରା, ମନୋଜ ପାଲ ପ୍ରମୁଖଙ୍କ ସମେତ ବୋଲବମ୍ ସେବା ସଂଘର କର୍ମକର୍ତ୍ତା ପରିଚାଳନା କରିଥିଲେ ।

■ କୁମଝରିଆ ହାଇସ୍କୁଲରେ ଅଭିଭାବକ ସମାବେଶ

# ସ୍ୱତନ୍ତ୍ର ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଉପରେ ଆଲୋଚନା

**କୁଆଁରମୁଣ୍ଡା,୩।୧୦(ଡି.ଏନ.ଏ.)**

କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁମଝରିଆ ହାଇସ୍କୁଲ ରାଜ୍ୟର ସରକାରୀ ଶିକ୍ଷା ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇପାରିଛି। ଏହି ସ୍କୁଲର ସ୍ୱତନ୍ତ୍ର ମଧ୍ୟାହ୍ନଭୋଜନ ବ୍ୟବସ୍ଥା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ସ୍ୱଚ୍ଛ ବିଦ୍ୟାଳୟ ପାଇଁ ଜାତୀୟ ସ୍ତରରେ ରାଜ୍ୟରୁ ମନୋନୀତ ହୋଇ ପ୍ରଥମ ସ୍ଥାନ ହାସଲ ମଧ୍ୟ କରିପାରିଛି। ମଧ୍ୟାହ୍ନ ଭୋଜନରେ ଏହି ସ୍ୱତନ୍ତ୍ରତା, ସ୍ୱଚ୍ଛତା କେମିତି ସବୁଦିନ ବଜାୟ ରହିବ ଓ ଉତ୍ତମ ପାଠପଢା ସବୁଦିନ ଚାଲୁ ରହିବ ସେନେଇ ଗୁରୁବାର ଅନୁଷ୍ଠିତ ଅଭିଭାବକ ସମାବେଶରେ ଆଲୋଚନା ହୋଇଥିଲା। ଦଶହରା ଛୁଟିର ଅବ୍ୟବହିତ ପୂର୍ବରୁ ଏହି ସ୍କୁଲରେ ଅଭିଭାବିକାଅଭିଭାବକ, ସରପଞ୍ଚ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ସ୍କୁଲର ସମସ୍ତ ବ୍ୟବସ୍ଥା ଉପରେ ଖୋଲା ଆଲୋଚନା ଚାଲିଥିଲା। ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଖୋଲାଖୋଲି ସବୁ ବିଷୟ ଆଲୋଚନା କରିଥିଲେ। ରାଜ୍ୟ ସରକାର ୧ମ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନର ବ୍ୟବସ୍ଥା କରିଥିବା ବେଳେ ଏଠାରେ ୧ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ସୂଚାରୁରୂପେ ପ୍ରଦାନ କରାଯାଉଛି। ଅନୁରୂପଭାବେ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ପିଲାମାନେ କିଭଳି ଉତ୍ତମ ଫଳାଫଳ କରିବେ ସେନେଇ ୯ମ ଓ ୧୦ମ ଶ୍ରେଣୀର ପିଲାଙ୍କ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା କରାଯାଇଛି ବୋଲି ପ୍ରଧାନ ଶିକ୍ଷକ ସାମଲ କହିଥିଲେ। ଏପରିକି ସରକାରୀ ସ୍ତରରେ ହାଇସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ବେସରକାରୀଭାବେ ଅତିଥି ଶିକ୍ଷକଙ୍କୁ ଘରୋଇ ଉଦ୍ୟମରେ ସ୍କୁଲକୁ ଡକାଯାଇ ଶୃଙ୍ଖଳିତଭାବେ ଶିକ୍ଷାଦାନ କରାଯାଉଛି। ଫଳରେ ବିଗତ ୩ ବର୍ଷ ଧରି ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଏହି ସ୍କୁଲର ପିଲାମାନେ ସମଗ୍ର ଜିଲାରେ ଭଲ ଫଳାଫଳ କରୁଛନ୍ତି ବୋଲି ପ୍ରଧାନଶିକ୍ଷକ ସାମଲ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ,ଏବିଇଓ ଗୁରୁଚରଣ ସାହୁ ମଧ୍ୟ ପ୍ରଧାନଶିକ୍ଷକ ସାମଲଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁରୂପଭାବେ କୁମଝରିଆ ସରପଞ୍ଚ ବାତିଆ ଲାକ୍ରା, ଅଭିଭାବିକା ତଥା ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ସୋଫିଆ ବାଗେଙ୍କ ସହ ଅନ୍ୟମାନେ ସ୍କୁଲର ସମସ୍ତ ବ୍ୟବସ୍ଥାକୁ ସ୍ୱତଃସ୍ଫୁର୍ତଭାବେ ସମର୍ଥନ କରିବା ସହ ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ କରାଯିବା ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପରିଡା, ରାଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବୈଠକ ଶେଷ ହେବା ପରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଅଭିଭାବିକାଅଭିଭାବକ ମଧ୍ୟାହ୍ନଭୋଜନ କରି ନିଜ ପିଲାମାନଙ୍କୁ ପୂଜାଛୁଟି ଅବକାଶରେ ଘରକୁ ନେଇଥିଲେ।





ହାଇସ୍କୁଲରେ ଅଭିଭାବିକାଅଭିଭାବକଙ୍କ ସମାବେଶରେ ପ୍ରଧାନ ଶିକ୍ଷକ ଉଦ୍‌ବୋଧନ ହେଉଛନ୍ତି।